
# ନିତିଦିନ
NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 12 PAGES | ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

THURSDAY
4 SEPTEMBER 2025
ଗୁରୁବାର
୪ ସେପ୍ଟେମ୍ବର ୨୦୨୫

NEW AGE MEDIA & PUBLICATIONS PVT. LTD. | PRINTED AT BHUBANESWAR | VOLUME 11 • ISSUE 111 | BHUBANESWAR | BERHAMPUR | SAMBALPUR | BALASORE | JAJPUR | ବର୍ଷ ୧୧ • ସଂଖ୍ୟା ୧୧୧ | ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର

ଆସନ୍ତା ୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଏକ ୧୫ଜଣିଆ ଛାତ୍ରଗୋଷ୍ଠୀ ପ୍ରାୟ ୭୦ କେଜି ଚକୋଲେଟ୍ (୫୫ କିଲୋଗ୍ରାମ ଡାର୍କ ଚକୋଲେଟ୍ ଏବଂ ୧୫ କିଲୋଗ୍ରାମ ହ୍ୱାଇଟ୍ ଚକୋଲେଟ୍)ରେ ମୋଦୀଙ୍କର ଏକ ଚମତ୍କାର ପ୍ରତିମୂର୍ତ୍ତି ତିଆରି କରିଛନ୍ତି। ଏଥିରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରଣୀତ ଏକାଧିକ ସରକାରୀ ଯୋଜନାର ପ୍ରତୀକାତ୍ମକ ସୂଚନାକୁ ଅନ୍ତର୍ଭୁକ୍ତ କରିଛନ୍ତି ଏହି ଛାତ୍ରଗୋଷ୍ଠୀ। ଭୁବନେଶ୍ୱରର କ୍ଲବ୍ ଚକୋଲେଟ୍ (ଏକ ବୃତ୍ତିଗତ ବେକିଂ ଏବଂ ସୂକ୍ଷ୍ମ ପାଟିସେରି ସ୍କୁଲ୍)ର ଡିପ୍ଲୋମା ଛାତ୍ରମାନଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀଙ୍କ ଏହି ପ୍ରତିକୃତିକୁ ପ୍ରସ୍ତୁତ କରାଯାଇଛି।

### ଜିଏସ୍‌ଟି ପରିଷଦର ୫୬ତମ ବୈଠକ

# ଏଣିକି ଦୁଇଟି ଜିଏସ୍‌ଟି ସ୍ଲାବ୍



- ଶସ୍ତା ହେବ ନିତ୍ୟ ବ୍ୟବହାରଯୋଗ୍ୟ ୧୭୫ ସାମଗ୍ରୀ
- ୨୨ ସେପ୍ଟେମ୍ବରରୁ ଲାଗୁହେବ ନୂଆ ଜିଏସ୍‌ଟି
- ବୈଠକରେ ରାଜସ୍ୱ ସୁରକ୍ଷା ବିରୋଧୀଙ୍କ ଦାବି
- ବିଳାସପୂର୍ଣ୍ଣ ଇଲେକ୍ଟ୍ରିକ୍ ଯାନ ଉପରେ ବଢ଼ିବ ଟିକସ

**ନୂଆଦିଲ୍ଲୀ, ୩।୯/ଏଜେନ୍ସି:**

ବ୍ୟବସାୟ ଉପରେ ଅନୁପାଳନର ବୋଝଗୁଡ଼ିକୁ କମ୍ କରିବା ପାଇଁ ପଦକ୍ଷେପଗୁଡ଼ିକୁ ଅନୁମୋଦନ କରିଛି ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ପରିଷଦ। ଜିଏସ୍‌ଟି ପରିଷଦର ୫୬ତମ ବୈଠକରେ ୧୨% ଏବଂ ୨୮% ଟିକସ ସ୍ଲାବ୍ ହଟାଇବା ପ୍ରସ୍ତାବକୁ ମଞ୍ଜୁରୀ ଦିଆଯାଇଛି। ଅର୍ଥାତ୍ ଏଣିକି କେବଳ ଜିଏସ୍‌ଟି ବ୍ୟବସ୍ଥାରେ ଦୁଇଟି ସ୍ଲାବ୍ ୫% ଏବଂ ୧୮% ପ୍ରଯୁଜ୍ୟ ହେବ। ବୈଠକ ପରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏକ ସାମ୍ବାଦିକ ସମ୍ମିଳନୀରେ ଏସମ୍ପର୍କରେ ସୂଚନା ଦେଇଛନ୍ତି।

ଶ୍ରୀମତୀ ସୀତାରମଣ କହିଛନ୍ତି, ପ୍ରଚଳିତ ଜିଏସ୍‌ଟି ଢ଼ାଞ୍ଚାକୁ ସରଳ କରିବା ପାଇଁ ପରିଷଦ ବୈଠକରେ ପ୍ରସ୍ତାବିତ ପରାମର୍ଶଗୁଡ଼ିକ ଉପରେ ବିଚାର କରାଯାଇଥିଲା। ଏହିକ୍ରମେ ଏଣିକି ଦେଶରେ କେବଳ ଦୁଇଟି ସ୍ଲାବ୍ ୫% ଏବଂ ୧୮% ଅଧୀନରେ ଜିଏସ୍‌ଟି ଲାଗୁ କରାଯିବ। ଏହାଦ୍ୱାରା ପ୍ରାୟ ୧୭୫ଟି ସାମଗ୍ରୀ ଶସ୍ତା ହୋଇପାରିବ। ଏଥିରେ ଖାଦ୍ୟ ସାମଗ୍ରୀ, ବାଦାମ, ଖାଦ୍ୟ, ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ, ଜାମ୍, ଘିଅ, ବଟର, ଆଚାର, ଜାମ୍, ଚଟଣି, ଅଟୋମୋବାଇଲ୍, ଟ୍ରାକ୍ଟର ସହ ଏସି, ରେଫ୍ରିଜରେଟର ଭଳି ଦିନନ୍ଦିନ ଅତ୍ୟାବଶ୍ୟକୀୟ ଇଲେକ୍ଟ୍ରୋନିକ୍ସକୁ ସାମଗ୍ରୀ ଇତ୍ୟାଦି ଅନ୍ତର୍ଭୁକ୍ତ ରହିଛି। ତେବେ ଏହି ନୂଆ ଜିଏସ୍‌ଟି ପ୍ରକ୍ରିୟା ଆସନ୍ତା ୨୨ ସେପ୍ଟେମ୍ବରରୁ ଲାଗୁ କରାଯିବ ବୋଲି ସେ କହିଛନ୍ତି। ତେବେ ବିଳାସପୂର୍ଣ୍ଣ ସାମଗ୍ରୀ ଉପରେ କିନ୍ତୁ ୪୦% ଜିଏସ୍‌ଟି ଆଦାୟ କରାଯିବ ବୋଲି ସୀତାରମଣ ସ୍ପଷ୍ଟ କରିଛନ୍ତି। ଟିକସ ବ୍ୟବସ୍ଥାକୁ ଦୁଇଟି ସ୍ଲାବ୍ - ୫% ଏବଂ ୧୮%ରେ ସୀମିତ ରଖିବା ପୂର୍ବକ ଏହାକୁ ସରଳୀକରଣ କରିବା ପ୍ରସ୍ତାବିତ ଜିଏସ୍‌ଟି ସଂଶୋଧନର ଲକ୍ଷ୍ୟ ବୋଲି ସୀତାରମଣ କହିଛନ୍ତି।

ଜିଏସ୍‌ଟି ପରିଷଦର ୫୬ତମ ବୈଠକ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ବୁଧବାର ଠାରୁ ଆରମ୍ଭ ହୋଇଥିଲା। ଏହି ବୈଠକ ୨ଦିନ ( ସେପ୍ଟେମ୍ବର ୩ ଓ ୪ ତାରିଖ) ପାଇଁ ଚାଲିବ ବୋଲି ପୂର୍ବରୁ ଧାର୍ଯ୍ୟ କରାଯାଇଥିଲେ ମଧ୍ୟ ବୁଧବାର ବୈଠକ ପରେ ଏହାକୁ ସମାପ୍ତ ଘୋଷଣା କରାଯାଇଛି। ବୈଠକରେ ରପ୍ତାନିକାରୀଙ୍କ ପାଇଁ ସ୍ୱୟଂଚାଳିତ ଜିଏସ୍‌ଟି ରିଫଣ୍ଡ ପାଇଁ ଏକ ପ୍ରସ୍ତାବକୁ ମଧ୍ୟ ମଞ୍ଜୁରୀ ଦିଆଯାଇଛି। ଏତଦ୍‌ବ୍ୟତୀତ ପରିଷଦ ଦ୍ୱାରା ଅନୁମୋଦିତ ପଦକ୍ଷେପଗୁଡ଼ିକ ମଧ୍ୟରେ ଏମ୍‌ଏସ୍‌ଏମ୍‌ଇ ଅର୍ଥାତ୍, ମଧ୍ୟମ, କ୍ଷୁଦ୍ର ଏବଂ ଅଣୁ ଉଦ୍ୟୋଗ ଏବଂ ଷ୍ଟାର୍ଟ-ଅପ୍ ପାଇଁ ପଞ୍ଜିକରଣ ସମୟକୁ ୩୦ ଦିନରୁ ମାତ୍ର ତିନି ଦିନକୁ ହ୍ରାସ କରିବା ଭଳି ପ୍ରାବଧାନକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି।

ବୁଧବାର ଜିଏସ୍‌ଟି ପରିଷଦ ବୈଠକ ଆରମ୍ଭ ହେବା ମାତ୍ରେ ବିରୋଧୀ ଶାସିତ ରାଜ୍ୟଗୁଡ଼ିକ ରାଜସ୍ୱ ସୁରକ୍ଷା ଏବଂ ଗ୍ରାହକ ସୁରକ୍ଷା ଦାବି କରିବା ଆରମ୍ଭ କରିଛନ୍ତି। ଏହି ରାଜ୍ୟଗୁଡ଼ିକ ଗୁରୁତ୍ୱାରୋପ କରିଛନ୍ତି ଯେ କମ୍ପାନିଗୁଡ଼ିକ ଜିଏସ୍‌ଟି ହାର ହ୍ରାସ କରି ଲାଭବାନ ହେବା ଉଚିତ୍ ନୁହେଁ ଏବଂ ଲାଭ ସିଧାସଳଖ ଗ୍ରାହକଙ୍କ ପାଖରେ ପହଞ୍ଚାଇବା ଉଚିତ୍। ରାଜ୍ୟଗୁଡ଼ିକ ଯେପରି ବ୍ୟାପକ ରାଜସ୍ୱ ହ୍ରାସର ସମ୍ମୁଖୀନ ନ ହୁଅନ୍ତି ତାହା ନିଶ୍ଚିତ କରିବା ପାଇଁ ▶▶ ୫

### ଶ୍ରୀମନ୍ଦିର ନୂତନ ପରିଚାଳନା କମିଟିର ପ୍ରଥମ ବୈଠକ

# ଖୁବ୍‌ଶୀଘ୍ର ଆରମ୍ଭ ହେବ ଧାଡ଼ି ଦର୍ଶନ ବ୍ୟବସ୍ଥା

**ପୁରୀ,୩।୯/ଏନ୍‌ଏନ୍‌ଏସ୍ :**



ଗଜପତିଙ୍କ ଅଧ୍ୟକ୍ଷତାରେ ନୂତନ ପରିଚାଳନା କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଶୃଙ୍ଖଳିତ ନୀତିକାନ୍ତି ସହ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁଗମ ଦର୍ଶନ ବ୍ୟବସ୍ଥା ତଥା ସୁରକ୍ଷାକୁ ନେଇ ବୈଠକରେ ସବିଶେଷ ଆଲୋଚନା କରାଯାଇଛି। ଶ୍ରୀମନ୍ଦିର ସୁପରିଚାଳନା ନେଇ ୪ ସ୍ଥାୟୀ କମିଟିକୁ ମିଶାଇ ମୋଟ ୧୪ଟି ସବ୍ କମିଟି ଗଠନ କରାଯାଇଛି। ପ୍ରଥମଥର ପାଇଁ ନୂତନ କରି ଶ୍ରୀମନ୍ଦିର ସୁରକ୍ଷା ସବ୍ କମିଟି ଗଠିତ ହୋଇଥିବା ବେଳେ ଆଗାମୀ ଦିନରେ ନାଟମଣ୍ଡପରେ ପରୀକ୍ଷାମୂଳକ ଭାବେ ଧାଡ଼ି ଦର୍ଶନର ବ୍ୟବସ୍ଥା ଖୁବ୍‌ଶୀଘ୍ର କରାଯିବାକୁ ନିଷ୍ପତ୍ତି ହୋଇଛି। ସେହିପରି ଦିବ୍ୟାଙ୍ଗମାନଙ୍କ ଦର୍ଶନ ପାଇଁ ରାମ୍ପ୍ ବ୍ୟବସ୍ଥା ସହ ନାଟମଣ୍ଡପରେ ବାର୍ତ୍ତାନୁକୁଳିତ ବା ଶୀତତାପ ବ୍ୟବସ୍ଥା ସମେତ ଅଦିନିଆ ରଥଯାତ୍ରା ପ୍ରସଙ୍ଗ ନେଇ ବୈଠକରେ ଆଲୋଚନା କରାଯାଇଛି।

**ପ୍ରଥମ ଥର ପାଇଁ ଗଠିତ ସୁରକ୍ଷା ସବ୍ କମିଟି**

ନୀଳାଦ୍ରି ଭକ୍ତ ନିବାସଠାରେ ଆୟୋଜିତ ଶ୍ରୀମନ୍ଦିର ପରିଚାଳନା କମିଟିର ପ୍ରଥମ ବୈଠକରେ ସମସ୍ତ ନବନିଯୁକ୍ତ ପ୍ରତିନିଧିଙ୍କୁ ସ୍ୱାଗତ କରାଯାଇଥିଲା। ଉକ୍ତ ବୈଠକରେ ୧୪ଟି ସବ୍ କମିଟି ଗଠନ କରାଯାଇଥିଲା। ଏଥିରେ ୪ ସ୍ଥାୟୀ କମିଟି ଯଥା ନୀତି ସବ୍ କମିଟି, ଅର୍ଥ ସବ୍ କମିଟି, ରତ୍ନଭଣ୍ଡାର ସବ୍ କମିଟି ଓ ଅପିଲ ସବ୍ କମିଟି ଅନ୍ୟତମ। ତେବେ ପ୍ରଥମ ଥର ପାଇଁ ସୁରକ୍ଷା ସବ୍ କମିଟି ଗଠନ କରାଯାଇଛି। ଡଃ ଗିରିଶ ମୁର୍ମୁ ଏହି ସୁରକ୍ଷା ସବ୍ କମିଟିର ଅଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଶ୍ରୀଜଗନ୍ନାଥ ତତ୍ତ୍ୱ ଗବେଷଣା ପ୍ରଚାର ସବ୍ କମିଟି ଗଠିତ ହୋଇଥିବା ବେଳେ ଗଜପତି ମହାରାଜା ଏହାର ଅଧ୍ୟକ୍ଷ ରହିଛନ୍ତି। ଭୂମି ସବ୍ କମିଟିର ଅଧ୍ୟକ୍ଷ ଭାବେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ରହିଛନ୍ତି। ସେହିପରି ଶ୍ରୀଜଗନ୍ନାଥ ମନ୍ଦିର ପେନ୍‌ସନ୍ ସବ୍ କମିଟିର ଅଧ୍ୟକ୍ଷ ଜିଲ୍ଲାପାଳ ରହିଥିବା ବେଳେ ଏଷ୍ଟାବ୍ଲିଶମେଣ୍ଟ ସବ୍ କମିଟି, ବିଧି ସବ୍ ▶▶ ୫

## ଆଜି ବାମନ ଜନ୍ମ ନୀତି: ୫ ଘଣ୍ଟା ବନ୍ଦ ଜଗା ଦର୍ଶନ



**ପୁରୀ:** ଆସନ୍ତାକାଲି ଗୁରୁବାର ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ଶ୍ରୀମନ୍ଦିରରେ ବାମନ ଜନ୍ମ ନୀତି ଅନୁଷ୍ଠିତ ହେବ। ଏଣୁ ମଧ୍ୟାହ୍ନ ଧୂପ ଛେକ ଆସିବା ପରେ ଆପାତତଃ ଅପରାହ୍ନ ଘ.୫.୦୦ଟିକା ଠାରୁ ରାତ୍ର ଘ.୧୦.୦୦ ଟିକା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଆସନ୍ତାକାଲି ଭାଦ୍ରବ ଶୁକ୍ଳ ଦ୍ୱାଦଶ ତିଥିରେ ବାମନ ଜନ୍ମ ନୀତି ପାଇଁ ଶ୍ରୀଜିଉଙ୍କ ଦର୍ଶନ ସର୍ବସାଧାରଣ ପାଇଁ ସନ୍ଧ୍ୟା ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ୫ ଘଣ୍ଟା ବନ୍ଦ ରହିବ।

### ଆତ୍ମହତ୍ୟା ପ୍ରବଣତା ରୋକିବାକୁ ପଦକ୍ଷେପ

# ୧୦ରୁ ସଚେତନତା ଅଭିଯାନ ଆରମ୍ଭ

**ଭୁବନେଶ୍ୱର,୩।୯/ଏନ୍‌ଏନ୍‌ଏସ୍:**



ବାଲେଶ୍ୱରରେ କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ପରେ ଗତ ଅଗଷ୍ଟ ୧୧ ତାରିଖରେ ଭୁବନେଶ୍ୱରସ୍ଥିତ ରେଳ ଅଡିଟୋରିଅମ୍‌ଠାରେ ପୁଲିସ ବିଭାଗ ସହଯୋଗରେ 'ନମନ ଫାଉଣ୍ଡେସନ୍' ଦ୍ୱାରା 'ଜୀବନ ଜିନ୍ଦାବାଦ' କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜୀବନ ମୂଲ୍ୟବାନ ଏବଂ କୌଣସି ପରିସ୍ଥିତିରେ ଆତ୍ମହତ୍ୟା କରିବା ମାନସିକତା ନଆଣିବା, ସକରାତ୍ମକ ଚିନ୍ତାଧାରା ରଖିବା ଉଦ୍ଦେଶ୍ୟକୁ ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ଏଭଳି କାର୍ଯ୍ୟକ୍ରମ ଅଧିକରୁ ଅଧିକ ଆୟୋଜନ ପାଇଁ ପରାମର୍ଶ ଦେଇଥିଲେ।

ଏହି ପରିପ୍ରେକ୍ଷୀରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଏପରି କାର୍ଯ୍ୟକ୍ରମକୁ ବ୍ୟାପକ ଭାବେ ଆୟୋଜନ କରିବାକୁ ଆଜି ଲୋକସେବା ଭବନରେ ରାଜ୍ୟ କ୍ରୀଡ଼ା, ଯୁବ ସେବା, ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଡିଜିପି ୱାଇ.ବି ଖୁରାନିଆ, କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ସଂସ୍କୃତି ବିଭାଗ କମିଶନର ତଥା ଶାସନ ସଚିବ ବିଜୟକେତନ ଉପାଧ୍ୟାୟ, ସିନେ ଅଭିନେତା ସବ୍ୟସାଚୀ ମିଶ୍ର, ସଙ୍ଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦଙ୍କ ସମେତ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ ।

ବୈଠକରେ ଯୋଗଦେଇ ସିନେ ଅଭିନେତା ଶ୍ରୀ ମିଶ୍ର କହିଥିଲେ, ଆତ୍ମହତ୍ୟା ପ୍ରବଣତା କଥା ଆସିବାବେଳେ ଆମେ ଯୁବବର୍ଗଙ୍କ କଥା ଭାବିଥାଉ। ଆତ୍ମହତ୍ୟା ପ୍ରବଣତାରୁ ଯୁବବର୍ଗଙ୍କୁ ନିବୃତ୍ତ ରଖିବା ପାଇଁ ସଚେତନତା ସୃଷ୍ଟି ପାଇଁ 'ଜୀବନ ଜୀନ୍ଦାବାଦ'ର ପରିକଳ୍ପନା କରାଯାଇଥିଲା। ଯାହାକି ରାଜ୍ୟବ୍ୟାପୀ କରାଯିବା ପାଇଁ ରାଜ୍ୟ ସରକାର ସହଯୋଗ ଦେଉଛନ୍ତି। ଏହି କାର୍ଯ୍ୟକ୍ରମରେ ୭୦ରୁ ଊର୍ଦ୍ଧ୍ୱ କଳାକାର, କଣ୍ଠଶିଳ୍ପୀ, ହାସ୍ୟ ଅଭିନେତା, ମନୋ ଆର୍ଟ୍ସ କଳାକାର ଆଦି ଯୋଗଦେବେ। ଆତ୍ମହତ୍ୟା ପାଇଁ ନିଷ୍ପତ୍ତି ନେଇଥିବା ବ୍ୟକ୍ତି କିପରି ସେଥିରୁ ନିବୃତ୍ତ ରହି ପରବର୍ତ୍ତୀ ସମୟରେ ସଫଳତା ପାଇଛନ୍ତି, ସେମାନଙ୍କର କାହାଣୀ ଉପସ୍ଥାପନ କରିବେ। ଜିଲ୍ଲାସ୍ତରରେ ସ୍ଥାନୀୟ କଳାକାରଙ୍କୁ ଏହି ବିଷୟଭିତ୍ତିକ କାହାଣୀ ଦିଆଯିବ, ଯାହାକି ସେମାନେ କାର୍ଯ୍ୟକ୍ରମରେ ମଧ୍ୟ ଉପସ୍ଥାପନ କରି ସଚେତନତା ବାର୍ତ୍ତା ଦେଇପାରିବେ। କାର୍ଯ୍ୟକ୍ରମ ପ୍ରାୟ ୩ ଘଣ୍ଟା ବିଶିଷ୍ଟ ହେବ। ବୈଠକରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି, ପୁଲିସ ବିଭାଗ, କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଉଦ୍ୟମରେ ନମନ ଫାଉଣ୍ଡେସନ ତରଫରୁ ଏହି ସଚେତନତା କାର୍ଯ୍ୟକ୍ରମ, ଆତ୍ମହତ୍ୟା ପ୍ରବଣତା ରୋକିବା ଦିଗରେ ଗୋଷ୍ଠୀ ସହଯୋଗିତା ଓ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହା ଏକ ବଳିଷ୍ଠ ପଦକ୍ଷେପ ହେବ। ଏଥିରେ ଅନ୍ୟ ବିଭାଗ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗ, ସଂସ୍କୃତି ବିଭାଗ, ମହିଳା ଓ ଶିଶୁ ବିଭାଗ ଆଦିର ସହଯୋଗ ନିଆଯିବ।

ପ୍ରତି ଜିଲ୍ଲାରେ ଆୟୋଜନ କିପରି ▶▶ ୫

### ସମ୍ବଲପୁର ମହାନଗର ନିଗମ ନିର୍ବାଚନ ମାମଲା

# ୨୦୧୫ରେ ପ୍ରକାଶିତ ବିଜ୍ଞପ୍ତି ହାଇକୋର୍ଟରେ ରଦ୍ଦ

**କଟକ,୩।୯/ଏନ୍‌ଏନ୍‌ଏସ୍:**

**୬ ସପ୍ତାହରେ ବିଜ୍ଞପ୍ତି ପ୍ରକାଶ ପାଇଁ ନିର୍ଦ୍ଦେଶ**

ସମ୍ବଲପୁର ମହାନଗର ନିଗମ ନିର୍ବାଚନକୁ ନେଇ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ହୋଇଛି। ରାଜ୍ୟ ସରକାର ଆଗାମୀ ୬ ସପ୍ତାହ ମଧ୍ୟରେ ସାନି ନିର୍ବାଚନ ନିମନ୍ତେ ବିଜ୍ଞପ୍ତି ଜାରି କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ସଂରକ୍ଷଣ ଆଧାରରେ ଏହି ବିଜ୍ଞପ୍ତି ପ୍ରକାଶ ନିମନ୍ତେ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଏଥିସହ ସମ୍ବଲପୁର ମହାନଗର ନିଗମ ନିର୍ବାଚନ ନିମନ୍ତେ ୨୦୧୫ରେ ପ୍ରକାଶିତ ବିଜ୍ଞପ୍ତିକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ମାମଲାର ବିବରଣୀ ଅନୁସାରେ, ସମ୍ବଲପୁର ମ୍ୟୁନିସିପାଲିଟି ପ୍ରଥମଥର ପାଇଁ ୨୦୧୪ ମସିହାରେ ମହାନଗର ନିଗମରେ ପରିଣତ ହୋଇଥିଲା। ଏଥିରେ ହୀରାକୁଦ ଓ ବୁର୍ଲା ଏନ୍‌ଏସି ସମେତ ମାନେଶ୍ୱର ବ୍ଲକର ୫ଟି ଓ ଧାନକୁଦ ବ୍ଲକର ୭ଟି ପଞ୍ଚାୟତ ସାମିଲ କରାଯାଇ ମହାନଗର ନିଗମର ମାନଦଣ୍ଡ ପୂରଣ କରାଯାଇଥିଲା। ତେବେ ସମ୍ବଲପୁର ମହାନଗର ନିଗମର ପ୍ରଥମ ନିର୍ବାଚନ ପାଇଁ ୨୦୧୫ ମସିହାରେ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ୱାର୍ଡଗୁଡ଼ିକର ପୁନର୍ଗଠନ ଓ ସିଟ୍ ସଂରକ୍ଷଣ ନେଇ ସରକାର ନିର୍ଦ୍ଦିଷ୍ଟ ନୀତି ନିର୍ଦ୍ଧାରଣ କରିଥିଲେ। ମାତ୍ର ୨୦୧୫ରେ ପ୍ରକାଶିତ ବିଜ୍ଞପ୍ତିରେ ୱାର୍ଡ ସଂରକ୍ଷଣ ୫୦% ଟପିବାରୁ ବିବାଦ ସୃଷ୍ଟି ହୋଇଥିଲା। ଏହି ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ ▶▶ ୫

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

## ପରିବାରଙ୍କୁ ୪ ଲକ୍ଷର ଅନୁକମ୍ପା ସହାୟତା

**ଭୁବନେଶ୍ୱର,୩।୯/ଏନ୍‌ଏନ୍‌ଏସ୍:**



ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ଅନ୍ତର୍ଗତ ଚିଟିକଣା ଗ୍ରାମର ଯୁବକ ପ୍ରଶାନ୍ତ ସ୍ୱାଇଁ (ପିତା - ନରେନ୍ଦ୍ର ସ୍ୱାଇଁ)ଙ୍କର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ଏଭଳି ଦୁଃଖଦ ଘଟଣା ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ ଲକ୍ଷର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

# ୧.୨୫ ଲକ୍ଷ ଛୁଇଁବ ସୁନା ମୂଲ୍ୟ !

**ନୂଆଦିଲ୍ଲୀ,୩।୯/ଏଜେନ୍ସି:**

୨୦୨୫ର ପ୍ରଥମାର୍ଦ୍ଧରେ ସୁନା ମୂଲ୍ୟ ପ୍ରାୟ ୩୩% ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଆମେରିକା ଫେଡେରାଲ୍ ରିଜର୍ଭ ଦ୍ୱାରା ମୁଦ୍ରା ନୀତି ସହଜ ହେବାର ଆଶା ସଞ୍ଚାର ଏବଂ ଆମେରିକୀୟ ଅର୍ଥନୀତି ବିଷୟରେ ମାତ୍ରାଧିକ ସାଂଗଠନିକ ଚିନ୍ତା ଯୋଗୁ ସୁନା ମୂଲ୍ୟ ଏପ୍ରକାର ବୃଦ୍ଧି ପାଇଥିବା ଅନୁମାନ କରାଯାଉଛି। ତେବେ ଏସବୁ ମଧ୍ୟରେ ଭାରତ ପାଇଁ ଏକ ବଡ଼ ସୂଚନା ସାମ୍ନାକୁ ଆସିଛି।



ଆଇସିଆଇସିଆଇ ବ୍ୟାଙ୍କର ଅର୍ଥନୈତିକ ଗବେଷଣା ଗୋଷ୍ଠୀ ପକ୍ଷରୁ ପ୍ରକାଶିତ ଏକ ଗବେଷଣାଭିତ୍ତିକ ରିପୋର୍ଟ ଅନୁସାରେ ୨୦୨୫ର ବାକି ମାସଗୁଡ଼ିକରେ ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ୍ ପିଛା ୯୯,୫୦୦ ଟଙ୍କାରୁ ୧,୧୦,୦୦୦ ଟଙ୍କା ରହିପାରେ ବୋଲି ଅନୁମାନ କରାଯାଉଛି। ସେହିପରି ବର୍ଷ ୨୦୨୬ର ପ୍ରଥମାର୍ଦ୍ଧ ସୁଦ୍ଧା ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ୍ ୧,୧୦,୦୦୦ ଟଙ୍କାରୁ ୧,୨୫,୦୦୦ ଟଙ୍କା ମଧ୍ୟରେ ପହଞ୍ଚିବା ସମ୍ଭାବନା ରହିଥିବା ରିପୋର୍ଟ ଦର୍ଶାଇଛି।

ବିଶ୍ଳେଷକମାନେ ଅନୁମାନ କରିଛନ୍ତି ଯେ ବିଶ୍ୱ ସୁନା ମୂଲ୍ୟ ୨୦୨୫ ଶେଷ ସୁଦ୍ଧା ପ୍ରତି ଆଉନ୍ସ ପିଛା ୩,୪୦୦ରୁ ୩, ୬୦୦ଡଲାର୍ ଏବଂ ୨୦୨୬ ପ୍ରଥମାର୍ଦ୍ଧରେ ୩,୬୦୦ରୁ ୩,୮୦୦ ଡଲାର୍ ମଧ୍ୟରେ ରହିବ। ତେବେ ରିପୋର୍ଟ ଅନୁସାରେ, 'ଯଦି ଭାରତୀୟ ଟଙ୍କା ଆମେରିକୀୟ ଡଲାର୍ ତୁଳନାରେ ଆମର ଆକଳନ ଅପେକ୍ଷା ଦୁର୍ବଳ ରୁହେ, ତେବେ ଏହି ଆକଳନ ମଧ୍ୟ ଭୁଲ୍ ପ୍ରମାଣିତ ହୋଇପାରେ। ସିଧାଅର୍ଥରେ କହିଲେ ଡଲାର୍ ତୁଳନାରେ ଭାରତୀୟ ଟଙ୍କା 'ରୁପି' ଯଦି (୮୭ରୁ ୮୯ ଟଙ୍କା ମଧ୍ୟରେ ନରହି) ଆହୁରି ନିମ୍ନଗାମୀ ହୁଏ ତେବେ ଏହି ସମୟ ସୁଦ୍ଧା ସୁନା ମୂଲ୍ୟ ସବୁ ଆକଳନକୁ ଭୁଲ୍ ପ୍ରମାଣିତ କରି ଆହୁରି ଅଧିକ ବୃଦ୍ଧି ପାଇପାରେ। ସେହିପରି ଯଦି ନିକଟ ଭବିଷ୍ୟତରେ ଦେଶ ଦେଶ ମଧ୍ୟରେ କୂଟନୈତିକ କିମ୍ବା ଭୂରାଜନୈତିକ ଉତ୍ତେଜନା ମଧ୍ୟ ବୃଦ୍ଧି ପାଏ, ତେବେ ମଧ୍ୟ ସୁନା ମୂଲ୍ୟ ଆହୁରି ବୃଦ୍ଧି ପାଇପାରେ ବୋଲି ରିପୋର୍ଟରେ ଆହୁରି କୁହାଯାଇଛି।

ଦେଶୀୟ ବଜାରରେ ସୁନା ମୂଲ୍ୟ ବୃଦ୍ଧିରେ ଦୁର୍ବଳ ଟଙ୍କା ଏବଂ ନିବେଶ ଚାହିଦା ମୁଖ୍ୟ ଭୂମିକା ଗ୍ରହଣ କରିଛି। ଭାରତର ସୁନା ଆମଦାନୀ ଜୁନ୍‌ରେ ୧.୮ ବିଲିୟନ୍ ଡଲାର୍‌ରୁ ଜୁଲାଇ ୨୦୨୫ରେ ୪.୦ ବିଲିୟନ୍ ଡଲାର୍‌କୁ ବୃଦ୍ଧି ପାଇଛି, ଯାହା ଉତ୍ସବ ଋତୁ ପୂର୍ବରୁ ଦୃଢ଼ ଚାହିଦାକୁ ପ୍ରତିଫଳିତ କରୁଛି। ଗୋଲ୍ଡ ଇଟିଏଫ୍‌ରେ ମଧ୍ୟ ନିବେଶ ବୃଦ୍ଧି ପାଇଛି। ଦୁର୍ବଳ ଟଙ୍କା ଏବଂ ନିବେଶକଙ୍କ ଚାହିଦା ସୁନା ଆମଦାନୀକୁ ବୃଦ୍ଧି କରିଛି। ଭାରତୀୟ ମ୍ୟୁଚୁଆଲ୍ ଫଣ୍ଡ୍ ସଙ୍ଗଠନ (ଏଏମ୍‌ଏଫ୍‌ଆଇ) ଅନୁସାରେ, ଜୁଲାଇରେ ୧୨.୬ ବିଲିଅନ୍ ଟଙ୍କାର ନେଟ୍ ନିବେଶ ହୋଇଛି, ଯାହା ଗତ ବର୍ଷ ତୁଳନାରେ ଦୁଇଗୁଣା ଅଟେ। ତେବେ ୨୦୨୫-୨୬ରେ ଫେଡ୍ ଦ୍ୱାରା ୧୨୫ ବେସିସ୍ ପଏଣ୍ଟ ସୁଧ ହାର ହ୍ରାସ ସମେତ ଆମେରିକାରେ ବିକାଶମୂଳକ କାର୍ଯ୍ୟକ୍ରମ ସୁନା ମୂଲ୍ୟର ଗତିକୁ ନିର୍ଣ୍ଣୟ କରିବା ନିଶ୍ଚିତ ବୋଲି କୁହାଯାଉଛି।

### ବିଦ୍ୟୁତ୍‌ସେବାର ନୂତନ ମାନଦଣ୍ଡ, ଦକ୍ଷତା ଅଧିନିୟମ ଚିଠା ପ୍ରକାଶ

# ୩ ମିନିଟ୍‌ରେ ଉତ୍ତର, ନହେଲେ ୫୦ ଟଙ୍କା ଦଣ୍ଡ

**ଭୁବନେଶ୍ୱର,୩।୯/ଏନ୍‌ଏନ୍‌ଏସ୍:**

- ପୁରୁଣା ଅଧିନିୟମ-୨୦୦୪କୁ ରଦ୍ଦକଲେ ଓଇଆର୍‌ସି
- ୨୨ ସୁଦ୍ଧା ଜନସାଧାରଣଙ୍କ ମତାମତ, ପରେ ଚୂଡ଼ାନ୍ତ ବିଜ୍ଞପ୍ତି




ତିନି ମିନିଟ୍‌ରେ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଉତ୍ତର ଦେବାକୁ ପଡ଼ିବ, ନହେଲେ ୫୦ ଟଙ୍କା ଦଣ୍ଡ ଗଣିବାକୁ ପଡ଼ିବ। ସେହିପରି କଲ୍ ଗ୍ରହଣ କରିବାର ୫ ମିନିଟ୍ ଭିତରେ କଲ୍‌ସେଣ୍ଟର୍ ତାହାକୁ ପଞ୍ଜୀକୃତ କରି ଉପଭୋକ୍ତାଙ୍କୁ ଗୋଟିଏ ଅଭିଯୋଗ ନମ୍ବର ପ୍ରଦାନ କରିବେ। ବିଫଳ ହେଲେ ଉପଭୋକ୍ତାଙ୍କୁ ୧୦୦ ଟଙ୍କା ଜୋରିମାନା ଦେବାକୁ ପଡ଼ିବ। କ୍ଷତିପୂରଣ ପାଇବା ପାଇଁ ଉପଭୋକ୍ତାଙ୍କୁ କିଛି କରିବା ଆବଶ୍ୟକ ନାହିଁ। ଉକ୍ତ ଜୋରିମାନା ଅର୍ଥ ଉପଭୋକ୍ତାଙ୍କ ମାସିକିଆ ବିଦ୍ୟୁତ୍ ବିଲ୍‌ରେ ସ୍ୱୟଂଚାଳିତ ଭାବେ ଭରଣା ହୋଇଯିବ। ଅର୍ଥାତ ବିଦ୍ୟୁତ୍ ବିତରଣ କମ୍ପାନୀ ଟାଟା ପାୱାର୍ ଏହି ଅର୍ଥ ପରିଶୋଧ କରିବ।

ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ବା ଓଇଆର୍‌ସି ପକ୍ଷରୁ ନୂତନ ମାନଦଣ୍ଡ ଓ ଦକ୍ଷତା ଅଧିନିୟମ ଚିଠା ପ୍ରକାଶ କରିଛନ୍ତି। ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଶେଷକରି ବିଦ୍ୟୁତ୍ ବ୍ୟାହତ, ନୂତନ-ସଂଯୋଗ, ସଂଯୋଗ-ବିଚ୍ଛିନ୍ନ, ପୁନଃ ସଂଯୋଗ, ମିଟର ସମସ୍ୟା, ମାଲିକାନା ପରିବର୍ତ୍ତନ, ବିଲ୍ ସମସ୍ୟା, ଭୋଲ୍‌ଟେଜ୍ ସମସ୍ୟା ଆଦି ୩୩ଟି ବିଷୟ ଉପରେ ବିତରଣ କମ୍ପାନୀର କାର୍ଯ୍ୟଦକ୍ଷତାର ମାନଦଣ୍ଡ ସ୍ଥିର କରାଯାଇଛି। ରାଜ୍ୟର ଏକ କୋଟି ବିଦ୍ୟୁତ୍ ଉପଭୋକ୍ତାଙ୍କ ମତାମତ ଆହ୍ୱାନ ବି କରାଯାଇଛି। ଚଳିତ ମାସ ୨୨ ତାରିଖ ମଧ୍ୟରେ ଇଚ୍ଛୁକ ବ୍ୟକ୍ତି ଚିଠା ଅଧିନିୟମ ଉପରେ ମତାମତ ଦେବା ପାଇଁ ଆୟୋଗ ନିବେଦନ କରପାରିବେ। ଆୟୋଗଙ୍କ ପୁରୁଣା ଅଧିନିୟମରେ ମାନଦଣ୍ଡ ଓ କାର୍ଯ୍ୟଦକ୍ଷତାକୁ ଦୁଇଟି ସ୍ତରରେ ବିଭକ୍ତ ହୋଇଥିଲା। ନୂତନ ଚିଠା ଅଧିନିୟମରେ ତିନିସ୍ତରରେ ବିଭକ୍ତ ହୋଇଛି। ଆଗରୁ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ପାଇଁ ପୃଥକ୍ ଭାବେ ମାନଦଣ୍ଡ ଓ କାର୍ଯ୍ୟଦକ୍ଷତା ▶▶ ୫

# ଅଢ଼େଇ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ନିର୍ମିତ ଆଦର୍ଶ ବିଦ୍ୟାଳୟ ଛାତ୍ରୀନିବାସ କାର୍ଯ୍ୟକ୍ଷମ କେବେ

## ହଇରାଣ ହେଉଛନ୍ତି ଛାତ୍ରୀ, ଦୁଶ୍ଚିନ୍ତାରେ ଅଭିଭାବକ



**ଓଡ଼ଗାଁ,୩।୯/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ଏନ୍‌ଏସିସ୍ଥିତ ଆଖୁପଦରଠାରେ ୨କୋଟି ୬୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀନିବାସ ୨ବର୍ଷ ଧରି କାର୍ଯ୍ୟକ୍ଷମ ହେଉନଥିବାରୁ ଛାତ୍ରୀମାନେ ଦୂରଦୂରାନ୍ତରୁ ଆସି ଅଯଥା ଖର୍ଚ୍ଚାନ୍ତ ହେଉଥିବା ଜଣାପଡ଼ିଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ନିର୍ମାଣ ହୋଇଥିବା ଛାତ୍ରୀନିବାସ ପାଇଁ ୩୦ଟି ଘର ନିର୍ମାଣ କରାଯାଇଛି। ତଳ ଉପର ଚକାଚକ ହୋଇ ଟାଇଲ୍ ପଡ଼ିଛି। ଶୌଚାଳୟଠାରୁ ଆରମ୍ଭ କରି ବାଥ୍‌ରୁମ୍, ଡାଇନିଂ ଓ ଶହେ ଶଯ୍ୟା ବିଶିଷ୍ଟ ୨୫ଟି ଘରକାର୍ଯ୍ୟ ସଂପୂର୍ଣ୍ଣ ହୋଇଛି। ବାକି ୫ଟି ବଖରାରେ ୱାର୍ଡେନ୍, ରୋଷେୟା, ୱାଚ୍‌ମ୍ୟାନ୍ ନିୟୋଜିତ ହେବାର ବ୍ୟବସ୍ଥା କରାଯାଇଛି। ଛାତ୍ରୀନିବାସ ନିର୍ମାଣକୁ ୨ବର୍ଷ ବିତି ଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ନହୋଇ ଅଲୋଡ଼ା ହୋଇପଡ଼ିଛି। ଏଠି ସରକାରୀ ବାବୁଙ୍କ ଉଦାସୀନତା ଯୋଗୁ ଛାତ୍ରୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଜଳଜଳ ହୋଇ ଦେଖିବାକୁ ମିଳୁଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପଢୁଥିବା ଛାତ୍ରୀମାନେ ଦୂରଦୂରାନ୍ତରୁ ଅଟୋ, ବାଇକ, ବସ୍‌ରେ ଆସି ଅଯଥା ହଇରାଣ ହୋଇ ଯିବାଆସିବା କରୁଛନ୍ତି। ଅଭିଭାବକମାନେ ପିଲାଙ୍କୁ ଆଣି ଛାଡ଼ିବା,ଛୁଟିପରେ ଘରକୁନେବା ବହୁ କାଠିକର ହୋଇପଡ଼ିଛି। ଛାତ୍ରୀମାନଙ୍କୁ ସୁରକ୍ଷା ଦେବା ଯୋଜନା ସରକାରଙ୍କ କାଗଜକଲମରେ ସୀମିତ ବୋଲି କୁହାଯାଉଛି। ଏହାଛଡ଼ା ଛାତ୍ରୀନିବାସ ରଙ୍ଗ ମଧ୍ୟ ପରିବର୍ତ୍ତନ କରାଯାଇଛି। ଘର ଭିତର ବାହାର ଚକାଚକ ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ନହେବା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ସେହିପରି ଛାତ୍ରୀମାନଙ୍କ ପାଇଁ ଶଯ୍ୟା ପଡ଼ିନଥିବା ବେଳେ ବିଦ୍ୟୁତ୍ ସଂଯୋଗ କରାଯାଇନାହିଁ। ଏବେ ମୁଖ୍ୟ ରାସ୍ତାରୁ ୨କିଲୋମିଟର ଆଖୁପଦର ଠାରେ ନିର୍ମାଣ ହୋଇଥିବା ଆଦର୍ଶ ବିଦ୍ୟାଳୟକୁ ଯିବା ଆସିବା କରୁଥିବା ଛାତ୍ରଛାତ୍ରୀମାନଙ୍କ ସୁରକ୍ଷାକୁ ନେଇ ଏବେ ବଡ଼ପ୍ରଶ୍ନ ଠିଆ ହୋଇଛି।ଏହି ପ୍ରସଙ୍ଗରେ ଆଦର୍ଶ ବିଦ୍ୟାଳୟ ପ୍ରିନସପାଲ ଗଣେଶ କୁମାର ପୃଷ୍ଟି ୨ମାସ ମଧ୍ୟରେ ଛାତ୍ରୀନିବାସ କାର୍ଯ୍ୟକ୍ଷମ ହେବାର ରହିଛି।ବର୍ତ୍ତମାନ ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହୋଇନଥିବା ପ୍ରଶ୍ନରେ ଅଳ୍ପଦିନ ମଧ୍ୟରେ ତାହା କାର୍ଯ୍ୟକାରୀ ହେବ ଓ ଅନୁମତି ଆସିବା ପରେ ଛାତ୍ରୀମାନଙ୍କ ପାଇଁ ଶର୍ଯ୍ୟା ଓ ଆବଶ୍ୟକ ଉପକରଣ କିଣାଯିବ ବୋଲି ପ୍ରକାଶ କରିଛନ୍ତି।

## ହରିଭାଇନା ଛକ ପୂଜା ମଣ୍ଡପରେ ହୁଏ ମନସ୍କାମନା ପୂରଣ

# ପୂର୍ବମୁହାଁରେ ପୂଜା ପାଆନ୍ତି ପ୍ରଭୁ ଗଜାନନ




**ଜଟଣୀ,୩।୯/ଏନ୍‌ଏନ୍‌ଏସ୍:** ଜଟଣୀ ହରିଭାଇନା ଛକ ବ୍ୟବସାୟୀକ ସଂଘ ପକ୍ଷରୁ ଚଳିତ ବର୍ଷ ଧୁମଧାମରେ ପାଳିତ ହେଉଛି ପ୍ରସିଦ୍ଧ ଗଣେଶ ପୂଜା। ଏହି ପୂଜା ମଣ୍ଡପରେ ବିଭିନ୍ନ କିମ୍ବଦନ୍ତୀ ଓ ଐତିହ୍ୟମାନ ରହିଛି। ଏହି ପୂଜା ବହୁ ଅସୁବିଧା ସୁବିଧା ତଥା ବିଭିନ୍ନ ମୋଡଦେଇ ଚଳିତବର୍ଷ ୮୧ବର୍ଷରେ ପଦାର୍ପଣ କରିଛି। ଏନେଇ ପୂଜା କମିଟି ପ୍ରଭୁ ଗଜାନନଙ୍କ ନିକଟରେ ପ୍ରଣିପାତ ହୋଇ ଶୁଭମନାସିଛନ୍ତି। ତେବେ ଏଠାରେ ପ୍ରଭୁ ଗଜାନନଙ୍କ ପୂଜା ଏକ ନିଆରା ଢଙ୍ଗରେ ପାଳିତ ହୋଇ ଆସୁଛି। ପୂଜାରେ ଚଳିତ ବର୍ଷ ପାରମ୍ପରିକ ରିତିନିତୀନୁସାରେ, ୧୦ଦିନ ବ୍ୟାପି ପାଲା ଅନୁଷ୍ଠିତ ହେବାର ସୁବ୍ୟବସ୍ଥା କରାଯାଇଛି। ଏହି ପୂଜା ମଣ୍ଡପରେ ଆଉ ଏକ ଐତିହ୍ୟ ରହିଛି ପୂଜା ମଣ୍ଡପରେ ଏକସଙ୍ଗେ ଗଣେଶ, ଲକ୍ଷ୍ମୀ, ସରସ୍ୱତୀ ଓ ସତ୍ୟନାରାୟଣ ଠାକୁର ପୂଜା ପାଇଥାନ୍ତି। ଏହା ବ୍ୟତିତ ପରମ୍ପରା ଓ ଐତିହ୍ୟନୁଯାୟୀ ଏଠାରେ ଠାକୁର ପୂର୍ବ ଦିଗକୁ ମୁଖ ଦର୍ଶନ ଦେଇ ପୂଜା ପାଇବାର କିମ୍ବଦନ୍ତୀ ଆଉ ଏକ ନିଆରା ଦିଗଦର୍ଶନ ଦେଇଛି। କାରଣ ଏହି ରିତିନିତିକୁ ଅନୁସରଣ କରି ହଜାର ହଜାର ଶ୍ରଦ୍ଧାଳୁ ଏଠାରେ ଠାକୁରଙ୍କ ନିକଟରେ ମାନସିକଲାଗି ଭିଡ ଜମାଇଥାନ୍ତି। ଏହା ସହିତ ଗଜାନନଙ୍କ ଏହିପୂଜାର ଶୁଭ ମୁହୂର୍ତ୍ତରେ ନାରାୟଣଙ୍କ ନିକଟରେ ମାନସିକ କଲେ ସମସ୍ତ ମନସ୍କାମନା ପୂରଣ ହୋଇଥାଏ ବୋଲି କିମ୍ବଦନ୍ତି ରହିଛି। ତେବେ ଏନେଇ ଜଟଣୀ ହରିଭାଇନା ଛକ ବ୍ୟବସାୟୀ ସଂଘ ସଭାପତି ଜାନକୀବଲ୍ଲଭ ମିଶ୍ର କୁହନ୍ତି; ଆମ ହରିଭାଇନା ଛକ ପୂଜା ମଣ୍ଡପ ଏକ ନିଆରା ପୂଜା ମଣ୍ଡପ ଭାବେ କିମ୍ବଦନ୍ତି ରହିଛି। ପୂଜାର ଏହି ଶୁଭ ମୁହୂର୍ତ୍ତରେ ଠାକୁରଙ୍କ ନିକଟରେ ମାନସିକ ରଖିଲେ ସମସ୍ତ ମାନସିକପୂର୍ଣ୍ଣ ହୋଇଥିବା ଅନେକ ଉଦାହରଣ ରହିଛି। ତେଣୁ ପୂଜା ସମୟରେ ଏକାଧୀକ ମାନସିକଧାରୀ ଶ୍ରଦ୍ଧାଳୁ ଏଠାରେ ମାନସିକ କରି ସଫଳ ହେବାପରେ ସେମାନେ ପାଲା କରିବାକୁ ଏଠାରେ ଯାଚଙ୍ଗା କରିଥାନ୍ତି। ବହୁବର୍ଷ ପୂର୍ବେ ଏକଦା ମରୁଡି ହୋଇଥିଲା। ତେଣୁ ଏଠାରେ ଠାକୁରଙ୍କ ନିକଟରେ ପାଲା ଯାଚଙ୍ଗା କରିବାରୁ ଅବିଳମ୍ବେ ବର୍ଷା ହୋଇଥିଲା। ତେଣୁ ସେବେଠାରୁ ଏଠାରେ ସାଂସ୍କୃତିକ ପାଲାର ଆୟୋଜନ କରାଯାଉଛି। ସେହିପରି ସଂଘର ସମ୍ପାଦକ ଦିଲ୍ଲୀପ କୁମାର ମାର୍ଥା ଏ ନେଇ ଆଧ୍ୟାତ୍ମିକ ମନୋବଳ ଓ ଅଞ୍ଚଳବାସୀଙ୍କ ପ୍ରଶଂସା ଆମକୁ ଏହି ପୂଜାକୁ ସରସ ସୁନ୍ଦର କରିବା ଲାଗି ପ୍ରେରଣା ଦେଉଛି ବୋଲି କହିଛନ୍ତି।

# ମିଳିତ ସୁରକ୍ଷା ଅଭ୍ୟାସ 'ସାଗର କବଚ' ଶୁଭାରମ୍ଭ



**କୋଣାର୍କ,ଅସ୍ତରଙ୍ଗ,୩।୯/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା ଅସ୍ତରଙ୍ଗ ସମୁଦ୍ରରେ ମତ୍ସ୍ୟ ବିଭାଗ, ସାମୁଦ୍ରିକ ପୁଲିସ ଏବଂ ଭାରତୀୟ ତଟରକ୍ଷୀ ବାହିନୀ ସମେତ ମୋଟ ୩୩ ଗୋଟି ବିଭାଗ ମିଳିତ ଭାବରେ ଆଜି ୩ ଓ ଆସନ୍ତା ୪ ସେପ୍ଟେମ୍ବର ୨୦୨୫ ରେ ଅସ୍ତରଙ୍ଗ ସାମୁଦ୍ରିକ ସମ୍ପ୍ରସାରଣ ୟୁନିଟ୍ ଠାରେ ଦୁଇ ଦିନିଆ ଉପକୂଳ ସୁରକ୍ଷା ଅଭ୍ୟାସ ବା 'ସାଗର କବଚ' ଆରମ୍ଭ ହୋଇଛି। ଏହି ଅଭ୍ୟାସର ଲକ୍ଷ୍ୟ ଥିଲା ଉପକୂଳ ସତର୍କତାକୁ ସୁଦୃଢ଼ କରିବା, ବିଭିନ୍ନ ସୁରକ୍ଷା ବିଭାଗ ମଧ୍ୟରେ ସମନ୍ୱୟ ସୁନିଶ୍ଚିତ କରିବା ଏବଂ ସୁରକ୍ଷା ନିୟମ ବିଷୟରେ ସ୍ଥାନୀୟ ମତ୍ସ୍ୟଜୀବୀ ସମ୍ପ୍ରଦାୟକୁ ସଚେତନ କରିବା। ଆଜି ଅଧିକାରୀମାନେ ବାଲିପତ୍ତଲ ଗ୍ରାମ, କାଳିଆ କାନ ମାଛ ଅବତରଣ କେନ୍ଦ୍ର ଏବଂ ନୂଆଗଡ଼ ମାଛ ଧରିବା ବନ୍ଦର ପରିଦର୍ଶନ କରି ସଚେତନତା ଅଭିଯାନ ଚଳାଇଥିଲେ ଏବଂ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ସହିତ ଆଲୋଚନା କରିଥିଲେ। ମତ୍ସ୍ୟ ବିଭାଗ ଏବଂ ସାମୁଦ୍ରିକ ପୁଲିସର ଦଳ ସନ୍ଦେହଜନକ କାର୍ଯ୍ୟକଳାପ ଚିହ୍ନଟ କରିବା, ୯ଟି ବାୟୋମେଟ୍ରିକ୍ ପରିଚୟପତ୍ର ବହନ କରିବାର ଗୁରୁତ୍ୱ ଏବଂ ମାଛ ଧରିବା ଅଞ୍ଚଳ ପ୍ରତିବନ୍ଧକକୁ କଡ଼ାକଡ଼ି ପାଳନ କରିବା ବିଷୟରେ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ। ପ୍ରବଳ ବର୍ଷା ସତ୍ତ୍ୱେ ସଚେତନତା ଅଧିବେଶନ ସଫଳତାର ସହ ଜାରି ରହିଥିଲା। ମତ୍ସ୍ୟଜୀବୀମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ପ୍ରସ୍ତୁତି ଏବଂ କାର୍ଯ୍ୟକ୍ଷମ ପ୍ରସ୍ତୁତି ସୁନିଶ୍ଚିତ କରିବା ପାଇଁ ନୂଆଗଡ଼ ମାଛ ଧରିବା ବନ୍ଦର ଏବଂ ଏହାର ସାମୁଦ୍ରିକ ପୁଲିସ ବିଭାଗର ସାମୁଦ୍ରିକ ପୁଲିସ କର୍ମଚାରୀମାନଙ୍କୁ ମଧ୍ୟ ନିୟୋଜିତ ହୋଇଥିଲେ। ସେହିପରି କୋଣାର୍କ ଚନ୍ଦ୍ରଭାଗାରେ ଆରମ୍ଭ ହୋଇଛି ସମରାଭ୍ୟାସ 'ସାଗରକବଚ'। ଓଡ଼ିଶାର ୧୫୦ କି.ମି ଉପକୂଳକୁ ଆତଙ୍କବାଦୀଙ୍କ କବଳରୁ କିପରି ସୁରକ୍ଷିତ ରଖାଯାଇପାରିବ ସେନେଇ ସରକାରଙ୍କ ପକ୍ଷରୁ ଓଡ଼ିଶା ପୁଲିସକୁ ସଶକ୍ତ କରିବା ଲକ୍ଷ୍ୟ ନେଇ ଏହି ସମରାଭ୍ୟାସ ପ୍ରତିବର୍ଷ ପରି ଚଳିତ ବର୍ଷ ଦୁଇ ଦିନ ପାଇଁ କରାଯାଉଥିଲା ବେଳେ ଆଜି ବୁଧବାର ଓଡ଼ିଶା ପୁଲିସ, କୋଷ୍ଟଗାର୍ଡ ଓ ନୌସେନା ପକ୍ଷରୁ ମିଳିତ ଭାବେ ଦୁଇ ଦିନିକିଆ ଉପକୂଳ ସୁରକ୍ଷା ସମରାଭ୍ୟାସ ସାଗର କବଚ ଚନ୍ଦ୍ରଭାଗା ଉପକୂଳରେ ଓ ସୂର୍ଯ୍ୟମନ୍ଦିର ସମ୍ମୁଖରେ ଆରମ୍ଭ ହୋଇଛି। କୋଷ୍ଟଗାର୍ଡ ଓ ନୌବାହିନୀ ସେନାର ନକଲି ଛଦ୍ମବେଶୀ ଆତଙ୍କବାଦୀଙ୍କୁ 'ରେଡ଼ ଫୋର୍ସ' ନାମ ଦିଆଯାଇ ବିଭିନ୍ନ ଆଧୁନିକ ମାରଣାସ୍ତ୍ର ନେଇ ପାରାଦ୍ୱୀପରୁ ଜଳପଥ କିମ୍ବା ସ୍ଥଳପଥରେ ଆସି ଲକ୍ଷ୍ୟ ପୂରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେମାନଙ୍କୁ ଧରିବା ନିମନ୍ତେ ଜଳପଥ ଓ ସ୍ଥଳ ପଥକୁ ସୁରକ୍ଷିତ ରଖିବାକୁ ନିୟୋଜିତ କରାଯାଇଥିବା ପୁରୀ ଜିଲ୍ଲା ପୁଲିସ ଫୋର୍ସକୁ 'ବ୍ଲୁ ଫୋର୍ସ' ନାମରେ ନାମିତ କରାଯାଇ ଏହି ସମରଭ୍ୟାସ କରାଯାଉଛି। ସମରାଭ୍ୟାସରେ ଆଜି ଭୋର୍‌ରୁ ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧିକାରୀ ପ୍ରତିମା ସାହୁ ଓ କୋଣାର୍କ ଥାନା ଭାରପ୍ରାପ୍ତ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ଆତଙ୍କବାଦୀ ଅନୁପ୍ରବେଶକାରୀଙ୍କୁ ଧରିବା ପାଇଁ ପୁଲିସ ଫୋର୍ସ ଚନ୍ଦ୍ରଭାଗା ଉପକୂଳ, ସମସ୍ତ ପ୍ରବେଶ ଓ ପ୍ରସ୍ଥାନ ପଥ ସହିତ ମାଛ ଅବତରଣ ସ୍ଥାନ ସମେତ ସୂର୍ଯ୍ୟମନ୍ଦିର ସମ୍ମୁଖ ରେ ସଜାଗ ରହିଥିଲେ। ଚନ୍ଦ୍ରଭାଗା ସାମୁଦ୍ରିକ ଥାନାଧିକାରୀଙ୍କ ନେତୃତ୍ୱରେ ଚନ୍ଦ୍ରଭାଗା ମେରାଇନ୍ ଥାନା ଓ ୫ ଜଣ ଅବସରପ୍ରାପ୍ତ ନ୍ୟାଭି କର୍ମଚାରୀ ସହଯୋଗରେ ଚନ୍ଦ୍ରଭାଗା ସମୁଦ୍ର କୂଳରେ ଆଇଆଇସି ସହ ୨ ଜଣ ପୁଲିସ ଅଫିସର୍ ସମେତ ୧ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇ ବାଇନାକୁଲାର ସାହାଯ୍ୟରେ କଡ଼ା ନଜର ରଖାଯାଇଥିଲା। ଅନୁରୂପ ଭାବେ କୋଣାର୍କ ଥାନା ଅଧିକାରୀଙ୍କ ନେତୃତ୍ୱରେ ଦୁଇ ଜଣ ଏଏସଆଇଙ୍କ ସମେତ ଏକ ସେକ୍ସନ ଫୋର୍ସ ସୂର୍ଯ୍ୟମନ୍ଦିର ସମ୍ମୁଖରେ ମୁତୟନ କରାଯାଇଥିଲା।

# କଂଗ୍ରେସର ସଂଗଠନ ସୃଜନ ଅଭିଯାନ




**କୋଣାର୍କ,୩।୯/ଏନ୍‌ଏନ୍‌ଏସ୍:** କୋଣାର୍କ ଏନଏସି ଡାଲିମ୍ବ ଗୋରଡି ରାସ୍ତା ରେ ଅବସ୍ଥିତ ମହାଲକ୍ଷ୍ମୀ କଲ୍ୟାଣମଣ୍ଡପଠାରେ ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶ କ୍ରମେ କାକଟପୁର ନିର୍ବାଚନ ମଣ୍ଡଳୀ ଓ ନିମାପଡା ନିର୍ବାଚନ ମଣ୍ଡଳୀର କଂଗ୍ରେସ ଦଳର ବରିଷ୍ଠ କର୍ମକର୍ତ୍ତା ଓ ବରିଷ୍ଠ କର୍ମୀମାନଙ୍କୁ ନେଇ ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲ୍ଲା କଂଗ୍ରେସ ପର୍ଯ୍ୟବେକ୍ଷକ ତଥା ବରିଷ୍ଠ ନେତା ମନୋରଞ୍ଜନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା କଂଗ୍ରେସ ସଭାପତି ଓ ସାଂଗଠନିକ କର୍ମକର୍ତ୍ତା ଚୟନ ଦାୟିତ୍ୱରେ ଥିବା ମୁଖ୍ୟ ପର୍ଯ୍ୟବେକ୍ଷକ ତଥା କର୍ଣ୍ଣାଟକ ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ଓ ସାଂସଦ ଜି.ସି ଚନ୍ଦ୍ର ଶେଖର ଯୋଗଦେଇ କାକଟପୁର ନିର୍ବାଚନ ମଣ୍ଡଳୀ ଓ ନିମାପଡା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମ ପଞ୍ଚାୟତ ଓ କୋଣାର୍କ ଏନଏସିର ୧୩ଗୋଟି ୱାର୍ଡର ବରିଷ୍ଠ କଂଗ୍ରେସ ନେତା ଓ ତୃଣମୂଳସ୍ତରର ପୁରୁଖା କଂଗ୍ରେସ କର୍ମୀମାନଙ୍କ ସହିତ ଜିଲ୍ଲା ସଭାପତି ଚୟନ ନିମନ୍ତେ ପୁଙ୍ଖାନୁପୁଙ୍ଖ ଆଲୋଚନା ଓ ସେମାନଙ୍କ ମତାମତ ଗ୍ରହଣ କରିଥିଲେ।

କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା କଂଗ୍ରେସ ପର୍ଯ୍ୟବେକ୍ଷକ ତଥା ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, କାକଟପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ବିଶ୍ୱ ଭୂଷଣ ଦାସ, ବରିଷ୍ଠ କଂଗ୍ରେସ ନେତା ଅମିୟ କୁମାର ପଟ୍ଟନାୟକ, ପୁରୀ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ନିରୁପମା ପାତ୍ର, ପୂର୍ବତନ ଗୋପ ବ୍ଲକ ଅଧ୍ୟକ୍ଷ ତଥା ବରିଷ୍ଠ କଂଗ୍ରେସ ନେତା ନୀଳମଣି ପ୍ରଧାନ, କଂଗ୍ରେସ ନେତ୍ରୀ କୁସୁମ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ବୈଠକରେ କାକଟପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୋଣାର୍କ ଏନଏସିର ଜମିଜମା ସମସ୍ୟାର ସ୍ଥାୟୀ ସମାଧାନ, ପର୍ଯ୍ୟଟକ ଓ ଜନସାଧାରଣ ମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ନିମନ୍ତେ ସ୍ୱାସ୍ଥ୍ୟ ସେବାକୁ ତ୍ୱରାନ୍ୱିତ କରିବା ସହ ପର୍ଯ୍ୟଟନ ଶିଳ୍ପର ଦ୍ରୁତ ଅଭିବୃଦ୍ଧି ଓ ସେମାନଙ୍କୁ କର୍ମ ନିଯୁକ୍ତି ପ୍ରଦାନ କରିବା, କାକଟପୁର ନିର୍ବାଚନ ମଣ୍ଡଳୀର କାକଟପୁର ଓ ଅସ୍ତରଙ୍ଗ ବ୍ଲକର ମତ୍ସଜୀବୀ ମାନଙ୍କ ନିମନ୍ତେ ଶୀତଳ ଭଣ୍ଡାର ସ୍ଥାପନ, କୃଷକ ମାନଙ୍କ ନିମନ୍ତେ କୃଷି କାର୍ଯ୍ୟ ସଂପାଦନ ନିମନ୍ତେ ଜଳସେଚନ ସୁବିଧା ସୁନିଶ୍ଚିତ କରିବା, କାକଟପୁର ନିର୍ବାଚନ ମଣ୍ଡଳୀ ଓ ନିମାପଡା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମ ପଞ୍ଚାୟତ, ନିମାପଡ଼ା ଓ କୋଣାର୍କ ଏନଏସିର ତୃଣମୂଳସ୍ତରରେ କଂଗ୍ରେସ ସଂଗଠନକୁ ସୁଦୃଢ କରିବା ପାଇଁ କଂଗ୍ରେସ ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମରେ ଶତାଧିକ କଂଗ୍ରେସ ନେତା ଓ କର୍ମୀମାନେ ସାମୁହିକ ଶପଥପାଠ କରିଥିଲେ। କାକଟପୁର ଓ ନିମାପଡା କଂଗ୍ରେସର ୧ହଜାରରୁ ଊର୍ଦ୍ଧ୍ୱ କଂଗ୍ରେସ ନେତା, ପୁରୁଖା କର୍ମୀ ଓ କର୍ମକର୍ତ୍ତା ଯୋଗଦେଇଥିଲେ।

କାର୍ଯ୍ୟକ୍ରମକୁ ବରିଷ୍ଠ କଂଗ୍ରେସ ନେତା ଭାସ୍କର ସେଠ, କାକଟପୁର ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ବିରଞ୍ଚି ନାରାୟଣ ପତି, କୋଣାର୍କ ଏନଏସି ୫ନଂ ୱାର୍ଡ କାଉନସିଲର ନିହାର ରଞ୍ଜନ ବେଉରା, କାକଟପୁର ବ୍ଲକ ପୂର୍ବତନ ଅଧକ୍ଷ ବିପିନ ବିହାରୀ ମହାନ୍ତି, ପୂର୍ବତନ କୋଣାର୍କ ନଗର କଂଗ୍ରେସ ସଭାପତି ଉପେନ୍ଦ୍ର କାଣ୍ଡି, ଯୁବ ନେତା ସ୍ୱାଧୀନ ନାୟକ, ଲୋକନାଥ ବେହେରା, ନଟବର ନାୟକ, କାକଟପୁର ବ୍ଲକ ପୂର୍ବତନ କଂଗ୍ରେସ ସଭାପତି ଅବଧୂତ ସ୍ୱାଇଁ ଓ ପ୍ରତାପ କାଣ୍ଡି ପ୍ରମୁଖ ପରିଚାଳନା କରିଥିଲେ।

# ପୁରୀ ଜିଲ୍ଲା ପେସାଦାର ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା



**ଚାରିଛକ,୩।୯/ଏନ୍‌ଏନ୍‌ଏସ୍:** ରାଜ୍ୟ ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତି ଭୂଷଣ କରଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଜିଲ୍ଲା ପେସାଦାର ସାମ୍ବାଦିକ ସଂଘର ନୂତନ କାର୍ଯ୍ୟକର୍ତ୍ତାମାନଙ୍କ ନାମ ଘୋଷଣା କରାଯାଇଛି। ପୁରୀ ଜିଲ୍ଲାର ପୂର୍ବତନ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ଦେହାନ୍ତ ପରେ ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ଅସ୍ଥାୟୀ ସଭାପତି ଭାବେ ପୁରୀ ଜିଲ୍ଲାର ଦାୟିତ୍ୱ ଦିଆଯାଇଥିଲା। ଜିଲ୍ଲାର ଏକ ସାଧାରଣ ପରିଷଦ ବୈଠକ ଡାକି ଆନୁଷ୍ଠାନିକ ଭାବେ ନୂତନ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରାଯିବାକୁ ରାଜ୍ୟ ସଭାପତି ଶ୍ରୀ କରଙ୍କ ପରାମର୍ଶକ୍ରମେ ଏକ ସାଧାରଣ ପରିଷଦ ବୈଠକ ଡକାଯାଇ ସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ନାୟକ, କାର୍ଯ୍ୟକାରୀ ସଭାପତି ଭାବେ ପ୍ରଦ୍ୟୁମ୍ନ କୁମାର ସୁବୁଦ୍ଧି ଓ କମଳ ଲୋଚନ ଦୀକ୍ଷିତ୍, ଉପ-ସଭାପତି ଭାବେ ସଞ୍ଜୟ ପତି ଓ ସମୀର ବଳିୟାରସିଂ, ସଂଯୋଜକ ଭାବେ ଜ୍ୟୋତିରଞ୍ଜନ ବେହେରା ଓ ପ୍ରଫୁଲ୍ଲ କୁମାର କର, ସାଧାରଣ ସଂପାଦକ ଭାବେ ଆଦିତ୍ୟ କୁମାର ରାଉତ, ସଂପାଦକ ଭାବେ ଭାରତୀ ଭୂଷଣ ଉପାଧ୍ୟାୟ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, କେଦାରେଶ୍ୱର ନନ୍ଦ, ସଂଗଠନ ସଂପାଦକ ଭାବେ ବିଜୟ କୁମାର ମହାପାତ୍ର, ସହ-ସଂପାଦକ ଭାବେ ବ୍ରହ୍ମାନନ୍ଦ ସ୍ୱାଇଁ, ସାଂସ୍କୃତିକ ସଂପାଦକ ଭାବେ ଆର୍ଯ୍ୟ ବିଶ୍ୱାଳ, କୋଷାଧ୍ୟକ୍ଷ ଭାବେ ସମୀର କର, ଶୃଙ୍ଖଳା କମିଟିର ସଦସ୍ୟ ଭାବେ ବସନ୍ତ ପଟ୍ଟନାୟକ, ସନ୍ତୋଷ ଦାଶ, ଧନଞ୍ଜୟ ବେହେରା, ଉପଦେଷ୍ଟା ଭାବେ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ କୁମାର ତ୍ରିପାଠୀ, ବିଚିତ୍ରାନନ୍ଦ ସାହୁ, ନିରଞ୍ଜନ ଦାସ, ତୁଷାର ରଞ୍ଜନ ଦୀକ୍ଷିତ୍, ଅକ୍ଷୟ କୁମାର ବେହେରା, କାର୍ଯ୍ୟକାରୀ କମିଟିର ସଦସ୍ୟଭାବେ ହେମନ୍ତ ସେଠୀ, ଚିତ୍ତରଞ୍ଜନ ଜେନା, ବିଦ୍ୟାଧର ଜେନା, ଧୀରେନ୍ଦ୍ର ସେନାପତି, ରାଜକିଶୋର ଦାଶ, ସନ୍ତୋଷ ରାୟ, ବିଚିତ୍ରାନନ୍ଦ ଓଝା, ରମାକାନ୍ତ ବେହେରା, ପ୍ରଫୁଲ୍ଲ କୁମାର ସାହୁ, ପ୍ରଶାନ୍ତ ବାରିକ, ପ୍ରଭାସ ପୃଷ୍ଟିଙ୍କ ନାମକୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ପୁରୀ ଜିଲ୍ଲା ପେସାଦାର ସାମ୍ବାଦିକ ସଂଘକୁ ଅଧିକ କ୍ରିୟାଶୀଳ ସହ ମଜଭୁତ କରିବାକୁ କାର୍ଯ୍ୟକର୍ତ୍ତାମାନେ ମନରେ କୌଣସି ଆବିଳତା ନ ରଖି ନିଷ୍ପାପର ସହ କାର୍ଯ୍ୟ କରିବାକୁ ଜିଲ୍ଲା ସଭାପତି ଶ୍ରୀ ନାୟକ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଅନୁରୋଧ କରିଛନ୍ତି।

# ବଢୁଛି ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକର ଶୋଷଣ

**ନୟାହାଟ,୩।୯/ଏନ୍‌ଏନ୍‌ଏସ୍:** ଗୋପ ବ୍ଲକ ନୟାହାଟ ଅଞ୍ଚଳରେ ସରକାରୀ ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀ ସଂଖ୍ୟା ହ୍ରାସ ପାଉଥିବା ବେଳେ ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକରେ ବଢ଼ିବାରେ ଲାଗିଛି। ବେସରକାରୀ ଶିକ୍ଷାନୁଷ୍ଠାନରେ କାର୍ଯ୍ୟ କରୁଥିବା ଶିକ୍ଷକ, ଶିକ୍ଷୟିତ୍ରୀ ନାମଲେଖା ସମୟରେ ଗାଁ ଗାଁ ବୁଲି ଅଭିଭାବକମାନଙ୍କୁ ମିଠାକଥା କହି ତମ ପିଲା ଭବିଷ୍ୟତରେ ଭଲ ମଣିଷ ହେବା ପ୍ରତିଶ୍ରୁତି ଦେଇ ସ୍କୁଲରେ ନାମଲେଖା ପାଇଁ ହଜାର ହଜାର ଟଙ୍କା ନେଇଥାନ୍ତି। ତା'ପରେ ଆରମ୍ଭ ହୋଇଯାଉଛି ଶୋଷଣ। ପ୍ରତି ମାସରେ ଗାଡ଼ି ଭଡ଼ା, ଦରମା, ବହି, ଖାତା, କଲମ, ପେନ୍‌ସିଲ୍ ବାବଦରେ ପ୍ରଚୁର ଅର୍ଥ ନେଇଥାନ୍ତି। ପ୍ରତିମାସ ପହିଲାରେ ଅଭିଭାବକ ଦରମା ନ ଦେଇପାରିଲେ ଫାଇନ୍ ଲାଗୁ କରାଯାଏ। ନୟାହାଟ ଅଞ୍ଚଳରେ ଗରିବ ଶ୍ରେଣୀ ଲୋକ ସରକାରୀ ବିଦ୍ୟାଳୟରେ ମାଗଣା ପୋଷାକ, ବ୍ୟାଗ୍, ଜୋତା ଓ ମାଗଣା ଭୋଜନ ଛାଡ଼ି ବେସରକାରୀ ଶିକ୍ଷାନୁଷ୍ଠାନରେ ପିଲାଙ୍କୁ ପାଠ ପଢ଼ାଇ ହିନସ୍ତା ହୋଇଥାନ୍ତି। ଜଣେ ଅଭିଭାବକ ନିଜ ନାମ ଗୋପନ ରଖି କହିଛନ୍ତି ଯେ ଦରମା ବାବଦରେ ଫାଇନ୍ ବହୁତ ବାଧୁଛି। ବେସରକାରୀ ଶିକ୍ଷାନୁଷ୍ଠାନରେ ଅଣତାଲିମ ପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅଳ୍ପ ଦରମାରେ କାମ କରୁଥିବାବେଳେ ଅନୁଷ୍ଠାନର ମୁଖିଆ ମାଲମାଲ୍ ହେଉଛନ୍ତି। ବେସରକାରୀ ଶିକ୍ଷାନୁଷ୍ଠାନକୁ କେତେକ ଅଭିଭାବକ ମୁହଁ ଫେରାଇ ସରକାରୀ ଶିକ୍ଷନୁଷ୍ଠାନକୁ ଯିବାକୁ ଆଗ୍ରହ ପ୍ରକାଶ କଲେଣି ।

## ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା

# ଭୋଟ୍ ବାକ୍ସରେ ଫଳାଫଳ ସଂରକ୍ଷିତ

**ବୋଲଗଡ଼,୩।୯/ଏନ୍‌ଏନ୍‌ଏସ୍:** ବୋଲଗଡ଼ ବ୍ଲକ ଅନ୍ତର୍ଗତ ଦଳାଇସାହି ଗ୍ରାମ ପଂଚାୟତ ସରପଞ୍ଚଙ୍କ ବିରୁଦ୍ଧରେ ବୁଧବାର କାର୍ଯ୍ୟାଳୟ ପରିସରରେ ଅନସ୍ଥା ଭୋଟ ଅନୁଷ୍ଠିତ ହୋଇଯାଇଛି। ତେବେ ଏହି ସମ୍ପର୍କରେ ସରପଞ୍ଚଙ୍କ ପକ୍ଷରୁ ଉଚ୍ଚ ନ୍ୟାୟାଳୟରେ ଏକ ରିଟ ପିଟିସନ କରାଯାଇଥିବା ବେଳେ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଫଳାଫଳକୁ ସଂରକ୍ଷିତ ରଖାଯାଇଛି। ଦଳାଇସାହି ଗ୍ରାମ ପଞ୍ଚାୟତର ମୋଟ ୧୮ଜଣ ସଭ୍ୟ/ସଭ୍ୟା ପଦବୀ ଥାଇ ସେଥି ମଧ୍ୟରୁ ଗତ ଜୁଲାଇ ୨୫ରେ ୧୨ଜଣ ୱାର୍ଡ ସଭ୍ୟସଭ୍ୟା ଉପଜିଲ୍ଲାପାଳ ଖୋର୍ଦ୍ଧାଙ୍କ ନିକଟରେ ଉପସ୍ଥିତ ରହି ଦଳେଇସାହି ମହିଳା ସରପଞ୍ଚ ସତ୍ୟଭାମା ଦେଇଙ୍କ ବିରୁଦ୍ଧରେ ଅନସ୍ଥା ପ୍ରସ୍ତାବ ଆଣିବା ପାଇଁ ଫେରାଦ କରି ସ୍ୱାକ୍ଷର କରିଥିଲେ। ଏ ସମ୍ପର୍କରେ ଉପଜିଲ୍ଲାପାଳ ସଭ୍ୟସଭ୍ୟାମାନଙ୍କର ସ୍ୱାକ୍ଷର ସମ୍ପର୍କରେ ବିଧିବଦ୍ଧ ତନଖି ପାଇଁ ବୋଲଗଡ଼ ବ୍ଲକ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୱାର୍ଡ ସଭ୍ୟସଭ୍ୟାମାନଙ୍କର ସ୍ୱାକ୍ଷର ବିଧିବଦ୍ଧ ଯାଞ୍ଚ ପରେ ଖୋର୍ଦ୍ଧା ଉପଜିଲ୍ଲାପାଳଙ୍କ ପକ୍ଷରୁ ୩ ସେପ୍ଟେମ୍ବରକୁ ସ୍ୱତନ୍ତ୍ର ବୈଠକ ପାଇଁ ନିର୍ଦ୍ଦେଶ ରଖିଥିଲେ। ତେବେ ବୁଧବାର ସକାଳ ୯ଘଣ୍ଟିକା ସମୟରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ତହସିଲଦାର ବିଜୟ କୁମାର ସେଠୀ ନିର୍ବାଚନ ଅଧିକାରୀ ଭାବେ ସମସ୍ତ କାର୍ଯ୍ୟ ଆଦି ପରିଚାଳନା କରିଥିଲେ। ଏଥିରେ ପଞ୍ଚାୟତର ମୋଟ ୧୮ଗୋଟି ୱାର୍ଡ ମଧ୍ୟରୁ ଗୋଟିଏ ୱାର୍ଡରେ ନିର୍ବାଚନ ନହୋଇ ପଦବୀ ଖାଲି ଥିବାବେଳେ ଅନ୍ୟଜଣେ ନିର୍ବାଚନରୁ ବିରତ ରହିଥିଲେ। ଏହି ନିର୍ବାଚନରେ ୧୬ଜଣ ୱାର୍ଡ ସଭ୍ୟସଭ୍ୟା ଓ ସରପଞ୍ଚ ସତ୍ୟଭାମାଙ୍କ ସମେତ ୧୭ଜଣ ଭୋଟରେ ଅଂଶଗ୍ରହଣ କରିଥିଲେ। ନିର୍ବାଚନ ପ୍ରକ୍ରିୟା ପରେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମୁତାବକ ବାଲାଟ ବକ୍ସକୁ ଜିଲ୍ଲା ସ୍ୱତନ୍ତ୍ର କୋଷାଗାରରେ ସୁରକ୍ଷିତ ରଖାଯାଇଛି। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଭୋଟ୍ ବାକ୍ସକୁ ସୁରକ୍ଷା ବଳୟ ମଧ୍ୟରେ ସୁରକ୍ଷିତ ରଖାଯାଇଛି। ଅନାସ୍ଥା ଭୋଟ୍ ସମୟେ ଆଇନଶୃଙ୍ଖଳା ସୁରକ୍ଷା ଦୃଷ୍ଟିରୁ ଥାନାଧିକାରିଣୀ ସ୍ନିଗ୍ଧାମୟୀ ବରାଳଙ୍କ ତତ୍ତ୍ୱବଧାନରେ ରିଜର୍ଭ ପୁଲିସ ଟିମ ଉପସ୍ଥିତ ରହିଥିଲେ।

# 'ବାଉଁଶରାଣୀ' ଗୁରୁ ପୂର୍ଣ୍ଣ ଦାସଙ୍କ ସ୍ମୃତିଚାରଣ

**ଓଡ଼ଗାଁ,୩।୯/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ଗ୍ରାମପଞ୍ଚାୟତର ଅଖ୍ୟାତ ପଲ୍ଲି ହେଉଛି ନାଥିଆପଲ୍ଲୀ ଗାଁ। ଏଇଠୁ ଲୋକକଳା 'ବାଉଁଶ ରାଣୀ' ଉଦ୍ଭବହୋଇ ଦେଶ ବିଦେଶରେ ବିଖ୍ୟାତ ହୋଇଥିଲା। ଦେଶୀୟ ଓ ଅନ୍ତର୍ଦ୍ଦେଶୀୟ ସ୍ତରରେ ନାଥିଆପଲ୍ଲୀ ତଥା କୁରାଳକୁ ଦୁଃସାହସିକ କ୍ରୀଡ଼ା ବା ଲୋକକଳା କ୍ଷେତ୍ରରେ ବାଉଁଶରାଣୀ ଦେଇଥିଲା ସ୍ୱତନ୍ତ୍ର ପରିଚୟ। ଯଦିଓ ପରିବାର ପୋଷଣ ଓ କଳା ନିଦର୍ଶନ ଏଥିର ମୁଖ୍ୟଧାରା ଥିଲା, ଚମତ୍କାରୀ ଓ ମନୋରଞ୍ଜନ ଏହା ସହିତ ଯୋଡିହୋଇ ସୁଖ୍ୟାତି ଓ ଆତ୍ମସମ୍ମାନ ଯୋଗାଇ

## ବିଶ୍ୱସ୍ତରରେ ହୋଇଥିଲେ ସମ୍ବର୍ଦ୍ଧିତ





ବାଉଁଶ ରାଣୀ ସୁଦୂର ଫ୍ରାନ୍ସ ପର୍ଯ୍ୟନ୍ତ ପହଞ୍ଚି ନିଜ ମଥାକୁ ଉଚ୍ଚ କରିପାରିଥିଲା। କାଳକ୍ରମେ ବାଉଁଶ ରାଣୀର କଳାକାରଙ୍କୁ ବିଭିନ୍ନ ଗୋଷ୍ଠୀରେ ବିଭକ୍ତକରି ଏହି କଳାର ସମ୍ପ୍ରସାରଣ କରାଯାଇ ପାରିଥିଲା। 'ଜୟଦୁର୍ଗା' ବାଉଁଶରାଣୀ କଳାନୈପୁଣ୍ୟ ଗୋଷ୍ଠୀର ନିର୍ଦ୍ଦେଶକ ଓ ସତ୍ତ୍ୱାଧିକାରୀ ଥିଲେ ନାଥିଆପଲ୍ଲୀର ଗୁରୁ ପୂର୍ଣ୍ଣ ଦାସ। ନୟାଗଡ଼ ଜିଲ୍ଲାର ବାଉଁଶରାଣୀକୁ ବିଶ୍ୱସ୍ତରରେ ପହଞ୍ଚାଇଥିବା ପୂର୍ଣ୍ଣଚନ୍ଦ୍ର ଜିଲ୍ଲା ମହୋତ୍ସବ, ପୁରୀ ବେଳାଭୂମି ମହୋତ୍ସବ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ, ଲୋକ ସଂସ୍କୃତି ମେଳା କଲିକତା, ଦିଲ୍ଲୀ ସଙ୍ଗୀତ ନାଟକ ଏକାଡେମୀ, ଦିଲ୍ଲୀ ଅପ୍‌ନା ଉତ୍ସବ, ଆନ୍ଧ୍ରପ୍ରଦେଶର ଟିଭିଚ୍ୟାନେଲ ଓ ଅନେକ ରାଜ୍ୟରେ ଏହି ଖେଳ ପ୍ରଦର୍ଶନ କରିଥିଲେ। ଗାନ୍ଧର୍ବ କଳାରେ ଗୁରୁ ପୂର୍ଣ୍ଣ ଦାସ ଥିଲେ ସିଦ୍ଧହସ୍ତ। ସେ ଏକାଧାରରେ ଥିଲେ ବଂଶୀ ବାଦକ, ସାହାନାଇ ଓ ହାରୋମୋନିୟମ୍ ବାଦକ ମଧ୍ୟ। ଲାଲ୍ ବାଜା ବଜାଇବାରେ ସେ ସିଦ୍ଧହସ୍ତ ଥିଲେ। ନିଜର ଦକ୍ଷତା ବଳରେ ସେ ପ୍ରତ୍ୟେକ ସ୍ଥାନରୁ ପ୍ରମାଣପତ୍ର ହାସଲ କରିଛନ୍ତି। ହେଲେ ସେ ସବୁ ପ୍ରମାଣପତ୍ର ଆଜି ଏକ ବାକ୍ସରେ ସାଇତାହୋଇ ରହିଛି। ଓଡ଼ିଶା ସରକାର ତାଙ୍କୁ କଳାକାର ଭତ୍ତା ପ୍ରଦାନ କରୁଥିଲେ। ମାତ୍ର ତାଙ୍କର ଧର୍ମପତ୍ନୀ ଛାୟା ଦାସ ଦେଶ ବିଦେଶ ବୁଲି କଳାପ୍ରଦର୍ଶନ କରିଥିଲେ ମଧ୍ୟ କଳାକାର ଭତ୍ତା ପ୍ରଦାନ ପାଇବାରୁ ବଞ୍ଚିତ ଅଛନ୍ତି। ତାଙ୍କର ସଂସ୍କାର ବଳରେ ସାନଝିଅ ରଶ୍ମି ଦାସ ପ୍ରଥମେ ଜଣେ କେନ୍ଦ୍ରୀୟ ଜଳ କ୍ରୀଡା ଜିମ୍ନାଷ୍ଟିକର ବ୍ରୋଞ୍ଜ ପଦକ ବିଜେତା ହୋଇ ଗୌରବ ଆଣିଥିଲେ। ସେ ଦିଲ୍ଲୀ ଯମୁନା ଭେଲୋଡ୍ରମରେ କ୍ରୀଡ଼ାଅଭ୍ୟାସ ଜାରି ରଖିଥିଲେ। ଆଜି ଭାରତୀୟ ରିଜର୍ଭ ପୁଲିସ ଫୋର୍ସ ଡିପାର୍ଟମେଣ୍ଟରେ ଅତିରିକ୍ତ ପୁଲିସ ନିରୀକ୍ଷକ(ଡିଏସ୍‌ପି) ରୂପେ ସେ ଆସାମରେ କାର୍ଯ୍ୟରତ। ଆଜି ସେହି ମହାନ୍ କଳାକାର ଆମ ଗହଣରେ ନାହାନ୍ତି ସତ, ହେଲେ ତାଙ୍କର କଳା ତାଙ୍କୁ ଅମରକରି ରଖିଛି। ଗତ ବୁଧବାର ତାଙ୍କର ଏକାଦଶାହ କାର୍ଯ୍ୟ ସମ୍ପନ୍ନ ହୋଇଛି। ଉକ୍ତ କାର୍ଯ୍ୟରେ ଅନେକ ରାଜନେତା, ସାମ୍ବାଦିକ, ଯୁବକଯୁବତୀ, ସାମାଜିକ କର୍ମୀ, ବୁଦ୍ଧିଜୀବୀ, କଳାକାର, ଜ୍ଞାତିକୁଟୁମ୍ବ ଏବଂ ବନ୍ଧୁବାନ୍ଧବ ଯୋଗଦେଇ ସ୍ୱର୍ଗତ ଦାସଙ୍କ ସ୍ମୃତିଚାରଣ କରିଥିଲେ।

# ଶିଳ୍ପ ମନ୍ତ୍ରୀଙ୍କୁ ଭେଟିଲେ ଭାରତୀୟ ବୈଦେଶିକ ସେବା ଅଧିକାରୀ



**ଭୁବନେଶ୍ୱର,୩।୯/ଏନ୍ଏନ୍ଏସ୍:** ବୁଧବାର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ଓଡ଼ିଶା ଗସ୍ତରେ ଆସିଥିବା ଭାରତୀୟ ବୈଦେଶିକ ସେବା ଅଧିକାରୀ ମନୋଜ କୁମାର ମହାପାତ୍ର, ଅମିତ ନାରଙ୍ଗ ଓ ଗ୍ଲୋରିଆ ଗାଙ୍ଗଟେ ଲୋକସେବା ଭବନଠାରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବୈଦେଶିକ ସେବା ଅଧିକାରୀମାନଙ୍କୁ ରାଜ୍ୟର ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧି ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ କ୍ଷେତ୍ରରେ ଗ୍ରହଣ କରାଯାଇଥିବା ବହୁବିଧ ପଦକ୍ଷେପ ସମ୍ପର୍କରେ ଅବଗତ କରାଇ କହିଥିଲେ ଯେ ଓଡ଼ିଶାରେ ପ୍ରଚୁର ଖଣିଜ ସମ୍ପଦ, ସୁଦୀର୍ଘ ଉପକୂଳ, ଗଭୀର ବନ୍ଦର ସହ ଦୃଢ଼ ଶିଳ୍ପ ଭିତ୍ତିଭୂମି ରହିଛି। ଓଡ଼ିଶାର ଶିଳ୍ପନୀତି ସଂକଳ୍ପ-୨୦୨୨ ମାଧ୍ୟମରେ ନୀତିଗତ ନିଷ୍ପତ୍ତି ଗ୍ରହଣରେ ତ୍ୱରାନ୍ୱିତ ପ୍ରକ୍ରିୟା, ପ୍ରଭାବଶାଳୀ ଏକକ ୱିଣ୍ଡୋ ସିଷ୍ଟମ୍ ବ୍ୟବସ୍ଥା ସହ ସ୍ୱଚ୍ଛ ଶାସନ ଓ ବ୍ୟବସାୟ କରିବାର ଅନୁକୂଳତା ଓଡ଼ିଶାରେ ପୁଞ୍ଜିନିବେଶ ନିମନ୍ତେ ନିବେଶକାରୀଙ୍କୁ ଆକୃଷ୍ଟ କରିବାରେ ସହାୟକ ହୋଇପାରିଛି। ଆପଣମାନେ ଭାରତର ରାଷ୍ଟ୍ରଦୂତ ଭାବେ ବିଦେଶରେ ଏସବୁ ତଥ୍ୟ ଉପସ୍ଥାପନ କରିପାରିବେ। ଏହା ଦ୍ୱାରା ବିଦେଶୀ ନିବେଶକମାନେ ଓଡ଼ିଶାରେ ନିବେଶ କରିବାକୁ ଆଗ୍ରହ ପ୍ରକାଶ କରିବେ। ଅନ୍ୟପକ୍ଷରେ ରାଜ୍ୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉପରେ ଖୁବ୍ ଗୁରୁତ୍ୱାରୋପ କରାଯାଉଛି। ବିଶ୍ୱ ଦକ୍ଷତା କେନ୍ଦ୍ରର ବ୍ୟାପକ ନେଟ୍ୱାର୍କ ମାଧ୍ୟମରେ ଆଇଟିଆଇ ଓ ପଲିଟେକ୍ନିକ୍‌ରେ ଦକ୍ଷତା ବିକାଶ କ୍ଷେତ୍ରରେ ବେଶ୍ ଅଗ୍ରଗତି କରିଛି। ଆଇଟିଇ ସିଙ୍ଗାପୁର ସହ ସହଭାଗିତା ଦ୍ୱାରା ସର୍ବାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ପ୍ରଯୁକ୍ତି ବିଦ୍ୟାରେ ତାଲିମ ପ୍ରଦାନକୁ ବ୍ୟାପକ କରାଯାଇଛି। ଓଡ଼ିଶା ଏବେ ଏପରି କର୍ମଶକ୍ତି ସୃଷ୍ଟି କରୁଛି ଯାହା କେବଳ ନିଯୁକ୍ତିଭିତ୍ତିକ ନହୋଇ ଉଦ୍ୟୋଗ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଆହ୍ୱାନକୁ ମୁକାବିଲା କରିବାରେ ମଧ୍ୟ ସକ୍ଷମ। ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ ଯେ ବିଶ୍ୱସ୍ତରରେ ଓଡ଼ିଶାର ଶିଳ୍ପ କ୍ଷେତ୍ରରେ ବ୍ୟାପକ ଅଗ୍ରଗତିକୁ ଉପସ୍ଥାପନ କରିବାରେ ଆପଣମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ରାଜ୍ୟରୁ ବାହାରୁଥିବା ଦକ୍ଷ ମାନବସମ୍ବଳ ନିମନ୍ତେ ବିଦେଶରେ ନିଯୁକ୍ତି ସୃଷ୍ଟିରେ ମଧ୍ୟ ସହାୟକ ହୋଇପାରିବେ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ।

### ସ୍କୁଲ୍ ସହ ଯୋଡ଼ିହେବ ଅଙ୍ଗନବାଡ଼ି କେନ୍ଦ୍ର

# ଗାଇଡ୍‌ଲାଇନ୍‌ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

**ନୂଆଦିଲ୍ଲୀ,ଭୁବନେଶ୍ୱର,୩।୯/ଏନ୍ଏନ୍ଏସ୍:** ନୂଆଦିଲ୍ଲୀର ବିଜ୍ଞାନ ଭବନରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀଙ୍କ କରକମଳରେ ଗୋଟିଏ ସ୍ଥାନରେ ପ୍ରାଥମିକ ବିଦ୍ୟାଳୟ ସହିତ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକର ସ୍ଥାପନା ପାଇଁ ଗାଇଡ୍‌ଲାଇନ୍‌ର ଶୁଭାରମ୍ଭ ହୋଇଯାଇଛି। ନୂଆ ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ଅଙ୍ଗନବାଡ଼ି ଓ ସ୍କୁଲକୁ ଗୋଟିଏ କ୍ୟାମ୍ପସରେ ପ୍ରତିଷ୍ଠା କରିବା ସହ ସମନ୍ୱିତ ମଡେଲ ମାଧ୍ୟମରେ ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ଶିକ୍ଷାର ମହତ୍ୱ ଉପରେ ଗାଇଡଲାଇନରେ ଜୋର୍ ଦିଆଯାଇଛି।ଶିକ୍ଷା ମନ୍ତ୍ରଣାଳୟ ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ମିଳିତ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ'ର ମାନବ ପୁଞ୍ଜି ପାଇଁ ଏକ ଦୃଢ଼ ମୂଳଦୁଆ ସ୍ଥାପନ କରିବାର ଦୃଷ୍ଟିକୋଣକୁ ସାକାର କରିବା ଦିଗରେ ଏକ ସଫଳ ପଦକ୍ଷେପ ହେବ। ବିକଶିତ



ଭାରତର ଲକ୍ଷ୍ୟ ସେତେବେଳେ ପୂରଣ ହେବ ଯେତେବେଳେ ଆମେ ଆଗାମୀ ଦିନରେ ଶତ-ପ୍ରତିଶତ ଗର୍ଭବତୀ ମହିଳା, ନବଜାତ ଶିଶୁ ଏବଂ ସ୍କୁଲ ଯିବାକୁ ଥିବା ଶିଶୁମାନଙ୍କର ଯତ୍ନ ନେବା।ଏହି ଅବସରରେ ଶ୍ରୀ ପ୍ରଧାନ + ୨ ପର୍ଯ୍ୟନ୍ତ ପାଠ ପଢିନଥିବା ଏବଂ ଆଗକୁ ପାଠ ପଢିବା ପାଇଁ ଇଚ୍ଛା ରଖୁଥିବା ଅଙ୍ଗନବାଡ଼ି ଦିଦିଙ୍କ ପାଇଁ ମଡ୍ୟୁଲ ପ୍ରସ୍ତୁତ କରିବାକୁ ମହିଳା, ଶିଶୁ ବିକାଶ ଓ ଶିକ୍ଷା ମନ୍ତ୍ରଣାଳୟକୁ ଏକ ପ୍ରସ୍ତାବ ଦେଇଛନ୍ତି। ସେ କହିଛନ୍ତି ଏଆଇ ସମେତ ଅନ୍ୟ ଜ୍ଞାନକୌଶଳ ମାଧ୍ୟମରେ ବିଶ୍ୱରେ ଜୀବନଶୈଳୀ ସହଜ ହୋଇଛି। ଏଥିପାଇଁ ଆମକୁ ଏଆଇର ଉପଯୋଗ କରି ପିଲାମାନଙ୍କ ଭବିଷ୍ୟତ ନିର୍ମାଣ କରିବା ଉପରେ ଦୃଷ୍ଟି ଦେବା ଉଚିତ୍। ଆମର ଅଙ୍ଗନବାଡ଼ି ଦିଦିମାନେ ପିଲାମାନଙ୍କର ପ୍ରଥମ ଗୁରୁ ଏବଂ ଏଆଇ ମାଧ୍ୟମରେ ଭାରତୀୟ ଭାଷାରେ ଶିକ୍ଷାକୁ ଅଧିକ ସରଳ କରାଯାଇପାରିବ। ଆଗାମୀ ୩ ବର୍ଷ ମଧ୍ୟରେ ଭାରତରେ ପ୍ରାୟ ୨ ଲକ୍ଷ ବେସରକାରୀ ଏବଂ ସରକାରୀ ହାଇସ୍କୁଲରେ ବ୍ରଡବ୍ରାଣ୍ଡ୍ ଇଣ୍ଟରନେଟ୍ ସଂଯୋଗ କରାଯିବ। ଆସର୍ ଏବଂ ପରଖ ରିପୋର୍ଟର ସାମ୍ପ୍ରତିକ ତଥ୍ୟାନୁସାରେ ଗାଁରେ ପିଲାମାନଙ୍କର ଶିକ୍ଷଣ ଫଳାଫଳରେ ସହର ଅପେକ୍ଷା ଭଲ ହୋଇଛି। ଏହି ଅଭୁତପୂର୍ବ ସଫଳତା ଆମର ଅଙ୍ଗନବାଡି ଦିଦିମାନଙ୍କର କଠିନ ପରିଶ୍ରମର ପ୍ରତିଫଳନବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଉଲ୍ଲେଖନୀୟ, ସମଗ୍ର ଭାରତବର୍ଷରେ ସ୍କୁଲ ପରିସରରେ ପୂର୍ବରୁ ୨.୯ ଲକ୍ଷରୁ ଅଧିକ ଅଙ୍ଗନବାଡ଼ି କେନ୍ଦ୍ର ରହିଛି । ଏଥିପାଇଁ ଏହି ଗାଇଡଲାଇନ୍ ବା ନିର୍ଦ୍ଦେଶାବଳୀ ପରିଚାଳନା ସମ୍ବନ୍ଧୀୟ ଆବଶ୍ୟକ ସ୍ୱଷ୍ଟତା ପ୍ରଦାନ କରିବ ଏବଂ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳରେ ଏହି ମଡେଲକୁ ପ୍ରଭାବଶାଳୀ ଢଙ୍ଗରେ ଆଗକୁ ବଢାଇବା ଦିଗରେ ସମର୍ଥ କରିବ। ଏହି କାର୍ଯ୍ୟକ୍ରମରେ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ, ଶିକ୍ଷା ଏବଂ ସାକ୍ଷରତା ବିଭାଗର ବରିଷ୍ଠ ଅଧିକାରୀ, ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶର ଉଭୟ ବିଭାଗର ପ୍ରତିନିଧି ଏବଂ ଅଙ୍ଗନବାଡ଼ି କର୍ମଚାରୀମାନେ ଯୋଗଦେଇଥିଲେ।

# ରାଜ୍ୟପାଳଙ୍କୁ ସାକ୍ଷାତ କଲେ ସୂଚନା କମିଶନ୍

**ଭୁବନେଶ୍ୱର,୩।୯/ଏନ୍ଏନ୍ଏସ୍:** ରାଜ୍ୟ ମୁଖ୍ୟ ସୂଚନା କମିଶନର ମନୋଜ ପରିଡ଼ାଙ୍କ ନେତୃତ୍ୱରେ ଆଜି ରାଜ୍ୟ ସୂଚନା କମିଶନର ରାଜ୍ୟପାଳଙ୍କୁ ରାଜଭବନରେ ଭେଟିଥିଲେ। କମିଶନରମାନେ ବିଭିନ୍ନ କାର୍ଯ୍ୟକଳାପ ଏବଂ ବିଚାରାଧୀନ ମାମଲାଗୁଡ଼ିକର ତ୍ୱରିତ ସମାଧାନ ପାଇଁ କମିଶନର ସାମ୍ପ୍ରତିକ ପଦକ୍ଷେପସମୂହ ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ବିଚାରାଧୀନ ମାମଲାଗୁଡ଼ିକର ସମାଧାନ ପାଇଁ ସନ୍ତୋଷ ପ୍ରକାଶ କରିଥିଲେ ଏବଂ ଅନ୍ୟ ରାଜ୍ୟର ସୂଚନା କମିଶନଙ୍କ ଦ୍ୱାରା ପ୍ରବର୍ତ୍ତିତ ସର୍ବୋତ୍ତମ ଅଭ୍ୟାସଗୁଡ଼ିକର ପ୍ରଚଳନ ପାଇଁ କମିଶନଙ୍କୁ ପ୍ରଶଂସା କରିଥିଲେ। ସେ ପରାମର୍ଶ ଦେଇଥିଲେ ଯେ ସୂଚନା ଅଧିକାର ମାମଲା ସହ ଜଡ଼ିତ ବିଭିନ୍ନ ସରକାରୀ ଅଧିକାରୀମାନଙ୍କୁ ବିଭିନ୍ନ ପ୍ରତିଷ୍ଠାନରେ ଉପଯୁକ୍ତ ତାଲିମ ପ୍ରଦାନ କରାଯିବା ଉଚିତ। ସେ ଏହା ମଧ୍ୟ କହିଥିଲେ ଯେ ସୂଚନା ଅଧିକାର ଆଇନର ଲାଭ ଉଠାଇବା ପାଇଁ ଦୂରଦୂରାନ୍ତ ଜିଲ୍ଲାଗୁଡ଼ିକର ଆଦିବାସୀ ଅଞ୍ଚଳର ଲୋକଙ୍କ ମଧ୍ୟରେ ଅଧିକ ସଚେତନତା ସୃଷ୍ଟି କରାଯିବା ଉଚିତ। କମିଶନର ସଦସ୍ୟମାନେ ଉପସ୍ଥାପନ କରିଥିଲେ ଯେ ମାମଲା ସମାଧାନ ପାଇଁ ଉପଯୁକ୍ତ ଡିଜିଟାଲାଇଜେସନ୍ ପ୍ରଚଳନ କରାଯାଇଛି। ଆବେଦନକାରୀମାନେ ସେମାନଙ୍କର ଆବେଦନ ଅନଲାଇନରେ ଦାଖଲ କରିପାରିବେ ଏବଂ କମିଶନ ଦ୍ୱାରା ପ୍ରଦତ୍ତ ସମସ୍ତ ନିର୍ଦ୍ଦେଶ ସାଧାରଣ ଲୋକଙ୍କ ପାଇଁ ଏହାର ସରକାରୀ ୱେବସାଇଟରେ ମଧ୍ୟ ଉପଲବ୍ଧ ହୋଇ ପାରୁଛି। ଆବେଦନକାରୀମାନଙ୍କୁ ମାମଲାର ଶୁଣାଣି ପାଇଁ ଭୁବନେଶ୍ୱର ଯିବାରେ ହେଉଥିବା ଅସୁବିଧା ଦୂର କରିବା ପାଇଁ ରାଜ୍ୟପାଳ କମିଶନରମାନଙ୍କୁ ବିଭିନ୍ନ ଜିଲ୍ଲା ମୁଖ୍ୟାଳୟ ପରିଦର୍ଶନ କରି ସେଠାରେ ଶୁଣାଣି କରିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟପାଳ କମିଶନଙ୍କୁ ଅଧିକ ତ୍ୱରାନ୍ୱିତ ସମାଧାନ ଏବଂ ବିଚାରାଧୀନ ମାମଲାଗୁଡ଼ିକୁ ସର୍ବନିମ୍ନ ସ୍ତରକୁ ହ୍ରାସ କରିବାକୁ ରାଜ୍ୟପାଳ କମିଶନଙ୍କୁ ପରାମର୍ଶ ଦେଇଥିଲେ। କମିଶନର ସୁଶାନ୍ତ କୁମାର ମହାନ୍ତି, ଜଗନ୍ନାଥ ରଥ, ପ୍ରଣବିନ୍ଦୁ ଆଚାର୍ଯ୍ୟ, ପବିତ୍ର ମଣ୍ଡଳ ଏବଂ କଳ୍ପନା ପଟ୍ଟନାୟକ ପ୍ରମୁଖ ସାକ୍ଷାତ ସମୟରେ ଉପସ୍ଥିତ ଥିଲେ ।

# 'ବିରୋଧୀ ଦଳ ଭୂମିକା ତୁଲାଇ ପାରୁନି ବିଜେଡି'

**ଭୁବନେଶ୍ୱର,୩।୯/ଏନ୍ଏନ୍ଏସ୍:** ବିଜେଡି ଏବେ ମୁଖ୍ୟ ବିରୋଧୀ ଦଳ ଭୂମିକା ଠିକ୍ ଭାବେ ନିର୍ବାହ କରୁନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ତା'ର ଫାଇଦା କଂଗ୍ରେସକୁ ମିଳୁଛି। ରାଜ୍ୟରେ ବିଜେଡି ଓ ବିଜେପି ମଧ୍ୟରେ କୌଣସି ପ୍ରଭେଦ ନାହିଁ ବୋଲି ଲୋକେ ଅନୁଭବ କରୁଛନ୍ତି । ତେଣୁ ସେମାନେ କଂଗ୍ରେସକୁ ବିକଳ୍ପ ଭାବେ ଚିନ୍ତା କରୁଛନ୍ତି ବୋଲି ବିଜେଡିର ବରିଷ୍ଠ ନେତା ଭୂପିନ୍ଦର ସିଂ କହିଛନ୍ତି। ଏହାଛଡ଼ା ସେ କହିଛନ୍ତି ଯେ ବିରୋଧୀ ଦଳ ଭାବେ ବିଜେଡି ଠିକ୍ ଭାବେ ପ୍ରସଙ୍ଗ ଉଠାଉନଥିବାରୁ ତାର ଫାଇଦା କଂଗ୍ରେସ ନେଉଛି । ଲୋକେ ବିଜେଡିଠୁ ଦୂରେଇ ନାହାନ୍ତି, କିନ୍ତୁ ବିରୋଧୀ ଦଳଠାରୁ ଯାହା ଆଶା କରୁଛନ୍ତି, ତାହା ବିଜେଡି କରୁନାହିଁ।



ଦେଶ ଓ ରାଜ୍ୟରେ କଂଗ୍ରେସର ଭବିଷ୍ୟତ ଉଜ୍ଜ୍ୱଳ। ଯଦି ବିଜେଡି ମୁଖ୍ୟ ବିରୋଧୀ ଦଳ ଭାବେ ନିଜର ଦାୟିତ୍ୱ ଠିକ୍ ଭାବେ ନିର୍ବାହ ନକରେ, ତେବେ କଂଗ୍ରେସ ଆହୁରି ଆଗକୁ ବଢ଼ିବ। କଂଗ୍ରେସର ଭବିଷ୍ୟତ ଦେଶ ଓ ରାଜ୍ୟରେ ବଢୁଛି ବୋଲି ଶ୍ରୀ ସିଂ କହିଛନ୍ତି। କଂଗ୍ରେସକୁ ଏଭଳି ଖୋଲା ପ୍ରଶଂସା କରି ସେ ନିଜର ପୁରୁଣା ଦଳକୁ ଫେରିବା ପାଇଁ ଯୋଗସୂତ୍ରରେ ରହିଥିବା ନେଇ ହେଉଥିବା ଚର୍ଚ୍ଚାକୁ ଅଧିକ ବଳ ଦେଇଥିବା କୁହାଯାଉଛି।

# ଉଚ୍ଚ ଶିକ୍ଷା ଅନୁଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ତନଖି ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱ

**ଭୁବନେଶ୍ୱର,୩।୯/ଏନ୍ଏନ୍ଏସ୍:** ରାଜ୍ୟର ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକରେ ବିଶେଷ କରି ବଡ଼ ସମ୍ମିଳନୀ କକ୍ଷ ଥିବା ଅନୁଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ପ୍ରତିଷେଧକମୂଳକ ତନଖି ଉପରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ଗୁରୁତ୍ୱାରୋପ କରିଛନ୍ତି। ବୁଧବାର ରାଜ ଭବନରେ ଅଗ୍ନିଶମ ଏବଂ ଜରୁରୀକାଳୀନ ସେବା ବିଭାଗ ଦ୍ୱାରା ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ମୁକାବିଲା ସଂପର୍କିତ ଉପସ୍ଥାପନା ଦେଖିବା ଅବସରରେ ରାଜ୍ୟପାଳ ଏପରି ଗୁରୁତ୍ୱାରୋପ କରିଛନ୍ତି। ବିଭାଗର ଉପକରଣ, କର୍ମଚାରୀ, ତାଲିମ କାର୍ଯ୍ୟକ୍ରମ ଏବଂ ଭବିଷ୍ୟତ ଯୋଜନା ସଂପର୍କରେ ଅବଗତ ହେବା ପରେ ରାଜ୍ୟପାଳ କହିଥିଲେ ଯେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ପ୍ରତିଷେଧମୂଳକ ଯାଞ୍ଚ ସମ୍ଭାବ୍ୟ ବିପଦ ଚିହ୍ନଟ କରିବାରେ ଏବଂ ସମୟୋଚିତ ସଂଶୋଧନମୂଳକ ପଦକ୍ଷେପ ନେବାରେ ସାହାଯ୍ୟ କରିଥାଏ। ଏତଦ୍‌ବ୍ୟତୀତ ଏହାଦ୍ୱାରା ଆପଦକାଳୀନ ସମୟରେ ସୁରକ୍ଷିତ



ସ୍ଥାନାନ୍ତର ପଥ ସୁନିଶ୍ଚିତ ହୋଇଥାଏ, ଆଘାତ କିମ୍ବା ଅଘଟଣ ସମ୍ଭାବନା ହ୍ରାସ ହୁଏ, କ୍ଷୟ କ୍ଷତିକୁ ହ୍ରାସ କରାଯାଇପାରେ ଏବଂ ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ସୁରକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରାଯାଇଥାଏ ବୋଲି ରାଜ୍ୟପାଳ କହିଥିଲେ।

ଉପସ୍ଥାପନା ସମୟରେ ରୋବଟିକ ମନିଟର, ଉନ୍ନତ ଉଦ୍ଧାର ଟେଣ୍ଡର, କମାଣ୍ଡ ଭେଇକିଲ, ହାଇଡ୍ରୋଲିକ ପ୍ଲାଟ ଫର୍ମ ଏବଂ ଅନ୍ୟାନ୍ୟ ଉନ୍ନତ ଉପକରଣ ଓ ଯନ୍ତ୍ରପାତି ସଂପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା। ଅତିରିକ୍ତ ଯନ୍ତ୍ରପାତି କ୍ରୟ ସଂପର୍କିତ ସ୍ଥିତି ଓ ଭବିଷ୍ୟତରେ ବ୍ୟବସ୍ଥାର ଉନ୍ନତି ପାଇଁ ଯୋଜନା ବିଷୟରେ ରାଜ୍ୟପାଳ ପଚାରି ବୁଝିଥିଲେ। ପୁରୀ ଜିଲ୍ଲା ରାମଚଣ୍ଡୀରେ ଥିବା ଦେଶର ପ୍ରଥମ ନ୍ୟାସନାଲ ୱାଟର ରେସ୍‌କ୍ୟୁ ଆଣ୍ଡ ୱାଟରମ୍ୟାନସିପ୍ କେନ୍ଦ୍ର, କ-୯ ସ୍କ୍ୱାଡ଼ ନିୟୋଜନ ସଂପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା। ବିଭାଗର ଦକ୍ଷତାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ ଏବଂ ସଂପୂର୍ଣ୍ଣ ଅନ୍‌ଲାଇନ୍ ଫାୟାର ଲାଇସେନ୍‌ସିଂ ପ୍ରକ୍ରିୟା, ତୃତୀୟ ପକ୍ଷ ଏଜେନ୍ସି ନିୟୋଜନ ଭଳି ପଦକ୍ଷେପ ତଥା ଓଡ଼ିଶାର ସାମଗ୍ରିକ ବିପର୍ଯ୍ୟୟ ପ୍ରସ୍ତୁତି ଭଳି ପଦକ୍ଷେପକୁ ପ୍ରଶଂସା କରିଥିଲେ ଏବଂ ଏ କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟମାନଙ୍କ ପାଇଁ ଏକ ମଡେଲ ପାଲଟିଛି ବୋଲି କହିଥିଲେ।

ଏହାପରେ ରାଜ୍ୟପାଳ କମାଣ୍ଡ ଭେଇକିଲ୍ ଦେଖିବା ସହ ଏହାର ଉନ୍ନତ ବୈଶିଷ୍ଟ୍ୟଗୁଡ଼ିକ ପର୍ଯ୍ୟବେକ୍ଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡି.ଜି. ଅଗ୍ନିଶମ ଓ ଆପତକାଳୀନ ସେବା, କମାଣ୍ଡାଣ୍ଟ ଜେନେରାଲ ହୋମଗାର୍ଡସ ଏବଂ ନିର୍ଦ୍ଦେଶକ ସିଭିଲ ଡିଫେନ୍ସ ଡ. ସୁଧାଂଶୁ ଷଡ଼ଙ୍ଗୀ, ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ରୂପା ରୋଶନ ସାହୁ, ଡି.ଆଇ.ଜି. ଫାୟାର ଆଣ୍ଡ ଇମରଜେନ୍ସି ସର୍ଭିସ୍ ଆଣ୍ଡ ହୋମଗାର୍ଡସ୍ ଡ. ଉମାଶଙ୍କର ଦାଶ ଏବଂ ବିଭାଗୀୟ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

### ରାଜ୍ୟ ସଂଲଗ୍ନ ପ୍ରଶିକ୍ଷଣ ଅଧିବେଶନ

# ସୁଯୋଗର ସଦୁପଯୋଗ କରିବାକୁ ରାଷ୍ଟ୍ରଦୂତଙ୍କ ଆହ୍ୱାନ

**ଭୁବନେଶ୍ୱର,୩।୯/ଏନ୍ଏନ୍ଏସ୍:** ରପ୍ତାନୀ କ୍ଷେତ୍ରରେ ଓଡ଼ିଶାରେ ବ୍ୟାପକ ସୁଯୋଗ ରହିଛି । ବିଭିନ୍ନ ଦେଶରେ ଅବସ୍ଥାପିତ ଭାରତୀୟ ଦୂତାବାସ ପକ୍ଷରୁ ମଧ୍ୟ ରପ୍ତାନୀ ବୃଦ୍ଧି ଦିଗରେ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ। ତେଣୁ ଓଡ଼ିଆ ରପ୍ତାନିକାରୀ ବନ୍ଧୁଗଣ ଏହି ସୁଯୋଗର ସଦୁପଯୋଗ କରି ବିକଶିତ ଓଡ଼ିଶା ଗଠନ ଦିଗରେ ଆଗେଇ ଆସିବାକୁ ରାଜ୍ୟ ସଂଲଗ୍ନ ପ୍ରଶିକ୍ଷଣ ଅଧିବେଶନରେ ଯୋଗଦେଇ ରାଷ୍ଟ୍ରଦୂତମାନେ ଆହ୍ୱାନ ଦେଇଛନ୍ତି। ରପ୍ତାନୀ ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟ ପକ୍ଷରୁ "ରପ୍ତାନୀ ନୀତି ଓ ବିଶ୍ୱ ବଜାର ସଂଯୋଗୀକରଣ" ଶୀର୍ଷକ ପ୍ରଶିକ୍ଷଣ ଅଧିବେଶନରେ ଯୋଗ ଦେବା ଅବସରରେ ରାଷ୍ଟ୍ରଦୂତମାନଙ୍କ ପକ୍ଷରୁ ଏହି ମତ ପ୍ରକାଶ ପାଇଛି। ରପ୍ତାନୀ କ୍ଷେତ୍ରକୁ ଅଧିକ ସୁଦୃଢ କରିବା ପାଇଁ ଏହି ଅବସରରେ ଏକ ଆଲୋଚନା ଆୟୋଜିତ ହୋଇଥିଲା। ବୁକାରେଷ୍ଟରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ମନୋଜ କୁମାର ମହାପାତ୍ର, ସ୍ଲୋଭେନିଆରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଅମିତ ନାରଙ୍ଗ, ମାଲଟାରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ ଗ୍ଲୋରିଆ ଗାଙ୍ଗଟେ ପ୍ରମୁଖ ଅନ୍ତର୍ଜାତୀୟ ସହଯୋଗ ଓ ରପ୍ତାନୀ ବୃଦ୍ଧିର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ରପ୍ତାନିକାରୀମାନେ ବିଭିନ୍ନ ଦେଶର ପ୍ରତିପକ୍ଷଙ୍କ ସହ ଭାବ ବିନିମୟ ବୃଦ୍ଧି କରିବା ପାଇଁ ରାଷ୍ଟ୍ରଦୂତମାନେ ଆହ୍ୱାନ କରିଥିଲେ। ୟୁରୋପ ବଜାରରେ ପ୍ରବେଶ ପାଇଁ ମାଲଟା ଏବଂ ସ୍ଲୋଭେନିଆ ପ୍ରବେଶ ଦ୍ୱାର ହୋଇଥିବାରୁ ଏହାର ଫାଇଦା ଉଠାଇବା ପାଇଁ ସେମାନେ କହିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଉଥିବା ସୁଯୋଗର ଲାଭ ଉଠାଇ ଓଡିଆ ରପ୍ତାନିକାରୀ ବନ୍ଧୁମାନେ ବିଦେଶ ଉପକୂଳରେ ସଫଳତାର ଛାପ ଛାଡ଼ିବେ ବୋଲି ସେମାନେ ଆଶା ବ୍ୟକ୍ତ କରିଥିଲେ। ଏହି ଆଲୋଚନାକୁ ବିଶ୍ୱ ବାଣିଜ୍ୟ କେନ୍ଦ୍ରର ଆଞ୍ଚଳିକ ନିର୍ଦ୍ଦେଶିକା ନିମେଶିକା ନଟରାଜନ ସଂଚାଳନ କରିଥିଲେ। ରପ୍ତାନୀ ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ର ପ୍ରାରମ୍ଭିକ ଅଭିଭାଷଣ ରଖିବା ସହ ଓଡ଼ିଶାରେ ଥିବା ରପ୍ତାନୀ ସମ୍ଭାବନା ଉପରେ ସାରଗର୍ଭକ ତଥ୍ୟ ଉପସ୍ଥାପନ କରିଥିଲେ। କଲିକତାସ୍ଥିତ ଆପେଡା ଆଞ୍ଚଳିକ ମୁଖ୍ୟ ସୀତାକାନ୍ତ ମଣ୍ଡଳ, ଏମପେଡାର ଉପ-ନିର୍ଦ୍ଦେଶକ ଡକ୍ଟର ଅଚିମାନ ଲାହିରି, ଉତ୍କଳ ଚାମ୍ବର ଅଫ୍ କମର୍ସ୍ ଆଣ୍ଡ ଇଣ୍ଡଷ୍ଟ୍ରି ପକ୍ଷରୁ ଜ୍ଞାନ ମହାନ୍ତି, ଫିକି ପକ୍ଷରୁ ରାଜେନ ପାଢୀ, ଏଫଆଇଇଓ ଓଡ଼ିଶା ମୁଖ୍ୟ କମଳକାନ୍ତ ସାହୁ ପ୍ରମୁଖ ରପ୍ତାନୀ କ୍ଷେତ୍ରକୁ ବିସ୍ତାର କରିବା ପାଇଁ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସହକାରୀ ନିର୍ଦ୍ଦେଶକ ଶିଶିର ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଣୁ, କ୍ଷୁଦ୍ର ଓ ମାଧ୍ୟମ ଉଦ୍ୟୋଗ ବିଭାଗର ଅତିରିକ୍ତ ଶାସନ ସଚିବ ମହେଶ ଚୌଧୁରୀ, ଯୁଗ୍ମ ଶାସନ ସଚିବ କମଳଜିତ ଦାସ, ରପ୍ତାନୀ ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ପ୍ରଭାକର ଦାସ, ବହୁ ଉଦ୍ୟୋଗୀ, ରପ୍ତାନିକାରୀ, ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଁ ଦରଖାସ୍ତ ଆହ୍ୱାନ

**ଭୁବନେଶ୍ୱର,୩।୯/ଏନ୍ଏନ୍ଏସ୍:** ୩୫ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୩ ଏବଂ ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୪ ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଦରଖାସ୍ତ ଆହ୍ୱାନ କରାଯାଇଛି। ଆଗ୍ରହୀ ପ୍ରଯୋଜକମାନେ ଆସନ୍ତା ୪ ଅକ୍ଟୋବର ସୁଦ୍ଧା ଏଣ୍ଟ୍ରି ଫର୍ମ ସହ ଆବଶ୍ୟକ କାଗଜପତ୍ର ଓ ଚଳଚ୍ଚିତ୍ରର ସଫ୍ଟ କପି (ପେନ୍ ଡ୍ରାଇଭ)କୁ ରେଜିଷ୍ଟର୍ଡ଼ ପୋଷ୍ଟ/ସ୍ପିଡ଼ ପୋଷ୍ଟ / ପାର୍ସଲ ମାଧ୍ୟମରେ ବିଭାଗ ନିକଟରେ ଦାଖଲ କରିପାରିବେ। ୩୫ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୩ ପାଇଁ ପ୍ରେରିତ ହୋଇଥିବା ଚଳଚ୍ଚିତ୍ରଗୁଡିକ ୨୦୨୩ ଜାନୁଆରୀ ୧ରୁ ଡିସେମ୍ବର ୩୧ ମଧ୍ୟରେ ଚଳଚ୍ଚିତ୍ର ପ୍ରମାଣନ ପତ୍ର ପ୍ରାପ୍ତ ହୋଇଥିବା ଆବଶ୍ୟକ। ସେହିପରି ଭାବେ ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୪ ପାଇଁ ପ୍ରେରିତ ହୋଇଥିବା ଚଳଚ୍ଚିତ୍ରଗୁଡିକ ୨୦୨୪ ଜାନୁଆରୀ ୧ରୁ ଡିସେମ୍ବର ୩୧ ଅବଧି ମଧ୍ୟରେ ଚଳଚ୍ଚିତ୍ର ପ୍ରମାଣନ ପତ୍ର ପ୍ରାପ୍ତ ହୋଇଥିବା ଆବଶ୍ୟକ।

### ୫ ମାସ ହେଲା 'ଅନ୍ୱେଷା' ଯୋଜନାରେ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ମିଳିନି ଅନୁଦାନ

# ରାଜରାସ୍ତାକୁ ଓହ୍ଲାଇବାକୁ ବିଜେଡିର ଚେତାବନୀ

**ଭୁବନେଶ୍ୱର,୩।୯/ଏନ୍ଏନ୍ଏସ୍:** ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ପୂର୍ବରୁ କାର୍ଯ୍ୟକାରୀ ହୋଇଥିବା ଲୋକପ୍ରିୟ 'ଅନ୍ୱେଷା' ଯୋଜନା ବନ୍ଦ ହୋଇଯିବା ଆଶଙ୍କା ସୃଷ୍ଟି ହୋଇଛି। ଦୀର୍ଘ ୫ମାସ ହେଲା ଆଦିବାସୀ ପିଲାଙ୍କ ବି ଅନୁଦାନ ଆସିପାରି ଆସିନାହିଁ। ରାଜ୍ୟ ସରକାରଙ୍କ ଏଭଳି ଆଦିବାସୀ ଓ ଦଳିତ ବିରୋଧୀ ନୀତି ଅକ୍ଷମଣୀୟ ବୋଲି ବିଜୁ ଜନତା ଦଳ କହିବା ସହ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛି।

ବୁଧବାର ଶଙ୍ଖଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବିଧାୟିକା ତଥା ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ସୁଦାମ ମାରାଣ୍ଡି ଓ ଦଳର ମିଡ଼ିଆ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ ପ୍ରମୁଖ ଏହି ପ୍ରସଙ୍ଗରେ ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଥିଲେ। ଶ୍ରୀମତୀ ମଲ୍ଲିକ କହିଥିଲେ ଯେ ସମଗ୍ର ରାଜ୍ୟରେ ୧୭ଟି ଜିଲ୍ଲାରେ ୧୬୩ଟି ପବ୍ଲିକ ସ୍କୁଲର ୯୮ଟି ଛାତ୍ରାବାସରେ ରହୁଥିବା ଆଦିବାସୀ ଛାତ୍ରଛାତ୍ରୀ 'ଅନ୍ୱେଷା ଯୋଜନା'ରେ ଲାଭ ପାଉଥିଲେ। ୨୦୧୫-୧୬ରେ ନବୀନ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ଯୋଜନାରେ ୨୨ ହଜାର ୩ଶହ ୪୦ଜଣ ଆଦିବାସୀ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି। ତେବେ ଶିକ୍ଷା ବର୍ଷ ଆରମ୍ଭ ହେବାର ୫ ମାସ ବିତି ଯାଇଥିଲେ ମଧ୍ୟ ସମଗ୍ର ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଚଳିତ ଶିକ୍ଷା ବର୍ଷ ପାଇଁ ଅନୁଦାନ ମିଳିନାହିଁ। ଆଦିବାସୀ ପିଲାଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସେମାନଙ୍କୁ ଇଂରାଜୀ ମାଧ୍ୟମ ସ୍କୁଲରେ ପଢିବା ନିମନ୍ତେ ୨୦୧୫-୧୬ରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଅନ୍ୱେଷା ଯୋଜନା' ଆରମ୍ଭ କରିଥିଲେ। ସରକାର ଶିକ୍ଷା ଖର୍ଚ୍ଚ, ପୋଷାକ, ବହି ଖାତା, ଛାତ୍ରାବାସ ଓ ଚିକିତ୍ସା ଖର୍ଚ୍ଚ ବହନ କରୁଥିଲେ। ସରକାର ପ୍ରତି ଛାତ୍ରଛାତ୍ରୀ ପିଛା ବାର୍ଷିକ ସ୍କୁଲ ଫି' ବାବଦରେ ୨୦ ହଜାର, ପୋଷାକ ବହିପତ୍ର ଓ ପରିବହନ ବାବଦରେ ୧୮ ହଜାର ଓ ଖାଦ୍ୟପେୟ ବାବଦରେ ବର୍ଷକୁ ୧୫ ହଜାର ଟଙ୍କା କରି ଜଣକ ପିଛା ବର୍ଷକୁ ୫୩ ହଜାର ଟଙ୍କା ଖର୍ଚ୍ଚ କରୁଥିଲେ। ପୂର୍ବ ବର୍ଷ ଅନୁସାରେ, ଶିକ୍ଷା ବର୍ଷ ଆରମ୍ଭ ହେବା ମାତ୍ରେ ଅନୁଦାନ ଆସି ଯାଉଥିଲା, କିନ୍ତୁ ଚଳିତ ବର୍ଷ ସେପ୍ଟେମ୍ବର ଆରମ୍ଭ ହେଲାଣି କିନ୍ତୁ ଅନୁଦାନ ଆସିନାହିଁ। ସୁନ୍ଦରଗଡ଼ ଓ ରାଉରକେଲାରେ ୧୮ଶହ ଆଦିବାସୀ ଛାତ୍ରଛାତ୍ରୀ ରହୁଛନ୍ତି। ଆଗରୁ ଅନୁଦାନ ଆସିବାରେ ଦୈବାତ ବିଳମ୍ବ ହେଲେ ପୂର୍ବ ବର୍ଷର ବଳକା ଟଙ୍କାରେ କାମ ଚଳେଇ ନିଆଯାଉଥିଲା କିନ୍ତୁ ଚଳିତ ବର୍ଷ ମାର୍ଚ୍ଚ ମାସ ସରିବା କ୍ଷଣି ସରକାର ସବୁ ବଳକା ଟଙ୍କା ଫେରାଇ ନେଇଗଲେ। ଏହା ଦ୍ୱାରା ହଷ୍ଟେଲ ଗୁଡିକରେ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି। ସରକାରଙ୍କ ତରଫରୁ, ଅର୍ଥ ଆସି ନଥିବାରୁ ଅନେକ ଛାତ୍ର ଛାତ୍ରୀ ହଷ୍ଟେଲ ଛାଡ଼ିଲେଣି। ଏହି ବର୍ଷ ୟୁ ଡାଇଜ ରିପୋର୍ଟ ଅନୁଯାୟୀ, ୨୦୨୪-୨୫ ଶିକ୍ଷା ବର୍ଷରେ, ମାଧ୍ୟମିକ ସ୍ତରରେ, ଡ୍ରପ ଆଉଟ ହାର ୯.୮%କୁ ବୃଦ୍ଧି ପାଇଛି। ଏହା ଏସଟି ଏସସି ବର୍ଗର ଲୋକଙ୍କ ପ୍ରତି ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ଦର୍ଶାଉଛି। ଏସଟି ଏସସି ବର୍ଗର ଲୋକଙ୍କ ବିକାଶ ରାଜ୍ୟ ସରକାର ଚାହୁଁ ନାହାନ୍ତି ବୋଲି ସ୍ପଷ୍ଟ ହେଉଛି ବୋଲି ଶ୍ରୀମତୀ ମଲ୍ଲିକ କହିଥିଲେ।

## ଏସ୍‌ଟି ଏସ୍‌ସି ଅତ୍ୟାଚାର ଅଭିଯୋଗ ତଦନ୍ତ ପରିବର୍ତ୍ତନ ନିଷ୍ପତ୍ତିକୁ ବି ବିରୋଧ

ଦଳର ମୁଖପାତ୍ର ଡ. ପ୍ରିୟବ୍ରତ ମାଝୀ କହିଥିଲେ ଯେ ଏସ୍‌ଟି ଏସ୍‌ସି ପ୍ରିଭେନସନ ଅଫ୍ ଆଟ୍ରୋସିଟି ନିୟମାବଳୀ ୧୯୯୫ ଅନୁସାରେ ରୁଲ୍-୭ରେ ଏହି ବ୍ୟବସ୍ଥା ଅଛି ଯେ, ଜଣେ ଡିଏସପି ପଦବୀର ଅଫିସର ଅତ୍ୟାଚାର ଅଭିଯୋଗର ତଦନ୍ତ କରିବେ। ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି (ଅତ୍ୟାଚାର ନିବାରଣ) ଆଇନ, ୧୯୮୯ (୧୯୮୯ ର ୩୩) ର ଧାରା ୨୩ ର ଉପ-ଧାରା (୧) ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି, କେନ୍ଦ୍ର ସରକାର ଏତଦ୍ୱାରା ନିମ୍ନଲିଖିତ ନିୟମ ପ୍ରଣୟନ କରୁଛନ୍ତି । ଏହାକୁ ୩୦ଅଗଷ୍ଟ ୨୦୨୫ରେ ରାଜ୍ୟ ସରକାର ପରିବର୍ତ୍ତନ କରି, ଇନ୍ସପେକ୍ଟର ଓ ସବ ଇନ୍ସପେକ୍ଟର ତଦନ୍ତ କରିବେ ବୋଲି ଅର୍ଡର କରିଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ପାର୍ଲିଆମେଣ୍ଟରେ ଅନୁମୋଦନ ହୋଇ ଲାଗୁ କରାଯାଇଥିବା ନିୟମକୁ ରାଜ୍ୟ ସରକାର ଏକ ତରଫା ଭାବେ ପରିବର୍ତ୍ତନ କରିବା ନିୟମ ବିରୋଧୀ। ରାଜ୍ୟ ସରକାର ଡ଼ିଏସପି ପଦବୀର ଉପରିସ୍ଥ ପଦବୀର ଅଧିକାରୀଙ୍କୁ ତଦନ୍ତ ଅଧିକାରୀର ଦାୟିତ୍ୱ ଦେଇ ପାରିଥାନ୍ତେ। କିନ୍ତୁ, ଏହାକୁ କମାଇ ଦେବା ଦ୍ୱାରା, ଅତ୍ୟାଚାରର ଶିକାର ହୋଇଥିବା ଏସଟି ଏସସି ଲୋକମାନେ ନ୍ୟାୟ ପାଇବାରୁ ବଞ୍ଚିତ ହେବେ ବୋଲି ଡ.ମାଝୀ ଆଶଙ୍କା ପ୍ରକାଶ କରିଥିଲେ।

ଅନ୍ୟପକ୍ଷରେ ବରିଷ୍ଠ ନେତା ସୁଦାମ ମାରାଣ୍ଡି କହିଥିଲେ ରାଜ୍ୟରେ ବାସ କରୁଥିବା ଲୋକଙ୍କ ଭିତରୁ ପ୍ରାୟ ୪୦% ଲୋକ ଏସ୍‌ଟି ଏସ୍‌ସି ବର୍ଗର। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ରାଜ୍ୟର ଏସଟି ଏସସି ବର୍ଗର ଲୋକଙ୍କ ବିରୋଧରେ ସାଙ୍ଘାତିକ ଷଡ଼ଯନ୍ତ୍ର। ସରକାର ଏହାକୁ ତୁରନ୍ତ ପ୍ରତ୍ୟାହାର କରନ୍ତୁ ନହେଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ମାରାଣ୍ଡି କହିଥିଲେ।

# ଦିଲ୍ଲୀ ଗଲେ ମନମୋହନ ସାମଲ



**ଭୁବନେଶ୍ୱର,୩।୯/ଏନ୍ଏନ୍ଏସ୍:** ବୁଧବାର ଦିଲ୍ଲୀ ଗସ୍ତରେ ଯାଇଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। କିଛି କେନ୍ଦ୍ରୀୟ ନେତାଙ୍କୁ ଭେଟିବା ନେଇ କାର୍ଯ୍ୟକ୍ରମ ରହିଥିବା ସୂଚନାରୁ ଜଣାପଡ଼ିଛି। ତେବେ ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତରେ ଥିବା ବେଳେ ସଭାପତିଙ୍କ ଏହି ଗସ୍ତକୁ ନେଇ ରାଜନୈତିକ ମହଲରେ ଜୋରଦାର ଚର୍ଚ୍ଚା ହେଉଛି। ଏହି ଗସ୍ତ ସମୟରେ ରାଜ୍ୟ କମିଟି, ବୋର୍ଡ ନିଗମ ନେଇ ବଡ଼ ଆଲୋଚନା ହେବ ବୋଲି ଅନୁମାନ କରାଯାଉଛି।

ପ୍ରକାଶ ଯେ ରାଜ୍ୟ ବିଜେପି ସରକାରକୁ ୧୫ ମାସ ଚାଲୁଥିବା ବେଳେ ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳ ଗଠନ ନେଇ ଏଯାବତ୍ କୌଣସି ନିଷ୍ପତ୍ତି ହୋଇପାରି ନାହିଁ। ମନ୍ତ୍ରିମଣ୍ଡଳକୁ ନେଇ ଶୀର୍ଷ ନେତୃତ୍ୱ ସ୍ତରରେ ବାରମ୍ବାର ପ୍ରୟାସ ହୋଇଥିଲେ ହେଁ ବିଭିନ୍ନ କାରଣ ଯୋଗୁଁ ଏହା ସମ୍ଭବ ହୋଇପାରୁ ନାହିଁ।

# 'ସେମିକନ୍ ଇଣ୍ଡିଆ'ରେ ଓଡ଼ିଶାର ଇଲେକ୍‌ଟ୍ରୋନିକ୍ସ ଓ ସେମିକଣ୍ଡକ୍ଟର ପାୱାରହାଉସ ଭିଜନ ପ୍ରଦର୍ଶିତ

**ଭୁବନେଶ୍ୱର,୩।୯/ଏନ୍ଏନ୍ଏସ୍:** ଅନ୍ତର୍ଜାତୀୟ ସେମିକଣ୍ଡକ୍ଟର ଓ ଇଲେକ୍‌ଟ୍ରୋନିକ୍ସ ଶିଳ୍ପ ପାଇଁ ଭାରତର ପ୍ରମୁଖ ପ୍ଲାଟଫର୍ମ 'ସେମିକନ ଇଣ୍ଡିଆ ୨୦୨୫'ରେ ଓଡିଶା ସରକାରଙ୍କ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଅଂଶଗ୍ରହଣ କରିଛି। ଏଠାରେ ଏକ ଉତ୍ସର୍ଗୀକୃତ ଓଡ଼ିଶା ପାଭିଲିଅନ ମାଧ୍ୟମରେ ଓଡ଼ିଶା ସେମିକଣ୍ଡକ୍ଟର ଓ ଆଡ୍‌ଭାନ୍ସଡ ଇଲେକ୍‌ଟ୍ରୋନିକ୍ସ ପାଇଁ ଭାରତର ପରବର୍ତ୍ତୀ ପାୱାରହାଉସ ଭାବେ ନିଜର ଲକ୍ଷ୍ୟକୁ ଉପସ୍ଥାପନ କରିଛି, ଯାହା ଉଲ୍ଲେଖନୀୟ ନିବେଶ, ପ୍ରଗତିଶୀଳ ନୀତି ଓ ଏକ ମଜବୁତ ଟାଲେଣ୍ଟ ଇକୋସିଷ୍ଟମକୁ ପ୍ରଦର୍ଶିତ କରୁଛି। ଏହି ଓଡ଼ିଶା ପାଭିଲିଅନକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ୨ ତାରିଖରେ ଉଦ୍‌ଘାଟନ କରିଥିଲେ ଏବଂ ଏହି ଅବସରରେ ତାଙ୍କ ସହ ଓଡ଼ିଶାର ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ରାଜ୍ୟ ମୁଖ୍ୟ ସଚିବ ମନୋଜ ଆହୁଜା, ଇଆଣ୍ଡଆଇଟି ବିଭାଗର ମୁଖ୍ୟ ସଚିବ ବିଶାଲ ଦେବ, ଇଆଣ୍ଡଆଟି ବିଭାଗର ସ୍ୱତନ୍ତ୍ର ସଚିବ ମାନଓ ରଞ୍ଜନ ପଣ୍ଡାଙ୍କ ସମେତ ବିଭିନ୍ନ ସରକାରୀ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଓଡ଼ିଶା ପାଭିଲିଅନର ଉଦ୍‌ଘାଟନୀ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, "ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ସହ ସମନ୍ୱିତ ହୋଇ ଓଡ଼ିଶା ଭାରତର ଇଲେକ୍‌ଟ୍ରୋନିକ୍ସ ଓ ସେମିକଣ୍ଡକ୍ଟର ଯାତ୍ରାରେ ଏକ ପାୱାରହାଉସରେ ପରିଣତ ହେବା ପାଇଁ ପ୍ରତିବଦ୍ଧ ରହିଛି। ନିର୍ଭୀକ ନୀତି, ଉଲ୍ଲେଖନୀୟ ପ୍ରକଳ୍ପ ଓ ଏକ ସମୃଦ୍ଧ ପ୍ରତିଭା ଆଧାର ସହ ଆମେ ନିବେଶ ପାଇଁ କ୍ଷେତ୍ର ପ୍ରସ୍ତୁତ କରିଛୁ। ଏହି ଅବସରରେ ଓଡ଼ିଶା ସରକାର ଅଗ୍ରଣୀ ଅନ୍ତର୍ଜାତୀୟ କମ୍ପାନୀ ଟପ୍ ଟ୍ରାକ୍ ହାଇଟେକ୍ ପିସିବି ଏବଂ ସାନ୍‌କୋଡ ଟେକ୍ନୋଲୋଜିସ ଲିମିଟେଡ ସହ ଦୁଇଟି ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି।

### ପଞ୍ଜାବରେ ବନ୍ୟା ବିପର୍ଯ୍ୟୟ

## ୭ ଯାଏ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ

**ଚଣ୍ଡିଗଡ, ୩।୯/ଏଜେନ୍ସି:** ପଞ୍ଜାବରେ ଗତ କିଛି ଦିନ ହେବ ବର୍ଷା ବିପ୍ଲାତ ଜାରି ରହିଛି। ଲଗାଣ ବର୍ଷା ଫଳରେ ରାଜ୍ୟବ୍ୟାପୀ ଜଳବନ୍ଦୀ ସ୍ଥିତି ସହ ଗମନାଗମନ, ପରିବହନ ଆଦି ଗୁରୁତର ଭାବେ ପ୍ରଭାବିତ ହୋଇଛି। ରାଜ୍ୟ ସରକାର ୨୩ ଜିଲ୍ଲାକୁ ବନ୍ୟା ପ୍ରଭାବିତ ଜିଲ୍ଲା ଭାବେ ଘୋଷଣା କରିଛନ୍ତି। ବନ୍ୟା କାରଣରୁ ଏଯାଏଁ ପ୍ରାୟ ୩୦ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ରାଜ୍ୟରେ ପ୍ରଭାବିତ ଅନେକ ନଦୀ ଏବେ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛନ୍ତି। ପ୍ରବଳ ବର୍ଷା ପରେ ଅଧିକାଂଶ ଡ୍ୟାମ୍‌ରେ ଜଳସ୍ତର ବୃଦ୍ଧି ପାଇଛି। ଏସବୁ ମଧ୍ୟରେ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଥିବା ବର୍ଷାକୁ ଦୃଷ୍ଟିରେ ରଖି ଅନେକ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଅନ୍ୟପକ୍ଷେ ରାଜ୍ୟ ସରକାର ଆସନ୍ତା ୭ ତାରିଖ ଯାଏ ସମସ୍ତ ସ୍କୁଲ୍, କଲେଜ, ବିଶ୍ୱବିଦ୍ୟାଳୟ ଆଦିକୁ ବନ୍ଦ ରଖିବାକୁ ଘୋଷଣା କରିଛନ୍ତି। ପଞ୍ଜାବରେ ବନ୍ୟା ପରିସ୍ଥିତି ଗୁରୁଦାସପୁର, ପଠାନ୍‌କୋଟ, କାପୁରଥାଲା, ତାରନତରନ, ଫିରୋଜପୁର, ହୋଶିଆରପୁର, ଅମୃତସର, ଜଳନ୍ଧର, ରୂପନଗର ଏବଂ ମାନସା ସମେତ ଅତିକମ୍‌ରେ ୨୩ଟି ଜିଲ୍ଲାର ୧୬୦୦ରୁ ଅଧିକ ଗାଁ ଜଳମଗ୍ନ ହୋଇ ରହିଛି। ଉଦ୍ଧାର କାର୍ଯ୍ୟ ଏବଂ ରିଲିଫ୍ ବଣ୍ଟନ ସେବାକାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି।

## ୟୁକ୍ରେନ୍ ଉପରେ ୫୦୦ରୁ ଉର୍ଦ୍ଧ୍ୱ ଡ୍ରୋନ୍ ଆକ୍ରମଣ

**କିଭ୍, ମସ୍କୋ, ୩।୯/ଏଜେନ୍ସି:** କିଛି ଦିନର ନୀରବତା ପରେ ରୁଷ୍ ପୁଣିଥରେ ୟୁକ୍ରେନ୍ ଉପରେ ଭୟଙ୍କର ଆକ୍ରମଣ କରିଛି। ରିପୋର୍ଟ ଅନୁସାରେ ୫୦୦ରୁ ଅଧିକ ଡ୍ରୋନ୍ ଏବଂ ୨୪ରୁ ଅଧିକ ଘାତକ କ୍ଷେପଣାସ୍ତ୍ର ସହ ରୁଷ୍ ସେନା ୟୁକ୍ରେନ୍ ଉପରେ ପ୍ରହାର କରିଛି। ଏଥିରେ ୟୁକ୍ରେନ୍‌ର ଅନେକ ସହର ଛାରଖାର ହୋଇଯାଇଛି। ଆକ୍ରମଣରେ ୧୨ଜଣ ମୃତ୍ୟୁବରଣ କରିଛନ୍ତି ଏବଂ ଶତାଧିକ ଆହତ ହୋଇଛନ୍ତି। ବିଶେଷକରି ରୁଷ୍ ଆକ୍ରମଣରେ ୟୁକ୍ରେନର ଡିନ୍‌ପ୍ରୋପେଟ୍ରୋଭସ୍କ ଅଞ୍ଚଳରେ ୩ଜଣ ପ୍ରାଣ ହରାଇଛନ୍ତି ଏବଂ ୫ ଜଣ ଆହତ ହୋଇଛନ୍ତି। ସେହିପରି ଅନେକ ଆବାସିକ ବିଲ୍ଡିଂଗୁଡ଼ିକ ମାଟିରେ ମିଶିଯାଇଛି। ସେହିପରି ପୋଲୋହିଭସ୍କି ଜିଲ୍ଲାରେ ରୁଷୀୟ ଆକ୍ରମଣରେ ୨ଜଣ ପ୍ରାଣ ହରାଇଛନ୍ତି। ଏତଦ୍‌ବ୍ୟତୀତ ଖେରସନରେ ଜଣେ ଏବଂ କିଭ୍ ଅଞ୍ଚଳରେ ଜଣେ ଲେଖାଏ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ରୁଷୀୟ ସୈନ୍ୟମାନେ ୟୁକ୍ରେନର ଜାପୋରିଝିଆ ଅଞ୍ଚଳର ୧୮ଟି ଅଞ୍ଚଳ ଉପରେ ୨୪ ଘଣ୍ଟା ମଧ୍ୟରେ ୫୭୮ଥର ଆକ୍ରମଣ କରିଥିବା କୁହାଯାଉଛି।

ସାଂଘାଇ ଶିଖର ସମ୍ମିଳନୀ (ଏସ୍‌ସିଓ) ବୈଠକ ସମୟରେ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଚୀନ୍ ଗସ୍ତରେ ରହିଥିବା ସମୟରେ ରୁଷ୍ ପକ୍ଷରୁ ଆକ୍ରମଣକୁ ବନ୍ଦ ରଖାଯାଇଥିଲା। କିନ୍ତୁ ଏସ୍‌ସିଓ ବୈଠକ ଶେଷ ହେବା ମାତ୍ରେ ରୁଷ୍ ପକ୍ଷରୁ ପୁନର୍ବାର ଆକ୍ରମଣ ଆରମ୍ଭ ହୋଇଯାଇଛି। ପ୍ରକାଶ, ରୁଷ୍-ୟୁକ୍ରେନ୍ ଯୁଦ୍ଧ ଆଜିକୁ ମିଶାଇ ୧୨୮୭ତମ ଦିନରେ ପହଞ୍ଚିଛି। ଏସବୁ ମଧ୍ୟରେ ବୁଧବାର ସୁଦ୍ଧା ରୁଷୀୟ ସୈନ୍ୟମାନେ ଡୋନେଟ୍‌ସ୍ ଅଞ୍ଚଳର ଫେଡୋରିଭକାର ୟୁକ୍ରେନୀୟ ବସତିକୁ ମଧ୍ୟ କବ୍‌ଜା କରିନେଇଛନ୍ତି।

## ୨୦୨୪ ସୁଦ୍ଧା ଆସିଥିବା ପାକ୍, ଆଫଗାନ୍ ଓ ବାଂଲାଦେଶ ସଂଖ୍ୟାଲଘୁଙ୍କୁ ଭାରତରେ ରହିବାକୁ ଅନୁମତି

### ସିଏଏ ଅନ୍ତର୍ଗତ ଭାରତ ସରକାରଙ୍କ ବଡ଼ ଘୋଷଣା

**ନୂଆଦିଲ୍ଲୀ,୩।୯/ଏଜେନ୍ସି:** ବୁଧବାର କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏକ ବଡ଼ ଘୋଷଣା କରାଯାଇଛି। ମନ୍ତ୍ରଣାଳୟ ଦର୍ଶାଇଛି ଯେ, ଧାର୍ମିକ ନିର୍ଯାତନାରୁ ରକ୍ଷା ପାଇବା ପାଇଁ ଆଫଗାନିସ୍ତାନ, ବାଂଲାଦେଶ ଏବଂ ପାକିସ୍ତାନରୁ ଡିସେମ୍ବର ୩୧, ୨୦୨୪ ସୁଦ୍ଧା ଭାରତ ଚାଲିଆସିଥିବା ହିନ୍ଦୁ, ଶିଖ, ବୌଦ୍ଧ, ଜୈନ, ପାର୍ସୀ ଏବଂ ଖ୍ରୀଷ୍ଟିଆନ ଆଦି ସମ୍ପ୍ରଦାୟର ଲୋକମାନଙ୍କୁ (ନିଜ ଦେଶରେ ସଂଖ୍ୟାଲଘୁ ବର୍ଗର ମାନ୍ୟତା ପ୍ରାପ୍ତ) ପାସପୋର୍ଟ କିମ୍ବା ଅନ୍ୟାନ୍ୟ ଯାତ୍ରା କାଗଜପତ୍ର ବିନା ମଧ୍ୟ ଦେଶରେ ରହିବାକୁ ଅନୁମତି ଦିଆଯିବ।

ରିପୋର୍ଟ ଅନୁଯାୟୀ, ଗତ ବର୍ଷ ଲାଗୁ ହୋଇଥିବା ନାଗରିକତା (ସଂଶୋଧନ) ଆଇନ (ସିଏଏ) ଅନୁଯାୟୀ, ଡିସେମ୍ବର ୩୧, ୨୦୧୪ କିମ୍ବା ତା' ପୂର୍ବରୁ ଭାରତ ଆସିଥିବା ଏହି ନିର୍ଯାତିତ ସଂଖ୍ୟାଲଘୁମାନଙ୍କୁ ଭାରତୀୟ ନାଗରିକତା ପ୍ରଦାନ କରାଯିବ ବୋଲି ସେତେବେଳେ ସରକାର ସ୍ପଷ୍ଟ କରିଥିଲେ। କିନ୍ତୁ ସମ୍ପ୍ରତି ପ୍ରଣୀତ ପ୍ରବାସୀ ଏବଂ ବିଦେଶୀ (ନାଗରିକତା) ଆଇନ, ୨୦୨୫ ଅନ୍ତର୍ଗତ ଏବେ ଏହାକୁ ଆଉ ୧୦ ବର୍ଷ ଅର୍ଥାତ୍ ୨୦୨୪ ଶେଷ ସୁଦ୍ଧା ବୃଦ୍ଧି କରାଯାଇଛି। ସିଏଏ ଆଇନ୍ ଯୋଗୁ ୨୦୧୪ ପରେ ପାକିସ୍ତାନରୁ ଚାଲିଆସିଥିବା ସଂଖ୍ୟାଧିକ ହିନ୍ଦୁବର୍ଗର ଲୋକଙ୍କ ଭବିଷ୍ୟତକୁ ଦେଖାଦେଇଥିବା ସଂକଟ ଉପରେ କେନ୍ଦ୍ର ସରକାର ଚିନ୍ତା ପ୍ରକଟ କରିଥିଲେ। ଏବେ ସେମାନଙ୍କୁ ସରକାର ପ୍ରଣୀତ ପ୍ରବାସୀ ଏବଂ ବିଦେଶୀ (ନାଗରିକତା) ଆଇନ, ୨୦୨୫ ଅଧୀନରେ ଭାରତରେ ରହିବାକୁ ସୁଯୋଗ ପ୍ରଦାନ କରିଛନ୍ତି।

ପ୍ରକାଶ କେନ୍ଦ୍ର ସରକାର ୧୧ ମାର୍ଚ୍ଚ ୨୦୨୪ରେ ସାରା ଦେଶରେ ସିଏଏ ଲାଗୁ କରିଥିଲେ। ସିଏଏ ଅଧୀନରେ, ଚଳିତ ବର୍ଷ ମେ' ମାସରେ ପ୍ରଥମ ଥର ପାଇଁ ୧୪ ବାହାର ଦେଶର ନାଗରିକଙ୍କୁ ଭାରତୀୟ ନାଗରିକତା ଦିଆଯାଇଥିଲା। କେନ୍ଦ୍ର ପକ୍ଷରୁ ଜାରି ଅନ୍ୟ ଆଦେଶ ଅନୁସାରେ ଏଣିକି ନେପାଳ-ଭୁଟାନ ନାଗରିକଙ୍କୁ ଭାରତରେ ସିଧାସଳଖ ପ୍ରବେଶ କରିବା ପାଇଁ ପାସପୋର୍ଟ କିମ୍ବା ଭିସାର ଆବଶ୍ୟକତା ନାହିଁ। ଏହି ବ୍ୟବସ୍ଥା ପୂର୍ବ ପରି ଜାରି ରହିବ। ତେବେ ଯଦି ଜଣେ ନେପାଳ କିମ୍ବା ଭୁଟାନ ନାଗରିକ ଚୀନ୍, ମାକାଓ, ହଂକଂ କିମ୍ବା ପାକିସ୍ତାନରୁ ଭାରତ ଆସନ୍ତି, ତେବେ ତାଙ୍କ ପାଇଁ ବୈଧ ପାସପୋର୍ଟ ରଖିବା ବାଧ୍ୟତାମୂଳକ ହେବ।

### ଡ୍ରଗ୍ସ ଚାଲାଣ ସନ୍ଦେହରେ ଆମେରିକା ସେନାର କାର୍ଯ୍ୟାନୁଷ୍ଠାନ

## ଭେନେଜୁଏଲା ବୋଟ୍ ଉପରେ ଆକ୍ରମଣ, ୧୧ ମୃତ



**ୱାଶିଂଟନ୍, କାରାକସ୍, ୩।୯/ଏଜେନ୍ସି:** ଭେନେଜୁଏଲା ବିରୋଧରେ ଆମେରିକା ହଠାତ୍ ସାମରିକ ଆକ୍ରମଣ କରିଛି। ଏଥିରେ ପ୍ରାୟ ୧୧ଜଣ ପ୍ରାଣ ହରାଇଛନ୍ତି। ଏହାକୁ ନେଇ ବିଶ୍ୱସ୍ତରରେ ଏକ ବଡ଼ ଧରଣର ହଲଚଲ୍ ସୃଷ୍ଟି ହୋଇଛି। ତେବେ ଏସମ୍ପର୍କରେ ସୋସିଆଲ ମିଡିଆ ଯୋଗେ ସୂଚନା ଦେଇଛନ୍ତି ନିଜେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍। ଟ୍ରମ୍ପ୍ ସ୍ପଷ୍ଟ କରିଛନ୍ତି ଯେ ଭେନେଜୁଏଲାର ଏକ ଡ୍ରଗ୍ସ ବୋଝେଇ ବୋଟ୍ ଉପରେ ସାମରିକ ଆକ୍ରମଣ କରାଯାଇଛି। ଆମେରିକା ନୌସେନା ପକ୍ଷରୁ ଏହି ଆକ୍ରମଣ କରାଯାଇଥିବା ବେଳେ ଏଥିରେ ୧୧ ଡ୍ରଗ୍ସ ଚାଲାଣକାରୀଙ୍କର ମୃତ୍ୟୁ ହୋଇଛି।

ଟ୍ରମ୍ପ କହିଛନ୍ତି ଯେ "ଆଜି ସକାଳେ ସେ ନିର୍ଦ୍ଦେଶ ଦେଇଥିଲେ ଏବଂ ତାଙ୍କ ନିର୍ଦ୍ଦେଶକ୍ରମେ ଆମେରିକୀୟ ସାମରିକ ବାହିନୀ 'ସାଉଥ୍ କମ୍' ଅଞ୍ଚଳରେ ଟ୍ରେନ୍ ଡି ଆରାଗୁଆ (ଟିଡିଏ) ନାର୍କୋ ଗ୍ୟାଙ୍ଗ୍ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଟିଡିଏ ହେଉଛି ଏକ ବିଦେଶୀ ଆତଙ୍କବାଦୀ ସଂଗଠନ। ଯାହାକି ନିକୋଲାସ ମାଦୁରୋଙ୍କ ନିୟନ୍ତ୍ରଣରେ କାର୍ଯ୍ୟ କରିଥାଏ। ଏହା ଉପରେ ଗଣହତ୍ୟା, ଡ୍ରଗ୍ସ ଚାଲାଣ, ମାନବ ଚାଲାଣ ଏବଂ ଆମେରିକା ବିରୋଧରେ ଦାଦାବଟି ଆଦାୟ ଅଭିଯୋଗ ରହିଛି। ଟ୍ରମ୍ପ୍‌ଙ୍କ କହିବାନୁସାରେଯେତେବେଳେ ଆତଙ୍କବାଦୀମାନେ ଅନ୍ତର୍ଜାତୀୟ ଜଳସୀମାରେ ଡ୍ରଗ୍ସର ଏକ ମାଲ ନେଇ ଆମେରିକା ଅଭିମୁଖେ ଆସୁଥିଲେ ତାଙ୍କୁ ଏସମ୍ପର୍କରେ ଅବଗତ କରାଯାଇଥିଲା। ସେ ଆକ୍ରମଣ ନିର୍ଦ୍ଦେଶ ଦେଇଥିଲେ ଏବଂ ତାଙ୍କ ସେନା ଏହି ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ।

ଟ୍ରମ୍ପ୍ ମୃତ ୧୧ଜଣଙ୍କୁ ଆତଙ୍କବାଦୀ ଭାବେ ଅଭିହିତ କରିଛନ୍ତି। ସେ କହିଛନ୍ତି ଆକ୍ରମଣରେ ୧୧ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି ତେବେ ଏହି ଅପରେସନରେ ଆମେରିକୀୟ ସେନାର କୌଣସି କ୍ଷତି ହୋଇନାହିଁ। ଏହି ବାର୍ତ୍ତାଟି ସେହି ବ୍ୟକ୍ତିଙ୍କ ପାଇଁ ଏକ ଚେତାବନୀ; ଯେଉଁମାନେ ଆମେରିକାକୁ ଡ୍ରଗ୍ସ ଆଣିବାକୁ ଚିନ୍ତା କରୁଛନ୍ତି ବୋଲି ଟ୍ରମ୍ପ୍ କହିଛନ୍ତି। ଟ୍ରମ୍ପ୍ ଅଭିଯୋଗ କରି କହିଛନ୍ତି ଆମେରିକା ଗତ ଫେବ୍ରୁଆରୀରେ ଟିଡିଏକୁ ଆତଙ୍କବାଦୀ ଗୋଷ୍ଠୀ ଭାବେ ଘୋଷଣା କରିସାରିଛି। ଟ୍ରମ୍ପ୍‌ଙ୍କ କହିବାନୁସାରେ ଟିଡିଏ ଭେନେଜୁଏଲାର ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଛି।

ଅନ୍ୟପକ୍ଷେ ଭେନେଜୁଏଲାର ଯୋଗାଯୋଗ ମନ୍ତ୍ରୀ ଫ୍ରେଡି ନାନେଜ୍, ସୋସିଆଲ ମିଡିଆରେ ଏକ ପୋଷ୍ଟରେ ପରାମର୍ଶ ଦେଇଛନ୍ତି ଯେ ଟ୍ରମ୍ପଙ୍କ ଦ୍ୱାରା ସେୟାର କରାଯାଇଥିବା ଭିଡିଓଟି କୃତ୍ରିମ ବୁଦ୍ଧିମତା ସହିତ ସୃଷ୍ଟି କରାଯାଇଛି। ଏହା ସତ୍ୟ ନୁହେଁ। ଅନ୍ୟପକ୍ଷେ ଆମେରିକାର ପ୍ରତିରକ୍ଷା ବିଭାଗ ପେଣ୍ଟାଗନ୍ ଏସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ପ୍ରକାଶ କରିନାହିଁ। ଆକ୍ରମଣ ହୋଇଥିବା ଜାହାଜରେ କେଉଁ ପ୍ରକାରର ଡ୍ରଗ୍ସ ଥିଲା, ଏହାର ପରିମାଣ, କିମ୍ବା କିପରି ଆକ୍ରମଣ କରାଯାଇଥିଲା ସେସବୁ ସମ୍ପର୍କରେ ପେଣ୍ଟାଗନ୍ କିଛି ବି ସୂଚନା ଦେଇନାହିଁ। ସୁତରାଂ ଏହା ଏକ ମନଗଢ଼ା କଥା ବୋଲି ଫ୍ରେଡି ନାନେଜ୍ କହିଛନ୍ତି। କାରିବିଆନ୍ ଦେଇ ଯାଉଥିବା ଏକ ସନ୍ଦିଗ୍ଧ ଡ୍ରଗ୍ସ ଜାହାଜକୁ ଜବତ କରିବା ଏବଂ ଏହାର କର୍ମଚାରୀଙ୍କୁ ଗିରଫ କରିବା ପରିବର୍ତ୍ତେ ଉଡ଼ାଇ ଦେବାର ନିଷ୍ପତ୍ତି ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ। ଆମେରିକା ରାଷ୍ଟ୍ରପତି ଏପ୍ରକାର ମିଥ୍ୟା ଅଭିଯୋଗ ଆଣି ଭେନେଜୁଏଲାକୁ ବଦନାମ୍ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ସେ କହିଛନ୍ତି।

### କୋର୍ଟ ପକ୍ଷରୁ ଟ୍ରମ୍ପ୍‌ଙ୍କୁ ଆଉ ଏକ ଶକ୍ତ ଝଟ୍‌କା

## ସେନା ମୁତୟନ ନିର୍ଦ୍ଦେଶ ଉପରେ ରୋକ୍

**ୱାଶିଂଟନ୍, ୩।୯/ଏଜେନ୍ସି:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ପୁଣିଥରେ କୋର୍ଟ ଝଟ୍‌କା ଲାଗିଛି। କିଛି ଦିନ ପୂର୍ବେ ଆମେରିକାର ଏକ ଫେଡେରାଲ୍ କୋର୍ଟ ଟ୍ରମ୍ପ୍‌ଙ୍କ ଟାରିଫ୍ ନୀତିକୁ ଅବୈଧ ଘୋଷଣା କରିଥିଲେ ଏବଂ ଏପ୍ରକାର ଟାରିଫ୍ ଲାଗୁ କରିବାର କ୍ଷମତା ରାଷ୍ଟ୍ରପତିଙ୍କ ପାଖରେ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଥିଲେ। କୋର୍ଟଙ୍କ ଏପ୍ରକାର ରାୟ ଟ୍ରମ୍ପ୍‌ଙ୍କ ପାଇଁ ମୁଣ୍ଡବିନ୍ଧା ସଜାଇଦେଇଛି। ଯଦିଓ ଫେଡେରାଲ୍ କୋର୍ଟ ଟ୍ରମ୍ପ୍‌ଙ୍କ ଟାରିଫ୍ ନୀତି ଉପରେ ରୋକ୍ ଲଗାଇନଥିଲେ କିମ୍ବା ନିଷିଦ୍ଧ ଘୋଷଣା କରିନାହାନ୍ତି କିନ୍ତୁ ଟ୍ରମ୍ପ୍ ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ବାଧ୍ୟ ହୋଇଛନ୍ତି। ତେବେ ଏବେ ପୁଣି ଥରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆଉ ଏକ ନିର୍ଦ୍ଦେଶନାମା ଉପରେ ଆଜି ଆମେରିକୀୟ ଫେଡେରାଲ୍ କୋର୍ଟ ରୋକ୍ ଲଗାଇଛନ୍ତି।



ରିପୋର୍ଟ ଅନୁସାରେ ଆଜି ଏକ ମାମଲା ଉପରେ ଶୁଣାଣି କରି ବିଚାରପତି ରାୟ ଦେଇ କହିଛନ୍ତି ଯେ ଟ୍ରମ୍ପ ପ୍ରଶାସନ ଗତ ଗ୍ରୀଷ୍ମ ଋତୁରେ ଲସ୍ ଆଞ୍ଜେଲସ୍‌ରେ ୪୦୦୦ରୁ ଉର୍ଦ୍ଧ୍ୱ ନ୍ୟାସନାଲ ଗାର୍ଡ ଏବଂ ଏବଂ ୭୦୦ ମେରାଇନ୍ ସୈନିକଙ୍କୁ ନିୟୋଜିତ କରି ଆମେରିକୀୟ ଆଇନ ଉଲ୍ଲଂଘନ କରିଛନ୍ତି। ବିଚାରପତିଙ୍କ କହିବାନୁସାରେ ପ୍ରଶାସନର ଏପ୍ରକାର କାର୍ଯ୍ୟ ପୋସେ କମିଟାଟସ୍ ଆଇନକୁ ଉଲ୍ଲଂଘନ କରିଛି, ଯାହା ଘରୋଇ ଆଇନ ପ୍ରବର୍ତ୍ତନ ପାଇଁ ସାମରିକ ବାହିନୀର ବ୍ୟବହାରକୁ ନିଷିଦ୍ଧ କରେ। ନ୍ୟାସନାଲ ଗାର୍ଡ ସୈନିକଙ୍କ ନିୟୋଜିତକୁ କୋର୍ଟ ବେଆଇନ ବୋଲି କହିଛନ୍ତି। ତେବେ ଏହି ମାମଲାର ଚୂଡାନ୍ତ ରାୟ ଆସନ୍ତା ୧୨ ତାରିଖରେ ଘୋଷଣା କରାଯିବ ବୋଲି କୋର୍ଟ ତାରିଖ ଧାର୍ଯ୍ୟ କରିଛନ୍ତି। କାଲିଫର୍ଣ୍ଣିଆ ରାଜ୍ୟପାଳ ଗୌଭିନ୍ ନ୍ୟୁସମ୍‌ଙ୍କ ଆବେଦନ ଉପରେ କୋର୍ଟ ଶୁଣାଣି କରିଛନ୍ତି।



ଗତ ରବିବାର ଠାରୁ ଲଗାଣ ବର୍ଷା ଜାରି ରହିଥିବା ବେଳେ ଦିଲ୍ଲୀରେ ପରିସ୍ଥିତି ଜଟିଳ ହୋଇପଡିଛି। ଯମୁନା ନଦୀର ଜଳସ୍ତର ବିପଦ ସଙ୍କେତ ଟପିଥିବା ବେଳେ ନଦୀକୂଳରେ ଥିବା ଏକାଧିକ କଲୋନୀରେ ପାଣି ପ୍ରବେଶ କରିଥିବା ଲକ୍ଷ୍ୟ କରାଯାଇଛି। ଯମୁନା ନଦୀକୂଳରେ ବାସ କରୁଥିବା ଲୋକଙ୍କୁ ଅନ୍ୟତ୍ର ଚାଲିଯିବାକୁ ପରାମର୍ଶ ଦିଆଯାଇଛି। ଯମୁନା ନଦୀର ଜଳ ବିପଦ ସଙ୍କେତ (୨୦୫.୩୩ ମିଟର) ଅତିକ୍ରମ କରିବାରୁ ସହରର ୨୮ଟି ସ୍ଥାନରୁ ପ୍ରାୟ ୧୦,୦୦୦ରୁ ଅଧିକ ଲୋକଙ୍କୁ ବିସ୍ଥାପିତ କରାଯାଇଛି। ତେବେ ଦିଲ୍ଲୀରେ ଏପ୍ରକାର ବର୍ଷାଜନିତ ପରିସ୍ଥିତି ଗତ ୬୩ ବର୍ଷ ମଧ୍ୟରେ ୪ର୍ଥ ଥର ପାଇଁ ଦେଖିବାକୁ ମିଳିଛି।

### ଆମେରିକାକୁ ଜିନ୍‌ପିଙ୍ଗ୍‌ଙ୍କ ଶାଣିତ ଜବାବ

## ଚୀନ୍ କାହା ଧମକକୁ ଡ଼ରେନି

**ବେଜିଂ, ୩।୯/ଏଜେନ୍ସି:** 'ଚୀନ୍ କାହାକୁ ଭୟ କରେନି'। ଏପରି ଏକ ବୟାନ୍ ଦେଇଛନ୍ତି ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍। ବେଜିଂ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଚୀନ୍‌ବାସୀଙ୍କୁ ସମ୍ବୋଧିତ କରି ଜିନ୍‌ପିଙ୍ଗ୍ ଏପରି କହିଛନ୍ତି। ତାଙ୍କ କହିବାନୁସାରେ ଚୀନ୍ ଏକ ମହାନ୍ ଦେଶ। ଏହାର ପରମ୍ପରା, ସଭ୍ୟତା, ସଂସ୍କୃତି ମହାନ୍। ଚୀନ୍ ସର୍ବଦା ଆଗକୁ ବଢ଼ିଛି ଏବଂ ବଢ଼ିବ। ସେ ସିଧାସଳଖ ଟ୍ରମ୍ପ୍‌ଙ୍କ ନାମ ନଧରି କହିଥିଲେ, କିଛି ନେତା ଏବେ ସମଗ୍ର ବିଶ୍ୱକୁ ଜଙ୍ଗଲ ଏବଂ ନିଜକୁ ସେହି ଜଙ୍ଗଲର ରାଜା ବୋଲି ଭାବୁଛନ୍ତି। କିନ୍ତୁ ସେମାନେ ଭୁଲିଯାଉଛନ୍ତି ଯେ, ସମୟ ପରିବର୍ତ୍ତନ ହୋଇଛି। ଆଉ କେହି ବି ବିଶ୍ୱ ଜଙ୍ଗଲ ରାଜ୍ ନୀତିକୁ ପ୍ରଶ୍ରୟ ଦେବେ ନାହିଁ। ବଡ ଦେଶଗୁଡିକ ଛୋଟ ଏବଂ ଦୁର୍ବଳ ଦେଶମାନଙ୍କୁ ଧମକ ଦେବାର ପରମ୍ପରା ଏବେ ଶେଷ ହୋଇସାରିଛି। ଆଉ କେହି କାହାକୁ ଧମକ ଦେଇପାରିବେ ନାହିଁ। ସମସ୍ତେ ଶାନ୍ତି ଚାହୁଁଛନ୍ତି, ଅଯଥା ବଡ଼ ପଣିଆ ଦେଖାଇ, କୌଣସି ଏକ ପ୍ରସଙ୍ଗରେ ଧମକ ଦେଇ କିଛି ବି ହାସଲ ହେବନାହିଁ। ଜିନ୍‌ପିଙ୍ଗ୍‌ଙ୍କ କହିବାନୁସାରେ ଆଜି ବିଶ୍ୱ ପୁଣିଥରେ ଶାନ୍ତି କିମ୍ବା ଯୁଦ୍ଧ, ଆଲୋଚନା କିମ୍ବା ମୁକାବିଲା ବାଛିବାକୁ ବାଧ୍ୟବସ୍ଥା ସ୍ଥିତିରେ ପହଞ୍ଚିଛି। କିନ୍ତୁ ଚୀନ୍ ଇତିହାସ ଏବଂ ମାନ ପ୍ରଗତିରେ ଡାହାଣ ପାର୍ଶ୍ୱର୍ରେ ଦୃଢ ଭାବରେ ସର୍ବଦା ଛିଡା ହୋଇ ରହିଆସିଛି ଏବଂ ଆଗକୁ ମଧ୍ୟ ଏହା ଜାରି ରହିବ। ମାନବ ଜାତି ପାଇଁ ଏକ ସହଭାଗୀ ଭବିଷ୍ୟତ ସହିତ ଏକ ସମ୍ପ୍ରଦାୟ ଗଠନ କରିବା ପାଇଁ ଚୀନ ବିଶ୍ୱ ସହିତ ହାତ ମିଳାଇବ।



ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନ୍ ଉପରେ ବିଜୟକୁ ଚୀନ୍ ବିଜୟ ଦିବସ ଭାବେ ପାଳନ କରିଆସୁଛି। ଚଳିତ ବର୍ଷ ମଧ୍ୟ ସେପ୍ଟେମ୍ବର ୩ ତାରିଖକୁ ଚୀନ୍ ବିଜୟର ୮୦ବର୍ଷ ପୂର୍ତ୍ତି ଭାବେ ପାଳନ କରିଛି। ତେବେ ଏହି ଅବସରରେ ରାଜଧାନୀ ବେଜିଂ ଠାରେ ମିଲିଟାରୀ ପରେଡ୍‌ର ଆୟୋଜନ କରାଯାଇଥିଲା। ଏହା ସହିତ ଚୀନ୍ ବିଶ୍ୱକୁ ଏହାର ସାମରିକ ଶକ୍ତି ମଧ୍ୟ ପ୍ରଦର୍ଶନ କରିଥାଏ। ତେବେ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍ ଏହି ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିବା ବେଳେ ଏହି ଅବସରରେ ସେ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ତାଙ୍କର ଏପ୍ରକାର ମନ୍ତବ୍ୟ ଆମେରିକା ଉଦ୍ଦେଶ୍ୟରେ ଏକ ଶକ୍ତ ଜବାବ ବୋଲି ଅନୁମାନ କରାଯାଉଛି। ପ୍ରକାଶ, ଆଜିର ଏହି ପରେଡ୍ ଅବସରରେ ସି ଜିନ୍‌ପିଙ୍ଗ୍‌ଙ୍କ ସହ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଏବଂ ଉତ୍ତରକୋରିଆର ଏକଛତ୍ରବାଦୀ ଶାସକ କିମ୍ ଜୋଙ୍ଗ୍ ଉନ୍ ମଧ୍ୟ ଅଂଶଗ୍ରହଣ କରିଥିଲେ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍, ଏବେ ବିଶ୍ୱର ଅଧିକାଂଶ ଦେଶଙ୍କ ଉପରେ ଅତିରିକ୍ତ ଟାରିଫ୍ ଲାଗୁ କରିଛନ୍ତି। ଏହାକୁ ନେଇ ଅନେକ ଦେଶ ସହ ଆମେରିକାର ସମ୍ପର୍କ ପ୍ରଭାବିତ ହୋଇଛି। ଏହିକ୍ରମେ ଚୀନ୍ ମଧ୍ୟ ଆମେରିକାର ଏହି ବର୍ଦ୍ଧିତ ଟାରିଫ୍ ଯୋଗୁ ପ୍ରଭାବିତ ହୋଇଛି। ସୁତରାଂ ଚୀନ୍ ଏବଂ ଆମେରିକା ମଧ୍ୟରେ ଏକ ପ୍ରକାର ଶୀତଳ ଯୁଦ୍ଧ ଆରମ୍ଭ ହୋଇଯାଇଛି।

## ଡିଏଫ୍‌ସିସିଆଇଏଲ୍ ପରିଚାଳନା ନିର୍ଦ୍ଦେଶକଙ୍କ ଇଡିଏଫ୍‌ସି ପରିଦର୍ଶନ

**ନୂଆଦିଲ୍ଲୀ, ୩।୯/ଏଜେନ୍ସି:** ଡେଡିକେଟେଡ୍ ଫ୍ରେଟ୍ କରିଡର କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ୍ (ଡିଏଫ୍‌ସିସିଆଇଏଲ୍)ର ପରିଚାଳନା ନିର୍ଦ୍ଦେଶକ ପ୍ରବୀଣ କୁମାର ବୁଧବାର ଇଷ୍ଟର୍ଣ୍ଣ ଡେଡିକେଟେଡ୍ ଫ୍ରେଟ୍ କରିଡର (ଇଡିଏଫ୍‌ସି)ର ନ୍ୟୁ ଦାଦ୍ରି-ନ୍ୟୁ ଖୁର୍ଜା - ନ୍ୟୁ ଚାଓ୍ୱାପାଇଲ୍ ସେକ୍ସନ ପରିଦର୍ଶନ କରିଛନ୍ତି। ଏଥିସହ ସେ କରିଡରଗୁଡ଼ିକରେ ଚାଲିଥିବା ପ୍ରକଳ୍ପଗୁଡ଼ିକର ମଧ୍ୟ ସମୀକ୍ଷା କରିଥିଲେ ଏବଂ ପ୍ରୋତ୍ସାହନ ମିଳିବ ନାହିଁ, ବରଂ ଆଞ୍ଚଳିକ ବିକାଶ ଏବଂ ସ୍ଥାନୀୟ ନିଯୁକ୍ତି ସୁଯୋଗରେ ଉଲ୍ଲେଖନୀୟ ବୃଦ୍ଧି ଏବଂ ସାମାଜିକ-ଆର୍ଥିକ ଅବସ୍ଥାରେ ମଧ୍ୟ ଉନ୍ନତି ଆଣିବ ବୋଲି ପ୍ରବୀଣ କୁମାର ମୁଖ୍ୟମନ୍ତ୍ରୀଙ୍କୁ କହିଛନ୍ତି। ନ୍ୟୁ ତଲହେରୀ ଟ୍ରାକ୍ସନ୍ ସବ୍ ଷ୍ଟେସନ୍ (ଟିଏସ୍‌ଏସ୍) ନିରୀକ୍ଷଣ ସମୟରେ ପ୍ରବୀଣ କହିଛନ୍ତି ଯେ ଏହି ଟିଏସ୍‌ଏସ୍ କରିଡରରେ ଚାଲୁଥିବା ବୈଦ୍ୟୁତିକ ମାଲବାହୀ ଟ୍ରେନ୍‌ଗୁଡ଼ିକ ପାଇଁ ଶକ୍ତି ଯୋଗାଣର



### ହରିଆଣା ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ କଲେ ପ୍ରବୀଣ କୁମାର

ମାଲ ପରିବହନକୁ ଅଧିକ ସୁରକ୍ଷିତ ଏବଂ ଉନ୍ନତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଏହିକ୍ରମେ ସେ ହରିଆଣା ମୁଖ୍ୟମନ୍ତ୍ରୀ ନାଏବ ସିଂହ ସାଇନିଙ୍କୁ ଭେଟି ଡିଏଫ୍‌ସିସିଆଇଏଲ୍ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ସେ ମୁଖ୍ୟମନ୍ତ୍ରୀ ସାଇନିଙ୍କୁ ଏକ କଫି ଟେବୁଲ ବୁକ୍ ମଧ୍ୟ ପ୍ରଦାନ କରିଥିଲେ। ବୈଠକ ସମୟରେ, ପ୍ରବୀଣ କୁମାର ମୁଖ୍ୟମନ୍ତ୍ରୀଙ୍କୁ ଏହି ଡେଡିକେଟେଡ୍ ଫ୍ରେଟ୍ କରିଡରର ଭିତ୍ତିଭୂମି ବିକାଶ ଦ୍ୱାରା ନୂଆ ରେଓ୍ୱାଡି (ହରିଆଣା) ଏବଂ କାଠୁଓ୍ୱାସ୍ (ରାଜସ୍ଥାନ)ର ଶିଳ୍ପପତି ଏବଂ ବ୍ୟବସାୟୀମାନେ ଖର୍ଚ୍ଚ ହ୍ରାସ, ଦ୍ରୁତ ବିତରଣ ଏବଂ ଉତ୍ତମ ଲଜିଷ୍ଟିକ୍ସ ଭଳି ସୁବିଧାର ଲାଭ ପାଇପାରିବେ ବୋଲି ଆଶ୍ୱସ୍ତ କରିଥିଲେ। ଏହା କେବଳ ଶିଳ୍ପ କାର୍ଯ୍ୟକଳାପକୁ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ପ୍ରମାଣିତ ହେବ। ଆଧୁନିକ ପ୍ରଯୁକ୍ତିବିଦ୍ୟା ସହ ସୁସଜ୍ଜିତ ଏହି ସୁବିଧା ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବ, ମାଲବାହୀ ଟ୍ରେନ୍‌ଗୁଡ଼ିକୁ ଉଚ୍ଚ ଗତି ଏବଂ ଅଧିକ କ୍ଷମତାସମ୍ପନ୍ନ କରିବ। ସୁତରାଂ ଏପରି ସବ୍ ଷ୍ଟେସନ୍ ନିର୍ମାଣକୁ ଡିଏଫ୍‌ସିସିଆଇଏଲ୍‌ର ପ୍ରାଥମିକତାରେ ଅନ୍ତର୍ଭୁକ୍ତ କରାଯାଇଛି। ଏତଦ୍‌ବ୍ୟତୀତ, ପ୍ରବୀଣ କୁମାର ନ୍ୟୁ ଖାନା ଷ୍ଟେସନ୍‌ରେ ଅବସ୍ଥିତ ରେଳ ଗ୍ରିନ୍ଡିଂ ମେସିନ୍ (ଆର୍‌ଜିଏମ୍) ସାଇଡିଂ, ନ୍ୟୁ ଅମ୍ବାଲା ସିଟିରେ ନିର୍ମିତ ନବନିର୍ମିତ ଷ୍ଟାଫ୍ କ୍ୱାର୍ଟର୍ସ ଏବଂ ନ୍ୟୁ ଚାଓ୍ୱାପାଇଲ୍ ଠାରେ ଇଣ୍ଟରମିଡିଏଟ୍ ମେଣ୍ଟେନାନ୍ସ ଡିପୋ (ଆଇଏମ୍‌ଡି)କୁ ମଧ୍ୟ ଶୁଭାରମ୍ଭ କରିଥିଲେ। ସେ ଏସବୁ ପ୍ରକଳ୍ପର କାର୍ଯ୍ୟ ଅଗ୍ରଗତି, ନିର୍ମାଣ ଗୁଣବତ୍ତା ଏବଂ ଅନ୍ୟାନ୍ୟ ସହସମ୍ବନ୍ଧିତ ବିଷୟରେ ଅଧିକାରୀଙ୍କଠାରୁ ବିସ୍ତୃତ ସୂଚନା ନେଇଥିଲେ। ସେ କହିଥିଲେ ଯେ କେବଳ ବଡ଼ ପ୍ରକଳ୍ପ ନୁହେଁ, ବରଂ ଷ୍ଟାଫ୍ କ୍ୱାର୍ଟର୍ସ, ସାଇଡିଂ ଏବଂ ପରିଚାଳନା ସମ୍ବନ୍ଧୀୟ ସୁବିଧା ଭଳି ସହାୟକ ଭିତ୍ତିଭୂମି ମଧ୍ୟ ଗୁରୁତ୍ୱପୂର୍ଣ୍ଣ, ଏହା ବିନା କରିଡରର କାର୍ଯ୍ୟକ୍ଷମତା ସମ୍ପୂର୍ଣ୍ଣ ହୋଇପାରିବ ନାହିଁ।

ଯାଞ୍ଚପ୍ରକ୍ରିୟା ପରେ ଅଧିକାରୀମାନଙ୍କ ସହ କଥାବାର୍ତ୍ତା ସମୟରେ, ପ୍ରବୀଣ କୁମାର ଗୁରୁତ୍ୱାରୋପ ପୂର୍ବକ କହିଥିଲେ ଯେ ଡିଏଫ୍‌ସିସିଆଇଏଲ୍‌ର ଲକ୍ଷ୍ୟ କେବଳ ମାଲ ପରିବହନ କ୍ଷମତା ବୃଦ୍ଧି କରିବା ନୁହେଁ ବରଂ ଭାରତୀୟ ରେଳବାଇର ଲଜିଷ୍ଟିକ୍ସ ସିଷ୍ଟମକୁ ବିଶ୍ୱସ୍ତରୀୟ ସ୍ତରରେ ପହଞ୍ଚାଇବା ମଧ୍ୟ ଲକ୍ଷ୍ୟ ରହିଛି। ସେ ସର୍ବୋତ୍ତମ ସୁରକ୍ଷା ମାନଦଣ୍ଡ ଅନୁସରଣ କରିବାକୁ କହିଥିଲେ। ସେ ନିର୍ମାଣ ସମୟରେ ଗୁଣବତ୍ତା ଉନ୍ନତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ସୁରକ୍ଷା ଏବଂ ଗୁଣବତ୍ତା ଉପରେ କୌଣସି ସାଲିସ କରାଯିବ ନାହିଁ। କାରଣ ଏହି ପ୍ରକଳ୍ପଗୁଡ଼ିକ ଆଗାମୀ ଦଶନ୍ଧି ପାଇଁ ଭାରତର ଅର୍ଥନୀତିକୁ ଏକ ନୂତନ ଦିଗଦର୍ଶନ ଦେବାକୁ ଯାଉଛି। ସେ ବିଶେଷ ଭାବରେ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ମାଲ ପରିବହନ କରିଡରରେ ମାଲ ପରିବହନ ଟ୍ରେନର ହାରାହାରି ଗତି, ସମୟାନୁବର୍ତ୍ତୀ ବିତରଣ ଏବଂ ଲଜିଷ୍ଟିକ୍ସର ନିର୍ଭରଯୋଗ୍ୟତା ବୃଦ୍ଧି ପାଇବ। ଏହା ସହିତ, ପ୍ରଯୁକ୍ତିବିଦ୍ୟା, ପରିଚାଳନା ଏବଂ ମାନବ ସମ୍ବଳର ସମନ୍ୱୟ ପ୍ରଭାବଶାଳୀ ହେବ।

## ନକ୍ସଲ ମୁକ୍ତ ନହେବା ଯାଏ ଶାନ୍ତିରେ ବସିବୁ ନାହିଁ: କେନ୍ଦ୍ର ଗୃହମନ୍ତ୍ରୀ

**ନୂଆଦିଲ୍ଲୀ,୩।୯/ଏଜେନ୍ସି:** ବୁଧବାର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏକ ବଡ଼ କଥା କହିଛନ୍ତି। ଶାହ କହିଛନ୍ତି ଯେ ଯେପର୍ଯ୍ୟନ୍ତ ଦେଶରୁ ନକ୍ସଲବାଦର ମୂଳୋତ୍ପାଟନ ନହୋଇଛି ସେପର୍ଯ୍ୟନ୍ତ ତାଙ୍କ ସରକାର ଶାନ୍ତିରେ ବସିବ ନାହିଁ। ସମସ୍ତ ନକ୍ସଲ ଆତ୍ମସମର୍ପଣ କରିନାହାନ୍ତି କିମ୍ବା ଧରାପଡ଼ିନାହାନ୍ତି ବା ନିପାତ ନହୋଇଛନ୍ତି ସେପର୍ଯ୍ୟନ୍ତ ମୋଦୀ ସରକାର ଚୁପ୍ ହୋଇ ବସିବ ନାହିଁ। ଧାର୍ଯ୍ୟ ସମୟ (୩୧ ମାର୍ଚ୍ଚ, ୨୦୨୬) ସୁଦ୍ଧା ନକ୍ସଲ ପ୍ରଭାବିତ ଅଞ୍ଚଳଗୁଡ଼ିକରୁ ନକ୍ସଲବାଦକୁ ସମାପ୍ତ କରାଯିବା ପରେ ହିଁ ଲକ୍ଷ୍ୟ ସାଧନ ହେବ। ଶାହ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଭାରତକୁ ନକ୍ସଲମୁକ୍ତ କରିବା ପାଇଁ ପ୍ରତିବଦ୍ଧ।

ଛତିଶଗଡ଼ର କାରେଗୁଟ୍ଟା ପାହାଡ଼ରେ 'ଅପରେସନ୍ ବ୍ଲାକ୍ ଫରେଷ୍ଟ' ସମ୍ପର୍କରେ ପ୍ରତିକ୍ରିୟା ରଖିବା ଅବସରରେ ଶାହ ଏପରି କହିଛନ୍ତି। ଏତଦ୍‌ବ୍ୟତୀତ ଏପ୍ରକାର ଏକ କଷ୍ଟସାଧ୍ୟ ଅପରେସନ୍‌କୁ ସଫଳତାର ସହ ପରିଚାଳନା କରିଥିବା ସିଆରପିଏଫ୍, ଛତିଶଗଡ଼ ପୁଲିସ୍, ଜିଲ୍ଲା ରିଜର୍ଭ ଗାର୍ଡ (ଡିଆର୍‌ଜି) ଏବଂ 'କୋବ୍ରା' ବାହିନୀର ସୁରକ୍ଷାକର୍ମୀମାନଙ୍କୁ ଶାହ ଅଭିନନ୍ଦନ ଜଣାଇଛନ୍ତି। 'ଅପରେସନ୍ ବ୍ଲାକ୍ ଫରେଷ୍ଟ' ସମୟରେ ସୁରକ୍ଷା ବଳ ଦେଖାଇଥିବା ସାହସ ନକ୍ସଲ ବିରୋଧୀ ଅଭିଯାନର ଇତିହାସରେ ଏକ ସୁବର୍ଣ୍ଣ ଅଧ୍ୟାୟ ଭାବରେ ମନେ ରଖାଯିବ। ପାଦେ ପାଦେ ଆଇଇଡି ବିସ୍ଫୋରଣ ଭଳି ବିପଦ ସତ୍ତ୍ୱେ, ସୁରକ୍ଷା ବାହିନୀ କଠିନ ମନୋବଳ ସହିତ ଅପରେସନ୍ ଚଳାଇଥିଲେ ଏବଂ ଏକ ପ୍ରମୁଖ ନକ୍ସଲ ବେସ୍ କ୍ୟାମ୍ପକୁ ସଫଳତାର ସହିତ ଧ୍ୱଂସ କରିଥିଲେ। ପ୍ରକାଶ ସେନା ଯବାନ୍‌ଙ୍କ ଅପରେସନ୍ ଯୋଗୁ ପ୍ରାୟ ୧୬ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ନକ୍ସଲବାଦୀମାନେ ଦେଶର କିଛି ଅନୁନ୍ନତ ଅଞ୍ଚଳରେ ବିପୁଳ କ୍ଷତି ଘଟାଇଛନ୍ତି, ସ୍କୁଲ, ହସ୍ପିଟାଲ ନିର୍ମାଣକୁ ବାଧା ଦେଇଛନ୍ତି ଏବଂ ସରକାରଙ୍କ କଲ୍ୟାଣକାରୀ ଯୋଜନାକୁ ବାଧା ଦେଇଛନ୍ତି। ସେମାନଙ୍କୁ କୌଣସି ପରିସ୍ଥିତିରେ ମଧ୍ୟ ହାଲ୍‌କା ଭାବେ ଗ୍ରହଣ କରାଯିବ ନାହିଁ। ସେମାନଙ୍କୁ ଆତ୍ମସମର୍ପଣ କରିବାକୁ ବାଧ୍ୟ କରାଯିବ, ଯେଉଁମାନେ ଆତ୍ମସମର୍ପଣ କରିବେ ନାହିଁ ସେମାନେ ସୁରକ୍ଷାକର୍ମୀଙ୍କ ଗୁଳିରେ ନିହତ ହେବା ନିଶ୍ଚିତ।



ଗୃହମନ୍ତ୍ରୀ ଶାହ କହିଛନ୍ତି ଯେ, ନିରନ୍ତର ନକ୍ସଲ ବିରୋଧୀ ଅଭିଯାନ ଜାରି ରହିବା ଯୋଗୁଁ, ପଶୁପତିନାଥରୁ ତିରୁପତି ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳର ୬.୫ କୋଟି ଲୋକଙ୍କ ଜୀବନରେ ଏକ 'ନୂତନ ସୂର୍ଯ୍ୟୋଦୟ' ଘଟିଛି। ଆଗକୁ ମଧ୍ୟ ମାଓପ୍ରବଣ ଅଞ୍ଚଳର ଟ୍ୟାଗ୍‌ରୁ ଅନେକ ଅଞ୍ଚଳକୁ ମୁକ୍ତ କରାଯିବ ଏବଂ ସେସବୁ ଅଞ୍ଚଳରେ ମଧ୍ୟ ବିକାଶର ଏକ ନୂଆ ସୂର୍ଯ୍ୟୋଦୟ ଆରମ୍ଭ ହେବ। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାଏ ଏବଂ ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ।

ନିତିଦିନ NITIDIN



# ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ



**ଟାଙ୍ଗିଛକ,୩।୯/ଏନ୍ଏନ୍ଏସ୍:** ନିମାପଡ଼ା ଥାନା ଅନ୍ତର୍ଗତ ମିଟେଇପୁର ପଞ୍ଚାୟତ ଛିଟିକିଣା ଗ୍ରାମର ଜଣେ ଯୁବକଙ୍କର ଆଜି ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଥିବା ଜଣାପଡିଛି। ସୁଚନା ମୁତାବକ ଉକ୍ତ ଗ୍ରାମର ପ୍ରଶାନ୍ତ ସ୍ୱାଇଁ ନିଜ ଘରେ ବିଦ୍ୟୁତ ସଂପର୍ଶରେ ଆସି ତଳେ ପଡିଯାଇଥିଲେ। ପରିବାର ଲୋକମାନେ ତାଙ୍କୁ ଚିକିତ୍ସା ପାଇଁ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ ତେବେ ଡାକ୍ତର ତାଙ୍କୁ ସେଠାରେ ମୃତ୍ୟୁ ଘୋଷଣା କରିଥିଲେ। ବିଜେପି ନେତା ଶ୍ୟାମ ସୁନ୍ଦର ନାୟକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତ ଯୁବକଙ୍କ ଶେଷଦର୍ଶନ କରିବା ସହ ପରିବାରକୁ ସମବେଦନା ଜଣାଇଛନ୍ତି। ଯୁବକଙ୍କ ମୃତ ଖବର ପାଇଁ ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଦୁଃଖ ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ରିଲିଫ ପାଣ୍ଠିରୁ ୪ଲକ୍ଷ ଟଙ୍କା ଆର୍ଥିକ ସହାୟତା କରିଛନ୍ତି। ସ୍ଥାନୀୟ ତହସିଲଦାର ଡଃ ମନୋଜ କୁମାର ପ୍ରଧାନ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୨୦ହଜାର ଟଙ୍କା ଆର୍ଥିକ ସହାୟତା କରିଛନ୍ତି। ପୂର୍ବତନ ମନ୍ତ୍ରୀ ତଥା ଭାଜପା ମୁଖପାତ୍ର ସମୀର ରଂଜନ ଦାଶ ଓ ନିମାପଡ଼ା ବ୍ଲକ ଅଧକ୍ଷ ଶଙ୍କର ଭୋଇ, ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ ନିମାପଡା ଆଥ୍ଲେଟିକ ଆସୋସିଏସନ୍ ସଂପାଦକ ଜୀବନାନନ୍ଦ ମହାପାତ୍ର, ଅଶୋକ ସାହୁଙ୍କ ସମେତ ସ୍ଥାନୀୟ ସରପଞ୍ଚଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଯୁବକଙ୍କ ଶେଷଦର୍ଶନ କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ସ୍ଥାନୀୟ ପୁଲିସ ଶବକୁ ଜବତ କରିବା ସହ ଏକ ମାମଲା ରୁଜୁକରି ବ୍ୟବଛେଦ ପାଇଁ ପଠାଇଛି। ନିଜଗ୍ରାମ ଶ୍ମଶାନରେ ଯୁବକଙ୍କ ଶେଷକୃତ୍ୟ ସଂପନ୍ନ କରାଯାଇଛି।

### ଲଗାଣ ବର୍ଷାରେ ଭୁଶୁଡ଼ିଲା କାନ୍ଥ

# ଅଳ୍ପକେ ବର୍ତ୍ତିଲେ ଗୋଟିଏ ପରିବାରର ୪ ସଦସ୍ୟ



**ବୟାଳିଶମୌଜା,୩।୯/ଏନ୍ଏନ୍ଏସ୍:** ୪୨ ମୌଜା ବ୍ରହ୍ମପୁର ପଞ୍ଚାୟତ ଅନ୍ତର୍ଗତ ଦିବାଟି ଗ୍ରାମର ୬ ନମ୍ବର ୱାର୍ଡ଼ରେ ଗୋଟିଏ ପରିବାରର ସଦସ୍ୟମାନେ ଗତକାଲି ରାତିରେ ଘରେ ଶୋଇଥିବା ବେଳେ ରାତି ପ୍ରାୟ ସାଢ଼େ ଦଶଟା ସମୟରେ ଏକ କାନ୍ଥ ଭୁଶୁଡି ପଡ଼ିଥିଲା। ପରିବାର ସଦସ୍ୟ ଝରି ଭୋଇ(୬୦), ବିଦୁଲତା ଭୋଇ(୫୭), ସୁରଜ ଭୋଇ (୨୫) ଓ ୩ ବର୍ଷର ନାତୁଣୀ ସମେତ ୪ଜଣ ଅଳ୍ପକେ ବର୍ତ୍ତି ଯାଇଥିଲେ। ମାଟି କାନ୍ଥ ଲଗାଣ ବର୍ଷାରେ ଓଦା ହୋଇ ଭୁଶୁଡି ପଡ଼ିଥିଲା। ଏହି ଗରିବ ପରିବାରଟିର ଘର ନଥିବାରୁ ଏହି ପରିବାରକୁ ରାଜ୍ୟ ସରକାର ତୁରନ୍ତ ଘର ଖଣ୍ଡିଏ ଯୋଗାଇଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ସମାଜସେବୀ ବସନ୍ତ ପଣ୍ଡା, ମନୋଜ ନାୟକ, ତାପସ ପତି, ବିଜୟ ନାୟକ, ସପନା ଭୋଇ, ସଂଜୟ ବେହେରା, ମହେନ୍ଦ୍ର ନାୟକ, ମାନସ ଚୌଧୁରୀ, ଓ ଦିବାଟି ଗ୍ରାମବାସୀମାନେ ଦାବି କରିଛନ୍ତି।

# ଅବସରପ୍ରାପ୍ତ ପୁଲିସ ଅଧିକାରୀଙ୍କ ମୃତ୍ୟୁରେ ବିଧାୟକଙ୍କ ଶୋକ



**ନୟାଗଡ଼,୩।୯/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ନୟାଗଡ଼ ପୌର ପରିଷଦ ନଗର ସଭାପତି ତଥା ଅବସରପ୍ରାପ୍ତ ପୁଲିସ ଅଧିକାରୀ ଅମୁଲ୍ୟ କୁମାର ମହାନ୍ତିଙ୍କର ପରଲୋକ ଘଟିଛି। ଭୁବନେଶ୍ୱର ଘରୋଇ ହସ୍ପିଟାଲରେ ସେ ଇହଲିଳା ସମ୍ବରଣ କରିଛନ୍ତି। ଦୀର୍ଘଦିନ ହେବ ସେ ଅସୁସ୍ଥ ରହିଥିଲେ। ତାଙ୍କର ଚିକିତ୍ସା କରାଯାଉଥିଲା। ଗତକାଲି ତାଙ୍କ ସ୍ୱାସ୍ଥ୍ୟରେ ଅବନତୀ ଘଟିଥିଲା। ତାଙ୍କ ପରଲୋକ ଖବର ପାଇ ନୟାଗଡ଼ରେ ଶୋକାକୂଳ ପରିସ୍ଥିତି ସୃଷ୍ଟି ହୋଇଛି। ସେ ଜଣେ ଭଦ୍ର, ଅମାୟିକ, ପରପୋକାରୀ ମଣିଷ ଥିଲେ। ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ବୋରିଗିନା ନିକଟସ୍ଥ ଓଲାସ ଗ୍ରାମରେ ଜନ୍ମଗ୍ରହଣ କରିଥିବା ଶ୍ରୀ ମହାନ୍ତି ପୁଲିସ ବିଭାଗରେ ଦୀର୍ଘଦିନ ଧରି କାର୍ଯ୍ୟ କରିଥିଲେ। ଅଭିଭୁକ୍ତ ପୁରୀ ଜିଲ୍ଲାରେ ସେ କାର୍ଯ୍ୟ କରି ସୁନାମ ଅର୍ଜନ କରିଥିଲେ। ପୁରୀ ଟାଉନଥାନା, ସୁମଦ୍ରକୁଳ ଥାନା, ବୋଲଗଡ଼ ଥାନା ଓ ନୟାଗଡ଼ ଥାନାରେ ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ। ସେ ସମୟରେ ଅନେକ ଦୁର୍ଦ୍ଦାନ୍ତ ଅପରାଧିଙ୍କୁ ସାବାଡ଼ କରିଥିଲେ। ଅବସର ସମୟରେ ସେ ଭିଜିଲାନ୍ସ ଏସପି ଭାବେ କାର୍ଯ୍ୟ କରିଥିଲେ। ଦୁଇ ଦୁଇ ଥର ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ। ନୟାଗଡ଼ ସହର ୩ନଂ ୱାର୍ଡ଼ ଲକ୍ଷ୍ମଣନଗରରେ ସେ ସ୍ଥାୟୀ ବାସିନ୍ଦା ଭାବେ ଅବସ୍ଥାନ କରୁଥିଲେ। ଅସବର ପରେ ନୟାଗଡ଼ ସହରରେ ସମାଜସେବା ତଥା ବିଜେଡି ସାଂଗଠନିକ ଦାୟିତ୍ୱ ନିର୍ବାହ କରିଥିଲେ। ବରିଷ୍ଠ ନାଗରିକଙ୍କ କଲ୍ୟାଣ ପାଇଁ ସେ ଅନେକ କାର୍ଯ୍ୟ କରିଛନ୍ତି। ବରିଷ୍ଠ ନାଗରିକ ସଂଘ ସଭାପତି ଦାୟିତ୍ୱ ସମାପନ କରି ସୁନାମ ଅର୍ଜନ କରିଛନ୍ତି। ନୟାଗଡ଼ ଜିଲ୍ଲାପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ପୌରାଧକ୍ଷା ନିରୂପମା ଖଟେଇ, ଉପାଧକ୍ଷ ଗୁରୁପ୍ରସାଦ ଜେନା, କାଉନସିଲର ସ୍ୱୟଂପ୍ରଭା ମିଶ୍ର, ଅଳକା ମଞ୍ଜରୀ ନାୟକ, ପ୍ରଭାସିନୀ ନନ୍ଦଙ୍କ ସମେତ ବହୁ ବ୍ୟକ୍ତି ଶେଷଦର୍ଶନ କରିଥିଲେ।

### ଘରୋଇ ଜମିରେ ଟଣା ହେଉଛି ୧୧କେଭି ତାର

# ପ୍ରତିବାଦ କଲେ ମିଳୁଛି ହତ୍ୟା ଧମକ



**ଖୋର୍ଦ୍ଧା,୩।୯/ଏନ୍ଏନ୍ଏସ୍:** ବେଗୁନିଆ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପରିଛଲ ଗୋପାଳପୁର ଗାଁରେ ଜନୈକ ଚାଷୀଙ୍କ ଜମି ରେ ଜୋରଜବରଦସ୍ତ ୧୧କେଭି ତାର ଟାଣିବା ସହ ପ୍ରତିବାଦ କଲେ ଜମି ମାଲିକଙ୍କୁ ହତ୍ୟା ଧମକ ଦିଆଯାଉଥିବା ଉକ୍ତ ଜମି ମାଲିକ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଜମି ମାଲିକ ଏନେଇ ଉଠାଜଳସେଚନ ବିଭାଗ, ବିଦ୍ୟୁତ ବିଭାଗ ପ୍ରଭୃତିଙ୍କୁ ଅଭିଯୋଗ କରି ନିରାଶ ହେବା ପରେ ଜିଲ୍ଲାପାଳଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି। ପ୍ରକାଶଥାଉ କି, ଗୋପାଳପୁରର ନିରଞ୍ଜନ ମୁଦୁଲି ଜଣେ ଚାଷୀ ହୋଇଥିବାବେଳେ ସେଥିରୁ ତାଙ୍କର ପରିବାର ବନ୍ଧୁବାନ୍ଧବ ଚଳେ। ମାତ୍ର ତାଙ୍କ ଜମି ମଝି ଦେଇ ତାଙ୍କ ଗ୍ରାମର ୩ଜଣ ବ୍ୟକ୍ତି ବଳପୂର୍ବକଭାବେ ବିଦ୍ୟୁତ ବିଭାଗ ଓ ଠିକାଦାରଙ୍କୁ ହାତବାରିସି କରି ୧୧କେଭି ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ବିଦ୍ୟୁତ ତାର ଟାଣିବାକୁ ଉଦ୍ୟମ କରୁଛନ୍ତି। ଜମି ମାଲିକଙ୍କ କହିବା ଅନୁସାରେ ଉକ୍ତ ବିଦ୍ୟୁତ ତାର ତାଙ୍କ ଜମିରେ ଥିବା ଆମ୍ବଗଛ ଡାଳ ଭିତରେ ଯାଉଥିବାବେଳେ ଯେଉଁ ଚାଷଜମି ଉପର ଦେଇ ଯାଉଛି ଉକ୍ତ ଜମିରେ ସେ ଆଇଏଫଏସ୍ ମଡେଲ ରେ ଏକ ଫାର୍ମ ଲାଗି ଆବେଦନ କରିଛନ୍ତି। ୧୧କେଭି ମୁକୁଳା ତାର ଦ୍ୱାରା ଭବିଷ୍ୟତରେ ଆମ୍ବଗଛରେ ବିଦ୍ୟୁତ ପ୍ରବାହିତ ହୋଇ ଜୀବନହାନୀ ହେବାର ସମ୍ଭାବନା ରହିଛି। ଏଥିସହିତ ଜମି ମାଲିକଙ୍କ ଫାର୍ମ ପୋଖରୀ ଉପର ଦେଇ ଉକ୍ତ ତାର ଗଲେ ପୋଖରୀଟି ବାତିଲ ହେବାର ଆଶଙ୍କା ରହିଛି। ସେହିପରି ଏହି ଅଞ୍ଚଳରେ ହାତୀଚଳପ୍ରଚଳ ରହିଥିବାରୁ ଉକ୍ତ ତାର ସଂସ୍ପର୍ଶରେ ଆସି ହାତୀ ମୃତ୍ୟୁ ଘଟିବା ମଧ୍ୟ ସମ୍ଭାବନା ରହିଛି। ଏ ସମ୍ପର୍କରେ ବିଦ୍ୟୁତ ତାର ଜମି ଭିତରେ ନନେବା ଲାଗି ପ୍ରତିବାଦ କରିବାରୁ ସମାନେ ତାଙ୍କୁ ବିଭିନ୍ନ ପ୍ରକାର ଗାଳିମନ୍ଦ କରିଥିଲେ।

ଏନେଇ ନିରଞ୍ଜନ ସ୍ଥାନୀୟ ସରପଞ୍ଚ ଓ ଭଦ୍ରବ୍ୟକ୍ତିଙ୍କୁ ଜଣାଇଥିଲେ ମଧ୍ୟ କିଛି ଫଳ ମିଳିଲାନି। ପରେ ନିରଞ୍ଜନ ବିଦ୍ୟୁତ ବିଭାଗ ନିର୍ବାହୀ ଯନ୍ତ୍ରୀ, ଏସଡିଓ, କନିଷ୍ଠ ଯନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ମାତ୍ର ଅଭିଯୋଗକୁ ବିଭାଗୀୟ ଅଧିକାରୀ ଗୁରୁତ୍ୱ ନଦେଇ ଆଞ୍ଚଳିକ କର୍ମଚାରୀଙ୍କ ମାଧ୍ୟମରେ ନିରଞ୍ଜନଙ୍କୁ ଗାଳିକରି ଜବରଦସ୍ତ ଭାବେ ଖୁଣ୍ଟରେ ଚଢ଼ି କାମ କରିବା ସହ ଆମ୍ବଗଛର ଡାଳ ହାଣିଥିଲେ। ମଙ୍ଗଳବାର ଉକ୍ତ ବ୍ୟକ୍ତିମାନେ ଜମି ଉପରେ ଗଣ୍ଡଗୋଳ କରିବା ଉଦ୍ଦେଶ୍ୟରେ ଭଡାଟିଆ ମହିଳା ଆଣି ଢାଲ କରି ଜବରଦସ୍ତ ଖୁଣ୍ଟରେ ତାର ଟାଣିଛନ୍ତି। ନିରଞ୍ଜନ ଓ ତାଙ୍କ ପୁଅ ପ୍ରତିବାଦ କରିବାରୁ ସେଠାରେ ମାରି ପୋତିଦେବାକୁ ଧମକ ଦେଇଥିଲେ। ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରି ନିରଞ୍ଜନ ଏ ନେଇ ବେଗୁନିଆ ଥାନାରେ ମଧ୍ୟ ଅଭିଯୋଗ କରିଥିବାବେଳେ ଭୟରେ ତାଙ୍କ ପରିବାର ଚାଷ ଜମିକୁ ଯାଇପାରି ନଥିବା କହିଛନ୍ତି। ତେଣୁ ନ୍ୟାୟ ଦାବିରେ ଆଜି ନିରଞ୍ଜନ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଭବିଷ୍ୟତରେ ବିପଦ ହେବାକୁ ଥିବା ୧୧କେଭି ବିଦ୍ୟୁତ ତାରକୁ ଚାଷଜମି ଉପରୁ ସ୍ଥାନାନ୍ତରିତ କରାଯାଇ ଅନ୍ୟସ୍ଥାନରେ ସୁରକ୍ଷିତ ଭାବେ ବିଦ୍ୟୁତ ସଂଯୋଗ କରାଯିବାକୁ ସେ ନିବେଦନ କରିଥିବାବେଳେ ତାଙ୍କୁ ଓ ତାଙ୍କ ପରିବାରକୁ ସୁରକ୍ଷା ପ୍ରଦାନ ଲାଗି ଦାବି କରିଛନ୍ତି।

# ଅବସରପ୍ରାପ୍ତ ଶିକ୍ଷକଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତିଦେବା ମାନବିକତା ପ୍ରତି ଉପହାସ

**ଡେଲାଙ୍ଗ,୩।୯/ଏନ୍ଏନ୍ଏସ୍:** ୬ ରୁ ୧୪ ବର୍ଷର ଶିଶୁ ଓ କିଶୋର ଛାତ୍ରଛାତ୍ରୀଙ୍କୁ ୧୪ ବର୍ଷ ଧରି ନିରନ୍ତର ଶିକ୍ଷାଦାନ କରି ସମାଜର ମୁଖ୍ୟ ସ୍ରୋତକୁ ଫେରାଇ ଆଣିଥିବା ଅଣ ଆନୁଷ୍ଠାନିକ ଶିକ୍ଷା ସହାୟକମାନଙ୍କୁ ୨୦୦୧ରେ ଛଟେଇ କରାଯାଇଥିଲା ବେଳେ ଶିକ୍ଷକ ଅଭାବ ପୂରଣ ପାଇଁ ଅବସରପ୍ରାପ୍ତ ଶିକ୍ଷକ ମାନଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି ଦେବା ମାନବିକତା ପ୍ରତି ଏକ ଉପହାସ ବୋଲି ଅଣ ଆନୁଷ୍ଠାନିକ ଶିକ୍ଷା ସହାୟକ ସଂଘ ବୈଠକରେ ଅଭିଯୋଗ କରାଯାଇଛି। ଜାତୀୟ ଶିକ୍ଷାନୀତି ୧୯୮୬ଆଧାରରେ ୧୯୮୭/୮୮ ମସିହାଠାରୁ ୨୦୦୧ ମସିହା ପର୍ଯ୍ୟନ୍ତ ପ୍ରତି ଗାଁ ରେ ପଢା ଛାଡ଼ିଥିବା ୬ରୁ ୧୪ ବର୍ଷର ପିଲାମାନଙ୍କୁ ସେମାନଙ୍କ ସୁବିଧା ସ୍ଥାନ ଓ ସମୟରେ ପାଠ୍ୟ ଦାନ କରିଥିବା ଅଣ ଆନୁଷ୍ଠାନିକ ଶିକ୍ଷା ସହାୟକ ମାନଙ୍କୁ ୩୧.୩.୨୦୦୧ ତାରିଖରେ ଏହି ପ୍ରକଳ୍ପ ଉଚ୍ଛେଦ ଦ୍ୱାହି ଦେଇ ଛଟେଇ କରାଯାଇଥିଲା। ଏହି ଶିକ୍ଷା ସହାୟକଙ୍କ ମଧ୍ୟରେ କେତେକ ସିଟି, ବିଇଡ଼ି ପାଠ୍ୟକ୍ରମ ସମ୍ପୂର୍ଣ୍ଣ କରିଥିବାରୁ ସରକାରଙ୍କ ପରବର୍ତ୍ତୀ ଯୋଜନାରେ ଥଇଥାନ ହେବାକୁ ଆଶା ରଖିଥିଲେ।

୨୦୦୩ ମସିହାରେ ଆରମ୍ଭ ହୋଇଥିବା ଇଜିଏସ ବା ନିଶ୍ଚିତ ଶିକ୍ଷା ଯୋଜନାରେ ଛଟେଇ ଅଣ ଆନୁଷ୍ଠାନିକ ଶିକ୍ଷା ସହାୟକମାନଙ୍କୁ ଅଗ୍ରାଧିକାର ଭିତିରେ ନିଯୁକ୍ତି ଦେବାକୁ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ସ୍ଥଳେ ଇଜିଏସ୍‌ରେ ଗଣ ଶିକ୍ଷକ ନିଯୁକ୍ତି କ୍ଷମତା ଗ୍ରାମ୍ୟ ଶିକ୍ଷା କମିଟି ହାତରେ ନ୍ୟସ୍ତ ଥିବାରୁ ସେମାନେ ଛଟେଇ ଅଣ ଆନୁଷ୍ଠାନିକ ଶିକ୍ଷା ସହାୟକମାନଙ୍କୁ ନିଯୁକ୍ତି ନଦେଇ ପ୍ରିୟାପ୍ରୀତି ଦେଖି ନିଯୁକ୍ତି ଦେଇଥିଲେ। ଫଳରେ ଛଟେଇ ହୋଇଥିବା ଅଣ ଆନୁଷ୍ଠାନିକ ଶିକ୍ଷା ସହାୟକମାନେ ପୁନଃ ନିଯୁକ୍ତି ନପାଇ ସଂଘବଦ୍ଧ ଭାବେ ଓଡିଶା ସରକାରଙ୍କୁ ନିବେଦନ କରିଥିଲେ। ୨୦୦୮ ମସିହାରେ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ପକ୍ଷରୁ ଇଜିଏସ୍‌ରେ ପୁନଃ ନିଯୁକ୍ତି ପାଇନଥିବା ଅଣ ଆନୁଷ୍ଠାନିକ ଶିକ୍ଷା ସହାୟକଙ୍କ ତାଲିକା ପ୍ରସ୍ତୁତ ପାଇଁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପତ୍ର ଲେଖାଯାଇଥିଲା। ଏହି ଚିଠିରେ ଏନ୍ଏଫ୍ଇ ବା ଅଣ ଆନୁଷ୍ଠାନିକ ଶିକ୍ଷା ସହାୟକଙ୍କ ସହ ଇଏଫ୍ଏ ବା ସମସ୍ତଙ୍କ ପାଇଁ ଶିକ୍ଷା ଯୋଜନାରେ ନିଯୁକ୍ତି ପାଇଥିବା ଗଣ ଶିକ୍ଷକଙ୍କ ତାଲିକା ମଗାଯାଇଥିଲା। ଫଳରେ ୨୦୧୧ ମସିହାରେ ଇଏଫ୍ଏ ଯୋଜନାରେ ନିଯୁକ୍ତି ପାଇ ଛଟେଇ ହୋଇଥିବା ସୁଲୋଚନା ନାୟକ ଓ୍ଗେର ୭ ଜଣଙ୍କୁ ଉଚ୍ଚ ନ୍ୟାୟାଳୟ ଆଦେଶକ୍ରମେ ନିଯୁକ୍ତି ଦିଆଯାଇଥିଲା। କିନ୍ତୁ ଛଟେଇ ଅଣ ଆନୁଷ୍ଠାନିକ ଶିକ୍ଷା ଯୋଜନାର ଶିକ୍ଷା ସହାୟକମାନଙ୍କୁ କୌଣସି ନିଯୁକ୍ତି ମିଳି ପାରିଲା ନାହିଁ। ଏହି ଛଟେଇ ଶିକ୍ଷା ସହାୟକଙ୍କ ପକ୍ଷରୁ ସନ୍ତୋଷ କୁମାର ସାହୁ ପ୍ରମୁଖ ୨୦୧୩ ମସିହାରେ ରାଜ୍ୟପାଳଙ୍କ ହସ୍ତକ୍ଷେପ ନିବେଦନ କରିବା ସହ ୨୦୨୧ ଓ ୨୦୨୪ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଦୀର୍ଘ ବର୍ଷର ସଂଗ୍ରାମ ପରେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଗତ ୨୦୨୫ ଜୁଲାଇ ୧୦ ତାରିଖରେ ଓ ଓଡ଼ିଶା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ୨୦୨୫ ଜୁଲାଇ ୩୦ତାରିଖରେ ସମସ୍ତ ଜିଲ୍ଲା ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପୁନଃ ନିଯୁକ୍ତିରୁ ବଞ୍ଚିତ ଥିବା ଅଣ ଆନୁଷ୍ଠାନିକ ଶିକ୍ଷା ସହାୟକଙ୍କ ସ୍ଥିତି ସହ ସମ୍ପୃକ୍ତ ଅଧିକାରୀଙ୍କ ମତ ଓ ମନ୍ତବ୍ୟ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଦୀର୍ଘ ୨୪ ବର୍ଷ ପରେ ସରକାର ଛଟେଇ ଅଣଆନୁଷ୍ଠାନିକ ଶିକ୍ଷା ସହାୟକମାନଙ୍କ ତଥ୍ୟ ମାଗିବା ନେଇ ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକରେ ଥିବା ଛଟେଇ ଶିକ୍ଷା ସହାୟକମାନଙ୍କ ଏକ ବୈଠକ ପ୍ରାକ୍ତନ ପ୍ରକଳ୍ପ ଅଧିକାରୀ ପ୍ରଫୁଲ୍ଲ କୁମାର ମହାରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ସରକାରଙ୍କ ପତ୍ର ଓ ଉଚ ନ୍ୟାୟାଳୟଙ୍କ ଆଦେଶ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ସଦାଶିବ ବିଶ୍ୱାଳ ଓ ପ୍ରଭାସ ଚନ୍ଦ୍ର ମହାରଣା ସମାବେଶ ପରିଚାଳନା କରିଥିଲା ବେଳେ ପ୍ରଭାତୀ ମଙ୍ଗରାଜ, ଗୀତାଞ୍ଜଳି ମହାପାତ୍ର,ଗୁଣ୍ଡିଚା ବଳିୟାରସିଂହ, ଦିଲ୍ଲୀପ କୁମାର ପ୍ରଧାନ, ବିଜୟ କୁମାର ସାହୁ, ପ୍ରତିଭା ମହାନ୍ତି, ସୁମିତ୍ରା ବିଶୋଇ, ସୁରେନ୍ଦ୍ର ପ୍ରଧାନ, ଭୁବନେଶ୍ୱର ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବ୍ଲକ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରିବା ସହ ନିଯୁକ୍ତି ପାଇନଥିବା ଛଟେଇ ଶିକ୍ଷା ସହାୟକଙ୍କୁ ଯଥାଶୀଘ୍ର ନିଯୁକ୍ତି ଦେବାକୁ ନିବେଦନ କରାଯାଇଥିଲା। କୈଳାସ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିବା ସହ ବର୍ତ୍ତମାନର ସରକାର ମାନବିକତା ଦୃଷ୍ଟିକୋଣରୁ ଉପଯୁକ୍ତ ବିଚାର କରିବେ ବୋଲି ଆଶା ପ୍ରକାଶ କରିଥିଲେ। ଉଲ୍ଲେଖନୀୟ ଯେ ରାଜ୍ୟରେ ୯ହଜାର ଅଣ ଆନୁଷ୍ଠାନିକ ଶିକ୍ଷା ସହାୟକଙ୍କ ମଧ୍ୟରୁ ନିଯୁକ୍ତି ପାଇଥିବା, ବୟସ ଅତିକ୍ରାନ୍ତ ହୋଇଥିବା ଓ ପରଲୋକ ଗମନ କରିଥିବା ସଂଖ୍ୟାକୁ ବାଦ ଦେଲେ ଏବେ ୪ ହଜାର ଶିକ୍ଷା ସହାୟକ ନିଯୁକ୍ତି ନପାଇ ଶାରୀରିକ, ମାନସିକ, ଆର୍ଥିକ ଦୁରାବସ୍ଥାରେ କାଳାତିପାତ କରୁଛନ୍ତି।

# ଟାଙ୍ଗୀ-ଚୌଦ୍ୱାର ବ୍ଲକ୍‌ରେ ୮୪୨୧ଜଣ ଆବାସ ଯୋଜନା ଆବେଦନକାରୀ

**ଟାଙ୍ଗୀ,୩।୯/ଏନ୍ଏନ୍ଏସ୍:** ରାଜ୍ୟରେ ପ୍ରଥମ ଥର ବିଜେପି ସରକାର ଆସିବାରେ ଗରିବ ନିରାଶ୍ରୟମାନଙ୍କୁ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦିଆଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ। ଏମିତି କି ପ୍ରଥମ ଥର ପାଇଁ ହିତାଧିକାରୀ ନିଜେ ନିଜ ଘର ସମ୍ପର୍କରେ ଯାଞ୍ଚ କରି ଏକ ସ୍ୱତନ୍ତ୍ର ୱେବସାଇଟରେ ଅପ୍ ଲୋଡ କରି ପାରିଛନ୍ତି। ତେବେ ଟଙ୍ଗୀ ଚୌଦ୍ୱାର ବ୍ଲକର ୨୪ଟି ପଞ୍ଚାୟତରେ ୮୪୨୧ଜଣ ଆବେଦନକାରୀ ଥିବା ଜଣାପଡ଼ିଛି। ପ୍ରଶାସନିକ ଅଧିକାରୀମାନେ ଘର ଘର ବୁଲି ଆବେଦନକାରୀଙ୍କ କାଗଜପତ୍ର ଯାଞ୍ଚ କରିଥିଲେ। ତେବେ କେଉଁ ମାନେ ଆବସ ଯୋଜନାରେ ଘର ପାଇବେ କେଉଁମାନେ ବାଦ ପଡ଼ିବେ ତାର ତାଲିକା ଆସିନଥିବା ବେଳେ ନଭେମ୍ବର ମାସରେ ତାଲିକା ଆସି ପାରେ ବୋଲି ଜଣାପଡ଼ିଛି। ଯେଉଁ ହିତାଧିକାରୀ ନିୟମାବଳୀ ଭିତରେ ଥିବେ ସେମାନଙ୍କ ନାମ ରଖି ଅନ୍ୟମାନଙ୍କୁ ବାଦ ଦିଆଯିବ। ୨୪ ପଞ୍ଚାୟତ ଭିତରୁ ଆଗ୍ରହାଟ ୨୮୦ଜଣ, ବଡ଼ସାମନ୍ତରାପୁର ୨୯୯, ବାଣୀପଦା ୨୮୩, ବରହମପୁର ୧୯୫, ଭଟିମୁଣ୍ଡା ୨୬୬, ଗୋବିନ୍ଦପୁର ୨୩୪, ଗରୁଡ଼ଗାଁ ୪୪୩, ହରିଅନ୍ତା ୨୬୩, ଜରିପଡା ୪୨୬, ଇନ୍ଦ୍ରାଣୀପାଟଣା ୧୮୨, କୟଳପଡ଼ା ୨୭୮, କରଞ୍ଜି ୭୩୯, କଖଡି ୨୧୫, କନ୍ହେପୁର ୪୩୯, କୋଟସାହି ୫୧୬, ମାଗୁରା ୨୯୭, ମଇଁଷାଲଣ୍ଡା ୨୬୬, ମଙ୍ଗରାଜପୁର ୩୪୯, ନଖରା ୨୪୫, ନପଙ୍ଗ-୫୮୩, ଶାଳଗାଁ ୩୪୫, ଶଙ୍କରପୁର ୧୭୯, ସଫା ୭୦୩, ଉଚ୍ଚପଦାର ୩୯୬ଜଣ ଆବେଦନକାରୀ ରହିଥିବା ଜଣାପଡ଼ିଛି।

# ଅଲିପୁର ଅଙ୍ଗନବାଡ଼ି କେନ୍ଦ୍ରରେ ଝୁଲୁଛି ତାଲା



**ମାହାଙ୍ଗା,୩।୯/ଏନ୍ଏନ୍ଏସ୍:** ସରକାରଙ୍କ ପକ୍ଷରୁ କୁନି କୁନି ପିଲାମାନଙ୍କ ପାଠ ପଢ଼ାଇବା ନିମନ୍ତେ ଅଙ୍ଗନୱାଡ଼ି କେନ୍ଦ୍ର ଖୋଲିଛନ୍ତି। ଏହି ପିଲାମାନଙ୍କୁ ଗୀତ, ନାଚ ଓ ଖେଳନା ମାଧ୍ୟମରେ ପଢା ଯାଇଥାଏ। କିନ୍ତୁ କେତେକ କେନ୍ଦ୍ରରେ ନିଯୁକ୍ତ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କ ଠିକ୍ ସମୟରେ ଦେଖା ମିଳୁନାହାନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି କଟକ ଜିଲ୍ଲା ମାହାଙ୍ଗା ସମନ୍ୱିତ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିନ ରାହାଣିଆ ପଞ୍ଚାୟତ ଅଲିପୁର ଅଙ୍ଗନବାଡ଼ି କେନ୍ଦ୍ରରେ। ସରକାରଙ୍କ ନିୟମ ଅନୁଯାୟୀ କେନ୍ଦ୍ରଗୁଡ଼ିକ ସକାଳ ୯ଟାରେ ଖୋଲିବା ସହ ଅପରାହ୍ନ ୧ଟା ସମୟରେ ବନ୍ଦ ହୋଇଥାଏ। କିନ୍ତୁ ଆଜି ଏହି କେନ୍ଦ୍ରରେ ନିଯୁକ୍ତ ଅଙ୍ଗନବାଡ଼ି କର୍ମୀ ଶକୁନ୍ତଳା ନାୟକ ଓ ସହାୟିକା ଭାରତୀ ସ୍ୱାଇଁ ୯ଟା ୪୫ ପର୍ଯ୍ୟନ୍ତ କେନ୍ଦ୍ରକୁ ଆସି ନ ଥିଲେ। ଯାହା ଫଳରେ ୯ଟା ୪୫ ପର୍ଯ୍ୟନ୍ତ କେନ୍ଦ୍ରରେ ତାଲା ଝୁଲିଥିବା ଦେଖିବାକୁ ମିଳିଥିଲା। ସେହିପରି ପିଲାମାନଙ୍କ ପାଠପଢ଼ା ଓ କିପରି ଖାଦ୍ୟ ଖାଇବାକୁ ଦେଉଥିବେ ତଦନ୍ତ କଲେ ଜଣାପଡ଼ିବ। ସରକାରଙ୍କ ନିୟମ ଅନୁଯାୟୀ କିଶୋରୀ ଓ ପିଲାମାନଙ୍କ ନିମନ୍ତେ ଦିଆଯାଉଥିବା ଅଣ୍ଡା ସଠିକ୍ ଭାବେ ଦେଉଛନ୍ତି କି ନାହିଁ ତାହା ତଦନ୍ତ ସାପେକ୍ଷ। ଏ ନେଇ କେନ୍ଦ୍ର ଦାୟିତ୍ୱରେ ଥିବା ସୁପରଭାଇଜର୍ ସଠିକ୍ ଭାବେ ତଦନ୍ତ କରୁଛନ୍ତି କି ନାହିଁ ତାହା ମଧ୍ୟ ବୁଝା ପଡୁନାହିଁ। ଏ ନେଇ ସିଡିପିଓ ଗୁରୁବାରୀ ସିଂହଙ୍କୁ ଯୋଗାଯୋଗ କରିବାରୁ ଯଦି କୌଣସି ଅଙ୍ଗନବାଡ଼ି କର୍ମୀ କିମ୍ବା ସହାୟିକା କାର୍ଯ୍ୟରେ ଅବହେଳା କରିବେ ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଆଦର୍ଶ ଶ୍ମଶାନ କାର୍ଯ୍ୟ ନିମ୍ନମାନର ଅଭିଯୋଗ



**କଣ୍ଟିଲୋ,୩।୯/ଏନ୍ଏନ୍ଏସ୍:** କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ନିକଟସ୍ଥ ଶଙ୍ଖ ତୋଟା ଶ୍ମଶାନ ଘାଟର ଅସମ୍ପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ହୋଇଥିବା ଜଣାପଡ଼ିଛି। ନିମ୍ନ ମାନର କାର୍ଯ୍ୟ ଯୋଗୁ ଶବଦାହ କରିବାକୁ ଯାଉଥିବା ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରକାଶ ଯେ ଏହି ଶଙ୍ଖତୋଟା ଶ୍ମଶାନ ଘାଟ ଉପରେ କଣ୍ଟିଲୋ ପଞ୍ଚାୟତର ୧୩ ୱାର୍ଡର ବାସିନ୍ଦା ଶବଦାହ ପାଇଁ ସମ୍ପୂର୍ଣ୍ଣ ଭାବେ ନିର୍ଭର କରନ୍ତି। କିନ୍ତୁ ଏହି ଶ୍ମଶାନ ଘାଟଟି ବହୁ କଦର୍ଯ୍ୟ ଓ ବ୍ୟବହାର ପାଇଁ ଅନୁପଯୋଗୀ ଅବସ୍ଥାରେ ଥିବା ହେତୁ ବିଧାୟକ ଓ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଏହାକୁ ଏକ ଆଦର୍ଶ ଶ୍ମଶାନ ଘାଟରେ ପରିଣତ କରିବା ପାଇଁ ୮ ମାସ ପୂର୍ବେ ଗତ ଜାନୁଆରୀ ମାସରେ ଶୁଭ ପଡ଼ିଥିଲା। ଏହି କାର୍ଯ୍ୟ ପାଇଁ ଜଳ ସମ୍ପଦ ବିଭାଗରୁ ୨୫ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇ ଆବଶ୍ୟକୀୟ କାର୍ଯ୍ୟ ମାନ ନିର୍ମାଣ ପାଇଁ ୭ ମାସ ପୂର୍ବେ ଟେଣ୍ଡର ହୋଇ ସମ୍ପୃକ୍ତ ଠିକାଦାରଙ୍କ ଦ୍ୱାରା କାର୍ଯ୍ୟ ଆରମ୍ଭ ପାଇଁ ନିଷ୍ପତ୍ତି ହୋଇଥିଲା। ଏହି ମଞ୍ଜୁର ଅନୁଦାନରେ ଶ୍ମଶାନ ଘାଟର ଚତୁଃପାର୍ଶ୍ୱ ସୁରକ୍ଷା ପାଚେରୀ ସହ ଗାର୍ଡୱାଲ୍, ଶବଦାହ ଗୃହ, ବିଶ୍ରାମ ଗୃହ, ଶ୍ମଶାନ ପରିସରରେ ମାଟି ପକାଇ କଂକ୍ରିଟ ରାସ୍ତା ସମ୍ପୂର୍ଣ୍ଣ କରି ଏକ ଆଦର୍ଶ ଓ ସ୍ମାର୍ଟ ଶ୍ମଶାନ ଘାଟ ନିର୍ମାଣ ପାଇଁ ଏକ ଗ୍ରୀନ୍ ମ୍ୟାପ ପ୍ରସ୍ତୁତ କରାଯାଇଥିଲା। ଆବଶ୍ୟକୀୟ ଟେଣ୍ଡର ପ୍ରକ୍ରିୟା ଶେଷ ପରେ ସମ୍ପୃକ୍ତ ଠିକାଦାର ଜଳସମ୍ପଦ ବିଭାଗରୁ ଯେନତେନ ପ୍ରକାରେ କାର୍ଯ୍ୟକୁ ହାତେଇ କାର୍ଯ୍ୟ ଆରମ୍ଭ କରି କେବଳ ନିମ୍ନ ମାନର ଗାର୍ଡ ୱାଲ୍ କରି କାର୍ଯ୍ୟକୁ ଅସମ୍ପୂର୍ଣ୍ଣ ଓ ଅଧାପନ୍ତରିଆ ଭାବେ ଛାଡ଼ି ବେଧଡ଼କ ଭାବେ ବସିଛନ୍ତି। ଜଳସମ୍ପଦ ବିଭାଗ ଉପରେ ଏହାର ରକ୍ଷଣାବେକ୍ଷଣ, ତନଖି ଓ ସୁଚାରୁ ରୂପେ କାର୍ଯ୍ୟର ଟିକିନିଖି ଯାଞ୍ଚ କରିବାର ଦାୟିତ୍ୱ ଥିଲା। ପାଚେରୀ ଅତି ନିମ୍ନମାନର ହୋଇଛି। ଯେତିକି ଉଚ୍ଚ ହେବା କଥା ଠିକାଦାର କରିନାହାନ୍ତି। ଅନ୍ୟାନ୍ୟ କାର୍ଯ୍ୟ ଆଦୌ ନ କରିଥିବା ସ୍ଥଳେ ସମସ୍ତଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ସମ୍ପୃକ୍ତ ଠିକାଦାର ଜଳସମ୍ପଦ ବିଭାଗକୁ ହାତ କରି ଆଂଶିକ ବିଲ୍ ହସ୍ତଗତ କରିଥିବା ଜଣାପଡ଼ିଛି।

ସୂଚନା ଫଳକ ଆଦୌ ନ ଲଗାଇ ମନ ଇଚ୍ଛା ଜଳସମ୍ପଦ ବିଭାଗ ଯନ୍ତ୍ରୀମାନଙ୍କୁ ଧରି ନିର୍ଭୟରେ କାର୍ଯ୍ୟ ଛାଡ଼ି ଚାଲି ଯାଇଥିବା ଅଭିଯୋଗ ହେଉଛି। ଏହି ଶ୍ମଶାନ ଘାଟଟି ବର୍ତ୍ତମାନ ପଙ୍କ କାଦୁଅରେ ଏତେ କଦର୍ଯ୍ୟ ଓ ବ୍ୟବହାର ପାଇଁ ଅନୁପଯୁକ୍ତ ହୋଇ ପଡ଼ିଥିବା ଅଭିଯୋଗ ହେଉଛି। ନିମ୍ନମାନର ଓ ଅନିୟମିତତା ଭାବେ ହୋଇଥିବା କାର୍ଯ୍ୟ ତଥା ଅନୁଦାନ ରାଶି ଆତ୍ମସାତ ହୋଇଥିବା ଏବଂ କାର୍ଯ୍ୟକୁ ଅଧାରେ ଛାଡ଼ି ଚାଲିଯିବା ଘଟଣାର ଟିକିନିଖି ତଦନ୍ତ କରି ସମ୍ପୃକ୍ତ ଠିକାଦାର ଏବଂ ସଂଶ୍ଳିଷ୍ଟ ବିଭାଗୀୟ ଯନ୍ତ୍ରୀମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# କେରଳରୁ ନୟାଗଡ଼ ଅଣାଗଲା ଶ୍ରମିକଙ୍କ ଶବ



**ନୟାଗଡ଼,୩।୯/ଏନ୍ଏନ୍ଏସ୍:** ନୟାଗଡ଼ ଥାନା କ୍ରୀଡାଶପୁର ପଞ୍ଚାୟତର କୋଡିଏକାହାଣିଆ ଗ୍ରାମର ଧନେଶ୍ୱର ସ୍ୱାଇଁଙ୍କ ପୁଅ ଲକ୍ଷ୍ମୀଧର ସ୍ୱାଇଁ(୨୩)ଙ୍କ ମୃତ୍ୟୁରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସେ କେରଳର ମାଲାପୁରମ୍ ଜିଲ୍ଲାର ତିରୁରୁ ନିକଟ ଚେଙ୍ଗୁଟିରେ ଥିବା ପିଏନ୍ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ଦୀର୍ଘ ୫ବର୍ଷ ଧରି କମ୍ପାନୀର ବାହାରେ ଏକ ଘରେ ଲକ୍ଷ୍ମୀଧର ଓ ତା'ର ସହକର୍ମୀମାନେ ରହୁଥିବା ବେଳେ ଲକ୍ଷ୍ମୀଧରଙ୍କ ମୃତ୍ୟୁ ହୋଇଛି ବୋଲି ସୋମବାର ରାତିରେ ହଠାତ୍ ତାଙ୍କ ପିତା ଧନେଶ୍ୱରଙ୍କ ନିକଟକୁ ଖବର ଆସିବା ସହିତ ଝୁଲନ୍ତା ଅବସ୍ଥାରେ ଲକ୍ଷ୍ମୀଧରଙ୍କର ଏକ ଫଟୋ ଆସିଥିଲା। ଏପରି ଫଟୋକୁ ଦେଖିବା ପରେ ସେ ହତବାକ୍ ହେବା ସହ ପରିବାର କି ଗାଁ ଲୋକେ ଏହାକୁ ବିଶ୍ୱାସ କରିପାରି ନଥିଲେ। ତେବେ ତାକୁ ଯୋଜନାବଦ୍ଧ ଭାବେ ହତ୍ୟା କରି ଘର ସେଣୀରେ ଟାଙ୍ଗି ଦେଇଥିବା ଧନେଶ୍ୱର ଓ ତା'ର ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୁଅ ଲକ୍ଷ୍ମୀଧରର ରୋଜଗାରରେ ଘର ଚଳୁଥିବା ବେଳେ ସେ ଏବେ ବେସାହାରା ହୋଇଗଲେ ବୋଲି ପରିବାର ଲୋକେ କହିଛନ୍ତି। ତେବେ ସେଠାରେ ଲକ୍ଷ୍ମୀଧରଙ୍କ ଶବ ବ୍ୟବଚ୍ଛେଦ ହୋଇଥିବା ବେଳେ ଗତକାଲି ମଙ୍ଗଳବାର ରାତି ୯ଟା ୩୦ ସମୟରେ କେରଳର କୋଚି ଇଣ୍ଟରନ୍ୟାସନାଲ ଏୟାରପୋର୍ଟରୁ ଫ୍ଲାଇଟ୍ ଯୋଗେ କମ୍ପାନୀ ପକ୍ଷରୁ ଶବକୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଇଣ୍ଟରନ୍ୟାସନାଲ ଏୟାରପୋର୍ଟ ପଠାଯାଇଥିବା ବେଳେ ସେଠାରୁ ପୂର୍ବାହ୍ନରେ ଆମ୍ବୁଲାନ୍ସ ଯୋଗେ କୋଡ଼ିଏକାହାଣିଆ ଗ୍ରାମକୁ ଆସିଥିଲା। ଗାଁରେ ଶବ ପହଞ୍ଚିଲା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ବେଳେ ଗାଁ ଶ୍ମଶାନରେ ଲକ୍ଷ୍ମୀଧରଙ୍କ ଶବ ସଂସ୍କାର କରାଯାଇଥିଲା। ତେବେ କେରଳରେ ଲକ୍ଷ୍ମୀଧରଙ୍କ ମୃତ୍ୟୁ କିପରି ହେଲା ତାହାର ସଠିକ୍ ତଥ୍ୟ ଜଣାପଡ଼ିନଥିଲା ବେଳେ ଏହାକୁ ହତ୍ୟା କରାଯାଇ ଭିନ୍ନ ରୂପ ଦିଆଯିବା ପିତା ଧନେଶ୍ୱର ସ୍ୱାଇଁ ଅଭିଯୋଗ କରିଛନ୍ତି। ମୃତକକ ଗ୍ରାମ କୋଡିଏକାହାଣିଆକୁ ଶ୍ରମ ବିଭାଗ ଯାଇ ଘଟଣା ସମ୍ପର୍କରେ ବୁଝାବୁଝି କରିଛି।

**ନିତି ଭାରତୀ**

ଯେଉଁ ବ୍ୟକ୍ତି ନିଃସ୍ୱାର୍ଥପର ଭାବରେ ଅନ୍ୟମାନଙ୍କ ପାଇଁ କାର୍ଯ୍ୟ କରନ୍ତି, ସେ ପ୍ରକୃତରେ ନିଜର ହିଁ ମଙ୍ଗଳ କରିଥାନ୍ତି।
**- ରାମକୃଷ୍ଣ ପରମହଂସ**

NITIDIN
ନିତିଦିନ
ଗୁରୁବାର , ୪ ସେପ୍ଟେମ୍ବର, ୨୦୨୫

# ମେଦ ବହୁଳତା ଓ ମୋଟାପଣ



**ଅଲେଖ ଚନ୍ଦ୍ର ମିଶ୍ର**

ମୋଟା ହେବା ଏକ ରୋଗ କି ? ଏହି ପ୍ରଶ୍ନର ଜବାବ୍‌ରେ ସାଧାରଣ ଲୋକଟିଏ ନକାରାତ୍ମକ ଉତ୍ତର ଦେବା ସ୍ୱାଭାବିକ, କାରଣ ଏ ବିଷୟରେ ଅଧିକାଂଶ ଲୋକ ଅଜ୍ଞ। ବରଂ ମୋଟା ହେବାକୁ କେହି କେହି ପସନ୍ଦ କରନ୍ତି ତ କେହି ଡଉଲ ଡାଉଲ, ଗଣ୍ଡିମୋଟିଆ, ଗୋଲଗାଲିଆ, ଆଖିଦୃଶିଆ, ବୟସ ହେଲେ ତ ଟିକେ ଚର୍ବି ଲାଗିବ, ଯେମତି ଖାଦ୍ୟ ସେମିତି ଦେହ ଇତ୍ୟାଦି ଭାଷାରେ ହାଲୁକା ଭାବରେ ଗ୍ରହଣ କରନ୍ତି। ପତଳା ପିଲାଟିର ପିତାମାତା ବେଳେବେଳେ ଦୁଃଖ ପ୍ରକାଶ କରୁଥିବାର ଶୁଣାଯାଏ, 'ଯେତେ ଯାହା ଖାଇବାକୁ ଦେଲେ ବି ଯା ଦେହରେ ତ ଜମାରୁ ଲାଗୁନି !' କିନ୍ତୁ ମୋଟା ହେବା କେତେ କଷ୍ଟଦାୟକ, ତାହା ଭୁକ୍ତଭୋଗୀ ହିଁ ଜାଣେ। ଅତି ମୋଟା ପୁରୁଷ ବା ନାରୀଟିଏ ଯେତେବେଳେ ପେଙ୍ଗୁଇନ୍ ଭଳି ଲସରପସର ହୋଇ ଚାଲୁଥାଏ, ତାଙ୍କୁ ଦେଖି ଅନ୍ୟମାନେ ମଜା ଉଠେଇବାର ଦୃଷ୍ଟାନ୍ତ ବି କମ୍ ନାହିଁ। ଏହା ଅବଶ୍ୟ ଠିକ୍ ନୁହେଁ।

କିନ୍ତୁ ଚିକିତ୍ସା ବିଜ୍ଞାନୀଙ୍କ ମତରେ, ମୋଟାପଣର ଗୋଟାଏ ସୀମା ଅଛି। ସାଧାରଣ ଶରୀରଟିର ଗଠନ ପ୍ରଣାଳୀ ବା ବଡି ମାସ୍ (ବିଏମ୍‌ଆଇ) ୨୫ ଟପିଗଲେ ତାକୁ ମେଦ ବହୁଳତା (ଓଭର୍ ୱେଟ୍) ଏବଂ ୩୦ ଟପିଗଲେ ତାକୁ ମୋଟାପଣ (ଓବେଇସିଟି) କୁହାଯାଏ, ଯାହାର କାରଣ ଅତ୍ୟଧିକ ଚର୍ବି ଲାଗିବା। ଏହା ଏକ ଅଣସଂକ୍ରାମକ ରୋଗ (ନନ୍ କମ୍ୟୁନିକେବଲ୍ ଡିଜିଜ୍), ଯାହା ଉପରୋକ୍ତ ସୀମାକୁ ଅତିକ୍ରମ କଲେ ଡାଇବେଟିସ ତଥା ଅନ୍ୟ ଅନେକ ଜଟିଳ ରୋଗ ସୃଷ୍ଟିକରି ଅକାଳ ମୃତ୍ୟୁର କାରଣ ହୁଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ୨୦୧୯ ମସିହାରେ ଦେଇଥିବା ଏକ ରିପୋର୍ଟ୍ ଅନୁସାରେ, ପ୍ରତି ବର୍ଷ ପୃଥିବୀରେ କେବଳ ମେଦ ବହୁଳତା ଓ ମୋଟାପଣ ଯୋଗୁଁ ହାରାହାରି ୩.୪ ମିଲିୟନ ଲୋକ ମୃତ୍ୟୁ ମୁଖରେ ପଡୁଛନ୍ତି।

ଭାରତ ପରିପ୍ରେକ୍ଷୀରେ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍‌ଏଫ୍‌ଏଚ୍‌ଏସ୍) ୨୦୧୯-୨୧ରେ ଦେଇଥିବା ତଥ୍ୟ ଅନୁଯାୟୀ ପ୍ରତି ଚାରି ଜଣରେ ଜଣେ ପୁରୁଷ ଓ ମହିଳା ମେଦ ବହୁଳତା କିମ୍ବା ମୋଟାପଣର ଶିକାର ହେଉଛନ୍ତି। ଏପରିକି ପିଲାମାନେ ବି ଏଥିରୁ ବାଦ୍ ପଡୁ ନାହାନ୍ତି। ୨୦୨୨ରେ ୱର୍ଲ୍ଡ ଓବେଇସିଟି ଫେଡେରେସନ୍ ଦେଇଥିବା ରିପୋର୍ଟ୍ ଅନୁଯାୟୀ, ଭାରତରେ ଏହି ରୋଗ ଶିଶୁ ଏବଂ କିଶୋରଙ୍କ କ୍ଷେତ୍ରରେ ଦ୍ରୁତତମ ଗତିରେ ବଢ଼ି ଚାଲିଛି, ଯାହା ବିଗତ ୧୫ ବର୍ଷରେ ଦ୍ୱିଗୁଣିତ ଏବଂ ୩୦ ବର୍ଷ ଭିତରେ ତ୍ରିଗୁଣିତ ହୋଇ ଯାଇଛି। ସେହିପରି ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ ଦ୍ୱାରା ଦେଶରେ ଅନୁଧ୍ୟାନ କରି ୨୦୨୩ରେ ଦେଇଥିବା ସନ୍ଦେଶ ଅନୁଯାୟୀ, ୨୦ ବର୍ଷ ବା ତଦୁର୍ଦ୍ଧ୍ୱ ବୟସ୍କ ଲୋକମାନଙ୍କ ମଧ୍ୟରେ ପ୍ରତି ଚାରି ଜଣରେ ଜଣେ ଏହି ରୋଗରେ ଆକ୍ରାନ୍ତ।

କିନ୍ତୁ ପରିତାପର ବିଷୟ ଯେ ମେଦ ବହୁଳତା ଓ ମୋଟାପଣର ସ୍ଥିତି ଏତେ ଉଦ୍‌ବେଗଜନକ ସ୍ତରରେ ପହଞ୍ଚିଥିଲେ ବି ସାଧାରଣ ଜନତା ଏହାକୁ ଏକ ବ୍ୟକ୍ତିଗତ ବ୍ୟାପାର କିମ୍ବା ବଂଶଗତ ପ୍ରଭାବ ଭାବି ପ୍ରାୟ ଉଦାସୀନ ରହନ୍ତି। ଖୁବ୍ କମ୍ ଲୋକ ଏହାର କାରଣ ବିଷୟରେ ସଚେତନ ଥାଆନ୍ତି। ଏହାର ମୁଖ୍ୟ କାରଣ ହେଲା ଖାଦ୍ୟ। ସମ୍ପ୍ରତି ଖାଦ୍ୟ ଅଭ୍ୟାସରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି, ଯାହା ଫଳରେ ଆମର ପାରମ୍ପରିକ ଖାଦ୍ୟ ରୁଚି ବଦଳି ଯାଉଛି। ଏବେ ବଜାରରେ ଶସ୍ତାରେ ମିଳୁଥିବା ଏବଂ ସହଜରେ ପ୍ରସ୍ତୁତ ହୋଇ ପାରୁଥିବା ଖାଦ୍ୟ ସାମଗ୍ରୀ ଯଥା ଏଚ୍ ଏଫ୍‌ଏସ୍‌ଏସ୍ (ହାଇ ଫ୍ୟାଟ୍ ସଲ୍ଟ ସୁଗାର) କିମ୍ବା ୟୁପିଏଫ୍ (ଅଲଟ୍ରା ପ୍ରସେସ୍‌ଡ୍ ଫୁଡ୍) ଗାଆଁଠାରୁ ସହର ଯାଏଁ ସବୁଠି ପ୍ରଥମ ପସନ୍ଦ। ଏଭଳି ଖାଦ୍ୟ ପାଟିକୁ ଭଲ, ପେଟକୁ ସଲ ହୋଇଥିଲେ ବି ତା' ପ୍ରତି ଆକୃଷ୍ଟ ହୋଇ ଲୋକେ ପାରମ୍ପରିକ ଖାଦ୍ୟକୁ ଭୁଲି ଗଲେଣି। ଅନ୍ୟ ପକ୍ଷରେ, ଶରୀର ପାଇଁ ଉପଯୁକ୍ତ ସୁଷମ ଖାଦ୍ୟ ଏବେ ଖୁବ୍ ମହଙ୍ଗା ହୋଇ କ୍ରମେ ଦୁଷ୍ପ୍ରାପ୍ୟ ହେବାକୁ ବସିଲାଣି। ଆଜିକାଲି ଖାଦ୍ୟର ମୂଲ୍ୟ ବା ଖାଦ୍ୟପ୍ରାଣ ଅପେକ୍ଷା ଉଦର ପୂର୍ତ୍ତିକୁ ପ୍ରାଧାନ୍ୟ ଦିଆଯାଉ ଥିବାରୁ ଖାଦ୍ୟ ଗ୍ରହଣରେ କିଛି ବାଛ ବିଚାର ରହୁନାହିଁ। ଅଖାଦ୍ୟ ଖାଇଲେ ରୋଗ ତ ହେବ। ଏଠାରେ ସବୁଠାରୁ ସୁସ୍ଥ, ସବଳ ଓ ଦୀର୍ଘାୟୁ ଜାପାନୀମାନଙ୍କର ଖାଦ୍ୟ ଶୈଳୀର ସୂଚନା ଦିଆଯାଇପାରେ। ସେମାନେ ସମ୍ପୂର୍ଣ୍ଣ ଦେଶଜ ପାରମ୍ପରିକ ଖାଦ୍ୟ ଖାଆନ୍ତି ଏବଂ ଫ୍ରିଜ୍‌ରେ ଥିବା ଖାଦ୍ୟ ଖାଆନ୍ତି ନାହିଁ। ଫ୍ରିଜ୍ ପାଣି ନ ପିଇ ଉଷୁମ ପାଣି ପିଅନ୍ତି। ତେଣୁ ସେମାନଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ଖୁବ୍ କମ୍ ଏବଂ ସମଗ୍ର ପୃଥିବୀରେ ସେମାନେ ସବୁଠାରୁ ବେଶୀ ଦୀର୍ଘାୟୁ। ଅସ୍ୱାସ୍ଥ୍ୟକର ଭୋଜନର ଅଭ୍ୟାସ ପରିତ୍ୟାଗ କରିବା ଉଚିତ। ପୃଥିବୀର ସର୍ବଶ୍ରେଷ୍ଠ ଧନୀ ଷ୍ଟିଭ୍ ଜବ୍‌ସ୍‌ଙ୍କ ପରାମର୍ଶ ମନେ ପକାନ୍ତୁ ତ, 'ଇଟ୍ ୟୋର୍ ଫୁଡ୍ ଆଜ୍ ମେଡିସିନ୍, ଅଦର୍‌ୱାଇଜ୍ ୟୁ ହାଭ୍ ଟୁ ଇଟ୍ ମେଡିସିନ୍ ଆଜ୍ ୟୋର୍ ଫୁଡ୍' (ଖାଦ୍ୟକୁ ଔଷଧ ଭଳି ଖାଅ, ନଚେତ୍ ଔଷଧକୁ ଖାଦ୍ୟ ଭଳି ଖାଇବାକୁ ପଡ଼ିବ)। ଆବଶ୍ୟକତା ଅନୁଯାୟୀ ଶୋଇବା ଉଚିତ୍ (ଏକ ସାଧାରଣ ଶରୀର ପାଇଁ ଦୈନିକ ଆଠରୁ ଦଶ ଘଣ୍ଟା ନିଦ୍ରା ଜରୁରୀ)। ଏଥିରୁ ବେଶୀ ବା କମ୍ ହେଲେ ତାହା ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇ ଥାଏ ବୋଲି ପୃଥିବୀର ବିଶିଷ୍ଟ ନିଦ୍ରା ବିଶାରଦମାନେ ମତ ଦିଅନ୍ତି। ଅଳସୁଆମି ଏହାର ଅନ୍ୟ ଏକ କାରଣ। ଲୋକାଚାର ମତେ 'ଖାଇ ବସିଲେ ବଢ଼ଇ ପେଟ, ଖାଇ ଖାଇଲେ ଯମର ଭେଟ।'

କିନ୍ତୁ ମେଦ ବହୁଳତା ବା ମୋଟାପଣିଆରୁ ମୁକ୍ତି ପାଇବା ଏକ ଅସମ୍ଭବ ବ୍ୟାପାର ନୁହେଁ। ବରଂ ଏହାର ପ୍ରତିକାର ନିଜ ଘରେ, ନିଜ ହାତରେ ଅଛି। ଏଥିପାଇଁ ନିମ୍ନଲିଖିତ ପ୍ରତିଷେଧାତ୍ମକ ଉପାୟ ଭଳି ଅନ୍ୟାନ୍ୟ ଘରୋଇ ଉପଚାର କରା ଯାଇପାରେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ୨୦୨୩ ରିପୋର୍ଟ୍ ଅନୁସାରେ, ଭାରତର ୫୦% ଲୋକ ଶାରୀରିକ ପରିଶ୍ରମ କରନ୍ତି ନାହିଁ। ରୀତିମତ ଶାରୀରିକ ପରିଶ୍ରମ କଲେ ଦେହର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ କାର୍ଯ୍ୟକ୍ଷମ ହେବା ସହିତ ମେଦ ବୃଦ୍ଧି, ମୋଟାପଣିଆ ଓ ପେଟ ବଢ଼ିବା ନିୟନ୍ତ୍ରିତ ହେବ। ଦିନକୁ ଚବିଶ ଘଣ୍ଟାରୁ ଅନ୍ତତଃ ଚବିଶ ମିନିଟ୍ ପାଇଁ ବ୍ୟାୟାମ କିମ୍ବା ଯୋଗ କରିବା, ଚାଲିବା, ସାଇକେଲ ଚଲେଇବା ଆଦି କଲେ ବି ନିଶ୍ଚିତ ଉପକାର ମିଳିବ। ଆବଶ୍ୟକ ସ୍ଥଳେ ଜିମ୍‌ର ସହାୟତା ନିଆଯାଇପାରେ। ଜଙ୍କ୍ ଫୁଡ୍ ଏବଂ ମୃଦୁ ପାନୀୟ ତଥା ଫ୍ରିଜ୍ ପାଣିଠାରୁ ସମ୍ପୂର୍ଣ୍ଣ ଦୂରେଇ ରହିବା ଆବଶ୍ୟକ। ପ୍ରତ୍ୟେକ ଲୋକର ସ୍ୱାସ୍ଥ୍ୟ ସମ୍ବନ୍ଧିତ ସର୍ବନିମ୍ନ ଆବଶ୍ୟକୀୟ ସାଧାରଣ ଜ୍ଞାନ ରହିବା ଦରକାର ଯେପରି ସଠିକ୍ ଓଜନ। ଜଣେ ପୁରୁଷ ବା ନାରୀର ଓଜନ ସେଣ୍ଟିମିଟରରେ ତା'ର ଉଚ୍ଚତାରୁ ଯଥାକ୍ରମେ ବିଯୁକ୍ତ ୧୦୦ ବା ବିଯୁକ୍ତ ୧୦୫ ହେବା ହିଁ ଆଦର୍ଶ। ସେହିପରି ପୁରୁଷ ଓ ନାରୀମାନଙ୍କର ଅଣ୍ଟାର ଗୋଲେଇ ଯଥାକ୍ରମେ ୮୦ ଓ ୯୦ ସେ.ମି.ରୁ ଅଧିକ ହେଲେ ବିପଦ। ପିଲାମାନେ ଖାଦ୍ୟପଦାର୍ଥର ଗୁରୁତ୍ୱ ଠିକ୍ ଭାବରେ ବୁଝି ନପାରି ପାଟି ସୁଆଦିଆ ଖାଦ୍ୟକୁ ପସନ୍ଦ କରୁଥିବାରୁ ସ୍କୁଲ୍ କଲେଜମାନଙ୍କରେ ଥିବା କ୍ୟାଣ୍ଟିନ୍ ସେମାନଙ୍କ ପାଇଁ ସୁଷମ ଖାଦ୍ୟ, ବିଶେଷକରି କମ୍ କ୍ୟାଲୋରୀଯୁକ୍ତ ଖାଦ୍ୟକୁ ପ୍ରାଧାନ୍ୟ ଦେବା ଆବଶ୍ୟକ। ସର୍ବୋପରି, ଭୁଲିଯିବା ଉଚିତ ନୁହେଁ ଯେ ଶାକାହାରୀ ଖାଦ୍ୟ ହିଁ ମଣିଷର ଶାରୀରିକ ଗଠନ ଶୈଳୀ ପାଇଁ ଅଭିପ୍ରେତ, 'ନାସ୍ତିମୂଳ ସମୌଷଧଂ', ଅର୍ଥାତ୍ ଶାକାହାର ଭଳି ଔଷଧ ନାହିଁ। ରୋଗର ଚିକିତ୍ସା ପାଇଁ ଚିନ୍ତା କରିବା ଅପେକ୍ଷା ତା'ର ପ୍ରତିଷେଧ ପାଇଁ ଚେଷ୍ଟା କରିବା ଅଧିକ ଶ୍ରେୟସ୍କର ନୁହେଁ କି ?■

**ସାରଦାଶ୍ରୀ, ୯୦୪, ଶାସ୍ତ୍ରୀନଗର**
**ୟୁନିଟ୍-୪, ଭୁବନେଶ୍ୱର**
**ମୋ: ୯୪୩୮୬୭୩୮୯୮**

# ସଦ୍‌ଗୁରୁ କୃପା ହିଁ ପ୍ରଗତି



**ଲଳିତ ମୋହନ ମିଶ୍ର**

ଆଧ୍ୟାତ୍ମିକ ମାର୍ଗ ହେଉ ଅବା ସାଂସାରିକ ଜୀବନ, ସଦ୍‌ଗୁରୁଙ୍କ କୃପାରୁ ହିଁ ପ୍ରଗତି ହୋଇଥାଏ। ବୃହଦାରଣ୍ୟକ ଉପନିଷଦରେ କୁହାଯାଇଛି- 'ଅସତୋ ମା ସଦ୍‌ଗମୟ...'। ଏହା ଭାରତୀୟ ସଂସ୍କୃତିର ଆଦର୍ଶ ବାକ୍ୟ। ଅର୍ଥାତ୍, ହେ ପରମେଶ୍ୱର, ଆମମାନଙ୍କୁ ଖରାପ ଦିଗରୁ ଭଲ ଦିଗକୁ ନେଇ ଚାଲନ୍ତୁ। ବାସ୍ତବରେ ଏହା ଏକ ଆହ୍ୱାନ, ଯାହା ଆମେ କରୁଛେ ତାହାର ଉଦ୍ଦେଶ୍ୟ ପ୍ରତ୍ୟେକ ପ୍ରାଣୀର କଲ୍ୟାଣ ନିମିତ୍ତ ହେଉ। ବର୍ତ୍ତମାନ ସମୟରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ନେଇ ବିଶ୍ୱର ସବୁ ଦେଶରେ ଚର୍ଚ୍ଚା ଜୋର୍ ଧରିଛି। ଏଆଇର ଚମତ୍କାର ରାତାରାତି ଏଭଳି ବିଚିତ୍ର ଜିନିଷ ସୃଷ୍ଟି କରିଥିଲା, ଯାହା ବିଶ୍ୱର ବିକଶିତ ଦେଶ, ବିଶେଷକରି ଆମେରିକା, ବ୍ରିଟେନ, ଫ୍ରାନ୍ସ, ଇଟାଲୀ, ଇସ୍ରାଏଲ, ଅଷ୍ଟ୍ରେଲିଆ ଓ ଚୀନ୍ ମଧ୍ୟ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଟେକ୍ନୋଲୋଜି ଏକ ଚ୍ୟାଲେଞ୍ଜ ଭଳି ଦେଖା ଯାଉଥିଲେ ମଧ୍ୟ ଏହା ସମ୍ଭାବନାର ଅନେକ ଦ୍ୱାର ଖୋଲିଥିବା ଦେଖିବାକୁ ମିଳୁଛି। ଗୁରୁର ଅର୍ଥ ହେଉଛି, ଭାରି ବା ଓଜନିଆ। ତେଣୁ ଯେଉଁ ଶବ୍ଦର ଅର୍ଥ ଏଭଳି ତତ୍ତ୍ୱପୂର୍ଣ୍ଣ, ସେ ଶବ୍ଦକୁ ଧାରଣ କରୁଥିବା ବ୍ୟକ୍ତିତ୍ୱ ଆମ ଜୀବନରେ କେତେ ଗୁରୁତ୍ୱ ବହନ କରୁଥିବେ, ସେକଥା କହିବାର ଆବଶ୍ୟକତା ନାହିଁ। ଏହି ଗୋଟିଏ ଶବ୍ଦର ଉଚ୍ଚାରଣରେ ରହିଥାଏ ସବୁ କିଛିର ସାର୍ଥକତା ଓ ଗୁରୁଙ୍କ ବିନା ଜୀବନରେ କୌଣସି ଶିକ୍ଷା, ଦୀକ୍ଷା, ଅଧ୍ୟୟନ ପୂର୍ଣ୍ଣତା ଲାଭ କରିବା ଅସମ୍ଭବ।

'ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁଦେବ ମହେଶ୍ୱର/ ଗୁରୁ ସାକ୍ଷାତ ପରଂବ୍ରହ୍ମ ତସ୍ମୈ ଶ୍ରୀ ଗୁରବେ ନମଃ।' ମାତା, ଜନ୍ମଦାତ୍ରୀ ଏହି କ୍ରମରେ ପ୍ରଥମ ଗୁରୁ, ପିତା ଦ୍ୱିତୀୟ ଗୁରୁ ଏବଂ ଶିକ୍ଷାଦାତା ତୃତୀୟ ଗୁରୁ। ଗୁରୁମାନେ ହିଁ ଆମ ଜୀବନର ମାର୍ଗଦର୍ଶକ, ସୁନିୟନ୍ତକ। ଗୁରୁମାନଙ୍କଠାରୁ ଶିକ୍ଷା, ଦୀକ୍ଷା ତଥା ତାଙ୍କ ଆଦର୍ଶ ସବୁକିଛି ଶିଷ୍ୟମାନଙ୍କ ଜୀବନରେ ପ୍ରତିଫଳିତ ହୋଇଥାଏ। ସନାତନ ଧର୍ମ ସଂସ୍କୃତିର ଗୁରୁ-ଶିଷ୍ୟ ପରମ୍ପରାରେ ନୈତିକତା ଓ ସଦାଚାରକୁ ସର୍ବୋପରି ବିବେଚନା କରାଯାଏ। ଗୁରୁ ହେଉଛନ୍ତି ଶ୍ରଦ୍ଧା, ଆସ୍ଥା ଓ ସମର୍ପଣର ସମକକ୍ଷ। ଗୀତାରେ କୁହାଯାଇଛି- 'ଶ୍ରଦ୍ଧାବାନ୍ ଲଭତେ ଜ୍ଞାନ...ତତ୍ପରଃ ସଂଜତେନ୍ଦ୍ରିୟ...', ଅର୍ଥାତ୍ ଯେତେବେଳେ ଜଣେ ପ୍ରକୃତ ଗୁରୁ ଶ୍ରଦ୍ଧାବାନ୍ ଓ ଅନୁଶାସିତ ଶିଷ୍ୟ ମଧ୍ୟରେ ସମନ୍ୱୟ ହୋଇଯାଏ, ସେତେବେଳେ ଅଦ୍ଭୁତ ଜ୍ଞାନର ଆବିର୍ଭାବ। ଗୁରୁ ଉଭୟ ଶିକ୍ଷା ଓ ସଂସ୍କାରର କେନ୍ଦ୍ରବିନ୍ଦୁ। ବର୍ତ୍ତମାନ ଟେକ୍ନୋଲୋଜି ଦ୍ୱାରା ଗୋଟିଏ ମିନିଟ୍‌ରେ ଅନେକଗୁଡ଼ିଏ ସୂଚନା ପାଇ ପାରିବେ, କିନ୍ତୁ ଟେକ୍ନୋଲୋଜି ସଂସ୍କାର ପ୍ରଦାନ କରି ପାରିବ ନାହିଁ। ଏହାର ଅପବ୍ୟବହାର ସାଇବର ଅପରାଧର କାରଣ ପାଲଟିଛି। ଭାରତୀୟ ପରମ୍ପରାରେ 'ଗୁରୁ'ଙ୍କୁ ସଂସ୍କୃତିର 'ମାନବ ରୂପୀ ଭଗବାନ' ବୋଲି କୁହାଯାଏ। ଏହା ସମସ୍ତେ ଜାଣନ୍ତି ଯେ ଗୁଗଲ ସହାୟତାରେ ଯୁବ ପିଢ଼ିରେ ବଢୁଥିବା ଆଚରଣକୁ ନିୟନ୍ତ୍ରଣ କରାଯାଇ ପାରିବ ନାହିଁ। ବାସ୍ତବରେ ଆତ୍ମସମୀକ୍ଷା, ପାରସ୍ପରିକ ସହଯୋଗ, ସୌହାର୍ଦ୍ଦ୍ୟ, ଭାଇଚାରା, ଉଦାରତା, ତ୍ୟାଗ ଭାବନା ଇତ୍ୟାଦି ମୂଲ୍ୟବୋଧ ଦ୍ୱାରା 'ଗୁଗଲ ଗୁରୁ' ଙ୍କୁ ବଦଳାଇ ପାରିବେ ନାହିଁ। ଭାରତୀୟ ସଂସ୍କୃତିରେ ସଦ୍‌ଗୁରୁଙ୍କ ଅବଧାରଣା ସ୍ପଷ୍ଟ- 'ଗୁରୁ'ର ଅର୍ଥ ହେଉଛି, 'ଯିଏ ଆତ୍ମା ଓ ଅବିନାଶୀ ତତ୍ତ୍ୱର ଜ୍ଞାନ। ସଦ୍‌ଗୁରୁର ମହିମା ଓ ଜ୍ଞାନର ମର୍ଯ୍ୟାଦାକୁ ଉଜ୍ଜୀବିତ କରିବା ଉପରେ ଆଲୋକପାତ କରି କବୀର ଦାସ କହିଛନ୍ତି- 'ଗୁରୁ ଗୋବିନ୍ଦ ଦୋନୋ ଖଡେ , କାକେ ଲାଗୁଂ ପାୟେଁ/ ବଲିହରି ଗୁରୁ ଆପନୋ, ଗୋବିନ୍ଦ ଦିୟୋ ବତାୟ।' ଗୁରୁ ଏମିତି ଏକ ପ୍ରକାଶ ସ୍ତମ୍ଭ, ଯିଏ କେବେ ବି ନିଜ ପାଇଁ ମାର୍ଗଦର୍ଶକ ହୁଅନ୍ତି ନାହିଁ, କିନ୍ତୁ ତାଙ୍କର ଆଲୋକ ଶିଷ୍ୟର ଲକ୍ଷ୍ୟସ୍ଥଳକୁ ସହଜ ସରଳ କରିଦିଏ। ଗୁରୁ ଜ୍ଞାନ ରୂପୀ ଆଲୋକ ପ୍ରଦାନ କରନ୍ତି ଏବଂ ପ୍ରେରଣା ମଧ୍ୟ ଦିଅନ୍ତି। ମାର୍ଗ ଦେଖାନ୍ତି ଏବଂ ଶିଷ୍ୟକୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ଦିଅନ୍ତି। ଗୁରୁ ହେଉଛନ୍ତି ପବିତ୍ରତାର ପ୍ରବାହ, ଗୁରୁ ହେଉଛନ୍ତି ନୈତିକତାର ନିର୍ବାହ।

ବିଶ୍ୱପ୍ରସିଦ୍ଧ ବୈଜ୍ଞାନିକ ଆଲବର୍ଟ ଆଇନ୍‌ଷ୍ଟାଇନ୍ କହିଛନ୍ତି- ସେ ଗୁରୁ, ଯିଏକି ସୃଜନଶୀଳ କାର୍ଯ୍ୟକଳାପ ଦ୍ୱାରା ଏବଂ ନିଜର ଜ୍ଞାନ ଦ୍ୱାରା ଆମ ଅନ୍ତଃକରଣରେ ଆନନ୍ଦ ସୃଷ୍ଟି କରନ୍ତି। ଏହି ଆନନ୍ଦର ଅନୁଭୂତିରେ ଆତ୍ମସାତ୍ ହେଉଥିବା ବିଷୟକୁ ଶିଷ୍ୟ ସାରା ଜୀବନ ଭୁଲିପାରି ନଥାଏ। ବିଶ୍ୱବିଜେତା ଆଲେକ୍‌ଜାଣ୍ଡର କହିଛନ୍ତି, ଭଲ ଭାବରେ ବଢ଼ିବା ପାଇଁ ମୁଁ ମୋ ବାପାଙ୍କ ନିକଟରେ ଋଣୀ, କିନ୍ତୁ ଭଲ ଭାବେ ରହିବା ପାଇଁ ମୁଁ ମୋ ଗୁରୁଙ୍କ ନିକଟରେ ଋଣୀ। ବାୟୁ ପୁରାଣରେ ଗୁରୁଙ୍କୁ ଅତି ସୁନ୍ଦର ଶବ୍ଦରେ ବର୍ଣ୍ଣନା କରାଯାଇଛି, 'ଯିଏ ଆମକୁ ସଦ୍‌ବୁଦ୍ଧି ଦେଲେ ଏବଂ ସଂସାରରେ ବଞ୍ଚିବାର କଳା ଶିଖାଇଲେ, ସାମାଜିକ ବାଧାବିଘ୍ନକୁ ସହଜରେ ଅତିକ୍ରମ କରିବାର କଳା ଶିଖାଇଲେ, ଗୂଢ଼ ତତ୍ତ୍ୱକୁ ସହଜ ସରଳ ଭାବରେ ବୁଝାଇ ଦେଲେ ଏବଂ ବୁଝାଇବାର ଉପାୟ ଏପରି, ଯାହା ହୃଦୟକୁ ସ୍ପର୍ଶ କରେ, ସେ ହିଁ ପ୍ରକୃତ ଗୁରୁ, ସେ ହିଁ ଆଚାର୍ଯ୍ୟ।

ତେଣୁ ଗୁରୁଙ୍କ ସାନ୍ନିଧ୍ୟକୁ ଯିବା ଦ୍ୱାରା ଜୀବନର ଦଶା ଓ ଦିଶା ଉଭୟ ବଦଳି ଯାଏ। ସଚ୍ଚିଦାନନ୍ଦ ସ୍ୱରୂପ ଗୁରୁଙ୍କୁ ଲୋକଙ୍କ ହୃଦୟ ପରିବର୍ତ୍ତନ ପାଇଁ ବିଶେଷ ଉପଦେଶ ଦେବାକୁ ପଡ଼େନାହିଁ। ତାଙ୍କର ଉପସ୍ଥିତି ହିଁ ବ୍ୟକ୍ତିତ୍ୱକୁ ରୂପାନ୍ତରିତ କରିଦିଏ। ତାଙ୍କର ଛୋଟ ପ୍ରେରଣା ହୃଦୟ ପରିବର୍ତ୍ତନ କରିବାରେ ସକ୍ଷମ। ଗୌତମ ବୁଦ୍ଧଙ୍କୁ ପାଟଳିପୁତ୍ରର ନଗରବଧୂ ଆମ୍ରପାଲିଙ୍କୁ ବା ମଗଧ ସାମ୍ରାଜ୍ୟରେ ଆତଙ୍କର ସମକକ୍ଷ ପାଲଟି ଥିବା ଅଙ୍ଗୁଳିମାଳା ରାକ୍ଷସର ହୃଦୟକୁ ପରିବର୍ତ୍ତନ କରିବା ପାଇଁ ବିଶେଷ ପରିଶ୍ରମ କରିବାକୁ ପଡ଼ି ନଥିଲା। ଯେତେବେଳେ ତଥାଗତ ଭୋଜନ ଗ୍ରହଣ କରିବା ଉଦ୍ଦେଶ୍ୟରେ ଆମ୍ରପାଲିର ଦ୍ୱାରଦେଶରେ ପହଞ୍ଚିଲେ, ସେତେବେଳେ ସେ ତାଙ୍କ ମୁଖମଣ୍ଡଳର ପ୍ରଭାବରେ ଏତେ ରୋମାଞ୍ଚିତ ଓ ଭାବ-ବିଭୋର ହୋଇଗଲେ ଯେ ସେ ରାଜପ୍ରାସାଦ ଛାଡ଼ି ବୌଦ୍ଧ ଭିକ୍ଷୁ ହୋଇଗଲେ। ଅଙ୍ଗୁଳିମାଳାଙ୍କ ଆଗରେ ଗୌତମ ବୁଦ୍ଧଙ୍କ ମୁଖାରବିନ୍ଦରୁ ଏହା ଉଚ୍ଚାରିତ ହୋଇଥିଲା- 'ଯେତେବେଳେ ଗଛର ଡାଳରୁ ତୋଳା ଯାଇଥିବା ଦଶଟି ପତ୍ରକୁ ତୁମେ ପୁନର୍ବାର ଯୋଡ଼ି ପାରିବ ନାହିଁ, ସେତେବେଳେ କେଉଁଥିପାଇଁ ନିଜକୁ ଶକ୍ତିଶାଳୀ ମନେ କରୁଛ ? ନିରୀହ ଲୋକଙ୍କୁ ହତ୍ୟା କରି ନିଜକୁ ଶକ୍ତିଶାଳୀ ମନେ କରୁଛ ?' ଏହା ଶୁଣି ଅଙ୍ଗୁଳିମାଳାଙ୍କ ହାତ ଥରି ଉଠିଲା। ତାଙ୍କ ହାତରୁ ଖଡ୍ଗ ଖସି ପଡ଼ିଥିଲା। ଏହା ଥିଲା ସେହି ସମୟର ଏକ ଅଦ୍ଭୁତ କ୍ଷଣ, ଯେତେବେଳେକି ଅଙ୍ଗୁଳିମାଳାଙ୍କ ହୃଦୟ ବଦଳି ଯାଇଥିଲା ଏବଂ ସେ ଏକ ରାକ୍ଷସରୁ ଭିକ୍ଷୁ ହୋଇ ଯାଇଥିଲେ। ସେହି ସମୟରେ ହିଁ ସେ ସନ୍ନ୍ୟାସ ଗ୍ରହଣ କରିଥିଲେ। ଆଧ୍ୟାତ୍ମିକ ମାର୍ଗ ହେଉ ଅବା ସାଂସାରିକ ଜୀବନ, ସଦ୍‌ଗୁରୁଙ୍କ କୃପାରୁ ପ୍ରଗତି ସୁନିଶ୍ଚିତ। ବ୍ୟାସଦେବ ତାଙ୍କ ସୃଷ୍ଟି ମାଧ୍ୟମରେ ଯୁଗ ଯୁଗ ପାଇଁ ଏ ମଣିଷ ଜାତିକୁ ମହାନ ଶିକ୍ଷା ଦେଇ ଯାଇଛନ୍ତି। 'ଯାହା ନାହିଁ ଭାରତେ, ତାହା ନାହିଁ ମରତେ', ଅର୍ଥାତ୍ ଭାରତରେ ଯାହା ନାହିଁ, ବିଶ୍ୱ ବ୍ରହ୍ମାଣ୍ଡରେ ତାହା ନାହିଁ ବୋଲି ବୁଝାଯାଏ। ଏହି କାରଣରୁ ଭାରତରେ ସମସ୍ତ ପୌରାଣିକ କିମ୍ବଦନ୍ତୀ ଅଥବା ପ୍ରାମାଣିକ ତଥ୍ୟମାନ ବର୍ତ୍ତମାନ ସମଗ୍ର ବିଶ୍ୱ ପାଇଁ ଗବେଷଣାର ସାମଗ୍ରୀ ପାଲଟିଛି। ଆମ ଜୀବନର ପ୍ରତିଟି ଦିଗକୁ ଏସବୁ ବର୍ତ୍ତମାନ ମହାନ ବିଭବ ଭାବରେ ସମୃଦ୍ଧ କରୁଛି।■

**ଅରବିନ୍ଦ ନଗର, ନୟାଗଡ଼ ୯୪୩୭୯୮୫୮୬୬**

# ବିହାରରେ ଏସ୍‌ଆଇଆର୍ ଓ ଭୋଟର

ବିହାର ବିଧାନସଭା ନିର୍ବାଚନ ଆଗକୁ ରହିଥିବା ବେଳେ ଏହି ରାଜ୍ୟରେ ଅନୁଷ୍ଠିତ ଭୋଟର ତାଲିକାର ବିଶେଷ ସଘନ ସଂଶୋଧନ (ଏସ୍‌ଆଇଆର୍) ବିବାଦ ଏବେ ଆଉ ଏକ ନୂଆ ମୋଡ଼ ନେଇଛି। ଏହି ରାଜ୍ୟର ଯେଉଁ ଭୋଟରମାନେ ଏସ୍‌ଆଇଆର୍ ସମୟରେ ବେଆଇନ ଭାବରେ ଭୋଟର ତାଲିକାରୁ ବାଦ୍ ପଡ଼ିଥିଲେ, ସେମାନଙ୍କୁ ଆଉ ଏକ ସୁଯୋଗ ପ୍ରଦାନ କରାଯାଇଛି ଠିକ୍ ସମୟରେ ସେମାନଙ୍କ ଭୋଟ୍ ଦାନ ଅଧିକାର ଫେରି ପାଇବା ପାଇଁ। ବେଶ୍ କେତେ ଦିନ ଏ ଦୁଆର ସେ ଦୁଆର ହେବା ପରେ ଭାରତୀୟ ନିର୍ବାଚନ କମିଶନ (ଇସିଆଇ), ଯାହାଙ୍କ ବିଶ୍ୱସନୀୟତା ହାରାହାରି ୬୫ ଲକ୍ଷ ଭୋଟର ନୂଆ ତାଲିକାରୁ ବାଦ୍ ପଡ଼ିଥିବା କଥାର ପର୍ଦ୍ଦାଫାଶ ହେବା ଯୋଗୁଁ ଦ୍ରୁତ ଗତିରେ ହ୍ରାସ ପାଇ ଚାଲିଥିଲା, ଏବେ ଗ୍ରହଣ କରି ନେଇଛନ୍ତି କି ଯୋଗ୍ୟ ଭୋଟରମାନେ ଯଦି ବିଧାନସଭା ନିର୍ବାଚନ ପାଇଁ ନାମାଙ୍କନ ହେବା ପୂର୍ବରୁ ଗ୍ରହଣୀୟ କାଗଜପତ୍ର ବା ଦଲିଲଗୁଡ଼ିକ ସହିତ ଭୋଟର ତାଲିକାରେ ସେମାନଙ୍କ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ଆବେଦନ କରନ୍ତି, ତା'ହେଲେ ସେମାନଙ୍କ ନାମ ନୂଆ ତାଲିକାରେ ସାମିଲ କରିବାକୁ ରାଜି ହୋଇଥିବା ଜଣା ପଡ଼ିଛି। ଏଥିପାଇଁ ପୂର୍ବରୁ ସେପ୍ଟେମ୍ବର ୧ ତାରିଖକୁ ଆବେଦନ କରିବାର ଶେଷ ତାରିଖ ଭାବରେ ଯାହା ଘୋଷଣା କରାଯାଇଥିଲା, ତାହା ନିଛକ ଭାରତୀୟ ଢଙ୍ଗରେ ପୂର୍ବର ଅନେକ ସଂଖ୍ୟକ ଘୋଷିତ ତାରିଖ ଭଳି ପଛକୁ ଚାଲି ଯାଇଛି ଏବଂ ସର୍ବସାଧାରଣଙ୍କ କାମକୁ ସରକାରୀ ସ୍ତରରେ ସମ୍ପାଦନ କରାଯିବା ନିମନ୍ତେ ଅଧିକ ସମୟ ପ୍ରଦାନ କରାଯାଇଛି। ତେବେ ଅନ୍ୟାୟ ଭାବରେ ସେମାନଙ୍କ ଅଧିକାର ସାବ୍ୟସ୍ତ କରିବାରୁ ବାଦ୍ ପଡ଼ିଥିବା ବିହାରର ଭୋଟରମାନେ ଏହାଦ୍ୱାରା ସେମାନଙ୍କ ମତଦାନ ଅଧିକାରକୁ ସାବ୍ୟସ୍ତ କରିବାକୁ ଏକ ସୁଯୋଗ ଲାଭ କରିବାରେ ସକ୍ଷମ ହେବେ, ଯାହାକି ସେମାନଙ୍କର ମୌଳିକ ଅଧିକାର, ଅବଶ୍ୟ ଏଇ ସର୍ତ୍ତରେ ଯେ ସେମାନେ କମିଶନଙ୍କ ନିୟମାବଳୀରେ ରହିଥିବା ସବୁ ସର୍ତ୍ତକୁ ପୂରଣ କରିବେ।

ବିଭିନ୍ନ କାରଣରୁ ବାଦ୍ ପଡ଼ିଥିବା, ବିଶେଷକରି ଏସ୍‌ଆଇଆର୍ ସମୟରେ ଅଧିକାଂଶ ଭୋଟର ସେମାନଙ୍କ ବାସସ୍ଥାନରେ ଉପସ୍ଥିତ ନଥିବା ଯୋଗୁଁ, ଯାହା ଅଧିକତଃ ଘଟିଛି ବିହାରର ଗ୍ରାମାଞ୍ଚଳରେ, ଯେଉଁଠିକାର ଲୋକମାନଙ୍କ ସଂଖ୍ୟା ଅଧିକ, ସେହି କ୍ଷେତ୍ରରେ ଇସିଙ୍କୁ ବର୍ତ୍ତମାନ ପୂର୍ଣ୍ଣାଙ୍ଗ ତ୍ରୁଟିଶୂନ୍ୟ ତାଲିକା ପ୍ରସ୍ତୁତ କରିବା ନିମନ୍ତେ ପୂର୍ବାପେକ୍ଷା ଅଧିକ ଦ୍ରୁତ ଗତିରେ କାମ କରିବାକୁ ପଡ଼ିବ, କାରଣ ଏହି ତାଲିକା ଶତ ପ୍ରତିଶତ ନିର୍ଭୁଲ୍ ହେବା ସମସ୍ତେ ଚାହାନ୍ତି। ତେବେ ଏସ୍‌ଆଇଆର୍ କାର୍ଯ୍ୟ ତ୍ରୁଟିପୂର୍ଣ୍ଣ ହୋଇଥିବା ଜଣାପଡ଼େ, ତାହା ଉଦ୍ଦେଶ୍ୟମୂଳକ ଭାବରେ ହୋଇଥାଉ ବା ଅନ୍ୟ କିଛି କାରଣରୁ, ଯେହେତୁ ତାଲିକାରୁ ପାଖାପାଖି ୬୫ ଲକ୍ଷ ଭୋଟରଙ୍କ ନାମ ବାଦ୍ ପଡ଼ିଥିବା ଜଣା ପଡ଼ିଥିବା ବେଳେ ଧାର୍ଯ୍ୟ ହୋଇଥିବା ସେପ୍ଟେମ୍ବର ୧ ତାରିଖ ସୁଦ୍ଧା ନାମ ଅନ୍ତର୍ଭୁକ୍ତିକରଣ ପାଇଁ ମାତ୍ର ୩୩ ହଜାର ଦାବି ସମ୍ବଳିତ ଆବେଦନ ହସ୍ତଗତ ହୋଇଥିଲା। ଅନେକ ସଂଖ୍ୟକ ଆପତ୍ତିଜନକ ପ୍ରତିବାଦ ସତ୍ତ୍ୱେ ଏହି ପ୍ରସଙ୍ଗ ଉପରେ ନିଜର ପାଦ ଚାଳିବା ବଜାୟ ରଖିବା ଏବଂ ରାଜନୀତିକ ଦଳମାନଙ୍କ ଦ୍ୱାରା ଗାଳିମନ୍ଦ ଭିତରେ ନିଜର ପାଣ୍ଡିତ୍ୟ ପ୍ରଦର୍ଶନ କରିଥିବା ଇସି ଏହି କାର୍ଯ୍ୟକୁ ନିର୍ବାଚନ ଅତି ନିକଟରେ ଥିବା ବେଳେ ସମ୍ପାଦନ କରିବାକୁ ଆଗେଇ ଆସିଥିଲେ ଯାହା ଏବେ ପ୍ରାର୍ଥୀପତ୍ର ଦାଖଲ କରିବାର ଶେଷ ତାରିଖ ଭିତରେ ଆପତ୍ତିବିହୀନ ଭାବରେ ସମ୍ପାଦନ କରିବାକୁ ପଡ଼ିବ। ଏହା ଏକ ଦୁରୂହ କାର୍ଯ୍ୟ ହୋଇଥିବାରୁ ଠିକ୍ ସମୟରେ କାର୍ଯ୍ୟ ଶେଷ କରିବା ସେତେ ସହଜ ନୁହେଁ। ପୁନଶ୍ଚ, ଏହା ସମ୍ପାଦନ କରି ପାରିଲେ ମଧ୍ୟ ବିଶ୍ୱର ସର୍ବବୃହତ୍ ନିର୍ବାଚନକୁ ନିଷ୍ପକ୍ଷ ଭାବରେ ସମାପନ କରାଇ ପାରୁଥିବା ଯୋଗୁଁ ଇସିର ସୁନାମରେ ଯେଉଁ ଆଞ୍ଚ ଆସିଛି, ତାକୁ ଦୂର କରିବା ଏତେ ସହଜ ହେବନାହିଁ। ତେବେ ଶେଷ ମୁହୂର୍ତ୍ତରେ ନିଜର ତ୍ରୁଟିକୁ ସୁଧାରିବା ପାଇଁ ଏହା ଉପଯୁକ୍ତ ଅଭିଯୋଗଗୁଡ଼ିକର ସମାଧାନ କରିବା ପାଇଁ ସଂଶୋଧନାତ୍ମକ ପଦକ୍ଷେପ ନେଇ ପାରିବ।

ଭୋଟର ତାଲିକାରେ ନାମକୁ ପୁନର୍ବାର ସାମିଲ କରିବା ପାଇଁ ଏକମାତ୍ର ଆଧାର କାର୍ଡ ହିଁ ଯଥେଷ୍ଟ ଏବଂ ଏହାକୁ ହିଁ ଏକ ଯଥାର୍ଥ ଦସ୍ତାବିଜ ଭାବରେ ଗ୍ରହଣ କରାଯିବାର ସମ୍ଭାବନା ସମ୍ପର୍କିତ ନିଷ୍ପତ୍ତି ଏବେ ସୁଦ୍ଧା ଅନିଶ୍ଚିତତା ଭିତରେ ରହିଛି। ଏସ୍‌ଆଇଆର୍ ପରେ ପ୍ରସ୍ତୁତ ହୋଇ ସାରିଥିବା ଭୋଟର ତାଲିକାରେ ନାମ ସାମିଲ କରିବା ପାଇଁ ଆଧାର କାର୍ଡକୁ ଏକମାତ୍ର ପ୍ରମାଣ ଭାବରେ ଗ୍ରହଣ କରାଯିବ କି ନାହିଁ ପ୍ରଶ୍ନର ଉତ୍ତର ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନକାରାତ୍ମକ ଢଙ୍ଗରେ ପ୍ରଦାନ କରାଯାଇଛି। ଏହାର ଅର୍ଥ ହେଉଛି ବାଦ୍ ପଡ଼ିଥିବା ପାଖାପାଖି ୬୫ ଲକ୍ଷ ଭୋଟରଙ୍କ ମଧ୍ୟରୁ ଅଧିକାଂଶଙ୍କ ନିକଟରେ ଏଥିପାଇଁ ଆବଶ୍ୟକ ଅନ୍ୟାନ୍ୟ କାଗଜପତ୍ର ବା ଦସ୍ତାବିଜ ନଥାଇ ପାରେ। ଏହି ପରିପ୍ରେକ୍ଷୀରେ କୁହାଯାଇପାରେ ଯେ ନାଗରିକତାର ଏକ ବଳିଷ୍ଠ ପ୍ରମାଣ ଭାବରେ ଆଧାର କାର୍ଡ ଏକମାତ୍ର ଦସ୍ତାବିଜ ଭାବରେ ବ୍ୟବହାର ହେବ କି ନାହିଁ, ଅର୍ଥାତ୍ ଏହାର ଆଇନଗତ ବୈଧତାକୁ ସର୍ବୋଚ୍ଚ ଅଦାଲତ ପୁଣିଥରେ ପରୀକ୍ଷା କରି ଦେଖିବା ଉଚିତ ଯଦ୍ୱାରା ଭବିଷ୍ୟତରେ ସମସ୍ତ ନିର୍ବାଚନ ନିଷ୍ପକ୍ଷ ଭାବରେ ସମ୍ପାଦନ କରାଯାଇ ପାରିବ ଯେଉଁଥିରେ କେବଳ ଭାରତୀୟ ନାଗରିମାନେ ହିଁ ମତଦାନ କରି ପାରିବେ। ତେବେ ନାଗରିକତାକୁ ବାଦ୍ ଦେଲେ ଆଧାର କାର୍ଡ ବ୍ୟବସ୍ଥା ଯେଉଁଥିରେ ଅନେକଗୁଡ଼ିଏ ଛିଦ୍ର ରହିଛି, ତାହା ବର୍ତ୍ତମାନ ବିଶେଷ ସଘନ ସଂଶୋଧନ ପ୍ରଣାଳୀ ଦେଇ ଗତି କରିବ, ଯାହା ନାଗରିକଙ୍କ ପରିଚୟର ପ୍ରମାଣ ଭାବରେ ନିଜକୁ ପ୍ରମାଣିତ କରିବା ପାଇଁ ବିହାର ଭୋଟର ତାଲିକାର ସଂଶୋଧନଠାରୁ ମଧ୍ୟ ଅଧିକ ସଂଶୋଧନ ଆବଶ୍ୟକ କରିପାରେ। ପ୍ରଶ୍ନ ହେଉଛି- ବିହାର ଭୋଟର ତାଲିକା ସଂଶୋଧନରୁ ଇସି କିଛି ଶିକ୍ଷାଲାଭ କରି ପାରିଛନ୍ତି କି ନାହିଁ, ଯାହାକି ଏବେ ମଧ୍ୟ ସନ୍ଦେହ ଜାଗ୍ରତ କରାଉଛି ଯେ- ଜଣେ ଭୋଟର ସେ ଜନ୍ମଗ୍ରହଣ କରିଥିବା ସ୍ଥାନରେ ଭୋଟ୍ ଦେଇ ପାରିବେ ନା ଯେଉଁଠି ସେ ବାସ କରୁଛନ୍ତି, ସେଠାରେ ଦେଇ ପାରିବେ, ଯାହାକି ଦେଶର ଅନ୍ୟ ଯେ କୌଣସି ସ୍ଥାନ ହୋଇପାରେ। କିନ୍ତୁ ସେସବୁ କଥା ପରବର୍ତ୍ତୀ ପ୍ରସଙ୍ଗ ହୋଇଥିବା ବେଳେ ବିହାର ନିର୍ବାଚନ ଏବେ ସମସ୍ତଙ୍କ ଧ୍ୟାନର କେନ୍ଦ୍ରବିନ୍ଦୁ।■

# ଶ୍ରୀମନ୍ଦିରରେ ବାମନ ଜନ୍ମ ଉତ୍ସବ



**ସନ୍ତୋଷ କୁମାର ଦାଶ**

ଭାଦ୍ରବ ଦ୍ୱାଦଶୀ ତିଥିରେ ପୁରୀ ଶ୍ରୀମନ୍ଦିରରେ ଶ୍ରୀବାମନ ଜନ୍ମ ନୀତି ଉତ୍ସବ ଅନୁଷ୍ଠିତ ହୋଇଥାଏ। ଭାଦ୍ରବ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିର ମଧ୍ୟାହ୍ନରେ ପ୍ରଭୁ ନାରାୟଣ ବାମନ ରୂପରେ ଆବିର୍ଭୂତ ହୋଇଥିଲେ ବୋଲି ପୁରାଣରେ ବର୍ଣ୍ଣିତ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବାମନ ଭାବେ ଅଭିହିତ କରାଯାଇ ଉକ୍ତ ଆବିର୍ଭାବ ତିଥିରେ ଶ୍ରୀମନ୍ଦିରରେ ଜନ୍ମ ନୀତି ଉତ୍ସବ ପାଳିତ ହୋଇଥାଏ। ଏହି ଦିନ ସକାଳ ଧୂପ ଶେଷ ହେବା ପରେ ଠାକୁରମାନଙ୍କର ମହାସ୍ନାନ ଓ ସର୍ବାଙ୍ଗ ନୀତି ହୋଇ ପୂର୍ବ ଦିନରୁ ଅଧିବାସ ହୋଇଥିବା ପବିତ୍ରା ଲାଗି ହୋଇଥାଏ। ତତ୍ପରେ ଶ୍ରୀବିଗ୍ରହମାନଙ୍କୁ କର୍ପୂର ଲାଗି ହୋଇ ବେଶ ବଢ଼ିବା ପରେ ମଧ୍ୟାହ୍ନ ଧୂପ ଉଠିଥାଏ। ଜୟବିଜୟ ଦ୍ୱାର ବନ୍ଦ ହୋଇ ଚନ୍ଦନ ଅର୍ଗଳୀଠାରେ ଶୁଦ୍ଧ ସୁଆର ପାଣି ପକାଇ ପୋଛା ମାରିବା ପରେ ପୂଜାପଣ୍ଡା ପଞ୍ଚ ବର୍ଣ୍ଣ ମୁରୁଜରେ ମଣ୍ଡଳ ଲେଖିଥାନ୍ତି। ଏହା ପରେ ତିନି ବାଡ଼ରେ ଶ୍ରୀବିଗ୍ରହମାନଙ୍କର ବନ୍ଦାପନା ଓ କଳସ ବରୁଣ ପୂଜା କରାଯାଏ। ଇତି ମଧ୍ୟରେ ଦକ୍ଷିଣ ଘର ଭୋଗ ସରିବା ପରେ ମହାଜନ ସେବକମାନେ ବାମନ/କୃଷ୍ଣଙ୍କୁ ରତ୍ନ ସିଂହାସନରେ ବିଜେ କରାଇବା ପରେ ମୁଦିରସ୍ତ ସେବକ ଶ୍ରୀଅଙ୍ଗରେ ଧଣ୍ଡି ପ୍ରସାଦ ଲାଗି କରିଥାନ୍ତି। ଏହା ପରେ ମହାଜନମାନେ କୃଷ୍ଣଙ୍କୁ ସର୍ବତୋ ଭଦ୍ରମଣ୍ଡଳରେ ବିଜେ କରାଇଥାନ୍ତି। ଏହା ପୂର୍ବରୁ ଏହି ମଣ୍ଡଳରେ ସୁବର୍ଣ୍ଣର ବାମନ ପ୍ରତିମା ବିଜେ କରିଥାନ୍ତି। ଏଠାରେ ଗର୍ଭଉଦକ ନୀତି, ଜନ୍ମବିଧିମାନ କରାଯାଇଥାଏ। ଏହା ପରେ କ୍ଷୀର, ଲହୁଣୀ, କୋରା ମଣୋହି, ପ୍ରସାଦ ଲାଗି, ଭଣ୍ଡାର ଘରୁ ରୂପା ବଟାରେ ପତିମହାପାତ୍ରଙ୍କ ହସ୍ତରେ ଶ୍ରୀଦୁର୍ଗା ଦେବୀଙ୍କ ବିଜେ, ବସୁଧାରା ଯଜ୍ଞ ପବିତ୍ରା, ଶୀତଳ ଭୋଗ ପନ୍ତି, ଦୁଧ ମଣୋହି, ପ୍ରସାଦ ଲାଗି ଓ ବନ୍ଦାପନା ଇତ୍ୟାଦି ନୀତିମାନ ଅନୁଷ୍ଠିତ ହୋଇଥାଏ। ଉକ୍ତ ଦିନ ସନ୍ଧ୍ୟା ଧୂପ ଶେଷ ହେଲା ପରେ ଶ୍ରୀମନ୍ଦିରରେ ପାରମ୍ପରିକ ଭାବେ ଇନ୍ଦ୍ରଧ୍ୱଜ ପୂଜା ଅନୁଷ୍ଠିତ ହୋଇଥାଏ। ଏଥି ନିମନ୍ତେ କାଠ ବାଉଁଶରେ ସପ୍ତମେଘ ପୋତାଯାଏ। ରୋଷରୁ ଦୁଇ ଓଳି ଅନ୍ନ ପନ୍ତିରେ ବଢ଼ାଯିବା ପରେ ପୂଜାପଣ୍ଡା ପଞ୍ଚୋପଚାର ବିଧିରେ ଭୋଗ ଲାଗି କରିଥାନ୍ତି। ସୂଚନାଯୋଗ୍ୟ ଯେ ବର୍ଷକରେ ଏହି ଦିନଟିରେ ହିଁ କେବଳ ଶଙ୍ଖୁଡ଼ି ବାହାରକୁ ଯାଏ। ତତ୍ପର ଦିନ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବଳିବାମନ ବେଶ ଅନୁଷ୍ଠିତ ହୋଇଥାଏ।

ପୁରାଣର ବର୍ଣ୍ଣନା ଅନୁସାରେ, ବଳୀ ରାଜାଙ୍କ ଅତ୍ୟାଚାରରେ ତିନି ଭୁବନ ଭୀତତ୍ରସ୍ତ ହୋଇ ପ୍ରଭୁ ନାରାୟଣଙ୍କୁ ରକ୍ଷା କରିବାକୁ ପ୍ରାର୍ଥନା କରିବାରୁ ପ୍ରଭୁ ନାରାୟଣ ବାମନ ରୂପରେ ଅବତାର ଗ୍ରହଣ କରିଥିଲେ। ତାଙ୍କ ଶରୀର ଲାବଣ୍ୟମୟ ଦିଶୁଥିଲା। ଅଙ୍ଗୁଷ୍ଠିରେ ମୁଦ୍ରିକା ଶୋଭା ପାଉଥିଲା, କପାଳ ଅତ୍ୟନ୍ତ ମନୋମୁଗ୍ଧକର ଚିତା ଦ୍ୱାରା ସୁସଜ୍ଜିତ ଥିଲା। ହସ୍ତରେ ତାଳପତ୍ର ପୁସ୍ତକ ଶୋଭା ପାଉଥିଲା, ଆଉ କାନ୍ଧରେ ଥିବା ଯଜ୍ଞୋପବୀତ ଦେବତାମାନଙ୍କ ଦ୍ୟୁତିକୁ ହରଣ କରୁଥିବା ସହ ତାହା ଉପରେ ଉତ୍ତରୀୟ ଶୋଭା ପାଉଥିଲା। ତାଙ୍କ ବାମ ହସ୍ତରେ ତାଳ ପତ୍ରର ଛତା ଥିଲା। ଦୁଇ ହସ୍ତର ଦୁଇ ଅନାମିକା ଅଙ୍ଗୁଷ୍ଠିରେ ଦୁଇଟି କୁଶବଟୁ, ହସ୍ତରେ ତାମ୍ରପାତ୍ର- ଏହିପରି ସୌନ୍ଦର୍ଯ୍ୟରେ ସଜ୍ଜିତ ବାମନ ଦେବ ବ୍ରାହ୍ମଣ ରୂପରେ ସାମବେଦ ପଠନପୂର୍ବକ ରାଜା ବଳୀଙ୍କ ଦ୍ୱାରରେ ଉପସ୍ଥିତ ହୋଇଥିଲେ। ବଳି ରାଜାଙ୍କ ଦ୍ୱାରରେ ବ୍ରାହ୍ମଣ ରୂପୀ ବାମନ ଉପସ୍ଥିତ ହେବା ପରେ ବଳିରାଜ ତାଙ୍କର ରୂପ ଲାବଣ୍ୟ ଦେଖି ସ୍ତମ୍ଭୀଭୂତ ହୋଇ ପଚାରି ଥିଲେ- ହେ ଦ୍ୱିଜବର, ଆପଣଙ୍କର ଆସିବାର ଅଭିପ୍ରାୟ କ'ଣ ? ବ୍ରାହ୍ମଣ ରୂପୀ ନାରାୟଣ କହିଥିଲେ: ହେ ବଳିରାଜ, ତୁମର କୀର୍ତ୍ତି ଚତୁର୍ଦ୍ଦିଗରେ ବିସ୍ତାରିତ ହୋଇଛି। ଅନେକ ବ୍ରାହ୍ମଣଙ୍କୁ ତୁମେ ଦାନ ପୁଣ୍ୟ କରୁଛ। ଏ ଖବର ଶୁଣି ମୁଁ ତୁମଠାରୁ ତ୍ରିପାଦ ଭୂମି ଦାନ ନେବା ପାଇଁ ବହୁଦୂର ଗୋଲକପୁରୀରୁ ଆସିଛି। ତୁମେ ତ୍ରିପାଦ ଭୂମି ମୋତେ ପ୍ରଦାନ କର। ବଳିରାଜଙ୍କୁ ବ୍ରାହ୍ମଣ ରୂପୀ ବାମନ ତିନି ପାଦ ଭୂମି ମାଗିଥିଲେ। ବଳିରାଜ କହିଲେ- ହେ ବ୍ରାହ୍ମଣ, ସାଧାରଣ ଭୂମି ମାଗିବା ଆବଶ୍ୟକ ନାହିଁ।



ଯଦି ଦେଶ, ଗ୍ରାମ, ଗୋବାଜି ଧନଧାନ୍ୟ, ଅଷ୍ଟରତ୍ନ ଇତ୍ୟାଦି ମାଗନ୍ତେ, ସବୁକିଛି ଦିଅନ୍ତି। କିନ୍ତୁ ସାଧାରଣ ତିନି ପାଦ ଭୂମି କ'ଣ ମାଗୁଛନ୍ତି ? ବଳି ଏବଂ ବ୍ରାହ୍ମଣ ରୂପୀ ବାମନଙ୍କ କଥୋପକଥନରେ ବଳିରାଜ ଅନେକ ଧନ ସମ୍ପଦ ଦେବା ପାଇଁ ଇଚ୍ଛୁକ ଥିଲେ। କିନ୍ତୁ ଛଦ୍ମବେଶୀ ପ୍ରଭୁ ବାମନ ତିନି ପାଦ ଭୂମି ଇଚ୍ଛା କରିଥିଲେ। ବଳିରାଜଙ୍କୁ ତିନି ପାଦ ଭୂମି ତୁଚ୍ଛ ଲାଗୁଥିଲା। ବଳିରାଜ ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟଙ୍କୁ ମନ ମଧ୍ୟରେ ସ୍ମରଣ କରି ତିନି ପାଦ ଭୂମି ଦାନ ଦେବା ପାଇଁ ବ୍ରାହ୍ମଣ ରୂପୀ ବାମନଙ୍କ ନିକଟରେ ସଂକଳ୍ପ କରିଥିଲେ। ମନରେ ଚିନ୍ତା କରିଥିଲେ, ଏହି ବ୍ରାହ୍ମଣଙ୍କର ପଦ ରେଣୁ ମୋର ପୂର୍ବ ଭାଗ୍ୟ ଥିବା ଯୋଗୁଁ ମୋ ଦ୍ୱାରରେ ଆଜି ପଡ଼ିବା ସହ ମୁଁ ମୋର ସପ୍ତ କୁଳକୁ ଉଦ୍ଧାର କରି ମର୍ଯ୍ୟାଦା ରଖିବି ଏବଂ ଚିରକାଳ ପାଇଁ ବିଷ୍ଣୁଙ୍କ ପୟରରେ ଦାସାନୁଦାସ ହୋଇ ସ୍ୱର୍ଗରେ ରହିବି।

ବଳିରାଜ ବ୍ରାହ୍ମଣଙ୍କୁ ତିନି ପାଦ ଭୂମି ଦାନ କରିବା ପାଇଁ ବ୍ରାହ୍ମଣଙ୍କର ପଦ ଧୌତ କଲେ। ଯେଉଁ ପାଦପଦ୍ମକୁ ଧ୍ରୁବ,ନାରଦାଦି ମୁନି, ଋଷିଗଣ ଧ୍ୟାନ କରିବା ପାଇଁ ସକ୍ଷମ ନୁହନ୍ତି, ସେହି ପାଦପଦ୍ମକୁ ବଳିରାଜ ଧୌତ କରିବା ତାଙ୍କ ପାଇଁ ଅତି ପୁଣ୍ୟର ମାର୍ଗ ଥିଲା। ଯେ କୌଣସି ଦାନ ପୁଣ୍ୟରେ ବ୍ରାହ୍ମଣଙ୍କୁ ବରଣ କଲା ବେଳେ ଆସନ, ପାଦାସନ, ଗନ୍ଧ, ପୁଷ୍ପ, ଅକ୍ଷତ, ନୂତନ ବସ୍ତ୍ରାଦି ପରିଧାନ କରାଇ ଦାନକୁ ଅର୍ପଣ କରାଯାଏ। ସେହି ଅନୁସାରେ ବଳିରାଜ ବ୍ରାହ୍ମଣଙ୍କୁ ବରଣ କରିଥିଲେ। ଗ୍ରହୀତା ବ୍ରାହ୍ମଣ ରୂପୀ ବାମନ ତାଙ୍କର ମଙ୍ଗଳ କାମନା କରିବା ସହ ଆକାଶରେ ଦୁନ୍ଦୁଭି ବାଦ୍ୟ ଦେବତାଗଣ ବାଦନ କରିଥିଲେ। ବଳିରାଜ ବ୍ରାହ୍ମଣଙ୍କୁ ଯଥାବିଧି ବରଣ କରିସାରି ଦାନ କାର୍ଯ୍ୟ ଆରମ୍ଭ କଲେ। ପ୍ରଥମ ପାଦ ଭୂମି ଦାନରେ ସ୍ୱର୍ଗପୁର ଆଚ୍ଛାଦିତ ହୋଇଗଲା, ଦ୍ୱିତୀୟ ପାଦ ଭୂମି ଦାନରେ ମର୍ତ୍ତ୍ୟପୁର ଆଚ୍ଛାଦିତ ହୋଇଥିଲା। ଏହା ପରେ ବଳୀରାଜଙ୍କର ବିଶ୍ୱାସ ଦୃଢ଼ୀଭୂତ ହେଲା ଯେ ବ୍ରାହ୍ମଣ ରୂପରେ ଆସିଥିବା ବାମନ ବ୍ରାହ୍ମଣ ନୁହନ୍ତି, ଏ ନିଶ୍ଚିତ ଜଣେ ଦେବତା। ତେଣୁ ସେ ଆଦରର ସହିତ ପଚାରିଲେ- ପ୍ରଭୁ, ଆପଣଙ୍କର ତୃତୀୟ ପାଦ କାହିଁ ? ହଠାତ୍ ବାମନ ଦେବଙ୍କ ନାଭିକମଳରୁ ଏକ ପାଦ ଆବିର୍ଭୂତ ହେଲା, ଯେଉଁ ପାଦ କି ପ୍ରଭୁ ବଳୀରାଜଙ୍କ ମସ୍ତକରେ ରଖି ତାଙ୍କୁ ପାତାଳପୁରକୁ ଚାପିଦେଲେ। ବଳୀରାଜଙ୍କର ପୂର୍ବ ଜନ୍ମର କୋଟି କୋଟି ପାପ ମୁକ୍ତି ହେବା ସହିତ ବିଷ୍ଣୁପୁରରେ ବସବାସ କଲେ। ବାମନ ବଳୀରାଜଙ୍କ ମସ୍ତକରେ ପାଦ ଥୋଇ ଚାପି ଦେଲା ପରେ ନିଜର କାୟାକୁ ବିସ୍ତାରିତ କରିଥିଲେ। ନାରାୟଣଙ୍କ ଏହି ରୂପ ଦେଖି ତିନି ପୁରର ସମସ୍ତେ ଭୟଭୀତ ହୋଇ ପଡ଼ିଥିଲେ। ପାହାଡ଼ ପର୍ବତ ଆଦି କମ୍ପମାନ ହୋଇ ଉଠିଥିଲା। ବ୍ରହ୍ମା ବେଦଗାନ କରିବା ସହିତ ଦେବଗୁରୁ ବୃହସ୍ପତି ଶିକ୍ଷା ସ୍ତୁତି ପାଠ କରିଥିଲେ। ଇନ୍ଦ୍ରାଦି ଦେବଗଣ ସମସ୍ତେ ଭକ୍ତିର ସହିତ ପୁଷ୍ପାଞ୍ଜଳି ଅର୍ପଣ କରିବା ଦ୍ୱାରା ବାମନ ଶାନ୍ତିଲାଭ କରି ସ୍ୱସ୍ଥାନ ଗୋଲକପୁରୀକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଅତି ସର୍ବତ୍ର ଗର୍ହିତଂ ହିସାବରେ ବଳୀରାଜ ମୁକ୍ତିଲାଭ କରି ସ୍ୱର୍ଗପୁରକୁ ଗମନ କରିଥିଲେ। ସଂସ୍କୃତରେ ଏକ ଶ୍ଳୋକ ରହିଛି ଯେ 'ଅତି ଗର୍ବେ ହତ ଲଙ୍କା, ଅତି ମାନେ ଚ କୌରବା। ଅତି ଦାନେ ବଳୀ ବଧ ଅତି ସର୍ବତ୍ର ଗହିର୍ତଃ।' ଜୟ ଶ୍ରୀବାମନ ଅବତାର। ଜୟ ଜଗନ୍ନାଥ ସ୍ୱାମୀ।■

**ତୁଳସୀପୁର, ପୁରୀ**
**ମୋ: ୯୪୩୯୩୬୧୮୮**

**ଲେଖା ପଠାଇବାର ଠିକଣା,** ସମ୍ପାଦକ, **'ନିତିଦିନ',** Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

ନିତିଦିନ NITIDIN

ପଶ୍ଚିମ ଓଡ଼ିଶା

ଗ

## ଜିଲ୍ଲାପାଳଙ୍କ ରାମନାଗୁଡ଼ା ଗସ୍ତ

# ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ପରିଦର୍ଶନ ଓ ସମୀକ୍ଷା



**ରାୟଗଡ଼ା,୩।୯/ଏନ୍‌ଏନ୍‌ଏସ:** ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ରାମନାଗୁଡ଼ା ବ୍ଲକ୍ ପରିଦର୍ଶନରେ ଯାଇ ପ୍ରଥମେ କରଡ଼ା ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀର ତେନ୍ତୁଳି ପ୍ରକ୍ରିୟାକରଣ ୟୁନିଟ୍ ବୁଲି ଦେଖୁଥିଲେ। ପରେ ଖାମ୍ବାଗୁଡ଼ାରେ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାଙ୍କ ଦ୍ୱାରା ଗୋଲାପ ବଗିଚା, ରାମନାଗୁଡ଼ା ଇ-ଲାଇବ୍ରେରୀ, ଗୋସାଇଁ ଗୁଲୁମୁଣ୍ଡାରେ ଇଣ୍ଡଷ୍ଟ୍ରିଆଲ୍ ପାର୍କ, ନୀଳକଣ୍ଠପୁରରେ ସ୍ୱୟଂ ସହାୟିକ ସଦସ୍ୟାଙ୍କ ଦ୍ୱାରା ମଲ୍ଲି ଫୁଲ ବଗିଚା, ଗଦଗଦା ଶୈବପୀଠ ତଥା ଜଳପ୍ରପାତ, କୁଜେନ୍ଦ୍ରି ଗ୍ରାମାଞ୍ଚଳ ପାର୍କ, କୁଜେନ୍ଦ୍ରୀ ଉଚ୍ଚବିଦ୍ୟାଳୟ ଓ ଓମଡିଂରେ ନିର୍ମାଣଧୀନ ପୋଲ ପ୍ରମୁଖ ପ୍ରକଳ୍ପ ବୁଲି ଦେଖୁଥିଲେ। ଗୋଗୁପଡୁ ଅଞ୍ଚଳରେ ଚାଲିଥିବା ଡ୍ରାଗନ୍ ଫଳ ହେଉଥିବା ବୁଲି ଦେଖୁଥିଲେ। ବ୍ଲକ୍‌ର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଦେଖି ଖୁସି ବ୍ୟକ୍ତି କରିବା ସହ ଦେଶୀ ଗୋଲାପ ଚାଷ କରି ସେଥିରୁ ଗୋଲାପ ଜଳ ପ୍ରକ୍ରିୟାକରଣ ୟୁନିଟ୍ କାର୍ଯ୍ୟକାରୀ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ କହିଥିଲେ। ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ଗୁଣପୁର ଉପଜିଲ୍ଲାପାଳ ଦୁଧାଳ ଅଭିଷେକ ଦିଲ୍ଲୀପ, ରାୟଗଡ଼ା ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ଖେମୁଣ୍ଡୁ, ରାମନାଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ମଣ୍ଡଳ, ରାମନାଗୁଡ଼ା ତହସିଲଦାର୍ ପ୍ରାଣକୃଷ୍ଣ ପାଣିଗ୍ରାହୀ, ରାମନାଗୁଡ଼ା ବ୍ଲକ୍ ଅଧ୍ୟକ୍ଷ ରବିଶଙ୍କର ଗମାଙ୍ଗ, ମଙ୍ଗଳ ସଂପ୍ରସାରଣ ଅଧିକାରୀ ସୁସ୍ମିତା ରଥ, ସହକାରୀ ଯନ୍ତ୍ରୀ ପ୍ରତାପ ମିଶ୍ର, ବିପିସି ସନ୍ତୋଷ ରନ୍ଧାଲୁ ଓ ଉଦ୍ୟାନ ବିଭାଗର ଅକ୍ଷୟ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଶିଖପଲ୍ଲୀ-ପଡ଼ିଆ ରାସ୍ତା ଜରାଜୀର୍ଣ୍ଣ, ପଥଚାରୀ ହନ୍ତସନ୍ତ

**ମାଲକାନଗିରି,୩।୯/ଏନ୍‌ଏନ୍‌ଏସ:** ଶିଖପଲ୍ଲୀଠାରୁ ପଡ଼ିଆ ରାସ୍ତା ଦୀର୍ଘ ଦିନ ହେଲା ମରାମତି ଅଭାବରୁ ପ୍ରାୟ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ରାସ୍ତା ସାରା ଖାଲଖମା ହେତୁ ବାଇକ୍ ଚଳାଚଳରେ ଅସୁବିଧା ହେବାସହ ଏହି ପଡ଼ିଆ ଯିବାକୁ ବିଳମ୍ବ ଘଟୁଛି। ବିଶେଷକରି ଯେଉଁ ସରକାରୀ ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟାପକ, ପିଇଓ, କୃଷି କର୍ମଚାରୀ, ସ୍ୱାସ୍ଥ୍ୟକର୍ମୀ ଓ ପଞ୍ଚାୟତର କ୍ଷେତ୍ର କର୍ମଚାରୀମାନେ ଯାତାୟତ କଲା ବେଳେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାସହ ଠିକ୍ ସମୟରେ ପହଞ୍ଚିବାରେ ବିଳମ୍ବ ଘଟୁଛି। ଯେଉଁ ପଥଚାରୀମାନେ ମାଲକାନଗିରି ସଦର ମହକୁମାଠାରୁ ଭାୟା ଶିଖପଲ୍ଲୀ ପଡ଼ିଆ ଯାଉଛନ୍ତି ସେମାନେ ଆଉ ଘଣ୍ଟାଏ ବିଳମ୍ବରେ ପହଞ୍ଚୁଥିବା ଜଣାପଡ଼ିଛି।

ଏହି ରାସ୍ତାଟି ମାଲକାନଗିରି ଆରଡି ଦ୍ୱାରା ୨୦୧୬ ପୂର୍ବରୁ ନିର୍ମାଣ କରାଯାଇଥିଲା।



୨୦୧୬ରେ ଏହି ରାସ୍ତାଟି ମାଲକାନଗିରି ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କଲା ପରେ ଦୀର୍ଘ ୯ ବର୍ଷ ପରେ ମଧ ମରାମତି ଅଭାବରୁ ୩୭ କିମି ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ବର୍ତ୍ତମାନ ପର୍ସନପାଲ୍ଲୀ, ମାଟେରୁ, ତେଲମଗଡ଼ା, କତାଗୁଡ଼ା, ପଡ଼ିଆ ଫାୟାର୍

## ପ୍ରଶାସନିକ ଅବହେଳା ଓ ନେତାଙ୍କ ଆନ୍ତରିକତା ଅଭାବ

ଷ୍ଟେସନ୍ ଓ ପଡ଼ିଆର ପ୍ରବେଶ ପଥ ଅସଂଖ୍ୟ ଖାଲଖମାରେ ପରିପୂର୍ଣ୍ଣ। ଏହି ରାସ୍ତାର ମରାମତି ଅଭାବରୁ ପଡ଼ିଆ ଯିବାକୁ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ ମଧ ପ୍ରଶାସନିକ ଅବହେଳା ଏବଂ ନେତାଙ୍କ ଆନ୍ତରିକତା ଅଭାବରୁ ଦୀର୍ଘ ୩୭ କିମି ରାସ୍ତାର ଅବସ୍ଥା ନ କହିବା ଭଲ। ଏହି ରାସ୍ତାରେ ଅସଂଖ୍ୟ ଖାଲଖମା ହେତୁ ବର୍ଷା ଦିନେ ପାଣି ଜମି ରହିବା ସହ ଅସାବଧାନତା ଯୋଗୁ ଅନେକ ସମୟରେ ବାଇକ୍ ଓ ସ୍କୁଟି ଚାଳକମାନେ ଦୁର୍ଘଟଣାର ଶିକାର ହୋଇଥାନ୍ତି। ବର୍ଷା ହେଲେ ଅନେକ ସ୍ଥାନରେ ପୋଲ ବା ହୋମ୍ ପାଇପ୍ ନଥିବାରୁ ପାହାଡ଼ିଆ ପାଣି ରାସ୍ତା ଉପର ଦେଇ ଅତିକ୍ରମ କରିବା ଫଳରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି। ତେବେ ଏନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ଏହି ରାସ୍ତାକୁ ନିର୍ମାଣ କରିବା ଲାଗି ଟେଣ୍ଡର୍ ଆହ୍ୱାନ କରାଯାଇଛି । ଟେଣ୍ଡର୍ ଖୋଲାଯିବା ପରେ ରାସ୍ତା ନିର୍ମାଣ ଆରମ୍ଭ କରାଯିବ ବୋଲି କହିଛନ୍ତି।

## ଜାତୀୟ କ୍ରୀଡ଼ା ସମ୍ମିଳନୀ

# ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ଟିମ୍‌ରେ ଖେଳିବେ ସାନ୍‌ଭି ପ୍ରଜ୍ଞା



**କୋକସରା,୩।୯/ଏନ୍‌ଏନ୍‌ଏସ୍:** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ସାନ୍‌ଭି ପ୍ରଜ୍ଞା ରାଉତ ଅଲ୍ ଓଡ଼ିଶା କେନ୍ଦ୍ରୀୟ ବିଦ୍ୟାଳୟ, ଭୁବନେଶ୍ୱର କ୍ରିକେଟ୍ ଟିମ୍‌ରେ ମନୋନୀତ ହୋଇଛନ୍ତି। ୨୦୨୫-୨୬ ପାଇଁ ଦିଲ୍ଲୀରେ ଆସନ୍ତା ଅକ୍ଟୋବର୍ ୭ରୁ ୧୧ ପର୍ଯ୍ୟନ୍ତ ଜାତୀୟ କ୍ରୀଡ଼ା ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ୧୭ ବର୍ଷରୁ କମ୍ ବୟସ ବାଳିକା କ୍ରିକେଟ୍‌ରେ ଧର୍ମଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ସାନ୍‌ଭି ଅଂଶଗ୍ରହଣ କରିବା ନେଇ ସୂଚନା ରହିଛି। ସାନ୍‌ଭି ପୂର୍ବରୁ କଳାହାଣ୍ଡି ଟିମ୍‌ରେ ସାମିଲ୍ ହୋଇ ରାଜ୍ୟସ୍ତରୀୟ ମହିଳା କ୍ରିକେଟ୍ ପ୍ରତିଯୋଗିତାରେ ମଧ ନିଜର ପ୍ରତିଭା ପ୍ରଦର୍ଶନ କରିଛନ୍ତି। ସାନ୍‌ଭି କୋକସରା ବ୍ଲକ୍ ମୁଷାପାଲି ପଞ୍ଚାୟତ ଖପରାମାଲ ଗ୍ରାମର ଶିକ୍ଷକ ମୋହିତ କୁମାର ରାଉତ ଓ ରଶ୍ମିରେଖା ରାଉତଙ୍କ ଝିଅ।


# ବଏଲ୍ ଯାତ୍ରା ପାଇଁ ପ୍ରଶାସନିକ ପ୍ରସ୍ତୁତି



**ପାଟଣାଗଡ଼,୩।୯/ଏନ୍‌ଏନ୍‌ଏସ:** ପାଟଣାଗଡ଼ର ପ୍ରସିଦ୍ଧ ଐତିହାସିକ ବଏଲ୍ ଯାତ୍ରା ପାଇଁ ପାଟଣାଗଡ଼ ଦେବୋତ୍ତର ତଥା ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ସୁନିଲ କୁମାର ମେହେରଙ୍କ ଅଧକ୍ଷତାରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ମା' ପାଟଣେଶ୍ୱରୀ ଓ ସମଲେଶ୍ୱରୀଙ୍କ ବଏଲ୍ ଯାତ୍ରା କିଭଳି ସୁରୁଖୁରୁରେ ହେବ ସେନେଇ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦେବୋତ୍ତର କମିଟିର ସଦସ୍ୟ ବିସମ୍ବର ପାଣିଗ୍ରାହୀ, ବିଜୟ ପାଣିଗ୍ରାହୀ, ସଦାଶିବ ସରାଫ ଦିନବନ୍ଧୁ ପାଣିଗ୍ରାହୀ, ଦିନ ଠାକୁର ରାଧେ, ଦରୁଆଁନ ସନ୍ତୋଷ ମେହେର, ରାଜେଶ ପୁରୋହିତ, ଓମ୍ ପ୍ରକାଶ ଯୋଶୀ, ଲକ୍ଷ୍ମୀକାନ୍ତ ମିଶ୍ର, ରମା ହୋତା, ମୋତି ଚନ୍ଦ୍ର ବୁଡ଼େକ, ଅଭୟ ତ୍ରିପାଠୀ, ଦେବକାନ୍ତ ପାଣିଗ୍ରାହୀ, ରୋହିତ ମେହେର, ନବୀନ ମେହେର, ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ, ପାଟଣାଗଡ଼ ପୁଲିସ ମଣ୍ଡଳ ଅଧିକାରୀ ସଦାନନ୍ଦ ପୂଜାରୀ, ଥାନାଧିକାରୀ ହରିବନ୍ଧୁ ଗଡ଼ତିଆ, ବିଦ୍ୟୁତ୍ ବିଭାଗର ଏସ୍‌ଡିଓ ଦେବଦତ୍ତ ମହାପାତ୍ର, ସହକାରୀ ଉପଜିଲ୍ଲାପାଳ ପଦ୍ମନାଭ ମାହାନାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ, ସରକାରୀ ଓ ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ଆସନ୍ତା ୧୪ ତାରିଖରେ ମୂଳାଷ୍ଟମୀ ଦିନରୁ ମା' ପାଟଣେଶ୍ୱରୀଙ୍କ ପାଟ ଖଣ୍ଡା ଧୁଆଯାଇ ସେହିଦିନଠାରୁ ମା'ଙ୍କ ଷୋହଳ ପୂଜା ଆରମ୍ଭ ହୋଇ ଆସନ୍ତା ୨୧ ତାରିଖ ମହାଳୟାରେ ମା' ପାଟନେଶ୍ୱରୀଙ୍କ ଝାର୍ ବଏଲ୍ ଯାତ୍ରା ହେବ। ତା' ପରଦିନ ମା' ସମଲେଶ୍ୱରୀଙ୍କ ଝାର୍ ବଏଲ୍ ଯାତ୍ରା ହେବ ଓ ଆସନ୍ତା ୩୦ ତାରିଖ ମହାନବମୀ ଦିନ ଐତିହାସିକ ବଏଲ୍ ଯାତ୍ରା ଅନୁଷ୍ଠିତ ହେବ ବୋଲି ଦେବୋତ୍ତର ଅଧିକାରୀ ସୁନୀଲ କୁମାର ମେହେର କହିଛନ୍ତି। ଏଥିରେ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମ ଦୃଷ୍ଟିରୁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବ ବୋଲି ପାଟଣାଗଡ଼ ପୁଲିସ ମଣ୍ଡଳ ଅଧିକାରୀ ସଦାନନ୍ଦ ପୂଜାରୀ କହିଛନ୍ତି। ଏହି ବୈଠକରେ ମା'ଙ୍କ ସମସ୍ତ ପୂଜାରୀଙ୍କ ସହ ସେବକମାନେ ଯୋଗ ଦେଇଥିଲେ। ପାଟଣାଗଡ଼ ସହକାରୀ ଜିଲ୍ଲାପାଳ ପଦ୍ମନାଭ ମାହାନା ଧନ୍ୟବାଦ ଦେଇଥିଲେ।

# ମଉଳିଲା ମ.ରାମପୁରକୁ ଏନ୍‌ଏସି ଆଶା

**ମ.ରାମପୁର,୩।୯/ଏନ୍‌ଏନ୍‌ଏସ:** ସ୍ୱାୟତ୍ତଶାସନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ୯ଟି ଜିଲ୍ଲାରେ ନୂତନ ଭାବେ ୧୭ଟି ବ୍ଲକ୍‌କୁ ଏନ୍‌ଏସି ଘୋଷଣା କରିଛନ୍ତି। ଏତଦ୍‌ବ୍ୟତୀତ ୭ଟି ନୂଆ ମ୍ୟୁନିସିପାଲଟି ମଧ ଘୋଷଣା ହୋଇଛି। ମାତ୍ର ଏହି ଏନ୍‌ଏସି ତାଲିକାରେ କଳାହାଣ୍ଡି ଜିଲ୍ଲାର ୩ ପ୍ରସ୍ତାବ ମଧ୍ୟରୁ ଜୟପାଟଣା ଓ ନର୍ଲାର ନାଁ ଥିବାବେଳେ ପ୍ରସ୍ତାବିତ ମଦନପୁର ରାମପୁର ବାଦ୍ ପଡ଼ିଛି। ଫଳରେ ମ.ରାମପୁରବାସୀଙ୍କୁ ନିରାଶ ହେବାକୁ ପଡ଼ିଛି। ବିଭିନ୍ନ ସାମାଜିକ ସଂଗଠନ ସହିତ ବୁଦ୍ଧିଜୀବୀମାନେ ଉକ୍ତ ଅଞ୍ଚଳକୁ ଏନ୍‌ଏସି ଘୋଷଣା ପାଇଁ ସରକାରଙ୍କ ନିକଟରେ ଦାବି କରି ଆସୁଥିଲେ ସୁଦ୍ଧା ସରକାର କର୍ଣ୍ଣପାତ କରୁନଥିବାରୁ ବିଭିନ୍ନ ସଂଗଠନ ପକ୍ଷରୁ ଆସନ୍ତା ୪ ତାରିଖ ମ. ରାମପୁର ବନ୍ଦ ଡାକରା ଦିଆଯାଇଛି। ଦଳମତ ନିର୍ବିଶେଷରେ ସମସ୍ତେ ଉକ୍ତ ବନ୍ଦକୁ ସମର୍ଥନ ଜଣାଇଛନ୍ତି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସମସ୍ତ ଦୋକାନ ବଜାର, ମୋଟରଯାନ ଓ ସରକାରୀ ବେସରକାରୀ କାର୍ଯ୍ୟାଳୟ ସବୁ ବନ୍ଦ ରହିବ ବୋଲି ସଂଗଠନର ଆବାହକ ପ୍ରକାଶ କରିଛନ୍ତି।




# ପଣସପୁଟ ହତ୍ୟା ଘଟଣାର ପର୍ଦ୍ଦାଫାଶ୍, ୩ ଗିରଫ



**ଜୟପୁର,୩।୯/ଏନ୍‌ଏନ୍‌ଏସ୍:** କୋରାପୁଟ ଟାଉନ୍ ଥାନା ଅନ୍ତର୍ଗତ ପଣସପୁଟ ଓ ବାଉଁଶଗୁଡ଼ା ଛକ ନିକଟରେ ଘଟିଥିବା ହତ୍ୟା ଘଟଣାର କୋରାପୁଟ ଟାଉନ୍ ପୁଲିସ ପର୍ଦ୍ଦାଫାଶ୍ କରିଛି। ଏହି ମାମଲାରେ ଜଣେ ନାବାଳକ ସହ ୨ ଜଣଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରାହୁଲ ବେନିଆ ଓ ଟୁଁବୁଲା ଟାକରି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଘଟଣା ଘଟାଇଥିବା ନେଇ ଅଭିଯୁକ୍ତ ସ୍ୱୀକାର କରିଛି। ଏହି ଘଟଣାରେ କୋରାପୁଟ ଅତିରିକ୍ତ ଏସ୍‌ପି ଅମ୍ବିତ ମହାନ୍ତି କୋରାପୁଟ ଟାଉନ୍ ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଗତ ଅଗଷ୍ଟ ୩୧ରେ ପଣସପୁଟ ଓ ବାଉଁଶଗୁଡ଼ା ଛକ ନିକଟରେ ଏକ ପାହାଡ଼ ତଳେ ୩୦ ବର୍ଷୀୟ ପୁଅ ଅନ୍ତେଶ୍ୱର ମାଳିଙ୍କ ମୃତଦେହ ଥିବା ସମ୍ପର୍କରେ ବାପା ଗୋବିନ୍ଦ ମାଳି ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ କୋରାପୁଟ ଟାଉନ ଥାନାରେ ଏକ ମାମଲା ରୁଜୁ କରି କୋରାପୁଟ ଟାଉନ୍ ଥାନାଧିକାରୀ ସତ୍ୟାନନ୍ଦ ପାତ୍ର ତଦନ୍ତ ଆରମ୍ଭ କରିଥିଲେ। ଡୁମୁରିପୁଟର ଟିଫିନ୍ ଷ୍ଟଲ୍‌ରେ କାମ କରୁଥିବା ରାହୁଲ ବେନିଆଙ୍କର ପୂର୍ବରୁ ମୃତ ଅନ୍ତେଶ୍ୱରଙ୍କ ସହିତ ବିବାଦ ଥିଲା। ୩୦ ଅଗଷ୍ଟରେ ଅନ୍ତେଶ୍ୱରଙ୍କୁ ରାହୁଲ ଭେଟିଥିଲେ ଏବଂ ପରେ ସୁରଜ ଟାକ୍ରି ଅଟୁବୁଲା ଏବଂ ଜଣେ ନାବାଳକ ସହିତ ତାଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କରିଥିଲେ। ଏହି ୩ ଜଣ ଅନ୍ତେଶ୍ୱରଙ୍କୁ ବାଇକ୍‌ରେ ପଦ୍ମପୁର-ପଣସପୁଟ ଆଡ଼କୁ ଅନୁସରଣ କରି ପଣସପୁଟ ଛକରେ ଅଟକାଇ ରାସ୍ତା କଡ଼କୁ ଟାଣି ଆଣିଥିଲେ। ସେଠାରେ ସେମାନେ ତାଙ୍କୁ ଲାତ, ମୁଠା ଓ ଏକ ଲୁହା ଖଣ୍ଡୁ ସାହାଯ୍ୟରେ ଆକ୍ରମଣ କରିଥିଲେ। ରାହୁଲ ମଧ ପୀଡ଼ିତଙ୍କ ମୁଣ୍ଡକୁ ପଥରରେ ବାରମ୍ବାର ଆଘାତ କରିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ସେମାନେ ମୃତଦେହକୁ ନିକଟସ୍ଥ ବୁଦାରେ ଫିଙ୍ଗି ଦେଇଥିଲେ। ଏହି ଘଟଣାରେ ୨ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

# ଆଇନ ସଚେତନତା ଶିବିର



**ରାୟଗଡ଼ା,୩।୯/ଏନ୍‌ଏନ୍‌ଏସ୍:** ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣର ଅଧକ୍ଷ ତଥା ଜିଲ୍ଲା ଦୌରାଜଜ୍ ସତ୍ୟନାରାୟଣ ଷଡ଼ଙ୍ଗୀଙ୍କ ପରାମର୍ଶକ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ପୋକ୍ସ ଆକ୍ଟ, ଭିକ୍ଟିମ୍ କମ୍ପେନ୍‌ସେସନ୍ ସ୍କିମ୍ ଓ ଏସିଡ୍ ଆକ୍ରାନ୍ତ ପୀଡ଼ିତାଙ୍କ ଉଦ୍ଦେଶ୍ୟରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନ୍ୟ ଅତିଥିଙ୍କ ମଧ୍ୟରେ ରାୟଗଡ଼ା ଥାନାର ଏସ୍‌ଡିପିଓ ଗୌରହରି ସାହୁ, ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡକ୍ଟର୍ ମମତା ଚୌଧୁରୀ, ରାୟଗଡ଼ା ବାର୍ ଆସୋସିଏସନ୍‌ର ଆଇନଜୀବୀ ବିଶ୍ୱନାଥ ଗନ୍ତାୟତ, ଦେବରାଜ ନାୟକ, ରାୟଗଡ଼ା ଉତ୍କଳ ଗୌରବ ମଧୁସୂଦନ ବୈଷୟିକ ଅନୁଷ୍ଠାନ ଦାୟିତ୍ୱରେ ଥିବା ପ୍ରିନ୍ସିପାଲ୍‌ଙ୍କ ସମେତ ଅନ୍ୟ ଅଧ୍ୟାପକ ଓ ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଏସିଡ୍ ଆକ୍ରମଣ ଏକ ଘୃଣ୍ୟ ଓ ନିନ୍ଦନୀୟ କାର୍ଯ୍ୟ। ଏଭଳି କାର୍ଯ୍ୟ ପାଇଁ ଦୋଷୀଙ୍କ ପାଇଁ ଉପଲବ୍ଧ ଥିବା ବିଭିନ୍ନ ନ୍ୟାୟିକ ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିବା ସହିତ ଭିକ୍ଟିମ୍ କମ୍ପେନ୍‌ସେସନ୍ ଆକ୍ଟରେ ଏସିଡ୍ ଆକ୍ରାନ୍ତ ପୀଡ଼ିତାଙ୍କ ପାଇଁ ଉପଲବ୍ଧ ଥିବା ଅନୁକମ୍ପା ରାଶି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଜିଲ୍ଲା ଆଇନ ସେବା ପ୍ରାଧୀକରଣର ସଚିବ ଶ୍ରୀ ଆଚାର୍ଯ୍ୟ ଆଲୋଚନା କରିଥିଲେ। ସେହିପରି ଅନ୍ୟ ଅତିଥିମାନେ ଭିକ୍ଟିମ୍ କମ୍ପେନସେସନ୍ ସ୍କିମ୍, ପୋକ୍ସ ଆକ୍ଟର ଉଦ୍ଦେଶ୍ୟ, ଆଭିମୁଖ୍ୟ, ନ୍ୟାୟିକ ବ୍ୟବସ୍ଥା ଓ ସେମାନଙ୍କ ପାଇଁ ଆଇନରେ ଉଦ୍ଦିଷ୍ଟ ଥିବା ବିଭିନ୍ନ ଧାରା ଉପରେ ଉପସ୍ଥାପନ କରିଥିଲେ।

# ଝାରସୁଗୁଡ଼ା ସବ୍‌ଜୁନିୟର୍ ବାଳକ ଟେନିସବଲ୍ କ୍ରିକେଟ୍ ଦଳର ଭୁବନେଶ୍ୱର ଯାତ୍ରା



**ଝାରସୁଗୁଡ଼ା,୩।୯/ଏନ୍‌ଏନ୍‌ଏସ୍:** ଓଡ଼ିଶା ଟେନିସ୍‌ବଲ୍ କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ଆସନ୍ତା ୫ ତାରିଖରେ ଭୁବନେଶ୍ୱର ଏଲ୍‌ଏଲ୍‌ସିସି ପଡ଼ିଆରେ ୩୦ତମ ଜାତୀୟ ସବ୍‌ଜୁନିୟର୍ ଟେନିସବଲ୍ କ୍ରିକେଟ୍ ପ୍ରତିଯୋଗିତା ପାଇଁ ୧୪ ବର୍ଷ ବୟସ ବର୍ଗର ବାଳକ ବିଭାଗର ଖେଳାଳି ମନୋନୀତ କରାଯାଇଛି। ଆସନ୍ତା ୧୪ରୁ ୧୭ ତାରିଖ ମଧ୍ୟରେ ରାଜସ୍ଥାନର ଦୁଶାରେ ଥିବା ରାଜେଶ ପାଇଲଟ୍ ଷ୍ଟାଡିୟମ୍‌ରେ ଟେନିସ୍‌ବଲ୍ କ୍ରିକେଟ୍ ଫେଡେରେସନ୍ ଅଫ୍ ଇଣ୍ଡିଆ ଦ୍ୱାରା ରାଜସ୍ଥାନ ଟେନିସବଲ୍ କ୍ରିକେଟ୍ ଆସୋସିଏସନ୍ ଆନୁକୁଲ୍ୟରେ ଏହା ଅନୁଷ୍ଠିତ ହେଉଛି ବୋଲି ଓଡ଼ିଶା ଟେନିସ୍‌ବଲ୍ କ୍ରିକେଟ୍ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ସିଥିଲ ପଣ୍ଡା, ସଭାପତି ସୁରଶ କୁମାର ମିଶ୍ର ଓ ଯୁଗ୍ମ ସମ୍ପାଦକ ସୋମନାଥ ପରିଡ଼ା ଚିଠି ମାଧ୍ୟମରେ ଅନୁବନ୍ଧିତ ଜିଲ୍ଲାଙ୍କୁ ଅବଗତ କରାଇଛନ୍ତି। ଏହି ଚୟନ ପ୍ରକିୟା ଦ୍ୱାରା ଓଡ଼ିଶା ସବ୍‌ଜୁନିୟର୍ ବାଳକ ଟେନିସବଲ୍ କ୍ରିକେଟ୍ ଦଳ ଗଠନ କରାଯିବ। ଏହି ଚୟନ ପ୍ରତିଯୋଗିତାରେ ଭାଗନେବା ପାଇଁ ଝାରସୁଗୁଡ଼ା ଟେନିସ୍ ବଲ୍ କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ସବ୍‌ଜୁନିୟର୍ ବାଳକ ଟେନିସବଲ୍ କ୍ରିକେଟ୍ ଦଳ ବୁଧବାର ଟ୍ରେନ୍ ଯୋଗେ ଯାତ୍ରା କରୁଛନ୍ତି। ଏହି ଦଳରେ ସଚ୍ଚିଦାନନ୍ଦ ମାଳି, ଅରମାନ ମହାପାତ୍ର, ସ୍ୱର୍ନାଂଶ ମହାନ୍ତି, ଅର୍ଶ ଖାନ୍ ଓ ସୁରଜ ଜୟଶୱାଲ ରହିଥିବା ବେଳେ ଟିମ୍ ମ୍ୟାନେଜର୍ ଭାବେ ଗୋପାଳ ଦତ୍ତ ରହିଛନ୍ତି। ଏହି ଦଳକୁ ଝାରସୁଗୁଡ଼ା ଟେନିସ୍‌ବଲ୍ କ୍ରିକେଟ୍ ଆସୋସିଏସନ୍‌ର ସଭାପତି ଜୀବନ ମହାନ୍ତି ଓ ସମ୍ପାଦକ ଅଶ୍ୱିନୀ ପାଣ୍ଡେ ଶୁଭେଚ୍ଛା ଜଣାଇଛନ୍ତି।

# 'ସେମିକନ୍ ଇଣ୍ଡିଆ'ରେ ଏନ୍‌ଆଇଟି ରାଉରକେଲା ଉଦ୍ଭାବନକୁ ସ୍ୱୀକୃତି

**ରାଉରକେଲା,୩।୯/ଏନ୍‌ଏନ୍‌ଏସ:** ସେମିକନ୍ ଇଣ୍ଡିଆ-୨୦୨୫ ସମ୍ମିଳନୀରେ ଏନ୍‌ଆଇଟି ରାଉରକେଲାର ଉଦ୍ଭାବନକୁ ସ୍ୱୀକୃତି ମିଳିଛି। ଭାରତରେ ବର୍ଦ୍ଧିତ ସେମି କଣ୍ଡକ୍ଟର୍ ଇକୋସିଷ୍ଟମ୍‌କୁ ସହଯୋଗ କରି ଏନ୍‌ଆଇଟି ରାଉରକେଲା ଗୌରବାନ୍ୱିତ। କାରଣ ଏହାର ୨ଟି ସମନ୍ୱିତ ସର୍କିଟ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଉଦ୍‌ଘାଟିତ ସେମିକନ୍ ଇଣ୍ଡିଆ-୨୦୨୫ରେ ପ୍ରଦର୍ଶିତ ହୋଇଥିଲା ଯାହା ବିଶ୍ୱସ୍ତରୀୟ ସେମି କଣ୍ଡକ୍ଟର୍ ପାୱାର୍ ହାଉସ୍‌ରେ ପରିଣତ ହେବାକୁ ନିର୍ଣ୍ଣାୟକ ସାଜିବାର ସଙ୍କେତ ଦେଇଛି। ଏଥିରେ ପ୍ରଦର୍ଶିତ ୨ଟି ସମନ୍ୱିତ ସର୍କିଟ୍ ଦେଶର ପ୍ରଥମ ସ୍ୱଦେଶୀ ଉଦ୍ଭାବନା ୩୨-ବିଟ୍ ମାଇକ୍ରୋ ପ୍ରୋସେସର୍, ବିକ୍ରମ-୩୨ର ସ୍ମାରକୀରେ ପ୍ରଦର୍ଶିତ ହୋଇଥିଲା। ଏହାକୁ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉପସ୍ଥାପିତ କରିଥିଲେ। ସମ୍ବଳର ସୀମିତ ପରିବେଶକୁ ଲକ୍ଷ୍ୟ କରି ଏହାକୁ ପ୍ରସ୍ତୁତ କରାଯାଇଛି। ଏହାଦ୍ୱାରା ହାଲୁକା ବ୍ଲକ୍ ସାଇଫର୍, ଇ-ପେମେଣ୍ଟ, ସ୍ୱାସ୍ଥ୍ୟସେବା ଓ ସେନ୍‌ସର୍ ନେଟ୍‌ୱର୍କ ସୁରକ୍ଷାକୁ ସୁନିଶ୍ଚିତ କରିବ ବୋଲି ଏହାକୁ ବିକଶିତ କରିଥିବା ଡକ୍ଟର ରୁବି ମିଶ୍ର, ଭରତ ପଟିଦାର୍, ପ୍ରଫେସର୍ ଅୟସକାନ୍ତ ସ୍ୱାଇଁ ଓ ପ୍ରଫେସର୍ କେ କେ ମହାପାତ୍ର ସୂଚନା ଦେଇଛନ୍ତି।



ଆମ୍ପ୍ଲିଫାୟାର୍ ସେନ୍‌ସର ସର୍କିଟ୍ ବାୟୋ ମେଡିକାଲ୍ ଓ ଆଇଓଟି ଆପ୍ଲିକେସନ୍ ପାଇଁ ଡିଜାଇନ୍ କରାଯାଇଥିବା ଉପାଦାନ ଓ ଶକ୍ତି ଅମଳ ଯନ୍ତ୍ର ସହ ଏକ କ୍ୟାପାସିଟିଭ୍ ଇଣ୍ଟର୍‌ଫେସ୍ ରହିଛି ଯାହା ଇପ୍ସିତା, ସମୀକ୍ଷା, ପ୍ରେମସାଇ, ପ୍ରଫେସର୍ ସୌଗତ କୁମାର କର ଓ ପ୍ରଫେସର୍ ସୁଦୀପ କୁଣ୍ଡୁଙ୍କ ଦ୍ୱାରା ବିକଶିତ ହୋଇଛି। ଏହି ସେମି କଣ୍ଡକ୍ଟର୍ ୨୦୨୩ରେ ଏନ୍‌ଆଇଟି ଅଧକ୍ଷଙ୍କ ଚିପ୍ ଟୁ ଷ୍ଟାର୍ଟଅପ୍‌ରେ ଅଂଶଗ୍ରହଣ ପୂର୍ବକ ଅନୁମୋଦିତ ହୋଇଥିଲା। ପ୍ରଫେସର୍ କମଳାକାନ୍ତ ମହାପାତ୍ର ଓ ପ୍ରଫେସର୍ ଅୟସକାନ୍ତ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏହା ବିକଶିତ ହୋଇଛି ଯାହା ସିଟୁଏସ୍, ଭିଏଲ୍‌ଏସ୍‌ଆଇ ଓ ସିଷ୍ଟମ୍‌ସ୍ତରୀୟ ଡିଜାଇନ୍‌ରେ ଗବେଷଣାକୁ ଉତ୍ସାହିତ କରିଛି। ପାଞ୍ଚ ବର୍ଷ ଧରି ଚାଲିଥିବା ଗବେଷଣାର ଲକ୍ଷ୍ୟ ଏସ୍‌ଓସି, ସିଷ୍ଟମ୍ ଡିଜାଇନ୍‌ରେ ସ୍ନାତକ, ସ୍ନାତକୋତ୍ତର ଓ ଡକ୍ଟରେଟ୍‌ସ୍ତରରେ ଦକ୍ଷ ମାନବ ସମ୍ବଳର ବିକାଶ କରିବା ଥିଲା ଯାହାକି ଭାରତକୁ ଆତ୍ମନିର୍ଭରଶୀଳ କରିବାରେ ସହାୟକ ହୋଇଛି।

ଏନ୍‌ଆଇଟି ପ୍ରଫେସର୍ ଅୟସକାନ୍ତ ସ୍ୱାଇଁ କହିଛନ୍ତି ଯେ ଫ୍ୟାକଲ୍‌ଟି ଓ ସହ-ପିଆଇ ସେମିକନ୍ ଇଣ୍ଡିଆ-୨୦୨୫ରେ ଏହାକୁ ସ୍ୱୀକୃତି ମିଳିବା ଗୌରବଜନକ। ଏହା ଆମକୁ ଉତ୍ସାହିତ କରିବା ସହ ଭାରତ ଓ ଓଡ଼ିଶାରେ ଏହାର ଅଭିବୃଦ୍ଧି ପାଇଁ ଅଧିକ ଯୋଗଦାନ ପାଇଁ ପ୍ରେରଣାଦାୟୀ ହେବ। ଏଥିସହ ଶିଳ୍ପ ଓ ସାମାଜିକ ପ୍ରୟୋଗରେ ସ୍ୱଦେଶୀ ଉତ୍ପାଦନର ପ୍ରୟୋଗରେ ମଧ ସକ୍ଷମ ହୋଇପାରିବ। ପ୍ରଫେସର୍ ସୌଗତ କୁମାର କର କହିଛନ୍ତି ଯେ ଏହାର ସ୍ୱୀକୃତି ଆମ ପାଇଁ ଗର୍ବର ମୁହୂର୍ତ୍ତ। ଏହି ସଫଳତା ସେମି କଣ୍ଡକ୍ଟର୍‌ରେ ସ୍ୱଦେଶୀ କ୍ଷମତା ଓ ଭାରତର ବିକାଶ ପାଇଁ ଚିପ୍ ଶିଳ୍ପର ଦକ୍ଷତାକୁ ପ୍ରତିଫଳିତ କରିଛି। ଦେଶର ସେମି କଣ୍ଡକ୍ଟର୍ ଇକୋ-ସିଷ୍ଟମ୍‌ରେ ଓଡ଼ିଶାକୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସ୍ଥାନିତ କରିଛି। ପିଏଚ୍‌ଡି ଛାତ୍ର ଭରତ ପଟିଦାର କହିଛନ୍ତି ଯେ ଏହା ଆମକୁ ପରିଚୟ ଦେଇପାରିଛି।

# ଗଞ୍ଜେଇ ଚାଲାଣ, ୨ ଗିରଫ




**ରାଉରକେଲା,୩।୯/ଏନ୍‌ଏନ୍‌ଏସ୍:** ଗଞ୍ଜେଇ ବିକ୍ରି କରିବା ଅଭିଯୋଗରେ ବ୍ରାହ୍ମଣୀ ତରଙ୍ଗ ପୁଲିସ ୨ ଜଣଙ୍କୁ ଗିରଫ କରିଛି। ଏନେଇ ୨ ପୃଥକ୍ ମାମଲା ବ୍ରାହ୍ମଣୀ ତରଙ୍ଗ ଓ ରଘୁନାଥପାଲ୍ଲୀ ଥାନାରେ ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବ୍ରାହ୍ମଣୀ ତରଙ୍ଗ ଥାନା ଅନ୍ତର୍ଗତ ଚିକଟମାଟି ମଲିକାପାଲିର ମନୋଜ କିସାନ ଓ ରଘୁନାଥପାଲି ଥାନା ଅନ୍ତର୍ଗତ ପ୍ରେମନଗରର ଗୋବିନ୍ଦ ମାଝୀ। ଗୋବିନ୍ଦ ନିକଟରୁ ୨.୧୬୦ କିଲୋଗ୍ରାମ୍ ଓ ମନୋଜ ନିକଟରୁ ୧ କିଲୋଗ୍ରାମ୍ ଓଜନର ଗଞ୍ଜେଇ ଜବତ କରାଯାଇଛି। ଉଭୟ ଗ୍ରାହକଙ୍କୁ ଗଞ୍ଜେଇ ଯୋଗାଇବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ୍ ଗିରଫ କରିଥିବା ଜଣାପଡ଼ିଛି।

# ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ବୈଠକ

**କେନ୍ଦ୍ରାପଡ଼ା,୩।୯/ଏନ୍‌ଏନ୍‌ଏସ୍:** ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ୮୪ତମ ବୈଠକ ମା'ମଙ୍ଗଳାପୀଠ ନହଙ୍ଗ ଠାରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଘର ସଭାପତି ଆର୍ତ୍ତତ୍ରାଣ ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଅଭିମନ୍ୟୁ ସାହୁ ପୂର୍ବ ଅଧିବେଶନର ବିବରଣୀ ପାଠ କରିଥିଲେ। ସଙ୍ଘର ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ୮୦ବର୍ଷ ବୟସ ଅତିକ୍ରମ କରିଥିବା ସଭାପତି ଆର୍ତ୍ତତ୍ରାଣ ପାତ୍ର ଓ ସଦସ୍ୟ କ୍ଷୀରୋଦ ଚନ୍ଦ୍ର ସାମଲଙ୍କୁ ଆଗାମୀ ୨୮ତାରିଖ ବୈଠକରେ ସମ୍ବର୍ଦ୍ଧିତ କରାଯିବାକୁ ସ୍ଥିର କରାଯାଇଥିଲା। ସଙ୍ଘର ଯେଉଁ ସଦସ୍ୟମାନେ ୭୦ବର୍ଷ ବୟସ ଅତିକ୍ରମ କରିସାରିଛନ୍ତି ସେମାନେ ଜନସେବା କେନ୍ଦ୍ର ଜରିଆରେ ଆୟୁଷ୍ମାନ ବୟୋବନ୍ଦନା କାର୍ଡ ପ୍ରାପ୍ତ କରି ସରକାରଙ୍କ ପକ୍ଷରୁ ୫ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ଲାଭ କରିବାକୁ ସମ୍ପାଦକ ଶ୍ରୀ ସାହୁ ପରାମର୍ଶ ଦେଇଥିଲେ। ଜନସାଧାରଣଙ୍କ ସୁବିଧା ତଥା ଅଞ୍ଚଳର ସମସ୍ୟା ସମ୍ପର୍କରେ ଅବଗତ କରିବା ପାଇଁ ସରକାର ଏକ ୱେବସାଇଟ୍ ଖୋଲି ଟୋଲଫ୍ରି ନମ୍ବର ଦେଇଥିବାରୁ ସଙ୍ଘ ପକ୍ଷରୁ ସରକାରଙ୍କୁ ସାଧୁବାଦ ଜ୍ଞାପନ କରାଯାଇଥିଲା। ବୁଲା କୁକୁର, ଷଣ୍ଢ ଓ ମାଙ୍କଡମାନଙ୍କର ଉପଦ୍ରବ ବୃଦ୍ଧି ପାଉଥିବାରୁ ପୁନର୍ବାର ଏସମ୍ପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ସ୍ଥିର କରାଗଲା। ବର୍ଷୀୟାନ ସଦସ୍ୟ ଗୋଲେକ ଚନ୍ଦ୍ର ସାହୁ ସଭା ପରିଚାଳନା କରିଥିବା ବେଳେ ସଦସ୍ୟ ଦିବାକର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ସଙ୍ଘ ୨୭ଜଣ ସଦସ୍ୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପାରାଦୀପରେ ମିଳିତ ସମରାଭ୍ୟାସ ସାଗର କବଚ -୨




**ପାରାଦୀପ,୩।୯/ଏନ୍‌ଏନ୍‌ଏସ୍:** ପାରାଦୀପ ଠାରେ ଦୁଇଦିନିଆ ମିଳିତ ସମରାଭ୍ୟାସ ସାଗର କବଚ-୨ ଗଭୀର ସମୁଦ୍ରରେ ଆରମ୍ଭ ହୋଇଛି। ଓଡ଼ିଶା ଓ ପଶ୍ଚିମବଙ୍ଗ ପକ୍ଷରୁ ଅନୁଷ୍ଠିତ ଏହି ମିଳିତ ସମରାଭ୍ୟାସରେ ମେରାଇନ ପୁଲିସ, ଇଣ୍ଡିଆନ କୋଷ୍ଟ ଗାର୍ଡ, ଇଣ୍ଡିଆନ୍ ନ୍ୟାଭି, ଓଡ଼ିଶା ପୁଲିସ, ମତ୍ସ୍ୟ ବିଭାଗ, ବନ୍ୟ ବିଭାଗ, ସିଆଇଏସ୍‌ଏଫ୍ ସହିତ ୧୮ରୁ ଊର୍ଦ୍ଧ୍ୱ ବିଭାଗ ସାମିଲ ହୋଇଛନ୍ତି। ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ପରେ ଭାରତର ପ୍ରତ୍ୟେକ ଉପକୂଳ ଅଞ୍ଚଳରେ ଜଳପଥରେ ଆତଙ୍କବାଦୀ ଆକ୍ରମଣକୁ ପ୍ରତିରୋଧ କରିବାକୁ ବର୍ଷରେ ଦୁଇଥର ଅନୁଷ୍ଠିତ ହେଉଛି ଏହି ସମରାଭ୍ୟାସ ସାଗର କବଚ। ଏନେଇ ନେଇ ଉପକୂଳ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏହି ମିଳିତ ଅପରେସନରେ ସୁରକ୍ଷାକର୍ମୀ ଦୁଇଟି ବିଭାଗ ବ୍ଲୁ ଟିମ୍ ଓ ରେଡ୍ ଟିମ୍‌ରେ ସାମିଲ ହୋଇଥାନ୍ତି। ବ୍ଲୁ ଟିମ୍ ବିଭିନ୍ନ ସ୍ଥାନରେ ଆତଙ୍କବାଦୀ ଭାବରେ ଆସୁଥିବା ଛଦ୍ମବେଶୀ ସୁରକ୍ଷାକର୍ମୀଙ୍କ ଆକ୍ରମଣ ଯୋଜନାକୁ ପଣ୍ଡ କରିବାକୁ ପ୍ରୟାସ ଜାରି ରଖିଥିବା ବେଳେ ରେଡ୍ ଟିମ୍ କିପରି ବ୍ଲୁ ଟିମ୍‌ର ସୁରକ୍ଷା ବଳୟକୁ ପଣ୍ଡ କରି ଆକ୍ରମଣ ଯୋଜନା କରିବେ ଏ ନେଇ ପ୍ରଚେଷ୍ଟା ଜାରି ରଖିଥାନ୍ତି। ଯାହାକୁ ନେଇ ଆଜି ଓ କାଲି ଦୁଇଦିନ ଉପକୂଳ ଅଞ୍ଚଳ ସମେତ ବିଭିନ୍ନ ସମ୍ବେଦନଶୀଳ ଜନଗହଳି ପୂର୍ଣ୍ଣ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

# କମ୍ପ୍ୟୁଟର ସାଇନ୍ସ ଛାତ୍ରୀ ସ୍ମିତା ମହାନ୍ତି ସମ୍ବର୍ଦ୍ଧିତ



**କେନ୍ଦ୍ରାପଡ଼ା,୩।୯/ଏନ୍‌ଏନ୍‌ଏସ୍:** ଗରଦପୁର ବ୍ଲକ ପାଟକୁରା ଗ୍ରାମ ପଞ୍ଚାୟତ ଜଗଦଲପୁର ଗ୍ରାମର ଅଜୟ ମହାନ୍ତିଙ୍କ କନ୍ୟା ରେଭେନ୍ସା ବିଶ୍ୱବିଦ୍ୟାଳୟ କମ୍ପ୍ୟୁଟର ସାଇନ୍ସ ସ୍ନାତକୋତ୍ତର ଛାତ୍ରୀ ସ୍ମିତା ମହାନ୍ତି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେ କମ୍ପ୍ୟୁଟର ସାଇନ୍ସରେ ସ୍ନାତକୋତ୍ତର ଟପ୍ପର ହୋଇ ଗତ ଜୁଲାଇ ମାସ ୧୫ ତାରିଖରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥିଭାବେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେଇ ସ୍ମିତାଙ୍କୁ ଅଙ୍ଗବସ୍ତ୍ର ଓ ସ୍ୱର୍ଣ୍ଣପଦକ ପ୍ରଦାନ କରିଥିଲେ। ଆଜି ଖବର ପାଇ କେନ୍ଦ୍ରାପଡା କୋଅପରେଟିଭ ସୋସାଇଟିର ସଭାପତି ପ୍ରମୋଦ ସାହୁ ଛାତ୍ରୀ ସ୍ମିତାଙ୍କ ଜଗଦଲପୁର ସ୍ଥିତ ବାସଭବନରେ ପହଞ୍ଚି ଶୁଭେଚ୍ଛା ଜଣାଇ ସମ୍ବର୍ଦ୍ଧିତ କରି ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିବା ସହିତ ତାଙ୍କୁ ୧୦ ହଜାର ଟଙ୍କା ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ସୋସାଇଟିର ସଭାପତି ଶ୍ରୀ ସାହୁଙ୍କ ସହିତ କେନ୍ଦ୍ରାପଡା କୋଅପରେଟିଭ ସୋସାଇଟିର ଗରଦପୁର ଶାଖା ପରିଚାଳକ ଅନୋଜ ସିଂ ଓ ସୋସାଇଟି ନିର୍ଦ୍ଦେଶକ ବଲ୍ଲଭ ନନ୍ଦୀଙ୍କ ସମେତ ଏଜେ ଦୀପକ ପାଣି, ଆଶୁତୋଷ ପାଣି ଉପସ୍ଥିତ ଥିଲେ। ତାଙ୍କର ଏହି ଆର୍ଥିକ ପ୍ରୋତ୍ସାହନ ସହାୟତା ପ୍ରଦାନ ସମୟରେ ସ୍ମିତାଙ୍କ ପରିବାର ଲୋକମାନଙ୍କ ସମେତ ଗ୍ରାମର ମୁରବୀମାନେ ଉପସ୍ଥିତ ଥିଲେ। ଛାତ୍ରୀ ସ୍ମିତା ଆଇଏଏସ୍ ପାଠ ପଢିବେ ବୋଲି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ କେନ୍ଦ୍ରାପଡା କୋ-ଅପରେଟିଭ ସୋସାଇଟି ବିଭିନ୍ନ ସମୟରେ ଅସହାୟ, ଗରିବ ଓ ରୋଗୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ସଙ୍ଗେସଙ୍ଗେ ଉଚ୍ଚଶିକ୍ଷା ପାଇଁ ଗରିବ ଓ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସହାୟତା ପ୍ରଦାନ କରିଥାଏ। ଆହୁରିମଧ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିପନ୍ନମାନଙ୍କୁ ରିଲିଫ ପ୍ରଦାନ କରିବା ସହିତ ଜାତୀୟ ଓ ଆର୍ନ୍ତଜାତୀୟ କୃତୀ ଖେଳାଳୀମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଏବଂ ସମ୍ବର୍ଦ୍ଧିତ କରିଥାଏ।

# 'ଦଳ ବିରୋଧୀ ଓ ଅପରାଧୀଙ୍କ ସ୍ଥାନ ନାହିଁ'

**ଜଗତ୍‌ସିଂହପୁର,୩।୯/ଏନ୍‌ଏନ୍‌ଏସ୍:** ଜଗତସିଂହପୁର ଜିଲ୍ଲାର କଂଗ୍ରେସ ସଭାପତି ପଦ ନିମନ୍ତେ ମନୋନୟନ ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଅଛି। ଯୋଗଧାରୀ ସ୍ଥିତ ସାରଳା ଦେବୀ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏଆଇସିସିର ପର୍ଯ୍ୟବେକ୍ଷକ ଏମ୍ ଲିଙ୍ଗୁ ଯୋଗଦେଇ ସଂଗଠନର ଶ୍ରୁଜନ ଅଭିଯାନ ସମ୍ବନ୍ଧରେ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ଲୋକସଭାରେ ବିରୋଧି ଦଳ ନେତା ରାହୁଲ ଗାନ୍ଧୀ ଓ ଏଆଇସିସି ସଭାପତି ମଲ୍ଲୀକାର୍ଜୁନ ଖର୍ଡଗେଙ୍କ ନିର୍ଦ୍ଦେଶ କ୍ରମେ ଦଳ ପକ୍ଷରୁ ସଂଗଠନ ଶବଙ୍କକ୍ଷନ ଅଭିଯାନ ମାଧ୍ୟମରେ ଜିଲ୍ଲା ସଭାପତି ମନୋନୟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅବସରରେ ଆୟୋଜିତ କର୍ମୀ ସମ୍ମିଳନୀରେ ପୂର୍ବତନ ବିଧାୟକ, ବିଧାୟକ ପାର୍ଥୀ, ବ୍ଲକ ସଭାପତି, ପୂର୍ବତନ ବ୍ଲକ ଓ ମ୍ୟୁନିସିପାଲିଟି ଅଧ୍ୟକ୍ଷ, ପୂର୍ବତନ ସରପଞ୍ଚ ଓ ସରପଞ୍ଚ, ଜିଲ୍ଲା କଂଗ୍ରେସ ଓ ବିଭିନ୍ନ ସାମ୍ମୁଖ୍ୟର ବର୍ତ୍ତମାନ ଓ ପୂର୍ବତନ କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି, ସାମାଜିକ ସଂଗଠନର, ସିଭିଲ ସୋସାଇଟ, ପଞ୍ଚାୟତ ପ୍ରତିନିଧି, ବରିଷ୍ଠ ଓ ତୃଣମୂଳ ସ୍ତରର କର୍ମୀମାନଙ୍କ ମତାମତକୁ ନିଆ ଯାଇ ଜିଲ୍ଲା କଂଗ୍ରେସ ସଭାପତି ମନୋନୟନ କରାଯିବ ବୋଲି ଏଆଇସିସି ପର୍ଯ୍ୟବେକ୍ଷକ ମତବ୍ୟକ୍ତ କରିଥିଲେ। ଏଥି ସଙ୍ଗହିତ ସଭାପତି ମନୋନୟନ ପ୍ରକ୍ରୀୟା ଓ ତାହାର ମାର୍ଗଦର୍ଶିକା ଉପରେ ଆଲୋଚନା କରିଥିଲେ। ଆଜିଠାରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇ ଆସନ୍ତା ୧୬ ତାରିଖରେ ଶେଷ ହେବ। ସଭାପତି ପଦ ନିମନ୍ତେ କୌଣସି ବୟସର ସୀମା ଲାଗୁ ହେବ ନାହିଁ। ଦଳର ତୃଣମୂଳ ସ୍ତରରେ ଅତି କମରେ ୫ବର୍ଷ ଧରି କାମ କରିଥିଲେ। ଦଳପ୍ରତି ଅନୁଗତ୍ୟ ଥିବା ସାଙ୍ଗଠନିକ ଦକ୍ଷତା ଥିବା ବ୍ୟକ୍ତି ମାନଙ୍କୁ ପ୍ରାଧାନ୍ୟ ଦିଆଯିବ। ଦଳ ଭିତରେ ଥାଇ, ଦଳ ବିରୋଧି କାମ କରିଥିବା ନେତା ଓ କର୍ମୀମାନଙ୍କ କଥାକୁ ବିଚାରକୁ ନିଆ ଯିବ ନାହିଁ। ସବୁଠାରୁ ଗୁରୁତ୍ୱ ପୂର୍ଣ୍ଣ ଅପରାଧିକ କାର୍ଯ୍ୟକଳାପରେ ଜଡିଥିବା ଥିବା ନେତା ଓ କର୍ମୀଙ୍କ ନାମକୁ ଜିଲ୍ଲା ସଭାପତି ପଦ ନିମନ୍ତେ ବିଚାରକୁ ନିଆ ଯିବ ନାହିଁ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ପର୍ଯ୍ୟବେକ୍ଷକ ରାଜ କିଶୋର ବାରିକ, ପିସିସି ଉପସଭାପତି ଡା ଲଲାଟେନ୍ଦ୍ର ମହାପାତ୍ର, ବାଲିକୁଦା ଏରସମା ପ୍ରାର୍ଥୀ ନଳିନୀ କୁମାର ସ୍ୱାଇଁ, ପାରାଦୀପ ବିଧାୟକ ପ୍ରାର୍ଥୀ ନିରଞ୍ଜନ ନାୟକ, ଜଗତସିଂହପୁର ବିଧାୟକ ପ୍ରାର୍ଥୀ ପ୍ରତିମା ମଲ୍ଲିକ, ରାଜ୍ୟ କିସାନ କଂଗ୍ରେସ ସଭାପତି ଅଭୟ ସାହୁ, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଲବ ଚୌଧୁରୀ, ପୂର୍ବତନ ପିସିସି ସମ୍ପାଦକ ଅଜୟ ସାହୁ, ଯୁବ ଆଇଏନଟିୟୁସିର ଯୋଗ ଦେଇଥିଲେ।

## ବୈତରଣୀରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ଯାଜପୁର,୩।୯/ଏନ୍‌ଏନ୍‌ଏସ୍:** ଯାଜପୁର ସହର ଉପକଣ୍ଠରେ ଥିବା ବୈତରଣୀ ନଦୀରୁ ପୂର୍ବାହ୍ନରେ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ଯାଜପୁର ଟାଉନ ଥାନା ବେଲାରପୁର ଅଞ୍ଚଳର ଗଦାଧର ସାହୁ(୬୦)। ସୂଚନା ଅନୁଯାୟୀ, ଯାଜପୁର ଅଗ୍ନିଶମ କାର୍ଯ୍ୟାଳୟ ନିକଟ ବୈତରଣୀ ନଦୀରେ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ଯାଜପୁର ପୁଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମବାହିନୀ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ମୃତଦେହରେ କ୍ଷତାକ୍ତ ଥିବା ଦେଖାଯାଇଛି। ପୁଲିସ ମୃତଦେହ ଜବତ କରି ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

**ଖୋଲିଲା ବନିତା ହତ୍ୟାକାଣ୍ଡ ରହସ୍ୟ**

# ସୁଧ ଟଙ୍କା ଫେରସ୍ତକୁ ନେଇ ହତ୍ୟା, ଅଭିଯୁକ୍ତ କୋର୍ଟଚାଲାଣ

**ପଟ୍ଟାମୁଣ୍ଡାଇ,୩।୯/ଏନ୍‌ଏନ୍‌ଏସ୍:** ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବହୁ ଚର୍ଚ୍ଚିତ ବନିତା ରାଉତ ହତ୍ୟାକାଣ୍ଡ ମାମଲାର ରହସ୍ୟ ଖୋଲିଛି। ହତ୍ୟାକାଣ୍ଡର ଅଭିଯୁକ୍ତ ସନ୍ତୋଷ ପରିଡାଙ୍କ ସହିତ ସୁଧ ଟଙ୍କା ଫେରସ୍ତକୁ ନେଇ ବନିତାଙ୍କର ଝଗଡା ହୋଇଥିଲା। ଉଭୟଙ୍କ ମଧ୍ୟରେ ବଚସା ହେବା ପରେ ଅଭିଯୁକ୍ତ ସନ୍ତୋଷ ବନିତାର ତଣ୍ଟି ଚିପି କ୍ୟାବିନ ଭିତରେ ହତ୍ୟା କରିବା ପରେ ଜରି ଓ ବେଡ଼ସିଟରେ ବାନ୍ଧି ବନିତା ଶବକୁ କ୍ୟାବିନ ଭିତରେ ଫୋପାଡ଼ି ଦେଇ ତାଲା ପକାଇ ଅଭିଯୁକ୍ତ ଫେରାର ହୋଇଯାଇଥିଲା। ଅଭିଯୁକ୍ତ ସନ୍ତୋଷକୁ ଯାଜପୁର ଜିଲ୍ଲା ପାଣିକୋଇଲିରୁ ପୁଲିସ ଗିରଫ କରିଛି। ଏ ନେଇ ଆଜି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରାପଡ଼ା ଅତିରିକ୍ତ ଏସ୍‌ପି ସୁଧାକର ସାହୁ ପ୍ରକାଶ କରିଛନ୍ତି। ଏହି ହତ୍ୟା ଘଟଣାରେ ଅଭିଯୁକ୍ତ ସନ୍ତୋଷ ପରିଡା ଛଡା ଅନ୍ୟ କେହି ସହଯୋଗୀ ସମ୍ପୃକ୍ତ ନାହାନ୍ତି ବୋଲି ଶ୍ରୀ ସାହୁ ସ୍ପଷ୍ଟ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ଓ ଆଇଆଇସି ବନ୍ଦନା ପାତ୍ର ଉପସ୍ଥିତ ଥିଲେ। ସ୍ଥାନୀୟ ପୁଲିସ ଅଭିଯୁକ୍ତ ସନ୍ତୋଷକୁ ଆଜି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ, ୨୮ ତାରିଖ ଦିନ ୩ଟା ସମୟରେ ବନିତା ସନ୍ତୋଷ ଭେଣ୍ଡିଂ ଜୋନ୍ କ୍ୟାବିନରେ କରିଥିବା ଦୋକାନରେ ପହଞ୍ଚିଥିଲେ। ସନ୍ତୋଷ ତା ଠାରୁ ସୁଧରେ ନେଇଥିବା ୮୦ ହଜାର ଟଙ୍କା ଫେରାଇବା ପାଇଁ ବନିତାଙ୍କୁ କହିଥିଲେ। ଏହି କଥାକୁ ନେଇ ସନ୍ତୋଷ ଓ ବନିତା ଭିତରେ ବଚସା ହୋଇଥିଲା। ଦୋକାନ ଭିତରେ ସନ୍ତୋଷ ବନିତାର ତଣ୍ଟିକୁ ଚିପି ଧରିବାରୁ ସେଠାରେ ତାର ମୃତ୍ୟୁ ଘଟିଥିଲା। କାଳେ ଏହି ଘଟଣା କିଏ ଜାଣିପାରିବ ପଛ ପଟ କବାଟ ବନ୍ଦ କରି ସନ୍ତୋଷ ନିଜ ଭଡା ଘରକୁ ଫେରି ଯାଇଥିଲା।



# କେରଡାଗଡ଼-ମଦନପୁର ରାସ୍ତାରେ କୃତ୍ରିମ ପୋଖରୀ

**ରାଜନଗର,୩।୯/ଏନ୍‌ଏନ୍‌ଏସ୍:** ରାଜ୍ୟରେ ୨୪ବର୍ଷର ବିଜୁ ଜନତାଦଳ ସରକାର ବଦଳିଲା। ବିଜେପି ସରକାର ରାଜ୍ୟରେ ଶାସନ ଭାର ଗ୍ରହଣ କରିବା ପରେ ସ୍ୱଚ୍ଛ ଶାସନ ଫେରିବ, ରାସ୍ତାଘାଟର ଉନ୍ନତିକରଣ ହେବା ସହ ଗମନାଗମନ ସୁଗମ ହେବ ବୋଲି ଲୋକମାନେ ଆଶା ରଖିଥିଲେ। ମାତ୍ର ରାସ୍ତାଘାଟ ଉନ୍ନତିକରଣ ହେବା ତ ଦୂରର କଥା, ରାସ୍ତା ଅବସ୍ଥା କହିଲେ ନସରେ। ପୂର୍ତ୍ତ ବିଭାଗ ରାସ୍ତା ପାଲଟିଛି ମରଣଯନ୍ତା। ରାସ୍ତାର ଅନେକ ସ୍ଥାନରେ ଦୁଇରୁ ଅଢେଇ ଫୁଟ ଗଭୀରରେ ଛୋଟ ଛୋଟ ଗାଡିଆର ଭ୍ରମ ସୃଷ୍ଟି କରୁଛି। ଗୋଟିଏ କିମ୍ବା ଦୁଇଟି ନୁହେଁ, ରାସ୍ତାର ଅନେକ ସ୍ଥାନରେ ଗାଡଗୁଡିକରେ ବର୍ଷାଜଳ ଜମିରହି କୃତ୍ରିମ ପୋଖରୀ ପାଲଟିଛି। ରାଜନଗର ବ୍ଲକରେ ପୂର୍ତ୍ତ ବିଭାଗ ସବ-ଡିଭିଜନ କାର୍ଯ୍ୟାଳୟ ଶ୍ରୀହିନ ହୋଇଥିବା ବେଳେ ବିଭାଗୀୟ ରାସ୍ତା ଅବସ୍ଥା ବି ଶୋଚନୀୟ ହୋଇପଡିଛି। ସବ୍‌ଡିଭିଜନ କାର୍ଯ୍ୟାଳୟକୁ ସହକାରୀ ନିର୍ବାହୀ ଯନ୍ତ୍ରୀ ଏକାଧିକ ସ୍ଥାନରେ ଦାୟିତ୍ୱ ନେଇଥିବା ବାହାନାରେ ଆସୁନଥିବା ଅଭିଯୋଗ ହୋଇଛି। ସେହିପରି ଦୁଇଜଣ କନିଷ୍ଠ ଯନ୍ତ୍ରୀଙ୍କ ସ୍ଥାନରେ ଜଣେ କନିଷ୍ଠ ଯନ୍ତ୍ରୀ ଦାୟିତ୍ୱରେ ଥିବା ବେଳେ ତାଙ୍କର ମଧ ଦେଖା ମିଳୁନି। କିରାଣୀ ଓ ଖଲାସୀଙ୍କ ଦୟାରେ ପୂର୍ତ୍ତ ବିଭାଗ ଚାଲିଥିବା ବେଳେ ଗୋପାଳପୁର ଭାୟା କେରଡାଗଡ-ମଦନପୁର ୧୩କିଲୋମିଟର ରାସ୍ତା ଅବସ୍ଥା ବେହାଲ ହେବା ସହ ଆଣ୍ଠୁଏ ଲେଖାଏଁ ଖାଲ ହେବାରେ ଲାଗିଛି। ବିଭାଗର ଏଥିପ୍ରତି ନିଘାନାହିଁ। ଏହି ରାସ୍ତା ଉପରେ ସାନବଡଗୋପାଳପୁର, ବାଲିସାହିପାଟଣା, କେରଡାଗଡ, ରାଜପୁର, ବେଲପାଳ, ଓସ୍ତିଆ ଓ ବନ୍ଧପଡା ପଞ୍ଚାୟତର ପ୍ରାୟ ୬୦ହଜାରରୁ ଊର୍ଦ୍ଧ୍ୱ ଲୋକ ଯିବା ଆସିବା ପାଇଁ ନିର୍ଭର କରିଥାନ୍ତି। ଖାଲି ସେତିକି ନୁହେଁ, ଆଳି ବ୍ଲକ ଏକମାଣିଆ ପଞ୍ଚାୟତ ଲୋକମାନେ ମଧ୍ୟ ନିର୍ଭର କରିଥାନ୍ତି। ବ୍ଲକ ସଦର ମହକୁମାକୁ ଯିବା ଆସିବା ସହ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀମାନେ ଚିକିତ୍ସା ପାଇଁ ଆସିଥାନ୍ତି। ଗର୍ଭବତୀ, ପ୍ରସୂତୀ ମହିଳା ଓ ଗୁରୁତର ରୋଗୀ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ ହେଉଛି। ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ରାଜନଗର ଓ ୟୁକେ ମହାବୀର ମହାବିଦ୍ୟାଳୟ ମଦନପୁରକୁ ପ୍ରତିଦିନ ଶତାଧିକ ଛାତ୍ରଛାତ୍ରୀ ଯିବା ଆସିବା କରିଥାନ୍ତି। ଏହି ରାସ୍ତାର ଗୋପାଳପୁରଠାରୁ କେରଡାଗଡ ହେଉ କିମ୍ବା କେରଡାଗଡଠାରୁ ମଦନପୁର ପର୍ଯ୍ୟନ୍ତ ରାସ୍ତାର ଶତାଧିକ ସ୍ଥାନରେ ଗାଡ ସୃଷ୍ଟି ହୋଇ ମରଣଯନ୍ତା ପାଲଟିଛି। ଯାହାଫଳରେ ୭ଟି ପଞ୍ଚାୟତ ଅଧିବାସୀଙ୍କ ଲାଇଫ ଲାଇନ୍ କୁହାଯାଉଥିବା ଗମନାଗମନ ପଥ ଠପ୍ ହେବାର ଆଶଙ୍କା ସୃଷ୍ଟି ହୋଇଛି। କେବେ ରାଜ୍ୟ ସରକାର ଏ ରାସ୍ତାପ୍ରତି ଦୃଷ୍ଟି ଦେବେ ଦେଖିବାକୁ ବାକି ରହିଲା।



**NOTICE**

The partnership firm JJ MINERALS bearing Regd No-520202100113/2021 and its principal place at/Po-Barikpur, Ps/Dist-Bhadrak Pin-756112 Odisha has been dissolved on dtd 05/01/2024 due to retirement of all partners Satya Ranjan Debata, Susanta Kumar Sahu & Ambika Prasanna Sahu w.e.f 05.01.2024. Satya Ranjan Debata
Managing partner
JJ MINERALS

**AFFIDAVIT**

By virtue of an affidavit sworn before the Executive Magistrate, Ramanaguda, dtd. 03.09.2025, I, Rajarao Mandangi, S/o- Reli Mandangi, Village - Narangabadi, Po/Ps-Ramanaguda, Dist- Rayagada, Odisha, Pin-765029 do hereby declare that my minor son name have changed from Babul Mandangi (Old name) to Babulu Mandangi (New name). Henceforth, he shall be known as **Babulu Mandangi** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Nimapada, dtd. 02.09.2025, I, Suryamani Sahoo, Address At/Po-Brahmakundi, Ps- Charichhak, Dist- Puri, Pin-752113 declare that I have changed my name from Kanhu Sahoo (Old name) to Suryamani Sahoo (New name). Henceforth, I shall be known as **Suryamani Sahoo** for all purposes.
Suryamani Sahoo

**AFFIDAVIT**

By virtue of an affidavit no. 9379 sworn before the Notary Public, Cuttack, dated-03.08.2025 I, Saswati Kantha, D/o Suresh Chandra Kantha, resident At- Mangalabag, Po-Buxibazar, Ps- Mangalabag, Dist- Cuttack- 753001, Odisha declare that I have changed my minor son name from Sriman Onkar Pramanik to P Ommkar. Henceforth he will be known as **P OMMKAR** for all future purposes.

# ଚୋରାମଦ ଜବତ, ୫ କୋର୍ଟଚାଲାଣ

**କେନ୍ଦ୍ରାପଡ଼ା,୩।୯/ଏନ୍‌ଏନ୍‌ଏସ୍:** ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ କେନ୍ଦ୍ରାପଡ଼ା ସଦର, ତନ୍ତିଆପାଳ ମେରାଇନ, ମହାକାଳପଡ଼ା ଓ ମାର୍ଶାଘାଇ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ମାଲୁଆ ଗ୍ରାମର ବିଭୁତି ସାମଲ(୨୬)ଙ୍କ ଠାରୁ ୨୫ ଲିଟର ଦେଶୀ ମଦ ସହିତ ଏକ ସ୍କୁଟି ଜବତ କରାଇଯାଇଥିବା ବେଳେ କାନ୍ତିଲ ଗ୍ରାମର ଝଣ୍ଟି ରାଉତ(୪୫)ଙ୍କ ଠାରୁ ୨୦ ଲିଟର ବିଦେଶୀ ମଦ, ବିଜୟନଗର ଗ୍ରାମର ଭାବଗ୍ରାହି ବସନ୍ତିଆ(୬୦)ଙ୍କ ଠାରୁ ୨୫ ଲିଟର ଦେଶୀମଦ, ନଛିପଡା ଗ୍ରାମର ଚଗଳକ ଦାସ(୪୩)ଙ୍କ ଠାରୁ ୨୭ ଲିଟର ଦେଶୀ ମଦ ଏବଂ ଜଗଦିଶପୁର ଗ୍ରାମର ସରୋଜ ସାମଲ (୩୦ )ଙ୍କ ଠାରୁ ୩୨ଲିଟର ଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ସମୁଦାୟ ୧୨୯ ଲିଟର ବିଦେଶୀ ଓ ଦେଶୀ ମଦ ସହିତ ଏକ ସ୍କୁଟି ଜବତ କରାଯାଇ ୫ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ଆଗାମୀ ଦିନରେ ଏହି ଚଢ଼ାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ କହିଛନ୍ତି। ଏହି ଚଢ଼ାଉରେ ଅବକାରୀ ନିରୀକ୍ଷକ ପଦ୍ମଲୋଚନ ନାୟକ, ଅବକାରୀ ଉପନିରିକ୍ଷକ ଧର୍ମପଦ ଦାସଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

# ୫୬ ଗ୍ରାମ୍ ବ୍ରାଉନ୍‌ସୁଗର୍ ଜବତ, ୪ ଗିରଫ

**ଜଗତ୍‌ସିଂହପୁର,୩।୯/ଏନ୍‌ଏନ୍‌ଏସ୍:** ଓଡ଼ିଶା ପୁଲିସ ଡିଜିଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟରେ ଗତ ୧ ତାରିଖ ଠାରୁ ଅପରେସନ୍ ପ୍ରହ୍ୱାର କାର୍ଯ୍ୟକାରୀ ହୋଇ ଆସୁଛି। ଏହି ଅବସରରେ ଜଗତସିଂହପୁର ଏସ୍‌ପି ଅଙ୍କିତ କୁମାର ବର୍ମାଙ୍କ ନିର୍ଦ୍ଦେଶରେ ଅପରେସନ ପ୍ରହ୍ୱାର ଜରିଆରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଦୈନିକ ଚଢାଉ ଜାରି ରଖିଛନ୍ତି। ବୁଧବାର ଅପରେସନ ପ୍ରହ୍ୱାରରେ ଜିଲ୍ଲାର ଜଗତସିଂହପୁର ସଦର ଥାନା ଓ ପାରାଦୀପ ଲକ୍ ଥାନା ପୁଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ୫୬ ଗ୍ରାମ ବ୍ରାଉନ ସୁଗାର ଜବତ କରିବା ସହିତ ଏହି ନିଶା କାରବାରରେ ସମ୍ପୃକ୍ତ ୪ ଜଣ ଅଭିଯୁକ୍ତଙ୍କୁ କୋର୍ଟଚାଲଣ କରା ଯାଇଥିବା ଏସ୍‌ପି ଶ୍ରୀ ବର୍ମା ଜଗତସିଂହପୁର ଏସ୍‌ଡିପିଓ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ତେବେ ଜବତ ହୋଇଥିବା ୫୬ଗ୍ରାମ ବ୍ରାଉନ୍ ସୁଗାରର ଆନୁମାନିକ ମୂଲ୍ୟ ୫ ଲକ୍ଷ ୬୦ ହଜାର ଟଙ୍କା ହେବ ବୋଲି ସେ ସୂଚନା ପ୍ରଦାନ କରିଛନ୍ତି। ଏହା ବ୍ୟତିତ ଅଭିଯୁକ୍ତ ମାନଙ୍କ ଠାରୁ ଏକ ବାଇକ, ୩ଟି ମୋବାଇଲଫୋନ, କିଛି ନଗଦ ଅର୍ଥ ଜବତ କରା ଯାଇଥିବା ସୂଚନା ପ୍ରଦାନ କରିବା ସହିତ ପୁଲିସ ଏହି ନିଶା କାରବାରର ମୁଖ୍ୟ ରୁଟ୍ ଖୋଜିବା ତଦନ୍ତ ପ୍ରକ୍ରୀୟା ଜାରୀ ରହିଥିବା ସୂଚନା ପ୍ରଦାନ କରିଥିଲେ।

# ପୂଜା କମିଟି ପକ୍ଷରୁ ୪ଦଫା ଦାବିପତ୍ର

**କେନ୍ଦ୍ରାପଡ଼ା,୩।୯/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡାର ପ୍ରସିଦ୍ଧ ଗଣପର୍ବ ଶ୍ରୀ ଗଜଲକ୍ଷ୍ମୀ ପୂଜା ଆସନ୍ତା ଅକ୍ଟୋବର ମାସଠାରୁ ଆରମ୍ଭ ହେଉଛି। ଏନେଇ କମିଟି ପକ୍ଷରୁ ସଭାପତି ଯୁଗଳ କିଶୋର ବେହେରା ଏବଂ କାଉନସିଲର ପ୍ରଦୀପ୍ତ ଜେନା ଜିଲ୍ଲାପାଳଙ୍କୁ ଭେଟି କେତେକ ସମସ୍ୟା ବିଷୟରେ ଆଲୋଚନା କରିଛନ୍ତି। ଏହି ଆଲୋଚନାରେ ପୂଜା ପାଳନ ସମୟରେ ପୂର୍ବରୁ ପ୍ରଚଳିତ ଥିବା ପ୍ରଥା ଅନୁସାରେ ପୂଜା ୪ ଦିନ ଓ ମେଲଣ ୨ ଦିନ ତଥା ଅକ୍ଟୋବର ୯ ତାରିଖ ଠାରୁ ୧୪ ତାରିଖ ପର୍ଯ୍ୟନ୍ତ ରାତି ୧୨ ଘଟିକା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ, ମାଇକ ଓ ବାଦ୍ୟଯନ୍ତ୍ର ପରିବେଷଣ ନିମନ୍ତେ ଅନୁମତି ପ୍ରଦାନ କରାଯିବା, ମେଲଣ ୨ ଦିନ ପାଇଁ ରାତି ୧୨ଟା ପର୍ଯ୍ୟନ୍ତ ପାରମ୍ପରିକ ବାଦ୍ୟରେ ମେଢ ନେବାକୁ ସ୍ୱତନ୍ତ୍ର ଅନୁତି ପ୍ରଦାନ କରାଯାଉ। ଗଜଲକ୍ଷ୍ମୀ ପୂଜା ନିମନ୍ତେ ଅନୁମତି ପତ୍ର ଆଣିବା ପାଇଁ ବିଭିନ୍ନ ବିଭାଗକୁ କମିଟି ସଦସ୍ୟମାନଙ୍କୁ ଦୌଡିବାକୁ ପଡୁଛି। ଏଣୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସିଙ୍ଗଲ ଉଇଣ୍ଡୋ ମାଧ୍ୟରେ ଅନୁମତି ପତ୍ର ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଉ। ପ୍ରଶାସନ ତରଫରୁ ପୂଜା ପାଇଁ ପ୍ରସ୍ତୁତି ବୈଠକରେ କେନ୍ଦ୍ରାପଡା ବିଧାୟକ, ସାଂସଦ ଓ ପୌରାଧ୍ୟକ୍ଷାଙ୍କୁ ଆଲୋଚନାରେ ସାମିଲ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉ। ପୂଜା ପରେ ବିସର୍ଜନ ପୂଜା ମଧ୍ୟରେ ଯଦି ବର୍ଷା, ବାତ୍ୟା ଭଳି କୌଣସି ଦୈବୀ ଦୁର୍ବିପାକ ଘଟେ ଏଭଳି ସ୍ଥଳରେ ବିସର୍ଜନ, ପୂଜା ଓ ଭସାଣ ଅତୀତ ଦିନ ମାନଙ୍କ ଭଳି ୭ ଦିନ ପରିବର୍ତ୍ତେ ୯ କିମ୍ବା ୧୧ ଦିନ ପର୍ଯ୍ୟନ୍ତ ପୂଜା ଘୁଞ୍ଚାଯାଇ ପାରେ। ଜିଲ୍ଲାପାଳଙ୍କୁ ଏହି ଦାବିପତ୍ର ପ୍ରଦାନ କରି କମିଟିର ସଭାପତି ଶ୍ରୀ ବେହେରା ଆଲୋଚନା କରିଥିବା ଜଣାପଡିଛି।



ଓଡ଼ିଶା ସରକାର
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
RR-12
*****
**ବିଜ୍ଞାପନ**
୩୫ ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର, ୨୦୨୩ ଏବଂ
୩୬ ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର, ୨୦୨୪ ପାଇଁ ଦରଖାସ୍ତ ଆହ୍ୱାନ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ୩୫ତମ (୨୦୨୩) ଓ ୩୬ ତମ (୨୦୨୪) ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଅଛି। ପ୍ରଯୋଜକମାନେ Entry Form, ଆବଶ୍ୟକ କାଗଜପତ୍ର ଓ ଚଳଚ୍ଚିତ୍ର Soft Copy (Pen Drive) ୦୪.୧୦.୨୦୨୫ ସୁଦ୍ଧା (Registered/Speed Post/Parcel) ଦାଖଲ କରିପାରିବେ। ଶ୍ରେଷ୍ଠ ଲେଖା (Book/Monograph) ପାଇଁ ଲେଖକମାନେ ଆବେଦନ ଫର୍ମରେ ଆବେଦନ କରିବା ସହିତ ଦଶ (୧୦) ଖଣ୍ଡ ଲେଖା (Book/Monograph) ୦୪.୧୦.୨୦୨୫ ସୁଦ୍ଧା ଦାଖଲ କରିବେ। ଆବେଦନ ସମ୍ବନ୍ଧୀୟ ବିଶଦ ବିବରଣୀ ଯଥା Entry Form ଓ ନିୟମାବଳୀ ଇତ୍ୟାଦି ବିଭାଗର ୱେବ୍‌ସାଇଟ୍ : culture.odisha.gov.in ରେ ଉପଲବ୍ଧ କରାଯାଇଅଛି।

ସ୍ୱା/- ନିର୍ଦ୍ଦେଶକ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଭୁବନେଶ୍ୱର
OIPR-03029/11/0068/2526

# ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ



**ଜଗତ୍‌ସିଂହପୁର,୩।୯/ଏନ୍‌ଏନ୍‌ଏସ୍:** ବୁଧବାର ସନ୍ଧ୍ୟାରେ ମାଆଙ୍କୁ ଅସମ୍ମାନ କହୁଥିବା ଦାବିରେ ଜଗତସିଂହପୁର ଜିଲ୍ଲା ବିଜେପି ପକ୍ଷରୁ ଭାରତର ବିରୋଧିଦଳ ନେତା ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରାଯାଇ କଂଗ୍ରେସ ଦଳକୁ ସମାଲୋଚନ କରିଛନ୍ତି। ବିହାରର ଏକ କାର୍ଯ୍ୟକ୍ରମରେ ଆଜେଡିର ନେତୃମଣ୍ଡଳିଙ୍କ ଉପସ୍ଥିତିରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାଆ, ଯେକି ଦୀର୍ଘ ଦିନ ହେଲା ସ୍ୱର୍ଗବାସ କରିଛନ୍ତି ଏବଂ ସେ କୌଣସି ରାଜନିତୀରେ ଜଡିତ ନଥାଇ ତାଙ୍କ ବିରୋଧରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅପମାନ ସୂଚକ ଶବ୍ଦ ପ୍ରୟୋଗ କରିଛନ୍ତି। ହୀନ ରାଜନିତୀରେ ଅଛନ୍ତି। ନିର୍ବାଚନ ଜିତିବା ପାଇଁ ନାରୀ ଜାତିକୁ ଅସମ୍ମାନ କରି ବକ୍ତବ୍ୟ ରଖିଥିବା ନେଇ ଜିଲ୍ଲାରେ କଂଗ୍ରେସ ଦଳକୁ ସମାଲୋଚନ କରି ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରା ଯାଇଥିବା ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର ସୂଚନା ପ୍ରଦାନ କରିଛନ୍ତି। ଏହି ଅବସରରେ ଜିଲ୍ଲା ବିଜେପି ସଭାପତି ଶ୍ରୀ ମିଶ୍ରଙ୍କ ନେତୃତ୍ୱରେ, ପୂର୍ବତନ ସଭାପତି ଉପେନ୍ଦ୍ର ବିଶ୍ୱାଳ, ଜିଲ୍ଲାସ୍ତରୀୟ ବିଜେପି ନେତା, ନେତ୍ରୀ, ଯୁବ ନେତା, ଛାତ୍ର ନେତା ଓ ପରିଷଦ ମାନେ ଏକ ବିକ୍ଷୋଭ ରାଲିରେ ଆସି ଜଗତସିଂହପୁର ପୌରପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ପହଂଚି ରାହୁଲ ଗାନ୍ଧୀ ମାଆଙ୍କ ଅସମ୍ମାନ କରିଥିବା ବିକ୍ଷୋଭ ପ୍ରଦର୍ଶନ କରି ଶ୍ରୀ ଗାନ୍ଧୀଙ୍କ କୁଶପୁତଳିକାରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଥିଲେ।

**JEYPORE MUNICIPALITY, JEYPORE**
Phone No. - 06854231098, Fax no. 06854230104, email-ulbjeypore@gmail.com & jeyporem.hud@nic.in

Letter No: 3845/JM Date: 03.09.2025

**Quotation call notice**

Sealed quotations on the letter pad of the bidder are hereby invited from **individuals, manufacturers, or contractors** for the execution of the work titled

**"Improvement of Square by Construction of Dandi Yatra Statue of FRP Make, having 11 Nos. Life-Size Statues (4–6 ft Height Each) Including Pedestrian Unit (Civil & Electrical) with All Fitting, Fixing and Finishing Works – Complete at Jeypore Municipality".**

| | |
|---|---|
| No of works. | 01 |
| Estimated cost and work details | As per QCN |
| Date & Time of Bidding | From **04.09.2025** at 11:00 Hours to **12.09.2025** Upto 11:00Hours |
| Offline Documents Received through Speed Post | **04.09.2025** at 11:00 Hours to **12.09.2025** Up to 11:00 Hours (Working Days Only) |
| Offline Documents shall be opened in the presence of the Participating Bidders | **12.09.2025** at 16:00 Hours onwards |
| Paper Cost (INR) | **Rs. 600/-** |
| EMD (INR) | **Rs.10000/-** |

Executive Officer,
Jeypore Municipality
OIPR-13079/11/0062/2526 C-1000

## ବିଦ୍ୟାପୀଠ ପରିସରରେ ପୁରାତନ ଛାତ୍ର କାର୍ଯ୍ୟାଳୟ ଖୋଲିବାକୁ ଉଦ୍ୟମ

**କିଶୋରନଗର,୩।୯/ଏନ୍ଏନ୍ଏସ୍:** କିଶନନଗର ତହସିଲ ଅନ୍ତର୍ଗତ କିଶୋରନଗର ସ୍ଥିତ ଚିନ୍ତାମଣି ସରକାରୀ ବିଦ୍ୟାଳୟ ପରିସରରେ କେତେଜଣ ପୁରାତନ ଛାତ୍ର ଜୋର୍ ଜବରଦସ୍ତ ବିଦ୍ୟାଳୟ ପରିସର ମଧ୍ୟରେ ପୁରାତନ ଛାତ୍ର କାର୍ଯ୍ୟାଳୟ ଖୋଲିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି।ଦିନ ରାତ୍ରି ଏହି କାର୍ଯ୍ୟାଳୟରେ ପୁରାତନ ଛାତ୍ରମାନେ ବସି ରହି ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ଦୈନନ୍ଦିନ ଗତି ବିଧି ଉପରେ ଲକ୍ଷ୍ୟ କରିବେ ବୋଲି ଜଣାପଡ଼ିଛି। ସୋମବାର କଟକ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଏହି ଅଜବ ଦାବି ଉପସ୍ଥାପନ କରିବା ପାଇଁ ଉଦ୍ୟମ ହୋଇଥିଲା। କୌଣସି ପରିସ୍ଥିତିରେ ବେସରକାରୀ କାର୍ଯ୍ୟାଳୟ ଖୋଲିବା ପାଇଁ ଅନୁମତି ଦିଆଯାଇପାରିବ ନାହିଁ ବୋଲି କଟକ ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ୍ ବିରୋଧ କରିଥିଲେ। ଏହାଦ୍ୱାରା ଶୈକ୍ଷିକ ବାତାବରଣରେ ବାଧା ସୃଷ୍ଟି ହେବ। ଦରକାର ପଡ଼ିଲେ ଅଦାଲତରେ ମାମଲା ରୁଜୁ କରାଯିବ ବୋଲି ଅନ୍ୟ ଏକ ଗୋଷ୍ଠୀ ପ୍ରଧାନ ଶିକ୍ଷୟିତ୍ରୀ ରୋଜାଲିନ ସ୍ୱାଇଁଙ୍କୁ ଅବଗତ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ

### ଏଣିକି କେବଳ...

ସେମାନେ ଏକ ସ୍ପଷ୍ଟ କ୍ଷତିପୂରଣ ଯୋଜନା ପାଇଁ ମଧ୍ୟ ଚାପ ପକାଇଛନ୍ତି। କିଛି ବିଜେପି ଶାସିତ ରାଜ୍ୟ ସଂଶୋଧିତ ସ୍ଲାବ ଯୋଗୁ ସମ୍ଭାବ୍ୟ କ୍ଷତି ଉପରେ ମଧ୍ୟ ସମାନ ଚିନ୍ତା ପ୍ରକାଶ କରିଛନ୍ତି। ବିରୋଧୀ ରାଜ୍ୟଗୁଡ଼ିକ ବିଶେଷକରି ବିଳାସପୂର୍ଣ୍ଣ ସାମଗ୍ରୀ ଉପରେ ପ୍ରସ୍ତାବିତ ୪୦% ଟିକସରୁ ଯେକୌଣସି ଅତିରିକ୍ତ ଟିକସ ରାଜ୍ୟ ରାଜକୋଷକୁ ପଠାଯିବା ନେଇ ସରକାର ସୁନିଶ୍ଚିତ କରିବା ଉଚିତ୍ ବୋଲି ଦାବି କରିଛନ୍ତି। ସରକାର ବର୍ତ୍ତମାନ ସମୟରେ ୨୮% ବର୍ଗରେ ଥିବା ପ୍ରାୟ ୯୦% ସାମଗ୍ରୀକୁ ୧୮% ବର୍ଗକୁ ହ୍ରାସ କରିବାକୁ ଏବଂ ୧୨% ଅନ୍ତର୍ଗତ ଅଧିକାଂଶ ସାମଗ୍ରୀକୁ ୫% ସ୍ଲାବକୁ ହ୍ରାସ କରିବାକୁ ଯୋଜନା କରୁଛନ୍ତି। ଏହା ଘରୋଇ ବ୍ୟବହାରକୁ ବୃଦ୍ଧି କରିବ ଏବଂ ୫୦,୦୦୦ କୋଟି ଟଙ୍କାର ରାଜସ୍ୱ କ୍ଷତି ପୂରଣ କରିବ ବୋଲି ଆଶା କରାଯାଉଛି। ସମଗ୍ର ଭାବରେ, ୮ଟି କ୍ଷେତ୍ର - ବୟନଶିଳ୍ପ, ସାର, ନବୀକରଣୀୟ ଶକ୍ତି, ଅଟୋମୋଟିଭ୍, ହସ୍ତଶିଳ୍ପ, କୃଷି, ସ୍ୱାସ୍ଥ୍ୟ ଏବଂ ବୀମା - ହାର ସଂଶୋଧନରୁ ସର୍ବାଧିକ ଲାଭବାନ ହେବେ ବୋଲି ଅନୁମାନ କରାଯାଉଛି। ସେହିପରି କିଛି ସାମଗ୍ରୀ କିମ୍ବା ସେବା - ଯେପରିକି ଜୀବନ ଏବଂ ସ୍ୱାସ୍ଥ୍ୟ ବୀମା ପ୍ରିମିୟମ, ଯାହା ବର୍ତ୍ତମାନ ୧୮% ଟିକସ ଅଧୀନ ରହିଛି ଏସବୁକୁ ଜିଏସ୍‌ଟି ବ୍ୟବସ୍ଥାରୁ ମୁକ୍ତ କରିବାକୁ ମଧ୍ୟ ପ୍ରସ୍ତାବ ଦିଆଯାଇଛି। ଯୁକ୍ତିଯୁକ୍ତ ଜିଏସ୍‌ଟି ଲାଗୁ ହେବା ଦ୍ୱାରା ଯୁକ୍ତରାଷ୍ଟ୍ର ଆମେରିକାକୁ ରପ୍ତାନି ସାମଗ୍ରୀ ଉପରେ ୫୦% ଶୁଳ୍କର ଯେକୌଣସି ପ୍ରଭାବକୁ ପୂରଣ କରାଯାଇପାରିବ ବୋଲି ଆଶା କରାଯାଉଛି।

### ଖୁବ୍‌ଶୀଘ୍ର ଆରମ୍ଭ...

କମିଟି, ନୀତି ସମନ୍ୱୟ ସବ୍ କମିଟି ଗଠିତ ହୋଇଛି। ତେବେ ଗତ ରଥଯାତ୍ରା ପୂର୍ବରୁ ମେ' ମାସ ୨୬ତାରିଖରେ ଅନୁଷ୍ଠିତ ହୋଇଥିବା ଶ୍ରୀମନ୍ଦିର ପରିଚାଳନା କମିଟିର ଉଚ୍ଚସ୍ତରୀୟ ପ୍ରଶାସନିକ ବୈଠକର ବିବରଣୀ ଆଜି ବୈଠକରେ ପାଠ କରାଯାଇଥିବା ବେଳେ ଏହାକୁ ଦୃଢ଼ୀକରଣ କରାଯାଇଥିଲା। ତେବେ ନାଟମଣ୍ଡପରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଖୁବଶୀଘ୍ର କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ଏ ନେଇ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇଥିବଳେ ସେବା ସମ୍ପୃକ୍ତ ସେବାୟତ ନିଯୋଗ ସହ ଆଲୋଚନା କରି ପରୀକ୍ଷାମୂଳକ ଭାବେ ଏହି ଧାଡ଼ି ଦର୍ଶନ ବ୍ୟବସ୍ଥା କରାଯିବ ବୋଲି ଲକ୍ଷ୍ୟ ରଖାଯାଇଛି। ସେହିପରି ନାଟମଣ୍ଡପରେ ବାତାନୁକୂଳିତ ବ୍ୟବସ୍ଥା କରାଯିବା ନେଇ ଏଏସ୍‌ଆଇ ପକ୍ଷରୁ ସବୁଜ ସଂକେତ ମିଳିଥିବା ବେଳେ ଦିବ୍ୟାଙ୍ଗ ଭକ୍ତଙ୍କ ଦର୍ଶନରେ ସୁବ୍ୟବସ୍ଥା ନେଇ ଉତ୍ତର ଦ୍ୱାରରେ ନିର୍ମିତ ରାମ୍ପ୍ ସମ୍ପର୍କରେ ଆଲୋଚନା ହୋଇଛି। ତେବେ ଏସ୍‌ଓପି କରାଯାଇ ଦର୍ଶନ ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ କରାଯିବ। ଅନ୍ୟପକ୍ଷରେ ଅଦିନିଆ ରଥଯାତ୍ରାକୁ ନେଇ ଆଜି ବୈଠକରେ ଆଲୋଚନା କରାଯାଇଥିବା ବେଳେ ରଥଯାତ୍ରା ପ୍ରସଙ୍ଗରେ ଶାସ୍ତ୍ରୀୟ ମତାମତ ଓ ତିଥି ତଥା ବିଧି ସମ୍ପର୍କରେ ଆଜି ପରିଚାଳନା କମିଟିରେ ଆଲୋଚନା କରାଯାଇଥିଲା। ଅନ୍ୟ ତିଥିରେ ରଥଯାତ୍ରା କରାଯିବ ନାହିଁ ବୋଲି ରାଜ୍ୟ ସରକାରଙ୍କୁ ଅବଗତ କରାଯାଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ମତ ରଖିଥିଲେ। ଇସ୍କନ୍‌ର ଅଦିନିଆ ରଥଯାତ୍ରା ଏବଂ ଶ୍ରୀମନ୍ଦିର ନାଁରେ ଅପବ୍ୟବହାର, ଦୀଘା ଜଗନ୍ନାଥ ଧାମକୁ ଜଗନ୍ନାଥ ଧାମ ନାମକରଣକୁ ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ତେବେ ଆସନ୍ତା ୬ ତାରିଖରେ ଗଜପତି ମହାରାଜା ଏହି ଘଟଣାକୁ ନେଇ ସାମ୍ବାଦିକ ସମ୍ମିଳନୀ କରିବେ। ତୀଥି ଅନୁସାରେ ସମସ୍ତ କାର୍ଯ୍ୟ କରାଯିବା ନେଇ ଗଜପତି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେବେ। ଶାସ୍ତ୍ର ଓ ପରମ୍ପରା ନିୟମକୁ ଯେ କେହି ବି ଭାଙ୍ଗିବେ ତାଙ୍କ ବିରୁଦ୍ଧରେ କିଭଳି ପଦକ୍ଷେପ ନିଆଯିବ ସେନେଇ ପଦକ୍ଷେପ ନିଆଯିବ।

### ୧୦ରୁ ସଚେତନତା...

ସୁଚାରୁରୂପେ ହୋଇପାରିବ, ସେଥିପ୍ରତି ଜିଲ୍ଲା ପ୍ରଶାସନର ସହଯୋଗ ନିଆଯିବା ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। ଏଥି ସଙ୍ଗେ ସଙ୍ଗେ ପ୍ରତି ସ୍କୁଲ, କଲେଜରେ ଆତ୍ମହତ୍ୟା ପ୍ରବଣତା ରୋକିବା ପାଇଁ ବକ୍ତୃତା, ରଚନା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ପାଇଁ ପରାମର୍ଶ ଦେଇଛନ୍ତି। ଜିଲ୍ଲା ସଦର ମହକୁମାରେ ଥିବା ସବୁଠାରୁ ବଡ଼ ପ୍ରେକ୍ଷାଳୟଗୁଡ଼ିକରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଭୁବନେଶ୍ୱରରେ ସେପ୍ଟେମ୍ବର୧୦ତାରିଖରୁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ଅଡିଟୋରିୟମ୍‌ରେ ପ୍ରଥମେ କାର୍ଯ୍ୟକ୍ରମ ହେବ। ଶେଷ କାର୍ଯ୍ୟକ୍ରମ କଟକରେ ହେବାକୁ ଆଲୋଚନା ହୋଇଛି। ଶେଷ ଦିବସ କାର୍ଯ୍ୟକ୍ରମରେ ବିଭିନ୍ନ ପୁରସ୍କାର ବିତରଣ କରାଯିବ। ଜିଲ୍ଲାରେ ଯେଉଁଠି କାର୍ଯ୍ୟକ୍ରମ ହେବ, ସେଦିନ ସଚେତନତା ପଦଯାତ୍ରା ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଯୋଗଦେବା ସହିତ ସ୍ୱେଚ୍ଛାସେବୀଙ୍କ ସମେତ ଏନ୍‌ସିସି, ସ୍କାଉଟ୍ ଗାଇଡ୍ ସ୍ୱେଚ୍ଛାସେବୀ ସହଯୋଗ କରିବେ।

### ୨୦୧୫ରେ ପ୍ରକାଶିତ...

କରି ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ମାମଲାର ଶୁଣାଣି କରି ନିର୍ବାଚନ ବନ୍ଦ ରଖିବା ନିମନ୍ତେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ୩ ମିନିଟ୍‌ରେ ଉତ୍ତର...

ରହିଥିବା ବେଳେ ଚିଠା ଅଧିନିୟମରେ ଅତିରିକ୍ତ ଭାବେ ମହାନଗର ନିଗମ ସୃଷ୍ଟି କରାଯାଇ ତା' ପାଇଁ ଉଚ୍ଚକୋଟିର ମାନଦଣ୍ଡ ଓ କାର୍ଯ୍ୟଦକ୍ଷତା ନିର୍ଣ୍ଣୟ ହୋଇଛି। ନିୟମାନୁସାରେ ବିଦ୍ୟୁତ୍ ସେବାକୁ ନିରବଛିନ୍ନ ଓ ଗୁଣାତ୍ମକ କରିବା ପାଇଁ ବିତରଣ କମ୍ପାନୀଗୁଡ଼ିକର କାର୍ଯ୍ୟ ଦକ୍ଷତାର ମାନଦଣ୍ଡ ଓ ସପ୍ଲାଇ କୋଡ୍ ମୁଖ୍ୟ ଭୂମିକା ଗ୍ରହଣ କରେ। ବିଦ୍ୟୁତ୍ ଆଇନ-୨୦୦୩ରେ ବିତରଣ କମ୍ପାନୀର କାର୍ଯ୍ୟଦକ୍ଷତାର ମାନଦଣ୍ଡ ବୃଦ୍ଧିପାଇଁ ସପ୍ଲାଇ କୋଡ୍ ପ୍ରସ୍ତୁତ କରି ନିୟାମକ ପ୍ରକ୍ରିୟାରେ ଆବଶ୍ୟକୀୟ ଅଧିନିୟମ ପ୍ରଣିତ କରିବା ପାଇଁ ସମସ୍ତ ରାଜ୍ୟ ବିଦ୍ୟୁତ ନିୟାମକ ଆୟୋଗଙ୍କୁ ନିର୍ଦ୍ଦେଶ ରହିଛି। ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ବିତରଣ କାର୍ଯ୍ୟଦକ୍ଷତାର ମାନଦଣ୍ଡ ଓ ସପ୍ଲାଇ କୋଡ୍ ପାଇଁ ଦୁଇଟି ପୃଥକ୍ ଅଧିନିୟମ ପ୍ରସ୍ତୁତ କରି ୨୦୦୪ରେ ଗୋଟିଏ ଦିନରେ ପ୍ରଣିତ କରିଥିଲେ। ଏହାକୁ ନେଇ ପ୍ରଶ୍ନ ଉଠିଛି। କାରଣ, ପଞ୍ଜାବ ଓ ମହାରାଷ୍ଟ୍ର ଭଳି ଅନ୍ୟ ରାଜ୍ୟର ବିଦ୍ୟୁତ ଆୟୋଗ ଓଇଆର୍‌ସି ଭଳି ଦୁଇଟି ଅଧିନିୟମ ବଦଳରେ ଉଭୟ ପାଇଁ ଗୋଟେ ଅଧିନିୟମ ୨୦୦୪ରେ ପ୍ରଣିତ କରିଛନ୍ତି। ତେବେ ପ୍ରଗତିଶୀଳ ଅର୍ଥନୀତିରେ ଅତିରିକ୍ତ ପୁଞ୍ଜିନିବେଶ ଓ ବୈଷୟିକ ଉନ୍ନତି ପରିଲକ୍ଷିତ ହେଉଥିବାରୁ ଅନ୍ୟ ରାଜ୍ୟ ଆୟୋଗଗୁଡିକ ଏକାଧିକ ଥର ପୁରୁଣା ଅଧିନିୟମକୁ ନବୀକରଣ କରି ନୂତନ ଅଧିନିୟମ ପ୍ରଣିତ କରିଛନ୍ତି। କିନ୍ତୁ ଓଡ଼ିଶା ଆୟୋଗ ପୁରୁଣା ସପ୍ଲାଇ କୋଡ୍‌କୁ ନବୀକରଣ କରିବାରେ ସମର୍ଥ ହୋଇଥିବା ବେଳେ ବିତରଣ କମ୍ପାନୀର କାର୍ଯ୍ୟଦକ୍ଷତା ମାନଦଣ୍ଡ ଅଧିନିୟମ ନବୀକରଣ କରିପାରିଲେ ନାହିଁ। ଫଳରେ ଓଡ଼ିଶା ଉପଭୋକ୍ତା ଦଶନ୍ଧି ଧରି ଉନ୍ନତମାନର ବିଦ୍ୟୁତ୍‌ସେବା ପାଇବାରୁ ବଞ୍ଚିତ ହୋଇଛନ୍ତି। ବିଦ୍ୟୁତ୍ ସେବା ମାନଦଣ୍ଡ ପାଳନରେ ବିତରଣ କମ୍ପାନୀ ବିଫଳ ହେଲେ ପୁରୁଣା ଅଧିନିୟମ ଅନୁସାରେ ଟାଟା ବିତରଣ କମ୍ପାନୀକୁ ଜୋରିମାନା ଦେବା ପାଇଁ ୫୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ୫ଟି ସ୍ଲାବ୍ ପ୍ରଣିତ ହୋଇଥିବା ବେଳେ ନୂତନ ଚିଠା ଅଧିନିୟମରେ ତାହାକୁ କମାଇ ୫୦ରୁ ୨୫୦ ଟଙ୍କା ଭିତରେ ସ୍ଥିର କରିବା ଏକ ଅବାସ୍ତବ ନିୟାମକ ପ୍ରକ୍ରିୟା ବୋଲି ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ଅନ୍ୟ ରାଜ୍ୟ ଆୟୋଗ ୧୦୦ରୁ ୫୦୦୦ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ସ୍ଲାବ୍ କରିଛନ୍ତି। ଉଦାହରଣ ଭାବେ ଛତିଶଗଡ଼ ଆୟୋଗ ୫୦୦ ଓ ୧୦୦୦ ଟଙ୍କା ଭଳି ଦୁଇଟି ଜୋରିମାନା ସ୍ଲାବ୍ କରିଥିବାବେଳେ ପଶ୍ଚିମବଙ୍ଗ ଆୟୋଗ ୫୦୦ ରୁ ୫୦୦୦ ଟଙ୍କା ପର୍ଯ୍ୟନ୍ତ ୪ଟି ସ୍ଲାବ୍ କରିଛନ୍ତି। ଓଡ଼ିଶା ଆୟୋଗଙ୍କ ଚିଠା ଅଧିନିୟମରେ ଗ୍ରାମାଞ୍ଚଳକୁ ଉପେକ୍ଷା କରିଛନ୍ତି କାରଣ କିଛି ବିଷୟ ଉପରେ ୨୦୦୪ରେ ପ୍ରଣିତ ମାନଦଣ୍ଡ ଓ କାର୍ଯ୍ୟଦକ୍ଷତାକୁ ସଂଶୋଧନ ନକରି ୨୦୨୫ ଚିଠା ଅଧିନିୟମରେ ଅପରିବର୍ତ୍ତିତ ରଖିଛନ୍ତି। ସେହିପରି ମାସକୁ କେତେ ଘଣ୍ଟା ବିଦ୍ୟୁତ୍‌ସେବା ଉପଲବ୍ଧ ହେଉଛି ଓ କେତେଥର ବିଦ୍ୟୁତ୍ ବ୍ୟାହତ ହେଉଛି ଉପଭୋକ୍ତାଙ୍କୁ ବିଦ୍ୟୁତ ବିଲ୍‌ରେ ଅବଗତ କରିବା ପାଇଁ ଚିଠା ଅଧିନିୟମରେ ବ୍ୟବସ୍ଥା ହୋଇ ନାହିଁ। ତେଣୁ ଗ୍ରାମାଞ୍ଚଳର ବିକାଶକୁ ଚିଠା ଅଧିନିୟମରେ ଆୟୋଗ ଅଣଦେଖା କରିଥିବା ସେ ଅଭିଯୋଗ ଦୋହରାଇଛନ୍ତି।

# ହବିଷ୍ୟାଳୀ ବ୍ରତ ପାଇଁ ପୁରୀରେ ପ୍ରସ୍ତୁତି ବୈଠକ



**ପୁରୀ,୩।୯/ଏନ୍ଏନ୍ଏସ୍:** ଚଳିତ ବର୍ଷର ହବିଷ ବ୍ରତ ଅକ୍ଟୋବର ମାସ ୭ ତାରିଖରୁ ଆରମ୍ଭ ହୋଇ ଏକ ମାସ ପର୍ଯ୍ୟନ୍ତ ଚାଲିବ। ଏହାକୁ ସୁଚାରୁ ରୁପେ ପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପବିତ୍ର କାର୍ତ୍ତିକ ବ୍ରତରେ ହବିଷ୍ୟାଳୀ ମା' ମାନେ ଏକ ମାସ ଧରି ଶ୍ରୀକ୍ଷେତ୍ରରେ ରହିବାକୁ ଆସୁଥିବାରୁ ସେମାନଙ୍କ ସମସ୍ତ ସୁବିଧା ପାଇଁ ବ୍ୟବସ୍ଥା କରାଯିବାକୁ ପରାମର୍ଶ ଦେଇଥିଲେ। ମା ମାନଙ୍କର ସୁରକ୍ଷିତ ରହଣି, ସ୍ନାନ, ଶୌଚ ବ୍ୟବସ୍ଥା, ଦର୍ଶନ ବ୍ୟବସ୍ଥା, ମହାପ୍ରସାଦ ସେବନ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା, ଦର୍ଶନ ଯାତାୟାତ ପାଇଁ ଗାଡି ବ୍ୟବସ୍ଥା, ଚିକିତ୍ସା ବ୍ୟବସ୍ଥା ଇତ୍ୟାଦି ସମସ୍ତ ବିଷୟକୁ ଶୃଙ୍ଖଳିତ କରିବା ପାଇଁ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅନଲାଇନ ମାଧ୍ୟମରେ ପଞ୍ଜିକରଣ କରାଯିବ। ଏଥିପାଇଁ ବିଭିନ୍ନ ଗଣମାଧ୍ୟମ ମାଧ୍ୟମରେ ସୂଚନା ଦିଆଯିବ। ହବିଷ୍ୟାଳୀ ମା'ମାନଙ୍କର ସେବାକୁ ନିଷ୍ଠା ଓ ଧର୍ମର କାର୍ଯ୍ୟ ବୋଲି ବିବେଚନା କରି ପ୍ରତ୍ୟେକ ଦାୟିତ୍ୱ ନିର୍ବାହ ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ସମସ୍ତ ଙ୍କୁ ସ୍ୱାଗତ କରି ବିଗତ ବର୍ଷ ବୃନ୍ଦାବତୀ ନିବାସ, ଅକ୍ଷୟ ପାତ୍ର, ବଗଲା ଧର୍ମଶାଳା, ବାଗେଡିଆ ଧର୍ମଶାଳା ଓ ମୋଚିସାହି କଲ୍ୟାଣ ମଣ୍ଡପ ଠାରେ ହବିଷ୍ୟାଳୀ ମା'ମାନଙ୍କର ରହଣିର ବ୍ୟବସ୍ଥା ହୋଇଥିଲା ବୋଲି କହିଥିଲେ। ଏହାକୁ ସମ୍ମିଳିତ ଭାବେ ସୁନ୍ଦର ଭାବେ ସଫଳ କରିବା ବୋଲି ସେ କହିଥିଲେ। ମା ମାନଙ୍କର ସୁରକ୍ଷିତ ରହଣି, ପ୍ରବଚନ, ଭଜନ, ପାଲା ଇତ୍ୟାଦି ବ୍ୟବସ୍ଥା, ଚିକିତ୍ସା, ପରିମଳ, ପାନୀୟ ଜଳ, ସ୍ୱଚ୍ଛାସେବୀ ସହଯୋଗ ଇତ୍ୟାଦି ବ୍ୟବସ୍ଥା କରାଯିବ। ଏଥିପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀ ଓ କର୍ମଚାରୀ ଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାକୁ ସୁ ନିୟନ୍ତ୍ରିତ କରିବାକୁ ନୋଡାଲ ଅଧିକାରୀ, ବରିଷ୍ଠ ଅଧିକାରୀ ମାନଙ୍କୁ ଦାୟିତ୍ୱ ଦିଆଯାଇଛି। ମା ମାନଙ୍କୁ ଠାକୁର ଦର୍ଶନ ସମୟରେ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ଆରକ୍ଷୀ ବିଭାଗ ଓ ସ୍ୱଚ୍ଛାସେବୀ ମାନେ ସମନ୍ୱୟ ରଖି କାର୍ଯ୍ୟ କରିବେ। ଏହି କାର୍ଯ୍ୟ ଏକ ବ୍ୟାପକ ଓ ଏକ ମାସ ଧରି କରିବା ର ଆବଶ୍ୟକତା ଥିବାରୁ ବିଭିନ୍ନ ବିଭାଗର କର୍ମଚାରୀ ଓ ସ୍ୱଚ୍ଛାସେବୀ ମାନଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇ ଉପଯୁକ୍ତ ପ୍ରଶିକ୍ଷଣ ଦିଆଯିବ।ତେଣୁ ଏହି କାର୍ଯ୍ୟ କୁ ପାରସ୍ପରିକ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ସମସ୍ତ ଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡଃ ଶରତ ଚନ୍ଦ୍ର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଶ୍ରୀମନ୍ଦିର ପ୍ରଶାସକ ଦେବବ୍ରତ ସାହୁ, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜକିଶୋର ଜେନା, ସିଡିଏମଓ ଡା ଅକ୍ଷୟ କୁମାର ଶତପଥୀ, ଅତିରିକ୍ତ ଏସ୍‌ପି ସଚିନ ପାଟିଲ, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସୌମ୍ୟରଞ୍ଜନ ଦ୍ୱିବେଦୀ, ଶ୍ରୀମନ୍ଦିର ଉପ ପ୍ରଶାସକ ରଞ୍ଜନ ବେହେରା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

## ଶିଶୁ ଯତ୍ନ ଅନୁଷ୍ଠାନର କର୍ମଚାରୀଙ୍କୁ ସ୍ୱାସ୍ଥ୍ୟସେବା ତାଲିମ




**ପୁରୀ,୩।୯/ଏନ୍ଏନ୍ଏସ୍:** ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ପୁରୀଙ୍କ ଜିଲ୍ଲା ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଜିଲ୍ଲା ପ୍ରଶାସନ ତରଫରୁ ଶିଶୁ ଯତ୍ନ ଅନୁଷ୍ଠାନର କର୍ମଚାରୀଙ୍କୁ ଶିଶୁ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ସେବା ଓ ଯୋଜନା ସମ୍ବନ୍ଧରେ ତାଲିମ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ ବିଭାଗ ଓ ଶିଶୁ ସୁରକ୍ଷା ବିଭାଗର ସମନ୍ୱୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡଃ ଅକ୍ଷୟ କୁମାର ଶତପଥୀ ଯୋଗ ଦେଇ କହିଥିଲେ ଶିଶୁମାନେ ହେଉଛନ୍ତି ଦେଶର ଭବିଷ୍ୟତ। ସେମାନଙ୍କ ସ୍ୱାସ୍ଥ୍ୟ ଠିକ ରହିଲେ ଦେଶ ଆଗକୁ ବଢ଼ିବ। ଏଣୁ ସ୍ୱାସ୍ଥ୍ୟ ବିଭାଗରେ ଥିବା ସମସ୍ତ ସ୍ୱାସ୍ଥ୍ୟସେବା ଗୁଡିକ ବିଷୟରେ ଜାଣି ଆବଶ୍ୟକତା ଅନୁସାରେ ଶିଶୁ ଯତ୍ନ ଅନୁଷ୍ଠାନରେ କାର୍ଯ୍ୟ କରିବା ଜରୁରୀ। ଡଃ ଅଜିତ କୁମାର ମହାପାତ୍ର, ଅଧ୍ୟକ୍ଷ, ଶିଶୁ ମଙ୍ଗଳ ସମିତି, ପୁରୀ କହିଥିଲେ ଯେ, ସ୍ୱାସ୍ଥ୍ୟ ବିଭାଗ ଓ ଶିଶୁ ସୁରକ୍ଷା ବିଭାଗ ଉଭୟ ପରିପୂରକ। ଆମ ପାଖକୁ ଆସୁଥିବା ଶିଶୁମାନେ ସ୍ୱାସ୍ଥ୍ୟ ସମସ୍ୟାର ଶିକାର ହେବା ସ୍ୱାଭାବିକ। ସେମାନଙ୍କୁ ତୁରନ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ହେଉଛି ଆମର ଦାୟିତ୍ୱ। ଏଣୁ ସ୍ୱାସ୍ଥ୍ୟବିଭାଗର ସହଯୋଗର ଆବଶ୍ୟକତା ପଡେ। ଏଣୁ ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନ ସ୍ୱାସ୍ଥ୍ୟ ବିଭାଗ ସହ ନିରନ୍ତର ସମ୍ପର୍କ ରଖିବା ଆବଶ୍ୟକ। ଅନ୍ୟ ଅତିଥି ଓ ତାଲିମଦାତାଙ୍କ ମଧ୍ୟରେ ଶିଶୁ ରୋଗ ବିଶେଷଜ୍ଞ ଡ଼ଃ ସୂର୍ଯ୍ୟ ନାରାୟଣ ମିଶ୍ର ତୁରନ୍ତ ଚିକିତ୍ସା ବା ଫାଷ୍ଟ ଏଡ, ଏହାର ପରିଚାଳନା ତଥା ରକ୍ଷଣାବେକ୍ଷଣା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ କ୍ଷ ଏହା ସହିତ ଖଣ୍ଡିଆ ଖାବରା, ପୋଡାଜଳା, ସାପ କାମୁଡା, ବାତ ମାରିବା ସମୟରେ ତୁରନ୍ତ ଚିକିତ୍ସା ବିଷୟରେ ଆଲୋଚନା କରିଥିଲେ। ଡ଼ଃ ଶିଳ୍ପୀ ଦାସ, ସଂକ୍ରମକ ରୋଗ ବିଶେଷଜ୍ଞ ଓ ସହଯୋଗୀ ଉମାକାନ୍ତ ରାଉତ ଇ ସଞ୍ଜିବନୀ, ଟେଲି ପରାମର୍ଶ ସମ୍ବନ୍ଧରେ ଆଲୋଚନା କରିଥିବା ବେଳେ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳକ ପ୍ରଶାନ୍ତ କୁମାର ପରିଜା ଏହି କାର୍ଯ୍ୟକ୍ରମ ଅଧୀନରେ ଶିଶୁମାନଙ୍କ ଚିକିତ୍ସା, ରେଫରାଲ, ପରାମର୍ଶ ସେବା, ମୋବାଇଲ ସ୍ୱାସ୍ଥ୍ୟ ସେବା ସମ୍ବନ୍ଧରେ ଆଲୋଚନା କରିଥିଲେ। ମାନସିକ ସ୍ୱାସ୍ଥ୍ୟ ପରାମର୍ଶଦାତ୍ରୀ ଅପର୍ଣ୍ଣା ମହାନ୍ତି ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧୀନରେ ଥିବା ସେବା, ମାନସିକ ଚିକିତ୍ସା ଓ ସ୍ୱାସ୍ଥ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ ସ୍ୱାସ୍ଥ୍ୟ ବିଭାଗ ସହଯୋଗରେ ଜିଲ୍ଲାରେ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ଅଧିକ ଉନ୍ନତ ହୋଇପାରିଛି। ଆଗକୁ ଏହା ଅନ୍ୟମାନଙ୍କ ପାଇଁ ଉଦାହରଣ ହେବ ଏଥିରେ ସନ୍ଦେହ ନାହିଁ। ଏହି କାର୍ଯ୍ୟକ୍ରମରେ ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନର ପାରାମେଡିକାଲ ଷ୍ଟାଫ, ସୁପେରିଣ୍ଟେଣ୍ଡେଣ୍ଟ, କାଉନସିଲର, ଗୃହ ପିତା, ଗୃହମାତା ଚାଇଲଡ ହେଲ୍ପଲାଇନ ସଂଯୋଜକ ଆଦି ୩୫ଜଣ ଅଧିକାରୀ ଯୋଗ ଦେଇଥିଲେ। ଡ଼ଃ ନାରାୟଣ ପ୍ରସାଦ ନନ୍ଦ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବେଳେ ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର କର୍ମଚାରୀ କମଳା ମହାରଣା, ହରେକୃଷ୍ଣ ସାହୁ ସହଯୋଗ କରିଥିଲେ।


## କାର୍ଯ୍ୟରେ ଅବହେଳା ପାଇଁ ଆଟେଣ୍ଡାଣ୍ଟଙ୍କୁ ବଦଳି

**ପୁରୀ,୩।୯/ଏନ୍ଏନ୍ଏସ୍:** ପୁରୀ ଟିବି ଓ ଆଇଡିଏଚରେ କାର୍ଯ୍ୟରତ ଆଟେଣ୍ଡାଣ୍ଟ ସତ୍ୟନାରାୟଣ ସ୍ୱାଇଁଙ୍କୁ ସାକ୍ଷୀ ଗୋପାଳ ସିଏଚସିକୁ ବଦଳି କରାଯାଇଛି। ଗତ କିଛିଦିନ ତଳେ ଟିବି ହସପିଟାଲରେ କାର୍ଯ୍ୟ କରୁଥିବା ଶ୍ରୀ ସ୍ୱାଇଁ କାର୍ଯ୍ୟ ଦିବସ ସମୟରେ ମାଦକ ଦ୍ରବ୍ୟ ସେବନ କରିଥିବା ନେଇ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଏହା ଜିଲ୍ଲାପାଳ ଦିବଜ୍ୟୋତି ପରିଡାଙ୍କ ଦୃଷ୍ଟିକୁ ଆସିବା ପରେ ଏହା ଉପରେ ଶୂନ୍ୟ ସହନଶୀଳତା ନୀତି ଗ୍ରହଣ ସହ ତଦନ୍ତକରି କାର୍ଯ୍ୟାନୁଷ୍ଠାନ ପାଇଁ ସିଡିଏମଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସିଡିଏମଓ ଡା ଅକ୍ଷୟ କୁମାର ଶତପଥୀ ପ୍ରାରମ୍ଭିକ ପଦକ୍ଷେପ ସ୍ୱରୂପ ଆଟେଣ୍ଡାଣ୍ଟ ଶ୍ରୀ ସ୍ୱାଇଁଙ୍କୁ ସାକ୍ଷୀଗୋପାଳ ସିଏଚସିକୁ ବଦଳି ସହ ଏଡିପିଏଚଓ ଡା ଲଲାଟେନ୍ଦୁ ମିଶ୍ରଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦେଇଛନ୍ତି। ତଦନ୍ତ ରିପୋର୍ଟ ଆଧାରରେ ଆଇନ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଡିଏମଓ ସୂଚନା ଦେଇଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

**ବଳଙ୍ଗା,୩।୯/ଏନ୍ଏନ୍ଏସ୍:** ବୁଧବାର ମଧ୍ୟାହ୍ନରେ ବଳଙ୍ଗା ବଜାରର ବକ୍ରେଶ୍ୱର ଛକରେ ଅଜଣା ବାଇକ ଧକ୍କାରେ ଜଣେ ଯୁବକର ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ବଳଙ୍ଗା ପ୍ରଧାନସାହିର ନିରଞ୍ଜନ ପ୍ରଧାନ(୩୫)। ସୂଚନା ମୁତାବକ ନିରଞ୍ଜନ ଆଜି ମଧ୍ୟାହ୍ନ ସମୟରେ ବଳଙ୍ଗା ବଜାରରେ ବକ୍ରେଶ୍ୱର ଛକରେ ଯାଉଥିଲା ବେଳେ ବଜାରରୁ ନିମାପଡା ଅଭିମୁଖେ ଦୃତ ଗତିରେ ଯାଉଥିବା ଏକ ବାଇକ୍ ନିରଞ୍ଜନଙ୍କୁ ଧକ୍କା ଦେଇଥିଲା। ଫଳରେ ନିରଞ୍ଜନ ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ଭାବେ ଆହତ ହେଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ପରିବାର ପକ୍ଷରୁ ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ କରାଯିବା ପରେ ପୋଲିସ ମଙ୍ଗଳପୁର ମେଡିକାଲରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇ ତଦନ୍ତ ଜାରି ରଖିଛି।

## ବରିଷ୍ଠ ସାମ୍ବାଦିକଙ୍କ ପରଲୋକ



**ଖୋର୍ଦ୍ଧା,୩।୯/ଏନ୍ଏନ୍ଏସ୍:** ଆଜି ଭୋର୍ ସମୟରେ ସାମ୍ବାଦିକ ପ୍ରଭାତ କୁମାର ମହାନ୍ତି ଓରଫ ବାବୁଲି ମହାନ୍ତିଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୫ବର୍ଷ ବୟସ ହୋଇଥିଲା। ସେ ଖୋର୍ଦ୍ଧା ଜିଲ୍ଲା ସାମ୍ବାଦିକ ୟୁନିଅନର ବହୁ ପୁରାତନ ବରିଷ୍ଠ ସଦସ୍ୟ ଥିଲେ। ସେ ଜଣେ ଧର୍ମ ପରାୟଣ ବେକ୍ତୀ ଥିଲେ ଏଥି ସହ ସେ ଜଣେ ପରୋପକାରୀ ଏବଂ ସମାଜସେବୀ ଥିଲେ ଏବଂ ସେ ଜଣେ ଭଲ ମେକାନିକ ମଧ୍ୟ ଥିଲେ। ସେ ଖ୍ରୀଷ୍ଟିୟାନ ଧର୍ମର ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଓୟୁଜେ ରାଜ୍ୟ ସମ୍ପାଦକ ପ୍ରସନ୍ନ କୁମାର ପାଇକରାୟ, ଖୋର୍ଦ୍ଧା ଜିଲ୍ଲା ଓୟୁଜେ ସଭାପତି ତପନ କୁମାର ନାୟକ, ସାଧାରଣ ସମ୍ପାଦକ ଲୋହିତ ନାରାୟଣ ମହାପାତ୍ର, ଉପସଭାପତି ସୟଦ ଅନସର ଅଲ୍ଲୀ, ସମ୍ପାଦକ ରାଜେଶ୍ ଚନ୍ଦ୍ର ମହାନ୍ତି, ଉପଦେଷ୍ଟା ସନତ କୁମାର ପଟ୍ଟନାୟକ, ମହମ୍ମଦ ଇମଦାଦ ଶରିଫ, ମହମ୍ମଦ ଫଜଲୁର ରହମନ ଓ ଅୟସକାନ୍ତ ମହାନ୍ତି ପ୍ରମୁଖ ଖ୍ରୀଷ୍ଟିୟାନ ସାହିସ୍ଥିତ ବାସଭବନରେ ପହଞ୍ଚି ତାଙ୍କୁ ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୃତ୍ୟୁ ବେଳେ ତାଙ୍କ ସ୍ତ୍ରୀ, ପୁଅ, ବୋହୂ, ଝିଅ ଓ ନାତି, ନାତୁଣୀ ସମସ୍ତେ ଉପସ୍ଥିତ ରହିଥିଲେ।

## ତୃଣମୂଳସ୍ତରରୁ ସୁଦୃଢ଼ କରିବାକୁ କଂଗ୍ରେସର ବୈଠକ

**ଖୋର୍ଦ୍ଧା,୩।୯/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଟାଉନ ହଲ ଠାରେ ମଙ୍ଗଳବାର ଦିନ ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଏଆଇସିସି ସଭାପତି ମାଲିକାର୍ଜୁନ ଖଡ଼ଗେ କଂଗ୍ରେସକୁ ତୃଣମୂଳସ୍ତରରୁ ସୁଦୃଢ଼ କରିବାକୁ ସଂଗଠନ ସୃଜନ ଅଭିଯାନର ରୂପରେଖ ପ୍ରସ୍ତୁତ କରିଥିବାକୁ ନେଇ ଖୋର୍ଦ୍ଧା ସାଙ୍ଗଠନିକ ଜିଲ୍ଲା ପାଇଁ ନିଯୁକ୍ତି ହୋଇଥିବା ପର୍ଯ୍ୟବେକ୍ଷକ ଗୁଜୁରାଟର ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ବିମଲ ଶାହାଜୀ ଖୋର୍ଦ୍ଧା ଠାରେ ଯୋଗ ଦେଇ ସାମ୍ବାଦିକ ସମିଳନୀରେ ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ତରଫରୁ ସଙ୍ଗଠନ ସୃଜନ ଅଭିଯାନ ଖୋର୍ଦ୍ଧା ସ୍ଥିତ ଟାଉନ ହଲ ଠାରେ ଆରମ୍ଭ ହୋଇ ଯାଇଛି। ଉକ୍ତ ଅଭିଯାନରେ ଏ ଆଇ ସି ସି ତରଫରୁ ଖୋର୍ଦ୍ଧା ସାଙ୍ଗଠନିକ ଜିଲ୍ଲା ପାଇଁ ନିଯୁକ୍ତ ହୋଇଥିବା ପର୍ଯ୍ୟବେକ୍ଷକ ଗୁଜୁରାଟର ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ବିମଲ ଶାହାଜୀ, ଓଡିଶା ପ୍ରଦେଶ କଂଗ୍ରେସ ତରଫରୁ ନିଯୁକ୍ତ ହୋଇଥିବା ପର୍ଯ୍ୟବେକ୍ଷକ ଅନନ୍ତ ସେଠୀ, ଦେବାଶିଷ ମହାପାତ୍ର, ବିଶ୍ୱରଂଜନ ପଣ୍ଡାଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦଳକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରି ସମସ୍ତଙ୍କ ମତାମତ ଆଧାରରେ ଦଳକୁ ମଜବୁତ କରିବା ଏହି ଅଭିଯାନର ମୂଳମନ୍ତ୍ର ବୋଲି ଶାହା କର୍ମୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଜିଲ୍ଲାର ସଂଯୋଜକ ଶ୍ରୀଯୁକ୍ତ ରାଜୀବ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସୁଚାରୁରୂପେ ଅନୁଷ୍ଠିତ ହୋଇଥିଲା। ଏଥିରେ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ବିଧାୟିକା ପ୍ରାର୍ଥୀନୀ ସୋନାଲି ସାହୁ, ଜଟଣୀ ବିଧାୟକ ପ୍ରାର୍ଥୀ ସନ୍ତୋଷ ଜେନା, ବୋଲଗଡ଼ ବିଧାୟକ ପ୍ରାର୍ଥୀ ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ଚିଲିକା ବିଧାୟକ ପ୍ରାର୍ଥୀ ପ୍ରଦୀପ ସ୍ୱାଇଁ, ପୂର୍ବତନମନ୍ତ୍ରୀ ସୁରେଶ ରାଉତରାୟ, ଜାନକୀ ବଲ୍ଲଭ ପଟ୍ଟନାୟକ, ଜୟଶ୍ରୀ ପଟ୍ଟନାୟକ, ସ୍ୱାଗତିକା ପଟ୍ଟନାୟକ, ଶିଶିର ପରିଡା, ଅଶୋକ ମଙ୍ଗରାଜ, ଅମିତ୍ ମହାନ୍ତି, ତପନ ଚକ୍ରବର୍ତ୍ତୀ, ଭୂଷଣ ଛୋଟରାୟ, ସତ୍ୟଜିତ ପଟ୍ଟନାୟକ, ଲିଟୁ ଶତପଥୀ, ଯୋଗୀ ବହୁବାଳେନ୍ଦ୍ର, ସୌମ୍ୟ ବରାଳଙ୍କ ସମେତ ଦଳର ତୃଣମୂଳ ସ୍ତରର କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

## ଗୁଆଳି ରାସ୍ତା ଶୋଚନୀୟ, ଯାତାୟାତରେ ସମସ୍ୟା




**ଫୁଲନଖରା,୩।୯/ଏନ୍ଏନ୍ଏସ୍:** ସଦର ଥାନା ଅନ୍ତର୍ଗତ ଗୁଆଳି କେନାଲବନ୍ଧ ରାସ୍ତା ଅତି ଶୋଚନୀୟ ଅବସ୍ଥାରେ ରହିଛି। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ମୁଖ୍ୟ ରାସ୍ତାରୁ ପିଚୁ ମୋରମ ଉଠି ରାସ୍ତା ସାରା ଖାଲଖମାରେ ପରିଣତ ହୋଇଛି। ଉକ୍ତ ଖାଲରେ ବର୍ଷା ପାଣି ଜମିରହି ଯାତାୟାତରେ ସମସ୍ୟା ସୃଷ୍ଟି କରିବା ସହିତ ଛୋଟବଡ଼ ଦୁର୍ଘଟଣା ମଧ୍ୟ ହେଉଛି। ପ୍ରାଚୀ ଡିଭିଜନ ପ୍ରତାପନଗରୀ ଜଳସମ୍ପଦ ବିଭାଗ ଅଧୀନରେ ପରିଚାଳିତ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତା ଉପରେ ଗୁଆଳି ସମେତ ମହାନ୍ତିପାଟଣା, ତ୍ରିନାଥବଜାର, ଜଗନ୍ନାଥପୁର ଓ ଅଟଳା ଆଦି ଅଞ୍ଚଳର ଲୋକମାନେ ଯିବାଆସିବା ପାଇଁ ନିର୍ଭରଶୀଳ। ତେବେ ଦୀର୍ଘ ଦିନ ଧରି ଏହି ବ୍ୟସ୍ତବହୁଳ ରାସ୍ତାର ମରାମତି ନହେବାରୁ ରାସ୍ତା ସାରା ଖାଲଖମା ସୃଷ୍ଟି ହୋଇ କେଉଁ ଏକ ଉପାନ୍ତ ଅଞ୍ଚଳର ଭ୍ରମ ସୃଷ୍ଟି କରିଛି। ଅବସ୍ଥା ଏପରି ଯେ ଚାରି ଚକିଆ ଯାନ ଅଥବା ଆମ୍ବୁଲାନ୍ସ ଏହି ରାସ୍ତାରେ ଯିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଏ ନେଇ ନିଆଳି ବିଧାୟକଙ୍କ ସମେତ ଜଳସମ୍ପଦ ବିଭାଗ ଅଧିକାରୀ ଓ ସ୍ଥାନୀୟ ନିର୍ବାଚିତ ଜନ ପ୍ରତିନିଧିଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏପରି ଏକ ବ୍ୟସ୍ତବହୁଳ ରାସ୍ତାର ମରାମତି କରିବା ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ୫ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଗୁଆଳି ଗ୍ରାମବାସୀ ଦାବି କରିଛନ୍ତି।

## ଘରର କବାଟ ଭାଙ୍ଗି ନଗଦ ଟଙ୍କା, ଗହଣା ଲୁଟିନେଲେ ଦୁର୍ବୃତ୍ତ

**ବୋଲଗଡ଼,୩।୯/ଏନ୍ଏନ୍ଏସ୍:** ବୋଲଗଡ଼ ଥାନା ଗୋବର୍ଦ୍ଧନପୁର ଫାଣ୍ଡି ଅଧୀନ କମଳଲୋଚନପୁର ଗ୍ରାମରେ ଭଗବାନ ସାହୁଙ୍କ ଘରେ ସୋମବାର ବିଳମ୍ବିତ ରାତିରେ କୌଣସି ଦୁର୍ବୃତ୍ତ ପଶି ନଗଦ ଟଙ୍କା ଓ ସୁନା ରୂପା ଅଳଙ୍କାର ଚୋରିକରି ନେଇଯାଇଥିବା ଜଣାପଡ଼ିଛି। ଏ ନେଇ ବୋଲଗଡ଼ ଥାନାରେ ମଙ୍ଗଳବାର ଅଭିଯୋଗ ହୋଇଥିଲାବେଳେ ପୁଲିସ ଡଗ୍ ସ୍କାଡ୍ ଓ ସାଇଣ୍ଟିଫିକ ଟିମ୍ ସହାୟତାରେ ଘଟଣାର ତଦନ୍ତ କରିଛି। ଅଭିଯୋଗ ଅନୁଯାୟୀ ଭଗବାନ ତାଙ୍କ ଘରେ ଏକ ତେଜରାତି ଓ ଅନ୍ୟାନ୍ୟ ସାମଗ୍ରୀ ଦୋକାନ ଚଳାଇ ଥିବାବେଳେ ରାତିରେ ତାଙ୍କ ସ୍ତ୍ରୀ ଓ ପୁଅ ବୋହୂ ସମସ୍ତେ ଶୋଇଥିଲେ। ତେବେ ସକାଳୁ ଉଠି ଦେଖିଲା ବେଳକୁ ତାଙ୍କ ବାଡ଼ିପଟ କବାଟ ଭଙ୍ଗାଯାଇ ଅନ୍ୟ ଏକ ବଖରାରେ ଥିବା ଗୋଟିଏ ଷ୍ଟିଲ ଆଲମିରା ଓ ଏକ କାଠସିନ୍ଦୁକ ତାଡ଼ି ଦୁର୍ବୃତ୍ତମାନେ ସେଥିରେ ଥିବା ନଗଦ ୩ଲକ୍ଷ ଟଙ୍କା, ୧୫୦ଗ୍ରାମ ସୁନା ଓ ୩କେଜି ୫୦୦ଗ୍ରାମ ଓଜନ ରୂପା ଅଳଙ୍କାର ଚୋରିକରି ନେଇଯାଇଛନ୍ତି। ଯାହାର ଆନୁମାନିକ ମୂଲ୍ୟ ୧୫ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି। ଅଭିଯୋଗ ପରେ ଥାନାରେ ଏକ ଚୋରିମାମଲା ରୁଜୁ ହୋଇଛି। ତଦନ୍ତ ଅଧିକାରୀ ଏସଆଇ ହାଡୁବନ୍ଧୁ ଦାସ ଅନୁସନ୍ଧାନ ଚାଲିଥିବା ସୂଚନା ଦେଇଛନ୍ତି।

## ଦେଶୀମଦ ଜବତ, ବାପ-ପୁଅ ଗିରଫ



**ଖଣ୍ଡପଡ଼ା,୩।୯/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ଅବକାରୀ ବିଭାଗ ପକ୍ଷରୁ ଫତେଗଡ ଥାନା ଅଧିନ ବନମାଳୀପୁର ପଞ୍ଚାୟତର ପୁରୁଷୋତ୍ତମପୁର ଗ୍ରାମରେ ବୁଧବାର ଅଚାନକ ଚଢ଼ାଉ କରାଯାଇ ମୃତ୍ୟୁଞ୍ଜୟ ତ୍ରିପାଠୀଙ୍କ ଘରୁ ୪୦ ଲିଟର ଦେଶୀମଦ ଜବତ କରାଯିବା ସହ ଚୋରା ଦେଶୀମଦ କାରବାରରେ ସଂପୃକ୍ତ ଥିବା ଅଭିଯୋଗରେ କର୍ମଚାରୀମାନେ ମୃତ୍ୟୁଞ୍ଜୟ ଓ ତା'ର ପୁଅ ଦୀପୁନା ତ୍ରିପାଠୀଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିବା ଅବକାରୀ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଚଢ଼ାଉ ଅଭିଯାନରେ ଖଣ୍ଡପଡ଼ା ଅବକାରୀ ଅଧିକାରୀ ଦୀପକ କୁମାର ଜେନାଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ। ଏ ସଂର୍ପକରେ ଏକ କେସ ରୁଜୁ ହୋଇଥିବା ଜଣାଯାଇଛି। ପ୍ରକାଶଥାଉ କି ଗତ କିଛି ଦିନ ତଳେ ଚୋରା ଦେଶୀମଦ କାରବାରରେ ସଂପୃକ୍ତ ଥିବା ଅଭିଯୋଗରେ ଅବକାରୀ କର୍ମଚାରୀମାନେ ମୃତ୍ୟୁଞ୍ଜୟକୁ ଗିରଫ କରିଥିଲେ।

রাজস্থানর কালবেলিয়া

রাজস্থানের

ରାଜସ୍ଥାନର କାଲବେଲିୟା ଜନଜାତିଙ୍କର ଏକ ପାରମ୍ପରିକ ଲୋକନୃତ୍ୟର ନାମ କାଲବେଲିୟା ନୃତ୍ୟ। ଏହାକୁ ସପେରା ବା ନାଗିନ୍ ନୃତ୍ୟ ବୋଲି କୁହାଯାଏ। ଏହି ନୃତ୍ୟରେ ମହିଳାମାନେ ନାଗିନ୍‌ଙ୍କୁ ନକଲ କରି ନାଚନ୍ତି ଓ ପୁରୁଷମାନେ ପାରମ୍ପରିକ ବାଦ୍ୟଯନ୍ତ୍ର ପୁଙ୍ଗି ବା ବିନ୍, ଢୋଲକ ଆଦି ବଜାଇ ଲୟ ପ୍ରଦାନ କରନ୍ତି। ତେବେ ମହିଳାମାନେ କିପରି ତାଙ୍କ ଶରୀରକୁ ମୋଡ଼ି ନାଗିନ୍ ପରି ଭଙ୍ଗୀରେ ନୃତ୍ୟ କରନ୍ତି ତାହା ହେଉଛି ଏହି ନୃତ୍ୟର ମୁଖ୍ୟ ଆକର୍ଷଣ। କାଲବେଲିୟା କଳାକାରମାନେ ଏହାର ଗୀତ ଓ ନୃତ୍ୟରେ ପରିବର୍ତ୍ତନ କରିପାରନ୍ତି ଯାହା ତାଙ୍କ କାବ୍ୟାତ୍ମକ ପ୍ରତିଭାକୁ ଦର୍ଶାଇଥାଏ। ଏହି ନୃତ୍ୟର ନର୍ତ୍ତକୀମାନେ କଳା, ଚିକ୍‌ଚିକ୍ ମାରୁଥିବା ସୂତାରେ କାଚ ଲଗାଯାଇଥିବା ଡିଜାଇନ୍‌ର ଘାଘରା (ଲେହେଙ୍ଗା) ଓ ଅଙ୍ଗରଖୀ ପିନ୍ଧନ୍ତି। ତେବେ ଆଜି ଏହି ନୃତ୍ୟ ଏକ ରଚନାତ୍ମକ ଭାବରେ ପରିବର୍ତ୍ତିତ ହୋଇ ପୂରା ବିଶ୍ୱର ଦର୍ଶକମାନଙ୍କୁ ଆକର୍ଷିତ କରୁଛି ଓ ୟୁନେସ୍କୋର ମାନବତାର ଅମୂର୍ତ୍ତ ସାଂସ୍କୃତିକ ଐତିହ୍ୟ ସୂଚୀରେ ମଧ୍ୟ ସାମିଲ ହୋଇସାରିଛି ଯାହା ଏହାର ସାଂସ୍କୃତିକ ମହତ୍ତ୍ୱ ଓ ବିଶିଷ୍ଟତାକୁ ଦର୍ଶାଉଛି। କାଲବେଲିୟା ନୃତ୍ୟର ଜଣେ ପ୍ରସିଦ୍ଧ କଳାକାର ହେଉଛନ୍ତି ଗୁଲାବୋ ସପେରା ଯିଏ ପୂରା ବିଶ୍ୱରେ ଏହି ନୃତ୍ୟର ପ୍ରଚାର ପ୍ରସାର କରାଇଛନ୍ତି।

# ଗୁଲାବୋ ସପେରା







ସମାଜରେ ଅନେକ ଲୋକ ଅଛନ୍ତି ଯେଉଁମାନେ ଝିଅମାନଙ୍କୁ ଖୁବ୍ ସ୍ନେହ, ଶ୍ରଦ୍ଧା ଦେଇଥାନ୍ତି। କିନ୍ତୁ ଏହାର ବିପରୀତରେ ଅନେକ ସ୍ଥାନରେ ରହିଛି ଲୈଙ୍ଗିକ ଭେଦଭାବ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଗୁଲାବୋ ସପେରା। ଛଅ ଦଶକରୁ ଅଧିକ ସମୟ ହେବ ତାଙ୍କ ସହିତ ଘଟିଥିଲା ଏପରି ଏକ ଘଟଣା ଯାହା ବିଷୟରେ ଶୁଣିଲେ ସେ ସମୟର ସାମାଜିକ ଚିନ୍ତାଧାରାକୁ ସହଜରେ ଅନୁମାନ କରିହେବ। ଏପରି ଘଟଣାଗୁଡ଼ିକ ମାନବୀୟ ସମ୍ବେଦନାଗୁଡ଼ିକୁ ପ୍ରଭାବିତ କରିଥାଏ। କିନ୍ତୁ ଏହି ଉପେକ୍ଷା, ତିରସ୍କାର ପରେ ବି କେହି ଯଦି ଜୀବନରେ ଏପରି କିଛି କରି ଦେଖାଏ ତେବେ ସେ ଉଦାହରଣ ପାଲଟିଯାଏ। ଗୁଲାବୋ ସପେରା ଏପରି ଏକ ସମାଜର ପ୍ରତିନିଧିତ୍ୱ କରୁଛନ୍ତି ଯାହାଙ୍କୁ ସମାଜରେ କେବଳ ମରିବା ପାଇଁ ଛାଡ଼ି ଦିଆଯାଇଥିଲା।

ଏହାର କାରଣ ସେ ଥିଲେ ଜଣେ କନ୍ୟା ସନ୍ତାନ। ରାଜସ୍ଥାନର ଯେଉଁ ସାପୁଆ କେଳା ସମ୍ପ୍ରଦାୟରୁ ସେ ଆସିଛନ୍ତି ସେମାନେ ଝିଅମାନଙ୍କୁ ଅଭିଶାପ ବୋଲି ଭାବନ୍ତି। କିନ୍ତୁ ଆଜି ସେହି ଗୁଲାବୋ ସମାଜ ପାଇଁ ପ୍ରେରଣା ହୋଇପାରିଛନ୍ତି। ୧୯୭୩ରେ ରାଜସ୍ଥାନର ଆଜମେର୍ ଜିଲ୍ଲାର କୋଟଡ଼ା ଗ୍ରାମରେ ଧନତେରସ୍ ଦିନ ଜନ୍ମଗ୍ରହଣ କରିଥିଲେ ଗୁଲାବୋ। ତାଙ୍କର ଅସଲ ନାମ ଥିଲା ଧନ୍ୱନ୍ତରି। ତାଙ୍କ ପିତା ଥିଲେ ଜଣେ ଦେବୀ ଉପାସକ। ଗୁଲାବୋଙ୍କ ପୂର୍ବରୁ ତାଙ୍କର ଥିଲେ ତିନି ଝିଅ। ତେଣୁ ସେ ଝିଅମାନଙ୍କୁ ଦେବୀଙ୍କ ଆଶୀର୍ବାଦ ଭାବରେ ମାନନ୍ତି। କିନ୍ତୁ ସେ ସମୟରେ ଅଭିଶାପ ଭାବି ନିଜ ସମ୍ପର୍କୀୟମାନେ ଗୁଲାବୋ ଜନ୍ମ ହେବା ପରେ ତାଙ୍କୁ ଜୀବନ୍ତ ପୋତି ଦେଇଥିଲେ। ପରେ ତାଙ୍କ ମାଉସୀ ଓ ମା' ମିଶି ରାତି ୧୨ଟା ବେଳେ ତାଙ୍କୁ ଭୂମିତଳୁ ଉଦ୍ଧାର କରି ଗୁଲାବୋଙ୍କୁ ଦେଇଥିଲେ ନୂଆ ଜୀବନ।

କିନ୍ତୁ ପରବର୍ତ୍ତୀ ସମୟରେ ଗୁଲାବୋ କଳା କ୍ଷେତ୍ରରେ ଆଗକୁ ଯାଇ ନୃତ୍ୟ କୌଶଳରୁ ବଡ଼ ପ୍ରସିଦ୍ଧି ପାଇଥିଲେ। ଏହା ସହିତ ନିଜ ସମ୍ପ୍ରଦାୟର ଝିଅମାନଙ୍କ ଜୀବନ ବଞ୍ଚେଇବାରେ ମଧ୍ୟ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି ଗୁଲାବୋ। ନୃତ୍ୟର ଏକ ନୂଆ ବିଦ୍ୟାକୁ ପ୍ରସିଦ୍ଧି ଦେବା ସହିତ ଗୁଲାବୋ ସେହି ସମାଜ ପାଇଁ ଆଜି ଗର୍ବ ଓ ଗୌରବର ବିଷୟ ହୋଇଛନ୍ତି। ଯେଉଁମାନେ ତାଙ୍କୁ ହତ୍ୟା କରିବାକୁ ଚେଷ୍ଟା କରୁଥିଲେ ସେମାନେ ମଧ୍ୟ ଗୁଲାବୋଙ୍କ ପାଇଁ ଆଜି ଗର୍ବିତ। ସାପମାନଙ୍କ ସହିତ ବଡ଼ ହୋଇଥିବା ଗୁଲାବୋ ମାତ୍ର ଦୁଇ ବର୍ଷରୁ ବିନ୍‌ର ସ୍ୱରରେ ନୃତ୍ୟ କରିବା ଆରମ୍ଭ କରିଥିଲେ। ତାଙ୍କର ପ୍ରଥମ ଷ୍ଟେଜ୍ ଶୋ'ରେ ତାଙ୍କ ସମାଜ ଖୁବ୍ ଅସନ୍ତୋଷ ପ୍ରକାଶ କରି ତାଙ୍କୁ ଏକ ଖରାପ ମହିଳା ଶ୍ରେଣୀରେ ରଖିଥିଲା। ତାଙ୍କୁ ସମାଜ ପାଇଁ କଳଙ୍କ ବୋଲି କୁହାଗଲା। ସମ୍ପ୍ରଦାୟର ଲୋକମାନେ ଗୁଲାବୋଙ୍କ ବିବାହ କରାଇଦେବାକୁ ତାଙ୍କ ପିତାଙ୍କୁ ପରାମର୍ଶ ଦେଇଥିଲେ। ନହେଲେ ସମାଜରୁ ବାହାର କରିବା ପାଇଁ ଧମକ ଦେବାରୁ ମାତ୍ର ୬ ବର୍ଷର ଗୁଲାବୋଙ୍କୁ ଜଣେ ୩୫ ବର୍ଷର ଲୋକ ସହିତ ନିର୍ବନ୍ଧ କରିଦିଆଗଲା। କିନ୍ତୁ ବ୍ୟକ୍ତି ଜଣକ ଯେତେବେଳେ ଜାଣିଲେ ଯେ ଗୁଲାବୋ ନୃତ୍ୟ କରନ୍ତି ସେ ଏହି ନିର୍ବନ୍ଧକୁ ଭାଙ୍ଗିଦେଇଥିଲେ। ଏହି ସମ୍ପର୍କ ଭାଙ୍ଗିଥିବାରୁ ଗୁଲାବୋ ତ ଖୁସି ଥିଲେ କିନ୍ତୁ ପିତାଙ୍କୁ ସମାଜରୁ ବାହାର କରାଯାଇଥିଲା। ଗରିବୀରେ ଗୁଲାବୋଙ୍କର ପିଲାଦିନ କଟିଥିଲା। ଅନେକ ଥର ଓପାସରେ ମଧ୍ୟ ସେ ଶୋଇଛନ୍ତି। ସଂଘର୍ଷପୂର୍ଣ୍ଣ ସପେରା ଜୀବନ ପରେ ଜଣେ ପ୍ରସିଦ୍ଧ ନର୍ତ୍ତକୀ ହେବାର ସୌଭାଗ୍ୟ ପ୍ରାପ୍ତ କରିଥିବା ଗୁଲାବୋଙ୍କ ଜୀବନୀ ଆଜି ଅନେକ ଲୋକଙ୍କୁ ପ୍ରେରଣା ଯୋଗାଉଛି।

ଆଜି ଗୁଲାବୋ ଜଣେ ଚମକୁଥିବା ତାରା ସଦୃଶ ଯାହାଙ୍କ ନାମ ଗିନିଜ ବୁକ୍‌ରେ ସାମିଲ ହୋଇସାରିଛି। ସେ ଟିଭିର ରିୟଲିଟି ଶୋ' 'ବିଗ୍ ବସ୍-୫'ରେ ପ୍ରତିଯୋଗୀ ନମ୍ବର ୧୨ ଭାବରେ ଯୋଗ ଦେଇଥିଲେ। ଏହା ପୂର୍ବରୁ ୧୭ ବର୍ଷର ହୋଇଥିବା ବେଳେ ୱାଶିଂଟନ୍‌ରେ ଆୟୋଜିତ ଫେଷ୍ଟିଭାଲ୍ ଅଫ୍ ଇଣ୍ଡିଆ ପ୍ରୋଗ୍ରାମରେ ପରଫର୍ମ କରିବାର ଅବସର ତାଙ୍କୁ ମିଳିଥିଲା। ଏହା ପରଠାରୁ ପୂରା ଦୁନିଆରେ ସେ ପ୍ରସିଦ୍ଧ ହୋଇଯାଇଥିଲେ। ୧୬୫ଟି ଦେଶ ଭ୍ରମଣ କରିସାରିଥିବା ଏହି ନୃତ୍ୟଶିଳ୍ପୀ ଅନେକ ସଂଘର୍ଷ କରିଥିଲେ ମଧ୍ୟ କେବେ ବି ପରାଜୟକୁ ସ୍ୱୀକାର କରିନାହାନ୍ତି। ତାଙ୍କ ପରିଶ୍ରମ ଓ ନିଷ୍ଠାର ଫଳ ସେ ପାଇଛନ୍ତି। ରାଜସ୍ଥାନ ସରକାର ମଧ୍ୟ ତାଙ୍କୁ ସହଯୋଗ କରିଥିଲେ ଓ ଏହା ସହିତ ତାଙ୍କର ନୃତ୍ୟ ପ୍ରତିଭାକୁ ମଧ୍ୟ ସୁଧାରିଥିଲେ। ବଲିଉଡ୍‌ର କିଛି ଫିଲ୍ମରେ ମଧ୍ୟ କାମ କରିସାରିଛନ୍ତି ଗୁଲାବୋ ଯେଉଁଗୁଡ଼ିକ ମଧ୍ୟରେ ବଟ୍‌ୱାରା, ଗୁଲାମୀ, କ୍ଷତ୍ରିୟ, ଅଜୁବା ସହିତ ଅନ୍ୟ ଫିଲ୍ମ ମଧ୍ୟ ସାମିଲ ଅଛି। ତାଙ୍କ ନୃତ୍ୟକଳାର ଉପଲବ୍ଧି ପାଇଁ ଗୁଲାବୋଙ୍କୁ ୨୦୧୬ରେ ପଦ୍ମଶ୍ରୀ ଓ ୨୦୨୧ରେ ଭାରତ ଗୌରବ ଆୱାର୍ଡରେ ସମ୍ମାନିତ କରାଯାଇଛି। ଏହାପରେ ସେ ଆମେରିକାକୁ ଯାଇଥିଲେ ଓ ତାଙ୍କର ପ୍ରତିଭା ବିଶ୍ୱବିଖ୍ୟାତ ହୋଇଥିଲା।

ତେବେ ଦେଶ ଅପେକ୍ଷା ବିଦେଶରେ ଅଧିକ ପ୍ରଶଂସିତ ହୋଇଛନ୍ତି ଗୁଲାବୋ। ଫ୍ରେଞ୍ଚର ରବିନ୍ ଓ ଭେରୋନିକା ଗିଉଲିଆନି ତାଙ୍କ ଉପରେ ଏକ ପୁସ୍ତକ ଲେଖିଛନ୍ତି। ଫ୍ରାନ୍ସରେ ସେ ଦଶଟିରୁ ଅଧିକ ଆଲ୍‌ବମ୍ ମଧ୍ୟ କରିଛନ୍ତି। ଫ୍ରାନ୍ସ ରେଡିଓରେ ମଧ୍ୟ ଗୀତ ଗାଇବାର ଅବସର ତାଙ୍କୁ ମିଳିଥିଲା। ଗୁଲାବୋ ସପେରା ନାମରେ ତାଙ୍କର ଗୋଟିଏ ଆଲ୍‌ବମ୍ ଖୁବ୍ ଲୋକପ୍ରିୟ ହୋଇଛି। ଗୁଲାବୋଙ୍କ ପାଖରେ ନୃତ୍ୟ ଶିକ୍ଷା କରୁଥିବା ଛାତ୍ରୀମାନଙ୍କ ମଧ୍ୟରୁ ଅଧିକାଂଶ ଡେନ୍‌ମାର୍କର। ନୃତ୍ୟ ଶିକ୍ଷା ଦେବା ପାଇଁ ପ୍ରତିବର୍ଷ ଗୁଲାବୋ ସେଠାକୁ ଯାଆନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ୫୦୦୦ ଛାତ୍ରୀଙ୍କୁ ସେ କାଲବେଲିୟା ନୃତ୍ୟ ଶିଖେଇ ସାରିଲେଣି। ସେଠାରେ ତାଙ୍କର ଏକ ଷ୍ଟୁଡିଓ ରହିଛି। ବର୍ତ୍ତମାନ ରାଜସ୍ଥାନର ଗ୍ରାମୀଣ କ୍ଷେତ୍ରରେ ଝିଅମାନଙ୍କୁ ମାଗଣାରେ ନୃତ୍ୟ ଶିକ୍ଷା ଦେଉଛନ୍ତି ଗୁଲାବୋ ଓ ଆଜମେର୍ ଠାରେ ଏକ ନୃତ୍ୟ ସ୍କୁଲ୍ ମଧ୍ୟ ଖୋଲିଛନ୍ତି। ଏବେ ତାଙ୍କ ଝିଅ ରାକ୍ଷୀ ସପେରା ଏହି କଳାକୁ ଆଗକୁ ନେଇ ଯିବାରେ ତାଙ୍କୁ ସାହାଯ୍ୟ କରୁଛନ୍ତି। ତେବେ ଗୁଲାବୋଙ୍କ ଅନୁସାରେ କାଲବେଲିୟା ନୃତ୍ୟ ତାଙ୍କ ଠାରୁ ଆରମ୍ଭ ହୋଇଛି। ଏହାକୁ ସେ ଈଶ୍ୱରପ୍ରଦତ୍ତ ବୋଲି କହନ୍ତି। ଲୋକମାନେ ଏହି ନୃତ୍ୟକୁ ଭଲ ଦୃଷ୍ଟିରେ ଦେଖନ୍ତୁ ବୋଲି ଗୁଲାବୋ ଚାହାନ୍ତି।



ସ୍ୱାସ୍ଥ୍ୟ

# ସଂକଟରେ ପିଲାଦିନ, ମାତାପିତା ହୁଅନ୍ତୁ ସାବଧାନ


**ସାଧାରଣତଃ ଝିଅମାନଙ୍କର ମାସିକଧର୍ମ ବା ପିରିୟଡ୍‌ସର ପ୍ରକ୍ରିୟା ଆରମ୍ଭ ହୁଏ ୧୨-୧୩ ବର୍ଷ ମଧ୍ୟରେ। କିନ୍ତୁ ଆଜିର ପରିବର୍ତ୍ତନୀୟ ଜୀବନଶୈଳୀ, ଖରାପ ଖାଦ୍ୟପେୟ ଆଦି କାରଣରୁ ଏହି ସମୟ ସୀମା ହ୍ରାସ ପାଇ ୯-୧୧ ବର୍ଷକୁ ଆସି ସାରିଛି। ଅର୍ଥାତ ଏହି ବୟସରେ ଝିଅମାନେ ମାସିକଧର୍ମର ସମ୍ମୁଖୀନ ହେଉଛନ୍ତି। ତେବେ ଏହିପରି ସ୍ଥିତି ପାଇଁ ଅଧିକାଂଶ ମାତାପିତା ଚିନ୍ତା ପ୍ରକାଶ କରୁଛନ୍ତି। କାରଣ ଏତେ କମ୍ ବୟସରେ ମାସିକଧର୍ମ ଆସିବା କିଛି ସମସ୍ୟାର କାରଣ ହୋଇଥାଇପାରେ କି ? ଏହା ପିସିଓଏସ୍ (ପଲିସିଷ୍ଟିକ୍ ଓଭାରୀ ସିଣ୍ଡ୍ରୋମ୍) ତ ନୁହେଁ ? ଏପରିସ୍ଥଳେ ଅଧିକାଂଶ ମାତାପିତାଙ୍କ ସହିତ ଟିନ୍‌ଏଜର୍ସ ଝିଅମାନେ ପିସିଓଏସ୍‌ର ଲକ୍ଷଣଗୁଡ଼ିକୁ ନେଇ ଅଧିକ ସତର୍କ ହେଉଛନ୍ତି। ଏହାର ନିଦାନ ଓ ଉପଚାର ପାଇଁ ଡାକ୍ତରଙ୍କ ପାଖକୁ ଯାଉଛନ୍ତି। ବୃଦ୍ଧି ପାଉଥିବା ଏହି ସମସ୍ୟାକୁ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସମୟ ପୂର୍ବରୁ ମାତାପିତାଙ୍କୁ ପିସିଓଏସ୍ ସମ୍ପର୍କରେ ଚେତାବନୀ ମଧ୍ୟ ଦେଉଛନ୍ତି।**



ଡାକ୍ତରମାନଙ୍କ ଅନୁସାରେ ମାସିକଧର୍ମର ହାରାହାରି ବୟସ ୧୨-୧୩ ବର୍ଷରୁ ହ୍ରାସ ପାଇ ଏ ସମୟରେ ୯-୧୧ ବର୍ଷ ହୋଇସାରିଲାଣି। ମାସିକଧର୍ମର ଏହି ଶୀଘ୍ର ପ୍ରାରମ୍ଭରେ ପ୍ରଥମ କିଛି ବର୍ଷ ଅନିୟମିତ ଚକ୍ର, ବ୍ରଣ ଓ କେଶ ବୃଦ୍ଧି ହେବା ଏକ ସାଧାରଣ ଲକ୍ଷଣ ଦେଖାଯାଏ। କିନ୍ତୁ ଏହାକୁ ସାଧାରଣତଃ ପିସିଓଏସ୍‌ର ଲକ୍ଷଣ ବୋଲି ସମସ୍ତେ ଭାବନ୍ତି। ତେବେ ମାସିକଧର୍ମ ଶୀଘ୍ର ଆସିବାର ଅର୍ଥ ପିସିଓଏସ୍ ନୁହେଁ। ତେବେ ଅନେକ ଥର ମାସିକଧର୍ମ ଆରମ୍ଭ ହେବାର ତୁରନ୍ତ ପରେ ଏଥିରେ ଅନିୟମିତତା ହେବା ଏକ ସାମାନ୍ୟ ଘଟଣା। କିନ୍ତୁ ଓଠ ଉପରେ ବା ତଳେ ଅଳ୍ପ କେଶ ଉଠିଲେ ମାତାପିତାମାନେ ଚିନ୍ତା ପ୍ରକାଶ କରୁଛନ୍ତି। ଏହାକୁ ପିସିଓଏସ୍‌ର ଲକ୍ଷଣ ବୋଲି ମଧ୍ୟ ଭାବି ନିଅନ୍ତି। ତେବେ କିଶୋରାବସ୍ଥାରେ ଶରୀରରେ କେତେ ପ୍ରକାରର ହର୍ମୋନାଲ୍ ପରିବର୍ତ୍ତନ ହୋଇଥାଏ ଯେଉଁଗୁଡ଼ିକ ପିସିଓଏସ୍‌ର ଲକ୍ଷଣ ପରି ନଜର ଆସନ୍ତି। ତେଣୁ ଏହି ଲକ୍ଷଣଗୁଡ଼ିକୁ ପିସିଓଏସ୍ ବୋଲି ଭାବିବା ଉଚିତ ନୁହେଁ। ତେବେ ଡାକ୍ତରମାନେ କହୁଛନ୍ତି ଯେ ସୋସିଆଲ୍ ମିଡିଆ ଏହି ଚିନ୍ତାକୁ ଅଧିକ ବୃଦ୍ଧି କରଉଛି। ଆଜି ଅଧିକ ସଂଖ୍ୟାରେ କିଶୋରୀମାନେ ନିଜକୁ ପିସିଓଏସ୍‌ର ରୋଗୀ ବୋଲି ଭାବୁଛନ୍ତି। ଚେହେରାରେ ଛୋଟ ଛୋଟ କେଶ, ବ୍ରଣ ଆଦି ଆସିଲେ ଚିନ୍ତିତ ହୋଇଯାଉଛନ୍ତି। ଅନ୍‌ଲାଇନ୍ ଭିଡିଓ ଦେଖିବା ପରେ, ସାଙ୍ଗସାଥିଙ୍କ ସହିତ କଥାବାର୍ତ୍ତା ହେବା ପରେ ମାତାପିତାଙ୍କୁ ଚିକିତ୍ସା ପାଇଁ ଜଣଉଛନ୍ତି। ବ୍ରଣ, କେଶ ଝଡ଼ିବା ପରି ସ୍କିନ୍‌ଜନିତ ସମସ୍ୟା ସେମାନଙ୍କୁ ଡାକ୍ତରଙ୍କ ପାଖକୁ ନେଇଯାଉଛି। ପଲିସିଷ୍ଟିକ୍ ଓଭାରୀ ସିଣ୍ଡ୍ରୋମ୍‌ର ଯାଞ୍ଚ କରିବା ପାଇଁ କହୁଛନ୍ତି। ଏହିଠାରୁ ଓଭରଡାଇଗ୍ନୋସିସ୍‌ର ସମସ୍ୟା ଆରମ୍ଭ ହୋଇଥାଏ। କେବେ କେବେ ଗୋଟିଏ ଦୁଇଟି ଫଲିକଲ୍ସ ବା ଅଳ୍ପ ମୋଟା ଅଣ୍ଡାଶୟକୁ ମଧ୍ୟ ରେଡିଓଲୋଜିଷ୍ଟ ପିସିଓଏସ୍ ବୋଲି କହିଦିଅନ୍ତି ଯେଉଁ କାରଣରୁ ମାତାପିତାମାନେ ଚିନ୍ତିତ ହୋଇଯାଆନ୍ତି।

ଏ ସଂକ୍ରାନ୍ତରେ ଡାକ୍ତରମାନଙ୍କର ବିଶେଷ ମାନଦଣ୍ଡ ରହିଛି ଯେଉଁଥିରେ ମାସିକଧର୍ମର ଏକ ବିଶେଷ ଚରଣରେ ଅତି କମ୍‌ରେ ୨୦ ଫଲିକଲ୍ସ ହେବା ଜରୁରୀ। ଡାକ୍ତରମାନଙ୍କ ଅନୁସାରେ ଜୀବନଶୈଳୀ ସହିତ ଜଡ଼ିତ କାରଣଗୁଡ଼ିକ ପିସିଓଏସ୍‌ର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକୁ ବୃଦ୍ଧି କରେଇବାରେ ସହାୟକ ହେଉଛି।

**ମହିଳାମାନଙ୍କର ଭୂମିକା**-ବକୌଲ ମନୁସ୍ମୃତିରେ ମହିଳାମାନଙ୍କୁ ଆଜ୍ଞାକାରୀ ହେବା ଓ ଘରୋଇ କର୍ତ୍ତବ୍ୟଗୁଡ଼ିକୁ ପୂରା କରିବାର ଅପେକ୍ଷା କରାଯାଇଛି। ଏମାନଙ୍କର ସ୍ୱାୟତ୍ତତା ସୀମିତ ହୋଇ ରହିଛି। ଏଥିରେ ପିତୃସତ୍ତାତ୍ମକ ଦୃଷ୍ଟିକୋଣ ପ୍ରସ୍ତୁତ କରାଯାଇଥିବାର ଦେଖିବାକୁ ମିଳେ। ମହିଳାମାନେ ତାଙ୍କର ପୂରା ଜୀବନରେ ପୁରୁଷ ଅଭିଭାବକ-ପିତା, ପତି ଓ ପୁତ୍ରର ନିୟନ୍ତ୍ରଣରେ ରହିବା ଉଚିତ ବୋଲି ଉଲ୍ଲେଖ ରହିଛି। ମହିଳାମାନଙ୍କ ଘରୋଇ ଭୂମିକା ଓ ଆଜ୍ଞାକାରିତା ଉପରେ ଏହା ଜୋର୍ ଦିଏ।



ବିବାହ ସମ୍ପର୍କରେ
- ମନୁସ୍ମୃତି ଅନୁସାରେ ବିବାହର ଉଦ୍ଦେଶ୍ୟ ଧର୍ମ, ସନ୍ତାନ ଉତ୍ପତ୍ତି ଓ ସମାଜରେ ପବିତ୍ରତା ବଜାୟ ରଖିବା। ପୁରୁଷମାନେ ପତ୍ନୀର ଚୟନ କରିବାର ନିୟମ ମନୁସ୍ମୃତିରେ ରହିଛି।
- ପତ୍ନୀ ଉଚ୍ଚ କୁଳର ଓ ସମାନ ବର୍ଣ୍ଣର ହୋଇଥିବା ଉଚିତ।
- ଶାରୀରିକ ଓ ମାନସିକ ଭାବରେ ସୁସ୍ଥ କନ୍ୟାର ଚୟନ କରିବା ଉଚିତ।
- ଯେଉଁ କନ୍ୟାମାନଙ୍କର ପରିବାର ଶୁଦ୍ଧ ଓ ସାତ ପିଢ଼ିରୁ ଦୋଷମୁକ୍ତ ହୋଇଥିବେ ସେମାନଙ୍କୁ ଉପଯୁକ୍ତ ବୋଲି କୁହାଯାଏ।
- ପତ୍ନୀ ସୁନ୍ଦର, ସୁସଂସ୍କୃତ ଓ ପରିବାର ପ୍ରତି ସମର୍ପିତ ହେବା ଉଚିତ।

ମନୁସ୍ମୃତିରେ ପୁରୁଷମାନଙ୍କ ବିବାହର ଆୟୁ ବିଷୟରେ ସ୍ପଷ୍ଟ ଭାବରେ କୁହାଯାଇ ନାହିଁ। କିନ୍ତୁ ଗୃହସ୍ଥ ଆଶ୍ରମରେ ପ୍ରବେଶ କରିବାର ବୟସ ୨୫ ସହିତ ଯୋଡ଼ା ଯାଇଛି। କନ୍ୟାର ବୟସ କମ୍ ହେବା ଉଚିତ (ବାଲ୍ୟ ବିବାହର ସଂକେତ) ବୋଲି ଉଲ୍ଲେଖ ରହିଛି। ତେବେ ଏଥିରେ ଆଠ ପ୍ରକାରର ବିବାହ ବିଷୟରେ କୁହାଯାଇଛି ଯେଉଁଥିରୁ ଚାରିଟି ଧାର୍ମିକ ଓ ଚାରିଟିକୁ ଅଧାର୍ମିକ ଶ୍ରେଣୀରେ ରଖାଯାଇଛି।

**ବ୍ରାହ୍ମ ବିବାହ**- ଯୋଗ୍ୟ ବରକୁ କୌଣସି ଯୌତୁକ ବିନା କନ୍ୟାଦାନ କରିବା।
**ଦୈବ ବିବାହ**-କନ୍ୟାକୁ ଯଜ୍ଞ କରୁଥିବା ବ୍ରାହ୍ମଣକୁ ଦେବା।
**ଆର୍ଷ ବିବାହ**-ବର ବଦଳରେ ଉପହାର କିମ୍ବା ଗାଈକୁ ନେଇ କନ୍ୟାର ବିବାହ କରେଇବା।
**ପ୍ରଜାପତ୍ୟ ବିବାହ**-ବର ଓ କନ୍ୟା ମଧ୍ୟରେ ସମାନତା ଉପରେ ଆଧାରିତ ବିବାହ।
**ଗାନ୍ଧର୍ବ ବିବାହ**- ବର ଓ କନ୍ୟାର ପରସ୍ପର ସହମତିରେ ବିବାହ।
**ଆସୁର ବିବାହ**-ବର ଦ୍ୱାରା କନ୍ୟାର ପରିବାରକୁ ଧନ ଦେଇ ବିବାହ।
**ରାକ୍ଷସ ବିବାହ**-ଜବରଦସ୍ତି ବିବାହ କରିବା। କନ୍ୟାକୁ ଧୋକା ବା ନିଶାଯୁକ୍ତ ପଦାର୍ଥ ଦେଇ ବିବାହ କରିବା।

ତେବେ ଧାର୍ମିକ ଦୃଷ୍ଟିକୋଣରୁ ପ୍ରଥମ ଚାରି ପ୍ରକାରର ବିବାହକୁ ଶ୍ରେଷ୍ଠ ଓ ପରବର୍ତ୍ତୀ ଚାରି ପ୍ରକାରର ବିବାହକୁ ନିନ୍ଦନୀୟ ଭାବରେ ଗ୍ରହଣ କରାଯାଏ।

ମନୁସ୍ମୃତିର ରଚନାକାର ମହର୍ଷି ମନୁ ଯାହାଙ୍କୁ ବ୍ରହ୍ମାଜୀଙ୍କ ମାନସ ପୁତ୍ର ବୋଲି କୁହାଯାଏ। ତେବେ ଭାରତୀୟ ଧର୍ମଶାସ୍ତ୍ରରେ ଏହାକୁ ଏକ ମହତ୍ତ୍ୱପୂର୍ଣ୍ଣ ଗ୍ରନ୍ଥର ମାନ୍ୟତା ମିଳିଛି ଯାହା ବିଭିନ୍ନ ଧାର୍ମିକ, ସାମାଜିକ, ରାଜନୈତିକ ଓ ନ୍ୟାୟିକ ନିୟମଗୁଡ଼ିକ ସମ୍ପର୍କରେ କହିଥାଏ।

ମନୁସ୍ମୃତିକୁ ମନୁସଂହିତା ନାମରେ ସମସ୍ତେ ଜାଣନ୍ତି। ଖ୍ରୀ.ପୂ ୨୦୦-୩୦୦ ମଧ୍ୟରେ ଏହାର ରଚନା କରାଯାଇଥିଲା। ଏଥିରେ ଥିବା ୧୨ଟି ଅଧ୍ୟାୟରେ ରହିଛି ୨,୬୮୫ଟି ଶ୍ଳୋକ। ସଂସ୍କୃତ ଭାଷାରେ ଲେଖାଯାଇଥିବା ଏହି ସଂହିତା ହିନ୍ଦୁ ଧର୍ମର ଧର୍ମଶାସ୍ତ୍ର ଶ୍ରେଣୀରେ ଆସେ।

**ବିବାହ**-ଏଥିରେ ବିବାହକୁ ମୁଖ୍ୟତଃ ପ୍ରଜନନ ପାଇଁ ଏକ ଅନୁବନ୍ଧ ଭାବରେ ବର୍ଣ୍ଣନା କରାଯାଇଛି ଯେଉଁଥିରେ ମହିଳାମାନଙ୍କୁ ପୁରୁଷମାନଙ୍କ ଅଧୀନରେ ରହିବାର ଉଲ୍ଲେଖ ରହିଛି।

# ନବରନ୍ କୋର୍‌ମା

ଖାଦ୍ୟଶାଳ

**ନବରନ୍ କୋର୍‌ମା ଏକ ସ୍ୱାଦିଷ୍ଟ ବ୍ୟଞ୍ଜନ ଯାହାକୁ ମିଶ୍ରିତ ପରିବା ଓ ଶୁଖିଲା ମେବା ଦ୍ୱାରା ତିଆରି କରାଯାଏ। ସ୍ୱାଦରେ ଏହା ଅଳ୍ପ ମିଠା ହୋଇଥାଏ ଓ ଏଥିରେ ନଅଟି ସାମଗ୍ରୀ ମିଶିଥାଏ। ତେଣୁ ବିଶେଷ ଅବସର ଯଥା- ଘରକୁ ଅତିଥି ଆସିଲେ, ଜନ୍ମଦିନ ପାର୍ଟି, ଦୀପାବଳି, ହୋଲି ଆଦି ପରି ଉତ୍ସବରେ ଏହିପରି ରେସିପି ତିଆରି କରି ଘର ଲୋକଙ୍କୁ ଖୁଆନ୍ତୁ।**

**ଆବଶ୍ୟକ ସାମଗ୍ରୀ**- ଆଳୁ-୧ଟି, ମଟର-୧/୪ କପ୍, ବିନ୍ସ-୧/୪ କପ୍, କ୍ୟାପ୍‌ସିକମ୍, ଗାଜର, ଟମୋଟୋ, ପିଆଜ-୧ଟି ଲେଖାଏଁ, ଅଦା-ରସୁଣ ପେଷ୍ଟ- ୧ ଚାମଚ, ନଡ଼ିଆ ରସ- ୩/୪ କପ୍, ହଳଦୀ ଓ ଲାଲ୍ ଲଙ୍କା ପାଉଡର୍- ଅଧା ଚାମଚ ଲେଖାଏଁ, ଧଣିଆ ପାଉଡର୍ ଓ ଗରମ ମସଲା- ୧ ଚାମଚ ଲେଖାଏଁ, ଘିଅ କିମ୍ବା ତେଲ-୨ ଚାମଚ, ଲୁଣ-ସ୍ୱାଦାନୁସାରେ।

**ପେଷ୍ଟ ପାଇଁ**-କାଜୁ-୧୦ଟି, ଆଲମଣ୍ଡ-୧୦ଟି, ଖରବୁଜା ମଞ୍ଜି-୧ ଚାମଚ।

**ସଜେଇବା ପାଇଁ**- ଡାଳିମ୍ବ -୨ ଚାମଚ, କାଜୁ-୧ ଚାମଚ, କିସ୍‌ମିସ୍-୧ ଚାମଚ, ଘିଅ-୧ ଚାମଚ।

**ପ୍ରଣାଳୀ**-ସ୍ୱାଦିଷ୍ଟ ନବରନ୍ କୋର୍‌ମା ତିଆରି କରିବା ପାଇଁ ପ୍ରଥମେ ଖରବୁଜା ମଞ୍ଜି, କାଜୁ ଓ ଆଲମଣ୍ଡକୁ ଅଳ୍ପ ପାଣି ଦେଇ ଭିଜେଇ ଅଧଘଣ୍ଟା ରଖି ଦିଅନ୍ତୁ। ଏହାପରେ ଆଲମଣ୍ଡରୁ ଚୋପା ବାହାର କରି ମିକ୍ସିରେ ପେଷ୍ଟ କରିବେ। ଏହାକୁ ବାହାର କରି ଅଲଗା ରଖିବେ। ଏହାପରେ ପରିବାଗୁଡ଼ିକୁ ଛୋଟ ଛୋଟ ଖଣ୍ଡ କରି କାଟନ୍ତୁ। ଏବେ କଡ଼େଇରେ ତେଲ ଗରମ କରି ମଧ୍ୟମ ଆଞ୍ଚରେ ପିଆଜକୁ କାଟି ଭାଜିବେ। ଦୁଇ ମିନିଟ୍ ପରେ ପିଆଜ ନରମ ଓ ସୁନେଲି ରଙ୍ଗ ହୋଇଯିବା ପରେ ସେଥିରେ ଅଦା-ରସୁଣ ପେଷ୍ଟ ପକାଇ ଭାଜନ୍ତୁ। ଏଥିରେ ଏବେ କଟା ଟମାଟୋ ଓ ଅନ୍ୟ ପାଉଡର୍‌କୁ ମିଶେଇ ମସଲାରେ ଢ଼ାଳନ୍ତୁ। ଏହାପରେ କାଜୁ ପେଷ୍ଟକୁ ପକାଇ ଅଳ୍ପ ପାଣି ଦେଇ ଭାଜିବେ। ଏହି ମିଶ୍ରଣକୁ ୨-୩ ମିନିଟ୍ ଭାଜିବା ପରେ କଟାଯାଇଥିବା ପରିବାଗୁଡ଼ିକୁ ପକାଇ ମିଶେଇବେ। ଏଥିରେ ଏକ କପ୍ ପାଣି ଢ଼ାଳି ନଡ଼ିଆ ରସ ମିଶାନ୍ତୁ। ଏବେ ଘୋଡ଼େଇ ଦିଅନ୍ତୁ। ୧୦-୧୫ ମିନିଟ୍ ପର୍ଯ୍ୟନ୍ତ ଧିମା ଆଞ୍ଚରେ ରଖି ସିଝିବାକୁ ଦେବେ। ଏବେ ଏକ ଛୋଟ ପ୍ୟାନ୍ ନେଇ ସେଥିରେ ଘିଅ ଗରମ କରି କାଜୁକୁ ଭାଜି ରଖନ୍ତୁ। ତରକାରି ପୂରା ହୋଇଗଲେ ଏହାକୁ ଏକ ବଡ଼ ପାତ୍ରରେ ବାହାର କରିବେ। ଏହା ଉପରେ ଭଜା ଯାଇଥିବା କାଜୁ, କିସ୍‌ମିସ୍ ଓ ଡ଼ାଳିମ୍ବ ଦାନା ଦେଇ ସଜେଇ ନାନ୍, ପରଟା କିମ୍ବା ଭାତ ସହିତ ଖାଇବାକୁ ଦିଅନ୍ତୁ।



# ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା
ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ**: ଦିନଟି ଖୁବ୍ ଭଲରେ କଟିବ। ଭଲ ଅନୁଭବ ପାଇବେ। ବିବାହିତ ଲୋକଙ୍କ ପାଇଁ ଦିନଟି ଉତ୍ତମ। ନିକଟ ସମ୍ପର୍କୀୟଙ୍କ ସହିତ ବିତର୍କ ହୋଇପାରେ। ଆର୍ଥିକ ସ୍ଥିତି ସୁଦୃଢ଼ ରହିବ।

**ବୃଷ**: ସ୍ୱାସ୍ଥ୍ୟ ଆଜି ଭଲ ରହିବ। କାରବାର ଦୃଷ୍ଟିରୁ ଦିନଟି ଲାଭଦାୟକ। ପରିବାର ସଦସ୍ୟଙ୍କ ସାଥ୍ ପାଇବେ। ଆର୍ଥିକ ସ୍ଥିତି ଉତ୍ଥାନ-ପତନ ଦେଇ ଗତି କରିବ। ବିଦ୍ୟାର୍ଥୀଙ୍କ ପାଇଁ ଦିନଟି ଉତ୍ତମ।

**ମିଥୁନ**: ମାନସିକ ଚାପରୁ ମୁକ୍ତ ହେବେ। ସ୍ୱାସ୍ଥ୍ୟ ଆଜି ଭଲ ରହିବ। ମାତାପିତାଙ୍କ ସ୍ୱାସ୍ଥ୍ୟ ଚିନ୍ତାର କାରଣ ହେବ। ରଚନାତ୍ମକ କ୍ଷେତ୍ର ସହିତ ଜଡ଼ିତ ଲୋକମାନଙ୍କ ପାଇଁ ଦିନଟି ଶୁଭଦାୟକ।

**କର୍କଟ**: ଆଜି କୌଣସି ଏକ ସ୍ୱପ୍ନ ପୂରା ହେବ। ଯାତ୍ରା ସମୟରେ ସାବଧାନ ରୁହନ୍ତୁ। ସାମଗ୍ରୀ ଚୋରି ହୋଇପାରେ। ମହତ୍ତ୍ୱପୂର୍ଣ୍ଣ କାମ ସମୟ ପୂର୍ବରୁ ପୂରା ହେବ। ପେସାଗତ ଜୀବନରେ ଲାଭ ପାଇବେ।

**ସିଂହ**: ସବୁ ଦିଗରୁ ଦିନଟି ଅନୁକୂଳ। କାରବାର ବୃଦ୍ଧି ହେବ। ଚାକିରି କରୁଥିବା ଲୋକଙ୍କ ସ୍ଥିତି ଖୁବ୍ ଭଲ ରହିବ। ଭଲ ଅବସରକୁ ପ୍ରାପ୍ତ କରିବେ। ସ୍ୱାସ୍ଥ୍ୟରେ ସୁଧାର ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ହେବ।

**କନ୍ୟା**: କୌଣସି ସାଙ୍ଗ ସହିତ ସାକ୍ଷାତ ଜୀବନରେ ପରିବର୍ତ୍ତନ ନେଇ ଆସିବ। ଅର୍ଥ ଓ ନିବେଶକୁ ନେଇ ପୁଣି ଥରେ ବିଚାର କରିପାରନ୍ତି। ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରୀ। ଖାଲି ସମୟରେ ବେକାର କାମ ନକଲେ ଭଲ।

**ତୁଳା**: ସ୍ୱାସ୍ଥ୍ୟ ଆଜି ଭଲ ରହିବ। ମାନସିକ ଚିନ୍ତାରୁ ମୁକ୍ତ ହେବେ। ନିବେଶରୁ ଭଲ ରିଟର୍ଣ୍ଣ ମିଳିପାରେ। ଧନ ଲାଭର ସଂକେତ ରହିଛି। କାମକାର୍ଯ୍ୟ ପାଇଁ ଦିନଟି ଖୁବ୍ ଭଲ। ସନ୍ଧ୍ୟା ସମୟ ଜୀବନସାଥିଙ୍କ ସହିତ ବିତେଇବେ।

**ବିଛା**: ମନ ଆଜି ଅଶାନ୍ତ ରହିବ। ଆତ୍ମବିଶ୍ୱାସର ଅଭାବ ଦେଖାଦେବ। ଶୈକ୍ଷିକ କାର୍ଯ୍ୟରେ ସଫଳତା ପାଇବେ। ଲେଖନାଦି-ବୌଦ୍ଧିକ କାର୍ଯ୍ୟରୁ ମାନ-ସମ୍ମାନ ମିଳିବ। ବ୍ୟାପାରରେ ବିସ୍ତାର ହୋଇପାରେ।

**ଧନୁ**: ସ୍ୱାସ୍ଥ୍ୟ ପାଇଁ ପର୍ଯ୍ୟାପ୍ତ ସମୟ ଦେବେ। ବ୍ୟାବସାୟିକ ସ୍ଥିତି ଖୁବ୍ ଭଲ ରହିବ। ଆର୍ଥିକ ଲାଭର ସଂକେତ ମିଳୁଛି। ସନ୍ଧ୍ୟା ସମୟରେ ଖାସ୍ ଯୋଜନା କରିପାରନ୍ତି। ସମ୍ପତ୍ତି ସହିତ ଜଡ଼ିତ ବିବାଦର ସମାଧାନ ହୋଇପାରେ।

**ମକର**: କୌଣସି ସ୍ୱପ୍ନ ଆଜି ପୂରା ହେବ। ଉତ୍ସାହକୁ କାବୁ କରି ରଖନ୍ତୁ। ଆର୍ଥିକ ଲାଭ ମିଳିପାରେ। ଏନର୍ଜିର ସ୍ତର ଉଚ୍ଚ ରହିବ। ରୂପ ଓ ବ୍ୟକ୍ତିତ୍ୱ ପାଇଁ ପ୍ରୟାସରେ ସଫଳ ହେବେ। ସନ୍ଧ୍ୟାବେଳ ଖୁବ୍ ଭଲରେ ବିତିବ।

**କୁମ୍ଭ**: ପ୍ରୋଜେକ୍ଟଗୁଡ଼ିକୁ ଛୋଟ ଭାଗରେ ବିଭକ୍ତ କରିବେ। ସନ୍ତାନ ପାଖରୁ ଆର୍ଥିକ ଲାଭ ପାଇବେ। ଘରୋଇ ଜୀବନ ଖୁବ୍ ଭଲ ରହିବ। ପରିବାରର ଓ ଭାଗୀଦାରୀ କାମର ସମସ୍ୟା ଦୂର ହେବ।

**ମୀନ**: ମନରେ ଶାନ୍ତି ଓ ପ୍ରସନ୍ନତା ରହିବ। ଶୈକ୍ଷିକ କାମରେ ସଫଳତା ପାଇବେ। ମାନ-ସମ୍ମାନ ପ୍ରାପ୍ତି ହୋଇପାରେ। କାରବାର ବୃଦ୍ଧି ହେବ। ଯାତ୍ରା ଯୋଗ ସମ୍ଭବ। ମାତାଙ୍କ ଠାରୁ ଧନ ପ୍ରାପ୍ତି ହୋଇପାରେ।

# ଅବସରପ୍ରାପ୍ତ ଅଧ୍ୟାପକଙ୍କ ଅଷ୍ଟମ ସାମ୍ବିଧାନିକ ସମ୍ମିଳନୀ

# ଗରିମାମୟ ବରିଷ୍ଠ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୩।୯/ଏନ୍ଏନ୍ଏସ୍:** ଆଜି ଭୁବନେଶ୍ୱର ସ୍ଥିତ ଚେ୍ତନା ମହାବିଦ୍ୟାଳୟ ଠାରେ ନିଖିଳ ଉତ୍କଳ ଅବସରପ୍ରାପ୍ତ ବିଶ୍ୱବିଦ୍ୟାଳୟ ଓ କଲେଜ ଶିକ୍ଷକ ସଂଘର ସାଧାରଣ ପରିଷଦ ତଥା ଅଷ୍ଟମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ପଦ୍ମଶ୍ରୀ ଆଦିତ୍ୟ ପ୍ରସାଦ ଦାଶ ମୁଖ୍ୟଅତିଥି, ସ୍ତମ୍ଭକାର ତଥା ସମ୍ପାଦକ ମନୋଜ କୁମାର ମହାପାତ୍ର ମୁଖ୍ୟବକ୍ତା ଏବଂ ଝାଡ଼ଖଣ୍ଡ ରାଞ୍ଚିର ପ୍ରଫେସର ଡ଼ଃ ହରି ଓମ୍ ପାଣ୍ଡେ ଓ ଚେତନା ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସାଧାରଣ ସମ୍ପାଦକ ଡ଼ଃ ନାରାୟଣ ଚନ୍ଦ୍ର ପତି ସମ୍ମାନିତ ଅତିଥି ଯୋଗଦେବା ସହ ଅରୁକ୍ଟା ସଂଘର ସଭାପତି ପ୍ରଫେସର ବାଲ୍ମିକୀ ପଟ୍ଟନାୟକ, ସମ୍ପାଦକ ଡ଼ଃ ନିରଞ୍ଜନ ପାଢ଼ୀ ଏବଂ ସାଧାରଣ ସମ୍ପାଦକ ପ୍ରଫେସର ଗୋପାଳ କୃଷ୍ଣ ନନ୍ଦ ପ୍ରମୁଖ ମଞ୍ଚାସିନ ଥିଲେ। ଏହି ସଭାରେ ଦେଶ ତଥା ରାଜ୍ୟରେ ପ୍ରଚଳିତ ଶିକ୍ଷାନୀତି, ନୂତନ ଶିକ୍ଷାନୀତି ୨୦୨୦, ମାନସିକ ସ୍ୱାସ୍ଥ୍ୟ ଏବଂ ଅବସରପ୍ରାପ୍ତ ଅଧ୍ୟାପକଙ୍କ ଅଧିକାର ଓ ସଂଘର ଗୁରୁତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ସମ୍ମିଳନୀରେ ମଞ୍ଚାସୀନ ଅତିଥି ତଥା ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବିଶିଷ୍ଟ ବ୍ୟକ୍ତିବିଶେଷ ଓ ସଂଗ୍ରାମୀ ବରିଷ୍ଠ ଶିକ୍ଷକ ଯଥା ଡ଼ଃ ବିନୟ ଭୂଷଣ ମହାପାତ୍ର, ଡ଼ଃ. ଉଷା ପାଢ଼ୀ, ଡ଼ଃ. ଶ୍ୟାମ ସୁନ୍ଦର ଦାଶ, ଡ଼ଃ. ମନୋଜ କୁମାର ମହାନ୍ତି, ଡ଼ଃ ହରେନ୍ଦ୍ର କୁମାର ପଣ୍ଡା, ଡ଼ଃ. ଧୀରେନ୍ଦ୍ରନାଥ ଶ୍ରୀଚନ୍ଦନ, ଡ଼ଃ. ଯୁଗଳ କିଶୋରେ ଦାଶ, ଡ଼ଃ. ପି. ଶଙ୍କର ନାରାୟଣ ପାତ୍ର, ପ୍ର ଦିବାକର ପଟ୍ଟନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅନେକ ଯୁବ ଛାତ୍ରଛାତ୍ରୀ ଚେତନା ଅନୁଷ୍ଠାନର ସମସ୍ତ କର୍ମଚାରୀଙ୍କ ସହ ଡ଼ଃ ସୁରେନ୍ଦ୍ର ଜେନା, ଡ଼ ନଗେନ୍ଦ୍ର ନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଫେସର ନନ୍ଦ ଓ ଚେତନା ସ୍ୱତନ୍ତ୍ର ଶିକ୍ଷା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ. ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଚେତନା ମହାବିଦ୍ୟାଳୟର ଉପାଧ୍ୟକ୍ଷ ଲଲାଟେନ୍ଦୁ କର ଓ ଡ଼ଃ ନିରଞ୍ଜନ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।




## ଏନ୍ଏସ୍ଇ ଓ ଆଇଏଚ୍ଏସ୍ ମଧ୍ୟରେ ଚୁକ୍ତିନାମା

**ଭୁବନେଶ୍ୱର,୩।୯/ଏନ୍ଏନ୍ଏସ୍:** ଏନ୍ଏସ୍ଇ ଓ ଆଇଏଚ୍ଏସ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷର କରାଯାଇଛି। ଆଇଏଚ୍ସି ସହ ଜଡ଼ିତ ସମ୍ଭାବ୍ୟ ଓ ବିଦ୍ୟମାନ ନିବେଶକମାନଙ୍କ ପାଇଁ ଏକାଧିକ ଆର୍ଥିକ ସାକ୍ଷରତା ଓ ନିବେଶକ ସଚେତନତା କାର୍ଯ୍ୟକ୍ରମରେ ସହଯୋଗ ଓ ପରିଚାଳନା କରିବା ପାଇଁ ଏନଏସଇ ଏହି ସହଭାଗିତା କରିଛି। ଏହି ସହଭାଗିତା ସମ୍ପର୍କରେ ଡଃ. କେ. ଜି. ସୁରେଶ କହିଛନ୍ତି, ଇଣ୍ଡିଆ ହାବିଟାଟ ସେଣ୍ଟର୍ ସାର୍ଥକ ଆଲୋଚନା, ଶିକ୍ଷା ଓ ସାମାଜିକ ପ୍ରଗତି ପାଇଁ ସ୍ଥାନ ସୃଷ୍ଟି କରିବା ଲାଗି ପ୍ରତିବଦ୍ଧ ରହିଛି। ଲୋକମାନେ ଆର୍ଥିକ ଉତ୍ପାଦଗୁଡ଼ିକର ବଢୁଥିବା ଜଟିଳତା ଓ ସଠିକ୍ ସୂଚନା ସହ ଅବଗତ ହେବା ଉଚିତ। ସେହିପରି ଏନ୍ଏସ୍ଇର ଅଙ୍କିତ ଶର୍ମା କହିଛନ୍ତି, ଆର୍ଥିକ ସାକ୍ଷରତା ଓ ନିବେଶକ ସଚେତନତା ହେଉଛି ପ୍ରଥମ ପଦକ୍ଷେପ। ଲୋକଙ୍କ ସମସ୍ୟାକୁ ସମାଧାନ କରି ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରହିଛି ବୋଲି ସେ କହିଥିଲେ।

## ଏକାଦଶୀରେ ଶ୍ରୀଶ୍ୟାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

**ଭୁବନେଶ୍ୱର,୩।୯/ଏନ୍ଏନ୍ଏସ୍:** ଝାରପଡ଼ା ସ୍ଥିତ ଶ୍ରୀ ଶ୍ୟାମ ମନ୍ଦିର ପରିସରେ ବୁଧବାର ଏକାଦଶୀ ପାଳିତ ହୋଇଯାଇଛି। ଏହି ଅବସରରେ ବାବାଙ୍କୁ ସ୍ୱତନ୍ତ୍ର ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ଏକାଦଶୀ ପୂଜା ଲାଗି ମନ୍ଦିର ପରିସରରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ତେବେ ସକାଳୁ ମନ୍ଦିରରେ ମାରଓ୍ୱାଡ଼ି ସମ୍ପ୍ରଦାୟର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ବାବାଙ୍କର ପୂଜାର୍ଚ୍ଚନା କରିଥିଲେ। ଏକାଦଶୀ ଅବସରରେ ସନ୍ଧ୍ୟାରେ ବାବାଙ୍କ ଭଜନ କୀର୍ତ୍ତନ ପରିବେଷଣ କରାଯାଇଥିଲା। ତେବେ ଏକାଦଶୀରେ ଏଠାରେ ସ୍ୱତନ୍ତ୍ର ରୀତିନୀତିରେ ପୂଜାର୍ଚ୍ଚନା ହେଉଥିବାବେଳେ ଆଜିର ସମସ୍ତ ରୀତିନୀତି ମନ୍ଦିରର ମହାରାଜ ସତ୍ୟମ ମିଶ୍ର ଏବଂ ନନ୍ଦୁ ତିଓ୍ୱାରୀଙ୍କ ଦ୍ୱାରା ହୋଇଥିଲା।



## ଏବିଆଇଟିରେ ଫାକଲଟି ଡେଭ୍ଲପ୍ମେଣ୍ଟ୍ ପ୍ରୋଗ୍ରାମ୍



**କଟକ,୩।୯/ଏନ୍ଏନ୍ଏସ୍:** ସ୍ଥାନୀୟ ଅଜୟ ବିନୟ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଇସିଇ ବିଭାଗ ଦ୍ୱାରା ଆୟୋଜିତ ଓ ଏଆଇସିଟିଇର ଅଟଳ କାର୍ଯ୍ୟକ୍ରମ ଦ୍ୱାରା ପ୍ରାୟୋଜିତ ଏକ ଛଅ ଦିନିଆ ଫାକଲଟି ଡେଭଲପମେଣ୍ଟ ପ୍ରୋଗ୍ରାମ ଅନ୍ଲାଇନ୍ ମୋଡ୍ରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ଅନୁଷ୍ଠାନର ନିର୍ଦ୍ଦେଶକ ଇଂ. ସତ୍ୟଦର୍ଶୀ ମିଶ୍ର ଓ ପ୍ରଫେସର ଡ଼ଃ ବି.ଏନ୍ ଗୁରୁ ଦେଶର ବିଭିନ୍ନ ଇଞ୍ଜିନିୟରିଂ କଲେଜର ଅଧ୍ୟାପକଙ୍କୁ ସ୍ୱାଗତ କରିଥିଲେ। ଏଥିରେ ଇସିଇ ବିଭାଗ ମୁଖ୍ୟ ଡ଼ଃ. ଏ. କେ. ମହାପାତ୍ର ପ୍ରୋଗ୍ରାମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଫେସର ଡ଼ଃ ରୂପାଲୀ ମହାନ୍ତି ଓ ପ୍ରଫେସର ପ୍ରଶାନ୍ତିନୀ ସାମଲ ବକ୍ତାମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରଥମ ଦିବସରେ ପ୍ରଫେସର ଡ଼ଃ ସଚ୍ଚି ନନ୍ଦନ ମହାନ୍ତି ବିଭିନ୍ନ ବିଷୟରେ ସନ୍ଦର୍ଭ ପ୍ରସ୍ତୁତ କରିଥିଲେ। ପ୍ରଫେସର ଡ଼ଃ ସୁଜାତା ଦାସ(ନାଗାଲାଣ୍ଡ ୟୁନିଭର୍ସିଟି), ପ୍ରଫେସର ଡ଼ଃ ଗୟାଧର ପଣ୍ଡା, ପ୍ରଫେସର ଡ଼ଃ. ସୁଜିତ କୁମାର ଭୂୟାଁ, ପ୍ରଫେସର ଡ଼ଃ. କଲ୍ୟାଣ ଚାଟାର୍ଜୀ (ଆଇଆଇଟି,ଧାନବାଦ), ଇଂ. ସାତ୍ତ୍ୱିକ ସ୍ୱାଇଁ, ଡ଼ଃ. ବିଜୟ କେତନ ପାଣିଗ୍ରାହୀ, ଇଂ. ରଞ୍ଜିତ୍ ପାତ୍ର, ଡ଼ଃ. ସତ୍ୟଜିତ ମହାନ୍ତି, ଡ଼ଃ ପୂଜା ଦାସ, ଇଂ. ଅଶୋକ କୁମାର ସାମଲ, ଡ଼ଃ ଦେବାଶିଷ ଚାଟାର୍ଜୀ, ଡ଼ଃ ଅନିରୁଦ୍ଧ ସୋମ୍ ପ୍ରମୁଖ ସନ୍ଦର୍ଭ ପ୍ରସ୍ତୁତ କରିବା ସହିତ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ। ଉଦଯାପନ ଉତ୍ସବରେ ସମସ୍ତ ରିସୋର୍ସ୍ ପର୍ସନ୍ଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଫେସର ଡ଼ଃ. ରୂପାଲୀ ମହାନ୍ତି, ପ୍ରଫେସର ପ୍ରଶାନ୍ତିନୀ ସାମଲ ବ୍ୟକ୍ତା ଓ ସ୍କଲାର୍ମାନଙ୍କୁ ସମ୍ମାନିତ କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ।

## ସେଣ୍ଟର୍ ଫର୍ ସାଇଟ୍ ପକ୍ଷରୁ ଆଡ୍ଭାନ୍ସଡ୍ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୩।୯/ଏନ୍ଏନ୍ଏସ୍:** ସେଣ୍ଟର୍ ଫର୍ ସାଇଟ୍ ପକ୍ଷରୁ ଏହାର ଆଡଭାନ୍ସଡ୍ ରେଟିନା ସେବା ଆରମ୍ଭ ହୋଇଛି। ଏ ସମ୍ପର୍କରେ ଡକ୍ଟର ସମର୍ଥ ମିଶ୍ର କହିଛନ୍ତି, ରେଟିନା ସମ୍ବନ୍ଧିତ ରୋଗଗୁଡ଼ିକ ପ୍ରାୟତଃ ନିରବରେ ଗମ୍ଭୀର ସ୍ଥିତି ଆଡ଼କୁ ଅଗ୍ରସର କରିଥାଏ ଏବଂ ଏହାକୁ ସଠିକ ସମୟରେ ଚିକିତ୍ସା କରାନଗଲେ ତାହା ଅପରିବର୍ତ୍ତନୀୟ ଦୃଷ୍ଟିଶକ୍ତି କ୍ଷୟର କାରଣ ହୋଇପାରେ। ସେଣ୍ଟର ଫର୍ ସାଇଟ୍ରେ ଏହି ଡେଡିକେଟେଡ୍ ରେଟିନା ୟୁନିଟ୍ ସହିତ ଓଡ଼ିଶାର ରୋଗୀମାନେ ଏବେ ସ୍ଥାନୀୟ ରୂପେ ଆଧୁନିକ ଡାଇଗ୍ନୋଷ୍ଟିକ ଓ ସର୍ଜିକାଲ କେୟାର ପାଇପାରିବେ। ଏଥିରେ ଏମ୍କେସିଜି ମେଡିକାଲ କଲେଜ, ବ୍ରହ୍ମପୁର ଏବଂ ଭିମସାର, ବୁର୍ଲାର ଛାତ୍ର ଥିବା ଡକ୍ଟର ମିଶ୍ର ଏଲଭି ପ୍ରସାଦ ଆଇ ଇନ୍ଷ୍ଟିଚ୍ୟୁଟ୍ରେ ପ୍ରଶିକ୍ଷିତ ଅଟନ୍ତି। ତେବେ ସବୁ ବର୍ଗର ରୋଗୀମାନେ ବେଶ ଉପକୃତ ହୋଇପାରିବେ ବୋଲି ଡ. ମିଶ୍ର ବୁଧବାର ସୂଚନା ଦେଇଛନ୍ତି।

## ରୋଗ ପ୍ରତିରୋଧକ ଶକ୍ତି ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନତା

**ଭୁବନେଶ୍ୱର,୩।୯/ଏନ୍ଏନ୍ଏସ୍:** ମୌସୁମୀ ଋତୁ ସମୟରେ ରୋଗ ପ୍ରତିରୋଧକ ଶକ୍ତିର ମହତ୍ୱ ସମ୍ପର୍କରେ ସଚେତନା ବୃଦ୍ଧି କରିବା ପାଇଁ ଜୟଦେବ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀଙ୍କ ସହିତ ଏକ ସ୍ୱତନ୍ତ୍ର ଅଧିବେଶନର ଆୟୋଜନ କରାଯାଇଛି। ଡକ୍ଟର ପ୍ରସନ୍ନଜିତ କହିଛନ୍ତି, ଏକ ପ୍ରାଚୀନ ପଦ୍ଧତି ଉପରେ ଆଧାରିତ ଡାବର ଚ୍ୟବନପ୍ରାଶ ହେଉଛି ଏକ ଆୟୁର୍ବେଦିକ ସପ୍ଲିମେଣ୍ଟ, ଯାହାକୁ ବିଭିନ୍ନ ହର୍ବ ଓ ମିନେରାଲ ସହିତ ପ୍ରସ୍ତୁତ କରାଯାଇଛି। ଯାହା ରୋଗ ପ୍ରତିରୋଧକ ଶକ୍ତି, ଋତୁକାଳୀନ ପ୍ରଭାବ, ଶ୍ୱାସନଳୀରେ ଆଲର୍ଜି ଓ ସଂକ୍ରମଣ ଆଦି ଉପରେ ଚ୍ୟବନପ୍ରାଶର ଉପକାରୀ ପ୍ରଭାବକୁ ନିଶ୍ଚିତ କରିଛି। ଏହି ଅବସରରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ଓଝା କହିଛନ୍ତି, ଏହା ତ୍ରିଦୋଷ 'ବାତ, ପିତ ଓ କଫ'କୁ ସନ୍ତୁଳିତ ରଖିବାରେ ସାହାଯ୍ୟ କରିଥାଏ। ସେହିପରି ଅମିତ ଗର୍ଗ କହିଛନ୍ତି, ଆୟୁର୍ବେଦ ମାଧ୍ୟମରେ ସମସ୍ତଙ୍କ ପାଇଁ ସୁରକ୍ଷିତ, ମୂଲ୍ୟ ସାପେକ୍ଷ ଓ ପ୍ରଭାବୀ ସ୍ୱାସ୍ଥ୍ୟ ଯତ୍ନ ଉପରେ ଗୁରୁତ୍ୱ ଦେଇଆସୁଛି।

## ଜୁନିୟର ଆଇକନ୍ ଆୱାର୍ଡସ୍

**ଭୁବନେଶ୍ୱର,୩।୯/ଏନ୍ଏନ୍ଏସ୍:** ଜୁନିୟର ଆଇକନ୍ ଆୱାର୍ଡସ୍ ୨୦୨୫ ଗୀତା ଗୋବିନ୍ଦ ସଦନରେ ସଫଳତାର ସହିତ ଆୟୋଜିତ ହୋଇଯାଇଛି। ଏଥିରେ ଓଡ଼ିଶାର ଭବିଷ୍ୟତ୍ ଗଢ଼ା – ଭାରତର ଯୁବ ଭବିଷ୍ୟତଙ୍କୁ ସମ୍ମାନ ଥିମ୍ରେ ଓଡ଼ିଶାର ଦୀପ୍ତିମାନ୍ କିଶୋର ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ପ୍ରତିଷ୍ଠିତ ସମାରୋହରେ ୫ରୁ ୧୭ ବର୍ଷ ବୟସ୍ର ପିଲାମାନଙ୍କୁ ସମ୍ମାନିତ କରାଯାଇଥିଲା, ଯେଉଁମାନେ କଳା, ସଂସ୍କୃତି, କ୍ରୀଡ଼ା, ମନୋରଞ୍ଜନ, ଅଥଲେଟିକ୍ସ ଓ ଶିକ୍ଷାରେ ଅସାଧାରଣ ପ୍ରତିଭା ଦେଖାଇଥିଲେ। ମୋଟ ୧୨ ଜଣ ବହୁ-ପ୍ରତିଭାଶାଳୀ କିଶୋର ଆଇକନ୍ମାନେ ତାଙ୍କର ପ୍ରତିଭା, ପରିଶ୍ରମ ଓ ପ୍ରେରଣାଦାୟୀ ଅବଦାନ ପାଇଁ ସମ୍ମାନିତ ହୋଇଥିଲେ। ଜୁନିୟର ଆଇକନ୍ ଆୱାର୍ଡସ୍ ୨୦୨୫ର ସମ୍ମାନିତ ବିଜେତାମାନେ ହେଲେ ଅର୍ଣ୍ଣବ ମିଶ୍ର (ସେଣ୍ଟ୍ ଜାଭିଅର ହାଇ ସ୍କୁଲ୍), ଦିଭ୍ୟାଂଶୀ କରଣ (ଦିଲ୍ଲୀ ପବ୍ଲିକ୍ ସ୍କୁଲ୍, କଳିଙ୍ଗ), ଆହାନ୍ ଆବେଦିନ୍ (ମାଦର୍ସ ପବ୍ଲିକ୍ ସ୍କୁଲ୍), ଅଭିସ୍ମିତା ଦାଶ (ମାଦର୍ସ ଇଂଲିଶ୍ ସ୍କୁଲ୍), ପ୍ରଦୀପ କୁମାର ପ୍ରଧାନ (ରାଜଧାନୀ କଲେଜ୍), ଦାସ୍ ଆଦ୍ୱିକ୍ (ଷ୍ଟୁଓ୍ୱାର୍ଟ ସ୍କୁଲ୍), ଅଶ୍ମିତା ମିଶ୍ର (ଭେଙ୍କଟେଶ୍ୱର ଇଂଲିଶ୍ ମିଡିଆମ୍ ସ୍କୁଲ୍), ଆଶୁତୋଷ ମିଶ୍ର (ଭେଙ୍କଟେଶ୍ୱର ଇଂଲିଶ୍ ମିଡିଆମ୍ ସ୍କୁଲ୍), ବିଶ୍ୱଦୀପନ ପଟି (ସେଣ୍ଟ୍ ଜାଭିଅର ସ୍କୁଲ୍), ଶୁଭ୍ରଜିତ ସୁନ୍ଦରାୟ (ସେଣ୍ଟ୍ ଜାଭିଅର ହାଇସ୍କୁଲ୍), ଶୁଭ୍ରା ସୌଭାଗିନୀ (ବକ୍ସି ଜଗବନ୍ଧୁ ଇଂଲିଶ୍ ମିଡିଅମ୍ ସ୍କୁଲ୍) ଓ ଆରୁଷି ଆଦ୍ୱିକା (ମାଦର୍ସ ପବ୍ଲିକ୍ ସ୍କୁଲ୍)। ସମାରୋହରେ ମୁଖ୍ୟ ଅତିଥି ଶ୍ରଦ୍ଧାଞ୍ଜଳି ଶୁଭଦର୍ଶିନୀ ଓ ବୁଦ୍ଧଦେବ ଉପସ୍ଥିତ ଥିଲେ। ସେଲିବ୍ରିଟି ଅତିଥି ଭାବେ ଅଭିଷେକ ମହାନ୍ତି, ରିତେଶ୍ ଆର୍ଜେ ଓ ଏ. ଅନ୍ଭି ଉପସ୍ଥିତ ରହି ପିଲାମାନଙ୍କୁ ପ୍ରେରଣାଦାୟୀ ଉପଦେଶ ଦେଇଥିଲେ।



## ଡ୍ରିମ୍ସରେ ବିଦ୍ୟାର୍ଥୀ ପରିଚୟ କାର୍ଯ୍ୟକ୍ରମ

**କଟକ,୩।୯/ଏନ୍ଏନ୍ଏସ୍:** ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ଅଧିନସ୍ଥ 'ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ' ଓ ସ୍କୁଲ ଅଫ୍ ପ୍ରଫେସନାଲ୍ ଷ୍ଟଡିଜ୍'ର ନବାଗତ ବିଦ୍ୟାର୍ଥୀଙ୍କ ପରିଚୟ କାର୍ଯ୍ୟକ୍ରମ ' ଆରମ୍ଭ-୨୦୨୫' ଅନୁଷ୍ଠିତ ହୋଇଛି। ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିବା ସହ କଠିନ ପରିଶ୍ରମ, ପିତାମାତା ଓ ଗୁରୁଜନଙ୍କ ଆଶୀର୍ବାଦ ରହିଲେ ଜୀବନରେ ଲକ୍ଷ୍ୟ ହାସଲ ସମ୍ଭବ ବୋଲି କହିବା ସହ ନବାଗତ ଚବିଦ୍ୟାର୍ଥୀ ଏବଂ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇଥିଲେ। କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ମ୍ୟାନେଜମେଣ୍ଟ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରି ଜଣେ ସଫଳ ପରିଚାଳକ ଭାବରେ ନିଜକୁ ଗଢିତୋଳିବାକୁ ଛାତ୍ରଛାତ୍ରୀଙ୍କୁ ଦିଗ୍ ଦର୍ଶନ ଦେଇଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା, ଆଇକ୍ୟୁଏସି ନିର୍ଦ୍ଦେଶକ ଡ. ଆଲୋକ ରଞ୍ଜନ ବିଶ୍ୱାଳ ଶୃଙ୍ଖଳା ଓ ନିଷ୍ଠାପର ସାଧନା ଦ୍ୱାରା ପିତାମାତାଙ୍କ ସ୍ୱପ୍ନ ସାକାର କରିବାକୁ ବିଦ୍ୟାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର 'ଡିନ୍' ଡ. ପ୍ରଣିତା ସାହୁ ଏବଂ ସ୍କୁଲ ଅଫ୍ ପ୍ରଫେସ୍ନାଲ ଷ୍ଟଡିଜ୍ର 'ଡିନ୍' ଡ. ବିଶ୍ୱରଞ୍ଜନ ଷଡଙ୍ଗୀ ବକ୍ତବ୍ୟ ପ୍ରଦାନ କରିବା ଅବସରରେ ଶିକ୍ଷାନୁଷ୍ଠାନର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ଡ. ସ୍ମିତା ଦାସ, ଡ. ଅଞ୍ଜନ କୁମାର ଜେନା, ଶିବଚରଣ ବାରିକ, ସବ୍ୟସାଚୀ ବାରିକ, ସୁକନ୍ୟା ନିଶିଗନ୍ଧା ବିଶ୍ୱାଳ, ଶୁଭ୍ରଜିତା ସ୍ୱାଇଁ, ଦୁର୍ଗା ପ୍ରସାଦ ନାୟକ, ସୌମ୍ୟରଞ୍ଜନ ପୃଷ୍ଟି, ସ୍ୱାଗତମ୍ ପରିଡ଼ା, ଅବିନାଶ ଆଚାର୍ଯ୍ୟ, ଜଗବନ୍ଧୁ ବେହେରା ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।




## ବାଲିଯାତ୍ରା ସ୍ମରଣିକା କମିଟି ବୈଠକ

**କଟକ,୩।୯/ଏନ୍ଏନ୍ଏସ୍:** ଚଳିତ ବର୍ଷର ଐତିହାସିକ କଟକ ବାଲିଯାତ୍ରା ଉତ୍ସବ ନଭେମ୍ବର ୫ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ଏହି ଅବସରରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଉତ୍କଳୀୟ କଳା, ସଂସ୍କୃତି, ସାହିତ୍ୟ, ନୌବାଣିଜ୍ୟ ପରମ୍ପରା, ବାଲିଯାତ୍ରାର ଐତିହାସିକ ପଟ୍ଟଭୂମି ଓ ଅବିଭକ୍ତ କଟକର ଗୌରବଗାଥା ସମ୍ବଳିତ ଗବେଷଣାତ୍ମକ ପ୍ରବନ୍ଧକୁ ନେଇ ଏକ ବର୍ଣ୍ଣିଳ ସ୍ମରଣିକା ପ୍ରକାଶିତ ହେବ। ଏଥିପାଇଁ ବାଲିଯାତ୍ରା ସ୍ମରଣିକା ସମ୍ପାଦନାମଣ୍ଡଳୀର ସଦସ୍ୟମାନଙ୍କୁ ନେଇ ସ୍ମରଣିକା କମିଟିର ଉପାଧ୍ୟକ୍ଷ ତଥା କଟକର ଅତିରିକ୍ତ ଜିଲ୍ଲାପାଳ ଶିବ ଟପ୍ପୋଙ୍କ ଅଧ୍ୟକ୍ଷତାରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦନାମଣ୍ଡଳୀର ସଦସ୍ୟ ପ୍ରଫେସର୍ ସହଦେବ ପାତ୍ର, ପ୍ରଫେସର୍ ବିଜୟାନନ୍ଦ ସିଂହ, ଡକ୍ଟର ସୁନାମଣି ରାଉତ, ବିଶ୍ୱେଶ୍ୱର ମହାନ୍ତି, ଶୁଭେନ୍ଦୁ କୁମାର ଭୂୟାଁ, ଡ. ଦ୍ୱୀପାୟନ ପଟ୍ଟନାୟକ, ଆବାହକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱାଗତିକା ବେହେରା, ଅଭିରାମ ଦାସ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଲେଖକ ଲେଖିକାମାନେ ଚଳିତ ମାସ ୨୦ ତାରିଖ ସୁଦ୍ଧା ଲେଖାଗୁଡ଼ିକ ଜିଲ୍ଲା ସଂସ୍କୃତି ଅଧିକାରୀ, କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପଠାଇବାକୁ ଅନୁରୋଧ କରାଯାଇଛି।



## ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବା ସହ ସଠିକ୍ ଆହାର ଆବଶ୍ୟକ

**ଭୁବନେଶ୍ୱର,୩।୯/ଏନ୍ଏନ୍ଏସ୍:** ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବା ସହ ସଠିକ୍ ଆହାର ଆବଶ୍ୟକ ବୋଲି ଆଜି ଏସ୍. ଅଲ୍ଲୀ ଖାନ୍ କହିଛନ୍ତି। ସେ କହିଥିଲେ ଯେ, ଏକ ସନ୍ତୁଳିତ ଆହାର ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ। ତେଣୁ ଖାଦ୍ୟରେ ବାଦାମ, ଫଳ ଓ ଖାଦ୍ୟଶସ୍ୟ ଭଳି ପୋଷଣରେ ସମୃଦ୍ଧ ଖାଦ୍ୟ ସହ ଆରମ୍ଭ କରିବା ଦ୍ୱାରା ତାହା ଶାରୀରିକ ଶକ୍ତି ଓ ସୁସ୍ଥତା ବୃଦ୍ଧି କରିଥାଏ। ପ୍ରତିଦିନ ବାଦାମ ଖାଇବା ଦ୍ୱାରା ତାହା ଓଜନ ପରିଚାଳନା କରିବା, ହୃଦୟ ସ୍ୱାସ୍ଥ୍ୟ ଭଲ ରଖିବା ଓ ରକ୍ତ ସର୍କରା ସ୍ତର ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ସେହିପରି ଜାତୀୟ ପୋଷଣ ମାସ ସମ୍ପର୍କରେ ମତ ଦେଇ ଆର୍. ସମାଦାର କହିଛନ୍ତି, ନିଜ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେବା ଓ ସଚେତନ ଖାଦ୍ୟ ବିକଳ୍ପ ବାଛିବା ପାଇଁ ଗୁରୁତ୍ୱ ଦେବା ଉଚିତ। ଆୟୁର୍ବେଦ ବିଶେଷଜ୍ଞ ମଧୁମିତା କ୍ରିଷ୍ଣନ କହିଛନ୍ତି, ଆୟୁର୍ବେଦରେ ବାଦାମ ଏକ ସାତ୍ୱିକ ଖାଦ୍ୟ ଭାବେ ବିବେଚନା କରାଯାଇଛି।

## ଡମଣା ଦୁର୍ଗାପୂଜା ମାଟି ଅନୁକୂଳ



**ଭୁବନେଶ୍ୱର,୩।୯/ଏନ୍ଏନ୍ଏସ୍:** ପବିତ୍ର ରାଧାଷ୍ଟମୀ ତିଥିରେ ଡମଣା ଗୋପୀନାଥ ଜିଉ ଦୁର୍ଗାପୂଜା କମିଟି ପକ୍ଷରୁ ସାର୍ବଜନୀନ ଦୁର୍ଗାପୂଜା ପାଇଁ କୁଆଖାଇ ନଦୀ ପଠାରୁ ମା'ଙ୍କ ମୃଣ୍ମୟ ମୂର୍ତ୍ତି ନିମନ୍ତେ ମାଟି ଅନୁକୂଳ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ କର୍ତ୍ତା ଭାବରେ ଡମଣା ସାର୍ବଜନୀନ ଦୁର୍ଗାପୂଜାର ପ୍ରତିଷ୍ଠାତା ତଥା ସଭାପତି ନିଶାକର ସାହୁ ମାଟି ଅନୁକୂଳ କରିଥିଲେ। ନଦୀ ପଠାରୁ ଯଥାବିଧି, ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇ ମୃତ୍ତିକା ଆନୟନ କରାଯାଇଥିଲା। ଏହା ପରେ ମା'ଙ୍କ ଆନୟନ ମୃତ୍ତିକାକୁ ଘଣ୍ଟ, କିର୍ତ୍ତନ, ଶଙ୍ଖ ଓ ହୁଳହୁଳି ହରିବୋଲ ଧ୍ୱନିରେ ଗ୍ରାମ ପରିକ୍ରମା କରାଯାଇ ମଣ୍ଡପରେ ସ୍ଥାନିତ କରାଯାଇଥିଲା। ଏହି ଉତ୍ସବରେ ଗ୍ରାମର ଯୁବକ, ପୁରୁଷ, ମହିଳା ମାନେ ବହୁ ସଂଖ୍ୟାରେ ଯୋଗଦେଇ ସହଯୋଗ କରିଥିଲେ।

## 'ସତ୍ୟର ସନ୍ଧାନ'ର ପଞ୍ଚମ ସ୍ୱନକ୍ଷତ୍ର ଉତ୍ସବ

**କଟକ,୩।୯/ଏନ୍ଏନ୍ଏସ୍:** କଟକ ଟାଉନ୍ ହଲ୍ଠାରେ ମାସିକ ସମ୍ବାଦପତ୍ର ସତ୍ୟର ସନ୍ଧାନର ପଞ୍ଚମ ସ୍ୱ-ନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସତ୍ୟର ସନ୍ଧାନ, ଟାଇମ୍ସ ନିୟୁଜ ଇଣ୍ଡିଆ ଓ ସଚ୍ଚ କି ଆଓ୍ୱାଜର ବରିଷ୍ଠ ମୁଖ୍ୟ-ଉପଦେଷ୍ଟା ରେଳ ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟ ଅଧ୍ୟକ୍ଷତା କରିଥିଲେ। ବିଜେପିର ବରିଷ୍ଠ ନେତା ଲଲାଟେନ୍ଦୁ ବଡୁ, ଡ଼ଃ ଦୀପକ କୁମାର ଗୁପ୍ତ, ସଫଦର ହାସୀମ, ବିଜେପି ନାରୀ ନେତ୍ରୀ ସ୍ମୃତି ପଟ୍ଟନାୟକ, ମାମାଲି ଦାସ, ଦେବକୀ ପୋଦ୍ଦାର, ପ୍ରାଧ୍ୟାପକ ଶେଖ କଲିମୁଲ୍ଲା, କୃଷ୍ଣ ଚନ୍ଦ୍ର ବରାଳ, ବିଶ୍ୱଜିତ ସୂର୍ଯ୍ୟବଂଶୀ, ସତ୍ୟବ୍ରତ ସାହୁ, ଆଲୋକ କୁମାର ସାହୁ ଓ ଅଧୀର କୁମାର ଜେନା ପ୍ରମୁଖ ସ୍ୱତନ୍ତ୍ର ଅତିଥି ରୂପେ ଯୋଗ ଦେଇଥିଲେ। ଯତୀନ ପ୍ରଧାନ, ସନ୍ଦୀପ୍ତ ବିଶ୍ୱାଳ ଓ ଅଶୋକ କୁମାର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସତ୍ୟର ସନ୍ଧାନର ମୁଖ୍ୟ ସମ୍ପାଦକ ମିର୍ଜା ରଜୁୟାନ ବେଗ୍ ଧନ୍ୟବାଦ୍ ଦେଇଥିଲେ।




## ବିଭିନ୍ନ କାର୍ଯ୍ୟାବଳୀ ଉପରେ ଓଡ଼ିଶା ଫାୟାର୍ ଓ ସେଫ୍ଟି ଆସୋସିଏସନ୍ର ଆଲୋଚନା

**ଭୁବନେଶ୍ୱର,୩।୯/ଏନ୍ଏନ୍ଏସ୍:** ହୋଟେଲ ମାରିଅନ୍ରେ ଓଡ଼ିଶା ଫାୟାର ସେଫ୍ଟି ଆସୋସିଏସନ୍ (ଓଏଫ୍ଏସ୍ଏ) ଦ୍ୱାରା ଏକ ସାମ୍ବିଦିକ ସମ୍ମିନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ସଦସ୍ୟମାନେ ଅଂଶ ଗ୍ରହଣ କରିଥିଲେ। ଏଥିରେ ଆସୋସିଏସନ୍ ପ୍ରତିଷ୍ଠା ହେବାଠାରୁ ଆଜି ପର୍ଯ୍ୟନ୍ତ ଘଟିଥିବା ସମସ୍ତ କାର୍ଯ୍ୟ, ଚାଲୁଥିବା ଲାଇସେନ୍ସିଂ ପ୍ରକ୍ରିୟା, ସଂଘ ପଞ୍ଜିକରଣ ପ୍ରକ୍ରିୟା ଏବଂ ସାମ୍ପ୍ରତିକ ଘଟଣାବଳୀ ବିଷୟରେ ସୂଚନା ପ୍ରଦାନ କରାଯାଇଥିଲା।

୨୦୧୮ ରେ ନିର୍ମିତ ଓଡ଼ିଶା ଫାୟାର ଓ ସେଫ୍ଟି ଆସୋସିଏସନ୍ର ବୈଠକକୁ ଉଦ୍ଘାଟନ କରି ଉପଦେଷ୍ଟା ଭାଗ୍ୟଧର ସୁବୁଦ୍ଧିରାୟ ଆସୋସିଏସନ୍ର ସଫଳତା ପାଇଁ ସମସ୍ତ ସଦସ୍ୟଙ୍କ ସହଯୋଗକୁ ପ୍ରଶଂସା କରିବା ସହିତ ଆସୋସିଏସନ୍ ବିରୋଧରେ କିଛି ସଦସ୍ୟଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଚକ୍ରାନ୍ତକୁ ଦୃଢ଼ ନିନ୍ଦା କରିଥିଲେ। ଆସୋସିଏସନ୍ର ସଭାପତି ମାନସ ବୈରିଶଲ୍ୟ ଓଡ଼ିଶାରେ ଅଗ୍ନିଶମ ପ୍ରକଳ୍ପ କ୍ଷେତ୍ରରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଆସୁଥିବା ବ୍ୟବସାୟୀ ବନ୍ଧୁମାନଙ୍କୁ ସରକାରୀ ମାନ୍ୟତା ଦେବା ଓ ଅଗ୍ନିକାଣ୍ଡରେ ଧନ ଓ ଜୀବନ ର ସୁରକ୍ଷା ପାଇଁ ଗୁଣାତ୍ମକ କାର୍ଯ୍ୟ କରିବା ପାଇଁ ଓଡ଼ିଶା ଅଗ୍ନି ଶମ ସେବା ଓ ଆପାତକାଳୀନ ବିଭାଗ ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀଙ୍କ ଉଦ୍ୟମକୁ ସ୍ୱାଗତ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଓଡ଼ିଶାର ସର୍ବାଧିକ ବ୍ୟବସାୟୀମାନଙ୍କୁ ଅନ୍ତର୍ଭୁକ୍ତ କରିବା ଉପଲକ୍ଷେ ସରକାରଙ୍କ ନିର୍ଦ୍ଧାରିତ ମାନଦଣ୍ଡକୁ କୋହଳ କରିବା ପାଇଁ ଆସୋସିଏସନ୍ର ସମ୍ପାଦକ ଚନ୍ଦ୍ରଶେଖର ସ୍ୱାଇଁ ସରକାରଙ୍କୁ ନିବେଦନ କରିଥିଲେ। ଅଗଷ୍ଟ ୨୯ରେ କିଛି ସଦସ୍ୟ ଏବଂ ଅଣ-ସଦସ୍ୟମାନଙ୍କୁ ଏକତ୍ର କରି ଏବଂ ଅସାମ୍ବିଧାନିକ ଭାବରେ ଏକ ସମାନ୍ତରାଳ ପରିଚାଳନା ସଂସ୍ଥା ଚୟନ କରି ସଂଘକୁ ଅପହରଣ କରିବାକୁ ଚେଷ୍ଟା କରୁଥିବା କିଛି ସଦସ୍ୟଙ୍କ ଉଦ୍ୟମକୁ ବିରୋଧ କରାଯାଇଥିଲା। ସଂଘର ବରିଷ୍ଠ ଓ ଅଭିଜ୍ଞ ସଦସ୍ୟ ଭାଗ୍ୟଧର ସବୁଦ୍ଧିରାୟ, ଶଶାଙ୍କ ଶେଖର ରଥ ଓ ବିଶ୍ୱଜିତ୍ ଜେନାଙ୍କ ନେତୃତ୍ୱରେ ଏକ ସମସ୍ୟା / ଅଭିଯୋଗ ନିରାକରଣ ସମିତି ଗଠନ କରାଯାଇ ଆପୋଷ ଆଲୋଚନା ମାଧ୍ୟମରେ ଆସୋସିଏସନ୍କୁ ସୁଦୃଢ଼ କରିବା ପାଇଁ ସଭାପତି ସମସ୍ତ ସଦସ୍ୟଙ୍କୁ ନିବେଦନ କରିଥିଲେ। ବୈଠକ ପରିଚାଳନାରେ ସହଯୋଗ କରିଥିଲେ ଉପସଭାପତି ପ୍ରୀତିଶ ଘୋଷ ମୌଳିକ, ଯୁଗ୍ମ ସମ୍ପାଦକ ତଥାଗତ ସାହୁ ଓ କୋଷାଧ୍ୟକ୍ଷ ଓ ଜଗଦୀଶ ଚନ। ଉପସ୍ଥିତ ସଦସ୍ୟବୃନ୍ଦ ଏକ ସ୍ୱରରେ ଆସୋସିଏସନ ର ଏକତା ଓ ଉନ୍ନତି ନିଜର ପ୍ରତିବଦ୍ଧତା ପ୍ରକଟ କରିଥିଲେ। ବରିଷ୍ଠ ସଦସ୍ୟ ଶ୍ରୀ ପ୍ରସନ୍ନ ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



## ଦୁର୍ଗାପୂଜା ପାଇଁ ପୁଲିସର ପ୍ରସ୍ତୁତି ବୈଠକ

**କଟକ,୩।୯/ଏନ୍ଏନ୍ଏସ୍:** ଶାରଦୀୟ ଦୁର୍ଗାପୂଜା ପାଇଁ କମିଶନରେଟ୍ ପୁଲିସର ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ସାରଳା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପୁଲିସ କମିଶନର୍ ଏସ୍. ଦେବଦତ୍ତ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାକୁ ମହାନଗର ପୂଜା କମିଟି ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ପରିଚାଳନା କରିଥିଲେ। ଆସନ୍ତା ୨୮ରୁ ଆରମ୍ଭ ହେବ ଶାରଦୀୟ ଦୁର୍ଗା ପୂଜା। ଭସାଣି ଉତ୍ସବ ଅକ୍ଟୋବର ୩ରେ ଅନୁଷ୍ଠିତ ହେବ। ଚଳିତ ଦଶହରାରେ ଡିଜେ ସାଉଣ୍ଡ ସିଷ୍ଟମ୍କୁ ଭସାଣିରେ ବ୍ୟବହାର କରିବାକୁ ଦିଆଯିବନି। ସେହିପରି ଲେଜର୍ ଲାଇଟ୍ କିମ୍ବା ଫାୟାର୍ ଗନ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି। ପାରମ୍ପରିକ ବାଦ୍ୟକୁ ଅଧିକ ପ୍ରାଧାନ୍ୟ ଦେବାକୁ ପୁଲିସ ପକ୍ଷରୁ ଆହ୍ୱାନ ଦିଆଯାଇଛି। ପୂଜା ମଣ୍ଡପ, ଭସାଣି ଶୋଭଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଲାଇସେନ୍ସ ପୁଲିସଠାରୁ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାରେ ମିଳିବ। ସବୁ ମଣ୍ଡପରେ ଅଗ୍ନି ନିରାପତ୍ତା ଉପକରଣ ରଖିବା ବାଧ୍ୟତାମୂଳକ। ଉନ୍ନତମାନର ବିଦ୍ୟୁତ ତାର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଅନୁମତି ଆଣି ରାତି ୧୨ଟା ପର୍ଯ୍ୟନ୍ତ ୩ ରାତି ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭସାଣି ଅନୁଷ୍ଠିତ ହେବ। ରାତି ୧୨ଟା ପରେ ମାଇକ ଓ ବ୍ୟାଣ୍ଡ୍ର ସାଉଣ୍ଡ ବନ୍ଦ କରି କେବଳ ପାରମ୍ପରିକ ବାଦ୍ୟରେ ଭସାଣି ଆଗକୁ ବଢ଼ିବ। ସଭାରେ ଅତିରିକ୍ତ ପୁଲିସ କମିଶନର ନରସିଂହ ଭୋଳ, ମେୟର ସୁବାସ ସିଂହ, ବିଧାୟକ ସୌଭିକ ବିଶ୍ୱାଳ, ବିଧାୟକ ପ୍ରକାଶ ସେଠୀ, ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ନାଥ ସାହୁ,ସମ୍ପାଦକ ଭିକାରୀ ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ ସାହୁ, ସମ୍ପାଦକ ପ୍ରଫୁଲ୍ଲ ସାହୁ, ସିଏମ୍ସି କମିଶନର୍ କିରଣଦୀପ କୌର ସହୋତା, ବରିଷ୍ଠ ବିଜେପି ନେତା ନୟନ ମହାନ୍ତି, ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ସିପିଆଇ ନେତା ଅମରେନ୍ଦୁ ମହାନ୍ତି ଓ ସିପିଏମ ନେତା ବଦ୍ରିନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତ-କୋରିଆ ସୁପର୍ -୪ ମ୍ୟାଚ୍ ଡ୍ର'

**ହକି ଏସିଆ କପ୍ ୨୦୨୫**

## ହାର୍ଦ୍ଦିକ ଓ ମନ୍‌ଦୀପ୍‌ଙ୍କ ୧-୧ ଗୋଲ୍



**ରାଜଗିରି,୩।୯/ଏଜେନ୍ସି:** ବିହାରର ରାଜଗିରି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ବୁଧବାର ଭାରତ ଓ ସାଉଥ୍ କୋରିଆ ମଧ୍ୟରେ ଖେଳାଯାଇଥିବା ଚଳିତ ହକି ଏସିଆ କପ୍‌ର ସୁପର୍-୪ ମ୍ୟାଚ୍ ଡ୍ର'ରେ ଶେଷ ହୋଇଛି। ମ୍ୟାଚ୍‌ରେ ଉଭୟ ଭାରତ ଓ କୋରିଆ ଦୁଇଟି ଲେଖାଏଁ ଗୋଲ୍ ସ୍କୋର୍ କରିଥିଲେ। ଭାରତ ପକ୍ଷରୁ ହାର୍ଦ୍ଦିକ ସିଂହ (୮ମ ମିନିଟ୍) ଏବଂ ମନ୍‌ଦୀପ୍ ସିଂହ (୫୨ତମ ମିନିଟ୍) ଗୋଲ୍ ଦେଇଥିବା ବେଳେ କୋରିଆ ପକ୍ଷରୁ ୟାଙ୍ଗ୍ ଜିହୁନ୍ (୧୨ଶ ମିନିଟ୍) ଏବଂ କିମ୍ ହେ୍ୟାନ୍‌ହୋଙ୍ଗ୍ (୧୪ଶ ମିନିଟ୍) ଗୋଲ୍ ଦୁଇଟି ସ୍କୋର୍ କରିଥିଲେ।

ବର୍ଷା କାରଣରୁ ନିର୍ଦ୍ଧାରିତ ସମୟଠାରୁ ପ୍ରାୟ ଏକ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିବା ମ୍ୟାଚ୍‌ର ୮ମ ମିନିଟ୍‌ରେ ସୁଖଜିତ ସିଂହଙ୍କଠାରୁ ପାଇଥିବା ପାସ୍‌ରୁ ହାର୍ଦ୍ଦିକ ସିଂହ ଫିଲ୍ଡ ଗୋଲ୍ କରି ଭାରତକୁ ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ। ତେବେ ୧୨ଶ ମିନିଟ୍‌ରେ ଜୁଗରାଜ ସିଂହଙ୍କ ତ୍ରୁଟି ଯୋଗୁଁ କୋରିଆକୁ ମିଳିଥିବା ପେନାଲ୍ଟି ଷ୍ଟ୍ରୋକ୍‌ରୁ ୟାଙ୍ଗ୍ ଜିହୁନ୍ ଗୋଲ୍ ଦେଇ ସ୍ଥିତି ୧-୧ କରିଥିଲେ। ଏହାର ଦୁଇ ମିନିଟ୍ ପରେ କିମ୍ ହେ୍ୟାନ୍‌ହୋଙ୍ଗ୍ ପେନାଲ୍ଟି କର୍ଣ୍ଣର୍‌କୁ ଗୋଲ୍‌ରେ ପରିବର୍ତ୍ତନ କରି ଟିମ୍‌କୁ ୨-୧ରେ ଆଗୁଆ କରିଥିଲେ। ଦ୍ୱିତୀୟ କ୍ୱାର୍ଟର୍‌ରେ ଭାରତ ଉନ୍ନତ ଆରମ୍ଭ କରିଥିଲା। ଟିମ୍ ମିଡ୍‌ଫିଲ୍ଡରେ ଅନେକ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ଏହାକୁ ଗୋଲ୍‌ରେ ପରିବର୍ତ୍ତନ କରିବାକୁ ସଫଳ ହୋଇନଥିଲା। ୨୧ ମିନିଟ୍‌ରେ ଭାରତୀୟ କ୍ୟାପ୍‌ଟେନ୍‌ଙ୍କୁ ଗ୍ରୀନ୍ କାର୍ଡ ମିଳିବାରୁ ସେ ଦୁଇ ମିନିଟ୍ ପାଇଁ ପଡ଼ିଆ ବାହାରକୁ ଚାଲିଯାଇଥିଲେ। ୪୧ତମ ମିନିଟ୍‌ରେ ମନ୍‌ଦୀପ୍ ଚମତ୍କାର ପାସ୍ ଦେଇ ଚମତ୍କାର ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ସୁଖଜିତ୍ ଏହାର ସଦୁପଯୋଗ କରିପାରି ନଥିଲେ। ଫଳରେ ପ୍ରଥମାର୍ଦ୍ଧରେ ସ୍ଥିତି ୨-୧ରେ କୋରିଆ ସପକ୍ଷରେ ରହିଥିଲା।

ତୃତୀୟ କ୍ୱାର୍ଟର୍‌ରେ କୌଣସି ଗୋଲ୍ ହୋଇନଥିଲା। ଭାରତ ଆଟାକିଂ ଗେମ୍ ଖେଳି ବହୁବାର କୋରିଆ ଗୋଲ୍‌ପୋଷ୍ଟର ନିକଟତର ହୋଇଥିଲେ ମଧ୍ୟ ଗୋଲ୍ କରିବାରେ ବିଫଳ ହୋଇଥିଲା। କ୍ୱାର୍ଟର୍ ଅନ୍ତିମ ମିନିଟ୍‌ରେ ଭାରତକୁ ପେନାଲ୍ଟି କର୍ଣ୍ଣର୍ ମିଳିଥିଲେ ମଧ୍ୟ ହରମନପ୍ରୀତ୍ ଏହାକୁ ଗୋଲ୍‌ରେ ପରିବର୍ତ୍ତିତ କରିପାରି ନଥିଲେ। ଚତୁର୍ଥ କ୍ୱାର୍ଟର୍‌ର ୮ମ ମିନିଟ୍‌ରେ ସୁଖଜିତ କୋରିଆ ସର୍କଲ୍‌ରେ ମନ୍‌ଦୀପ୍‌ଙ୍କୁ ପାସ୍ ଦେଇଥିଲେ। ମନ୍‌ଦୀପ୍ ଏହାକୁ ଗୋଲ୍‌ରେ ପରିବର୍ତ୍ତନ କରି ମ୍ୟାଚ୍‌ର ୫୨ତମ ମିନିଟ୍‌ରେ ସ୍କୋର୍ ୨-୨ କରିଥିଲେ। ଏହି ସ୍କୋର୍ ଲାଇନ୍‌ରେ ମ୍ୟାଚ୍ ସମାପ୍ତ ହୋଇଥିଲା ଏବଂ ଉଭୟ ଟିମ୍‌କୁ ସୁପର୍-୪ରେ ୧-୧ ପଏଣ୍ଟ ମିଳିଥିଲା।

ଭାରତର ପରବର୍ତ୍ତୀ ମ୍ୟାଚ୍ ଆସନ୍ତାକାଲି (ଗୁରୁବାର) ମାଲେସିଆ ସହିତ ହେବ। ସେହିପରି ସାଉଥ୍ କୋରିଆ ଚୀନ୍‌କୁ ଭେଟିବ। ମାଲେସିଆ ସୁପର-୪ରେ ଚୀନ୍‌କୁ ହରାଇ ନିଜର ପ୍ରଥମ ସୁପର୍-୪ ମ୍ୟାଚ୍‌ରେ ବିଜୟୀ ହୋଇଛି।

**ଦିନିକିଆ ର୍‍ୟାଙ୍କିଙ୍ଗ୍: ବୋଲିଂ ଶୀର୍ଷରେ ବୁମ୍‌ରା ସ୍ଥିର**

# ସିକନ୍ଦର ରଜା ନମ୍ବର-୧ ଅଲ୍‌ରାଉଣ୍ଡର୍



**ଦୁବାଇ,୩।୯/ଏଜେନ୍ସି:** ଜିମ୍ବାୱେ ଅଲ୍‌ରାଉଣ୍ଡର୍ ସିକନ୍ଦର ରଜା ନମ୍ବର-୧ ଦିନିକିଆ ଅଲ୍‌ରାଉଣ୍ଡର୍ ହୋଇଛନ୍ତି। ବୁଧବାର ଜାରୀ ଆଇସିସି ର୍‍ୟାଙ୍କିଙ୍ଗ୍‌ରେ ରଜା ଆଫଗାନ୍ ଅଲ୍‌ରାଉଣ୍ଡର୍ ଅଜମତୁଲ୍ଲାହ ଉମରଜଇଙ୍କୁ ପଛରେ ପକାଇ ଦେଇଛନ୍ତି। ରଜା କ୍ୟାରିୟର୍‌ର ସର୍ବଶ୍ରେଷ୍ଠ ୩୦୨ ରେଟିଂ ପଏଣ୍ଟ ହାସଲ କରିଛନ୍ତି। ଟିମ୍ ର୍‍ୟାଙ୍କିଙ୍ଗ୍‌ରେ ଭାରତ ଦିନିକିଆ ଏବଂ ଟି-୨୦ରେ ଶୀର୍ଷ ସ୍ଥାନରେ ରହିଛି। ସେହିପରି ଟେଷ୍ଟରେ ଅଷ୍ଟ୍ରେଲିଆ ପ୍ରଥମ ସ୍ଥାନରେ ରହିଛି। ବ୍ୟାଟ୍ସମ୍ୟାନ୍‌ଙ୍କ ଟେଷ୍ଟ, ଦିନିକିଆ ଏବଂ ଟି-୨୦ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷ-୧୦ରେ କୌଣସି ପରିବର୍ତ୍ତନ ହୋଇନାହିଁ। ତେବେ ବୋଲର୍‌ଙ୍କ ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ନ୍ୟୁଜିଲାଣ୍ଡର ମ୍ୟାଟ୍ ହେନ୍‌ରୀ ନମ୍ବର-୩ରେ ପହଞ୍ଚିଛନ୍ତି। ଅନ୍ୟପକ୍ଷରେ ଜସ୍‌ପ୍ରୀତ୍ ବୁମ୍‌ରା ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଟି-୨୦ ବୋଲର୍ ର୍‍ୟାଙ୍କିଙ୍ଗ୍‌ରେ କୌଣସି ପରିବର୍ତ୍ତନ ହୋଇନାହିଁ। ଅଲ୍‌ରାଉଣ୍ଡର୍‌ଙ୍କ ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ରବୀନ୍ଦ୍ର ଜାଡ଼େଜା ଏବଂ ଟି-୨୦ରେ ହାର୍ଦ୍ଦିକ ପାଣ୍ଡ୍ୟା ଶୀର୍ଷରେ ରହିଛନ୍ତି।

ରଜା ଆଫଗାନିସ୍ତାନର ଅଲ୍‌ରାଉଣ୍ଡର୍ ନବୀ (୨୯୨ ପଏଣ୍ଟ) ଏବଂ ଅଜମତୁଲ୍ଲାହ ଉମରଜଇ (୨୯୬ ପଏଣ୍ଟ)କୁ ପଛରେ ପକାଇ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଉମରଜଇ ଦ୍ୱିତୀୟ ଏବଂ ନବୀ ତୃତୀୟ ସ୍ଥାନକୁ ଖସିଆସିଛନ୍ତି। ରଜା ନିକଟରେ ଶ୍ରୀଲଙ୍କା ବିପକ୍ଷ ଦୁଇ ମ୍ୟାଚ୍‌ର ଦିନିକିଆ ସିରିଜ୍‌ରେ ୯୨ ଏବଂ ଅପରାଜିତ ୫୯ ରନ୍‌ର ଇନିଂସ୍ ଖେଳିଥିଲେ। ଏହି ଅବସରରେ ସେ ଗୋଟିଏ ୱିକେଟ୍ ମଧ୍ୟ ହାସଲ କରିଥିଲେ। ୩୯ ବର୍ଷୀୟ ରଜା ବ୍ୟାଟିଂ ର୍‍ୟାଙ୍କିଙ୍ଗ୍‌ରେ ମଧ୍ୟ ୯ ସ୍ଥାନ ଉପରକୁ ଉଠି ୨୨ତମ ସ୍ଥାନରେ ପହଞ୍ଚିଛନ୍ତି।

ଦିନିକିଆ ବ୍ୟାଟିଂ ର୍‍ୟାଙ୍କିଙ୍ଗ୍‌ରେ ଭାରତର ଶୁଭମନ ଗିଲ୍ ୭୮୪ ରେଟିଂ ପଏଣ୍ଟ ସହ ଶୀର୍ଷରେ ସ୍ଥିର ଅଛନ୍ତି। ଅନ୍ୟପକ୍ଷରେ ସାଉଥ୍ ଆଫ୍ରିକା ସ୍ପିନର୍ କେଶବ ମହାରାଜ ବୋଲିଂ ର୍‍ୟାଙ୍କିଙ୍ଗ୍ ଶୀର୍ଷରେ ରହିଛନ୍ତି। ଇଂଲଣ୍ଡ ବିପକ୍ଷ ପ୍ରଥମ ଦିନିକିଆରେ ୪ ୱିକେଟ୍ ନେବା ପରେ ତାଙ୍କ ରେଟିଂ ପଏଣ୍ଟ ବୃଦ୍ଧି ପାଇ ୬୯୦ ହୋଇଛି।

ଟି-୨୦ ଅଲ୍‌ରାଉଣ୍ଡର୍ ର୍‍ୟାଙ୍କିଙ୍ଗ୍‌ରେ ମହମ୍ମଦ ନବୀ ୨୩୧ ରେଟିଂ ପଏଣ୍ଟ ସହ ହାର୍ଦ୍ଦିକ ପାଣ୍ଡ୍ୟା (୨୫୨)ଙ୍କ ପରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଆଫଗାନିସ୍ତାନର ଇବ୍ରାହିମ୍ ଜାଦରାନ୍ ୧୨ ସ୍ଥାନ ଉପରକୁ ଉଠି ବ୍ୟାଟିଂ ର୍‍ୟାଙ୍କିଙ୍ଗ୍‌ର ୨୦ତମ ସ୍ଥାନରେ ପହଞ୍ଚିଛନ୍ତି। ପାକିସ୍ତାନର ସୁଫିୟାନ୍ ମୁକିମ୍ ଟି-୨୦ ବୋଲିଂ ର୍‍ୟାଙ୍କିଙ୍ଗ୍‌ରେ ୧୧ ସ୍ଥାନର ସୁଧାର ସହ ୨୨ତମ ସ୍ଥାନରେ ପହଞ୍ଚିଛନ୍ତି।

# ଇଂଲଣ୍ଡରେ ଫିଟ୍‌ନେସ୍ ଟେଷ୍ଟ ପାସ୍‌କଲେ କୋହଲି

## ଭାରତ ବାହାରେ ଟେଷ୍ଟକୁ ନେଇ ଉଠିଲା ପ୍ରଶ୍ନ



**ମୁମ୍ବାଇ,୩।୯/ଏଜେନ୍ସି:** ବିରାଟ କୋହଲି ଇଂଲଣ୍ଡରେ ବିସିସିଆଇ ଅଧିକାରୀଙ୍କ ପର୍ଯ୍ୟବେକ୍ଷଣରେ ଫିଟ୍‌ନେସ୍ ଟେଷ୍ଟ ପାସ୍ କରିଛନ୍ତି। ପରିବାର ସହ ଏବେ ଇଂଲଣ୍ଡରେ ରହି ପ୍ରାକ୍ଟିସ୍ କରୁଥିବା କୋହଲି ଲଣ୍ଡନରେ ଫିଟ୍‌ନେସ୍ ଟେଷ୍ଟ ଦେବାପାଇଁ ବିସିସିଆଇର ଅନୁମତି ଲୋଡ଼ିଥିଲେ। ଏହି ଟେଷ୍ଟ ବିସିସିଆଇ ଫିଜିଓଥେରାପିଷ୍ଟ ଏବଂ ଷ୍ଟ୍ରେଙ୍ଗ୍‌ଥ ଆଣ୍ଡ୍ କଣ୍ଡିସନିଂ କୋଚ୍‌ଙ୍କ ତତ୍ତ୍ୱାବଧାନରେ ହୋଇଛି। କୋହଲିଙ୍କ ପୂର୍ବରୁ ରୋହିତ ଶର୍ମା ବେଙ୍ଗାଲୁରୁର ସେଣ୍ଟର୍ ଅଫ୍ ଏକ୍ସେଲେନ୍ସରେ ଫିଟ୍‌ନେସ୍ ଟେଷ୍ଟ ପାସ୍ କରିଥିଲେ। କୋହଲି ପ୍ରଥମ କ୍ରିକେଟର୍, ଯାହାଙ୍କ ଫିଟ୍‌ନେସ୍ ଟେଷ୍ଟ ଭାରତ ବାହାରେ ହୋଇଛି।

ତେବେ କୋହଲି ବେଙ୍ଗାଲୁରୁ ପରିବର୍ତ୍ତେ ଲଣ୍ଡନରେ ଫିଟ୍‌ନେସ୍ ଟେଷ୍ଟ ଦେବାକୁ ନେଇ ପ୍ରଶ୍ନ ଉଠିଛି। ଭାରତୀୟ ଟିମ୍‌ର ଅନ୍ୟ ଖେଳାଳିମାନେ ଅଗଷ୍ଟ ୨୯ ତାରିଖରେ ବିସିସିଆଇର ସେଣ୍ଟର୍ ଅଫ୍ ଏକ୍ସେଲେନ୍ସରେ ନିଜ ନିଜର ଫିଟ୍‌ନେସ୍ ଟେଷ୍ଟ ଦେବାକୁ ଉପସ୍ଥିତ ଥିଲେ। ଏଠାରେ ଆୟୋଜିତ ପ୍ରି-ସିଜନ୍ ଫିଟ୍‌ନେସ୍ ଟେଷ୍ଟରେ ଭାରତର ଏସିଆ କପ୍ ଖେଳାଳି ଭାଗ ନେଇଥିଲେ। ଭାଇସ୍ କ୍ୟାପ୍‌ଟେନ୍ ଶୁଭମନ ଗିଲ୍, ଜସ୍‌ପ୍ରୀତ୍ ବୁମ୍‌ରା, ମହମ୍ମଦ ସିରାଜ୍, ଯଶସ୍ୱୀ ଜୟସ୍ୱାଲ୍, ୱାଶିଂଟନ୍ ସୁନ୍ଦର ଏବଂ ଶାର୍ଦ୍ଦୁଳ ଠାକୁର ଇତିମଧ୍ୟରେ ଫିଟ୍‌ନେସ୍ ଟେଷ୍ଟ ପାସ୍ କରିଛନ୍ତି।

**ମହିଳା ଦିନିକିଆ ବିଶ୍ୱକପ୍**

# ୧୫ ଜଣିଆ ସାଉଥ୍ ଆଫ୍ରିକା ଟିମ୍ ଘୋଷିତ



**ଜୋହାନ୍ସବର୍ଗ,୩।୯/ଏଜେନ୍ସି:** ସେପ୍ଟେମ୍ବର ୩୦ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଭାରତ ଏବଂ ଶ୍ରୀଲଙ୍କାରେ ହେବାକୁ ଥିବା ଆଗାମୀ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ପାଇଁ ସାଉଥ୍ ଆଫ୍ରିକାର ୧୫ ଜଣିଆ ଟିମ୍ ଘୋଷଣା ହୋଇଛି। ଲୌରା ୱୋଲ୍‌ଭାର୍ଡଟ୍‌ଙ୍କ ନେତୃତ୍ୱାଧୀନ ଟିମ୍‌ରେ ଅନୁଭବୀ କ୍ଲୋଏ ଟ୍ରାଓନ୍, ମାରିଜାନେ କାପ୍, ଆୟାବୋଙ୍ଗା ଖାକା ଏବଂ ସୁନେ ଲୁସ୍‌ଙ୍କୁ ମଧ୍ୟ ସାମିଲ କରାଯାଇଛି। ଏହା ବ୍ୟତୀତ ବିସ୍ଫୋରକ ବ୍ୟାଟର୍ ତାଜ୍‌ମିନ୍ ବ୍ରିଟ୍ସଙ୍କ ସହିତ ଅଲ୍‌ରାଉଣ୍ଡର୍ ନାଦିନେ ଡି କ୍ଲର୍କ, ଅନିକେ ବୋଶ୍, ଆନେରି ଡର୍କସେନ୍ ଏବଂ ନୋନ୍ଦୁମିସୋ ଶାଙ୍ଗାସେ ମଧ୍ୟ ଟିମ୍‌ର ସଦସ୍ୟ ଅଛନ୍ତି। ବୋଲିଂ ବିଭାଗରେ ବାମହାତୀ ସ୍ପିନର୍ ନୋନ୍‌କୁଲୁଲେକୋ ମଲାବାଙ୍କ ସହିତ ସିମର୍ ମାସାବାତା କ୍ଲାସ୍ ଓ ତୁମି ସେଖୁଖୁନେ ରହିଛନ୍ତି। ଇତିମଧ୍ୟରେ ଯୁବ ଅଲ୍‌ରାଉଣ୍ଡର୍ ମିଆନେ ସ୍ମିଟ୍‌ଙ୍କୁ ଟ୍ରାଭେଲିଂ ରିଜର୍ଭ ଭାବେ ରଖାଯାଇଛି।

ସାଉଥ୍ ଆଫ୍ରିକା ଅକ୍ଟୋବର ୩ରେ ଇଂଲଣ୍ଡ ବିପକ୍ଷରେ ଅଭିଯାନ ଆରମ୍ଭ କରିବ। ଏହା ସହିତ ଅଷ୍ଟ୍ରେଲିଆ ବିପକ୍ଷରେ ଅନ୍ତିମ ଲିଗ୍ ମ୍ୟାଚ୍ ଅକ୍ଟୋବର ୨୫ରେ ଖେଳିବ। ବିଶ୍ୱକପ୍ ପୂର୍ବରୁ ପ୍ରସ୍ତୁତି ସ୍ୱରୂପ ଟିମ୍ ପାକିସ୍ତାନ ବିପକ୍ଷରେ ୩ଟି ଦିନିକିଆ ମ୍ୟାଚ୍ ମ୍ୟାଚ୍ ଖେଳିବ। ଏହି ସିରିଜ୍ ସେପ୍ଟେମ୍ବର ୧୬ରୁ ଲାହୋରରେ ଆରମ୍ଭ ହେବ।

**ସାଉଥ୍ ଆଫ୍ରିକା ଟିମ୍:** ଲୌରା ୱୋଲ୍‌ଭାର୍ଡଟ୍ (କ୍ୟାପ୍‌ଟେନ୍), ଅମିକେ ବୋଶ୍, ତାଜ୍‌ମିନ୍ ବ୍ରିଟ୍ସ, ନାଦିନେ ଡି କ୍ଲର୍କ, ଆନେରି ଡର୍କସେନ୍, ସିନାଲୋ ଜାଫ୍‌ତା, ମାରିଜାନ କାପ୍, ଆୟାବୋଙ୍ଗା ଖାକା, ମାସାବାତା କ୍ଲାସ୍, ସୁନେ ଲୁସ୍, କାରାବୋ ମେସୋ, ନୋନ୍‌କୁଲୁଲେକୋ ମଲାବା, ତୁମି ସେଖୁଖୁନେ, ନୋନ୍ଦୁମିସୋ ଶଙ୍ଗାସେ, କ୍ଲୋଏ ଟ୍ରାଓନ୍।

**ଆଇଓଏରେ ସହମତି**

# ଅନୁଦାନ ଉପରୁ ରୋକ୍ ହଟାଇଲା ଆଇଓସି

**ନୂଆଦିଲ୍ଲୀ,୩।୯/ଏଜେନ୍ସି:** ଭାରତୀୟ ଅଲିମ୍ପିକ୍ ସଂଘ (ଆଇଓଏ)ର ଆଭ୍ୟନ୍ତରୀଣ ବିବାଦ ଏବଂ ପ୍ରଶାସନିକ ସମସ୍ୟା ଦୂର ହେବାପରେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ବଡ଼ ନିଷ୍ପତ୍ତି ନେଇଛି। ଆଇଓସି ଅଲିମ୍ପିକ୍ ସଲିଡାରିଟି କାର୍ଯ୍ୟକ୍ରମ ଅଧୀନରେ ଆଇଓଏକୁ ପ୍ରଦାନ କରାଯିବାକୁ ଥିବା ବିତ୍ତ ପୋଷଣ ପୁଣିଥରେ ଆରମ୍ଭ କରିବାକୁ ଘୋଷଣା କରିଛି। ଗତବର୍ଷ ଏହି ଅନୁଦାନ ରୋକିଦିଆଯାଇଥିଲା। ଆଇଓଏରେ ସିଇଓ ରଘୁରାମ ଆୟର୍‌ଙ୍କ ନିଯୁକ୍ତି ନେଇ ଟଣା ଓଟରା ଲାଗି ରହିଥିଲା। କିନ୍ତୁ ଖେଳ ମନ୍ତ୍ରୀ ମନସୁଖ ମାଣ୍ଡଭିୟାଙ୍କ ହସ୍ତକ୍ଷେପ ପରେ ସଭାପତି ପିଟି ଉଷା ଏବଂ କାର୍ଯ୍ୟକାରୀ ପରିଷଦର ଅସନ୍ତୁଷ୍ଟ ସଦସ୍ୟଙ୍କ ମଧ୍ୟରେ ବୁଝାମଣା ହୋଇଛି। ଏହାପରେ ଜୁଲାଇ ୨୪ରେ ଆୟରଙ୍କ ନିଯୁକ୍ତିକୁ ଔପଚାରିକ ମଞ୍ଜୁରୀ ପ୍ରଦାନ କରାଯାଇଥିଲା। ଏହା ସହିତ ଅଗଷ୍ଟ ୧୩ରେ ପଡ଼ିରହିଥିବା ରିପୋର୍ଟ ଏବଂ ଆର୍ଥିକ ଅଡିଟ୍ ମଧ୍ୟ ପାସ୍ ହୋଇଛି।

ଆଇଓସି ନିର୍ଦ୍ଦେଶକ ଜେମ୍ସ ମାକ୍‌ଲିୟୋଡ୍ ପିଟି ଉଷାଙ୍କୁ ଲେଖିଥିବା ପତ୍ରରେ କହିଛନ୍ତି, ନିକଟରେ ଆଇଓଏ ଯେଉଁ ସୁଧାରତ୍ମକ ପଦକ୍ଷେପ ଉଠାଇଛି, ସେଥିରୁ ପାରଦର୍ଶିତା ଓ ଏକତାର ପରିବେଶ ସୃଷ୍ଟି ହୋଇଛି। ଏହି ଆଧାରରେ ଆଇଓସି ଭାରତ ପାଇଁ ଅନୁଦାନ ପୁନଃସ୍ଥାପିତ କରିବାକୁ ନିଷ୍ପତ୍ତି ନେଇଛି। ଏହା ସହିତ ଭାରତର ପ୍ରସ୍ତାବିତ ଖେଳ ପ୍ରଶାସନ ଅଧିନିୟମ ଖେଳ ସଂଗଠନଗୁଡ଼ିକରେ ସୁଧାରକୁ ଆହୁରି ଶକ୍ତିଶାଳୀ କରିବା ସହିତ ଅଲିମ୍ପିକ୍ ଚାର୍ଟର୍‌ଙ୍କୁ ଆଗେଇ ନେବ ବୋଲି ମାକ୍‌ଲିୟୋଡ୍ ଆଶାବ୍ୟକ୍ତ କରିଛନ୍ତି।

ଆଇଓସିର ଏହି ପଦକ୍ଷେପ କେବଳ ଆଇଓଏ ପାଇଁ ଆଶ୍ୱସ୍ତିର ବିଷୟ ନୁହେଁ, ବରଂ ଗତ ଏକବର୍ଷ ଧରି ଯେଉଁ ଖେଳାଳିଙ୍କ ବିକାଶ କାର୍ଯ୍ୟକ୍ରମ ଉପରେ ରୋକ୍ ଲାଗିଥିଲା ସେମାନଙ୍କ ପାଇଁ ଉତ୍ସାହଜନକ। ଏବେ ଅନୁଦାନ ପୁନଃସ୍ଥାପିତ ହେବାପରେ ପ୍ରଶିକ୍ଷଣ ଏବଂ ସଂସାଧନର ଉପଲବ୍ଧତା ଉନ୍ନତ ହେବ।

# ପାକିସ୍ତାନକୁ ୧୮ ରନ୍‌ରେ ହରାଇଲା ଆଫଗାନିସ୍ତାନ

**ତ୍ରିକୋଣୀୟ ସିରିଜ୍**

**ଶାରଜାହ,୩।୯/ଏଜେନ୍ସି:** ଏଠାରେ ଖେଳାଯାଇଥିବା ତ୍ରିକୋଣୀୟ ସିରିଜ୍ ଟି-୨୦ ମ୍ୟାଚ୍‌ରେ ଆଫଗାନିସ୍ତାନ ୧୮ ରନ୍‌ରେ ପାକିସ୍ତାନକୁ ହରାଇ ଦେଇଛି। ଟିମ୍‌ର ବିଜୟରେ ବ୍ୟାଟ୍ସମ୍ୟାନ୍ ଇବ୍ରାହିମ୍ ଜାଦରାନ୍ ଏବଂ ସିଦିକୁଲ୍ଲାହ ଅଟଳଙ୍କ ୧୧୩ ରନ୍‌ର ପାର୍ଟନରଶିପ୍ ଏବଂ ସ୍ପିନ୍ ବୋଲର୍‌ଙ୍କ ଘାତକ ବୋଲି ପ୍ରମୁଖ ଭୂମିକା ତୁଲାଇଛି। ଆଫଗାନିସ୍ତାନ ପ୍ରଥମେ ୫ ୱିକେଟ୍‌ରେ ୧୬୯ ରନ୍ କରିଥିଲା। ଜବାବରେ ପାକିସ୍ତାନ ୯ ୱିକେଟ୍ ବିନିମୟରେ ୧୫୧ ରନ୍ କରିବାକୁ ସମର୍ଥ ହୋଇଥିଲା।


ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆଫଗାନିସ୍ତାନ ୪ ଓଭର୍ ମଧ୍ୟରେ ୧୮ ରନ୍ କରି ରହମାନୁଲ୍ଲାହ ଗୁରବାଜଙ୍କ ୱିକେଟ୍ ହରାଇଥିଲା। ଏହାପରେ ଜାଦରାନ୍ (୬୫) ଏବଂ ଅଟଳ (୬୪) ଇନିଂସ୍ ସମ୍ଭାଳିଥିଲେ ୧୧୩ ରନ୍‌ର ପାର୍ଟନରଶିପ୍ କରିଥିଲେ। ଏହା ଟି-୨୦ରେ ଟିମ୍‌ର ଦ୍ୱିତୀୟ ୱିକେଟ୍ ପାଇଁ ଦ୍ୱିତୀୟ ସର୍ବାଧିକ ପାର୍ଟନରଶିପ୍। ତେବେ ଏହି ଦୁହିଁଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ୍ ଦୁଇଅଙ୍କ ମଧ୍ୟ ଛୁଇଁପାରି ନଥିଲେ। ପାକିସ୍ତାନ ପକ୍ଷରୁ ଫହିମ୍ ଅଶରଫ୍ ୪ଟି ୱିକେଟ୍ ନେଇଥିଲେ।

୧୭୦ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ପାକିସ୍ତାନ ପକ୍ଷରୁ ହାରିସ୍ ରଉଫ୍ ୧୬ ବଲ୍‌ରେ ସର୍ବାଧିକ ଅପରାଜିତ ୩୪ ରନ୍, ଫଖର ଜମାନ୍ ୨୩ ରନ୍ କରିଥିଲେ। ସଇମ୍ ଅୟୁବ୍‌ଙ୍କୁ ପ୍ୟାଭିଲିୟନ୍ ଫେରିଥିଲେ। ଆଫଗାନୀସ୍ଥାନ୍ ପକ୍ଷରୁ ମହମ୍ମଦ ନବୀ, ରସିଦ୍ ଖାନ୍ ଓ ନୁର୍ ଅହମ୍ମଦ ୨ଟି ଲେଖାଏ ୱିକେଟ୍ ନେଇଥିଲେ।

# ଚତୁର୍ଦ୍ଦଶ ଥର ସେମିଫାଇନାଲ୍‌ରେ ଜୋକୋଭିଚ୍

**ୟୁଏସ୍ ଓପନ୍**

## ଜିମି କନର୍ସଙ୍କ ରେକର୍ଡ ସମକକ୍ଷ



**ନ୍ୟୁୟର୍କ,୩।୯/ଏଜେନ୍ସି:** ସର୍ବିୟାର ଷ୍ଟାର୍ ଟେନିସ୍ ଖେଳାଳି ନୋଭାକ୍ ଜୋକୋଭିଚ୍ ଚଳିତ ୟୁଏସ୍ ଓପନ୍‌ର ସେମିଫାଇନାଲ୍‌ରେ ପହଞ୍ଚିଛନ୍ତି। ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର୍ ଫାଇନାଲ୍‌ରେ ସେ ଗତ ବର୍ଷର ରନର୍‌ଅପ୍ ଆମେରିକାର ଟେଲର୍ ଫ୍ରିଟ୍‌ଜଙ୍କୁ ୬-୩, ୭-୫, ୩-୬, ୬-୪ ସେଟ୍‌ରେ ହରାଇଛନ୍ତି। ଦୁଇବର୍ଷ ତଳେ ଫ୍ଲସିଂ ମିଡୋଜ୍‌ରେ ଟାଇଟଲ୍ ଜିତିଥିବା ଜୋକୋଭିଚ୍‌ଙ୍କ ଏହା ଚତୁର୍ଦ୍ଦଶ ୟୁଏସ୍ ଓପନ୍ ସେମିଫାଇନାଲ୍। ଏହି ବିଜୟ ସହିତ ସେ ଜିମି କନର୍ସଙ୍କ ସର୍ବାଧିକ ୧୪ ଥର ୟୁଏସ୍ ଓପନ୍ ସେମିଫାଇନାଲ୍‌ରେ ପ୍ରବେଶ କରିବା ରେକର୍ଡ ସମକକ୍ଷ ହୋଇଛନ୍ତି। ସେମିଫାଇନାଲ୍‌ରେ ସେ ସ୍ପେନ୍‌ର କାର୍ଲୋସ୍ ଅଲ୍‌କାରାଜ୍‌ଙ୍କୁ ଭେଟିବେ।

ଜୋକୋଭିଚ୍‌ଙ୍କ ଏହା ମୋଟ ୫୩ତମ ଗ୍ରାଣ୍ଡସ୍ଲାମ୍ ସେମିଫାଇନାଲ୍। ଏହା ସହିତ ଫ୍ରିଟ୍‌ଜଙ୍କ ବିପକ୍ଷରେ ତାଙ୍କ ବିଜୟ ରେକର୍ଡ ଏବେ ୧୧-୦ ହୋଇଛି। ମ୍ୟାଚ୍ ଅବସରରେ ଦର୍ଶକଙ୍କ ହୋହଲ୍ଲାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ ମଧ୍ୟ ଜୋକୋଭିଚ୍ ନିଜ ଲୟ ବଜାୟ ରଖିଥିଲେ। ବିଜୟ ପରେ ଜୋକୋଭିଚ୍ କନ୍ୟା ତାରାଙ୍କ ଅଷ୍ଟମ ଜନ୍ମଦିନ ଅବସରରେ ଖାସ୍ ଅନ୍ଦାଜରେ ଡ୍ୟାନ୍ସ କରିଥିଲେ।

ଅନ୍ୟ ଏକ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରେ ଅଲ୍‌କାରାଜ୍ ଚେକ୍ ଗଣରାଜ୍ୟର ଜିରି ଲେହେକାଙ୍କୁ ସିଧା ସେଟ୍‌ରେ ହରାଇ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଲେହେକାଙ୍କୁ ସେ ୬-୪, ୬-୨, ୬-୪ରେ ମାତ୍ ଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ ଅଲ୍‌କାରାଜ୍ ଏ ପର୍ଯ୍ୟନ୍ତ କୌଣସି ସେଟ୍ ହାରି ନାହାନ୍ତି।

ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସ କ୍ୱାର୍ଟ୍ର ଫାଇନାଲ୍‌ରେ ମାର୍କେଟା ବୋନ୍ଦ୍ରେସୋଭାଙ୍କ ବିପକ୍ଷରେ ଆରିନା ସାବାଲେଙ୍କାଙ୍କୁ ୱାକ୍‌ଓଭର୍ ମିଳିଛି। ପ୍ରାକ୍ଟିସ୍ ବେଳେ ୨୦୨୩ ୱିମ୍ବଲଡନ୍ ଚାମ୍ପିଅନ୍ ବୋନ୍ଦ୍ରେସୋଭାଙ୍କ ଆଣ୍ଠୁରେ ଆଘାତ ଲାଗିବା କାରଣରୁ ସେ ମ୍ୟାଚ୍ ଖେଳିବାକୁ ଆସିନଥିଲେ। ସେମିଫାଇନାଲ୍‌ରେ ସାବାଲେଙ୍କା ଚତୁର୍ଥ ସିଡ୍ ଜେସିକା ପେଗୁଲାଙ୍କୁ ଭେଟିବେ। ପେଗୁଲା ଅନ୍ୟ ଏକ ମ୍ୟାଚ୍‌ରେ ଚେକ୍ ଗଣରାଜ୍ୟର ବାର୍ବୋରା କ୍ରେଜିସିକୋଭାଙ୍କୁ ୬-୩, ୬-୩ ସିଧା ସେଟ୍‌ରେ ହରାଇ ସେମିଫାଇନାଲ୍‌ରେ ସ୍ଥାନ ପକ୍କା କରିଛନ୍ତି।

**ଜୁନିୟର୍ ବର୍ଗରୁ ମାୟା ବାଦ୍**

ଇତିମଧ୍ୟରେ ଭାରତର ପ୍ରତିଭାଶାଳୀ ଯୁବ ଖେଳାଳି ମାୟା ରାଜେଶ୍ୱରନ୍ ରେବତୀ ଜୁନିୟର୍ ବର୍ଗର ଦ୍ୱିତୀୟ ରାଉଣ୍ଡରେ ବ୍ରିଟେନ୍‌ର ଦ୍ୱିତୀୟ ସିଡ୍ ଇନ୍ନାହ କ୍ଲଗ୍‌ମ୍ୟାନ୍‌ଙ୍କଠାରୁ ୬-୭, ୬-୪, ୩-୬ରେ ପରାଜିତ ହୋଇ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ଡବଲ୍ସରେ ମଧ୍ୟ ସେ ଯୋଡ଼ିଦାର ଲାଇମା ସିନାଲୀଙ୍କ ସହିତ ଚତୁର୍ଥ ସିଡ୍ ଲୁନା ଭ୍ଲାଡ୍‌ସନ୍ ଓ ଜେଲାଇନ୍ ଭେଣ୍ଡ୍ରୋମ୍‌ଙ୍କଠାରୁ ୨-୬, ୨-୬ରେ ହାରି ବାହାର ହୋଇଛନ୍ତି। ହିତେଶ ଚୌହାନ୍ ଏବଂ କୃଷ ତ୍ୟାଗୀ ମଧ୍ୟ ବାଳକ ଡବଲ୍ସ ଦ୍ୱିତୀୟ ରାଉଣ୍ଡରେ ହାରିଯାଇଛନ୍ତି।

## ପ୍ରଥମ ଥର ଗ୍ରାଣ୍ଡସ୍ଲାମ୍ କ୍ୱାର୍ଟର୍ ଫାଇନାଲ୍‌ରେ ଭାମ୍ବ୍ରୀ

**ନ୍ୟୁୟର୍କ,୩।୯/ଏଜେନ୍ସି:** ଭାରତୀୟ ଟେନିସ୍ ତାରକା ୟୁକି ଭାମ୍ବ୍ରୀ ପ୍ରଥମ ଥର ପାଇଁ କୌଣସି ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଭାମ୍ବ୍ରୀ ନ୍ୟୁଜିଲାଣ୍ଡର ମାଇକେଲ୍ ଭେନସ୍‌ଙ୍କ ସହ ୟୁଏସ୍ ଓପନ୍ ପୁରୁଷ ଡବଲ୍ସ କ୍ୱାର୍ଟର୍ ଫାଇନାଲ୍‌ରେ ସ୍ଥାନ ପକ୍କା କରିଛନ୍ତି।



୧୪ଶ ସିଡ୍ ଏହି ଇଣ୍ଡୋ-କିୱି ଯୋଡ଼ି ଜର୍ମାନୀର କେଭିନ୍ କ୍ରାଭିଟ୍‌ଜ ଏବଂ ଟିମ୍ ପୁଏଟ୍‌ଜିଙ୍କ ଯୋଡ଼ିକୁ ଏକ ଘଣ୍ଟା ୨୩ ମିନିଟ୍‌ର ପ୍ରି-କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରେ ୬-୪, ୬-୪ ସିଧା ସେଟ୍‌ରେ ମାତ୍ ଦେଇଛି। ଏବେ ସେମାନଙ୍କ ମୁକାବିଲା କ୍ରୋଏସିଆର ନିକୋଲା ମେକ୍‌ଟିଚ୍ ଓ ଆମେରିକାର ରାଜୀବ ରାମଙ୍କ ସହ ହେବ। ୩୩ ବର୍ଷୀୟ ଭାମ୍ବ୍ରୀ ସିଙ୍ଗଲ୍ସ କ୍ୟାରିୟର୍‌ରେ କେବେ ବି ପ୍ରଥମ ରାଉଣ୍ଡରୁ ଆଗକୁ ବଢ଼ିପାରି ନାହାନ୍ତି। ଡବଲ୍ସରେ ସେ ଚଳିତ ବର୍ଷ ଫ୍ରେଞ୍ଚ୍ ଓପନ୍ ଏବଂ ୱିମ୍ବଲଡନ୍‌ର ତୃତୀୟ ରାଉଣ୍ଡରେ ପହଞ୍ଚିଥିଲେ।

# ସନ୍ଦେଶ ଝିଙ୍ଗାନ୍ ନେସନ୍ସ କପ୍‌ରୁ ବାଦ୍



**ନୂଆଦିଲ୍ଲୀ,୩।୯/ଏଜେନ୍ସି:** ଭାରତୀୟ ପୁରୁଷ ଫୁଟ୍‌ବଲ୍ ଟିମ୍‌ର ଡିଫେଣ୍ଡର୍ ସନ୍ଦେଶ ଝିଙ୍ଗାନ୍ ଆହତ କାରଣରୁ ସିଏଏଫ୍‌ଏ ନେସନ୍ସ କପ୍‌ର ବାକି ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ଅଖିଳ ଭାରତୀୟ ଫୁଟ୍‌ବଲ୍ ମହାସଂଘ (ଏଆଇଏଫ୍‌ଏଫ୍) ବୁଧବାର ଏହି ସୂଚନା ଦେଇଛି। ଏଆଇଏଫ୍‌ଏଫ୍ ସୋସିଆଲ୍ ମିଡିଆ ପୋଷ୍ଟ ଅନୁସାରେ ୩୨ ବର୍ଷୀୟ ଝିଙ୍ଗାନ୍ ତାଜିକିସ୍ତାନର ହିସୋର ସେଣ୍ଟ୍ରାଲ୍ ଷ୍ଟାଡିୟମ୍ ଖେଳାଯାଇଥିବା ଇରାନ୍ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌ରେ ଆହତ ହୋଇଥିଲେ। ଆଜି ସେ ଭାରତ ପ୍ରତ୍ୟାବର୍ତ୍ତନ କରିବେ ବୋଲି ପୋଷ୍ଟରେ କୁହାଯାଇଛି। ନୂତନ ଭାବେ ଟିମ୍‌ର ମୁଖ୍ୟ କୋଚ୍ ଦାୟିତ୍ୱ ନେଇଥିବା ଖାଲିଦ୍ ଜମିଲ୍‌ଙ୍କ ଏହା ପ୍ରଥମ ଟୁର୍ଣ୍ଣାମେଣ୍ଟ ହୋଇଥିବା ବେଳେ ଝିଙ୍ଗାନ୍ ଭାରତୀୟ ଟିମ୍‌ର ପ୍ରମୁଖ ସଦସ୍ୟ ଥିଲେ। ତାଜିକିସ୍ତାନ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ସେ ବିଜୟସୂଚକ ଗୋଲ୍‌ଟି ସ୍କୋର୍ କରିଥିଲେ।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra